49 ଧରିତ୍ରୀ ୪୯
DHARITRI

ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୨/୨୦୨୨ (୨୦ ପୃଷ୍ଠା) | Bhubaneswar, Friday, December 2/2022 | Page 20 | ₹ 7.00 | ★★★★★★
୪୯ଶ ଭାଗ ୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 49 ISSUE 9 | ମୂଲ୍ୟ ₹୭/-

www.ktglobalschool.org

KT GLOBAL SCHOOL
TRANSFORMING MINDS



ADMISSION OPEN
2023-24
NURSERY - STANDARD IX, XI
CBSE PATTERN




STATE-OF-THE-ART SCIENCE LABORATORIES



SMART INTERACTIVE CLASSROOMS

Various international schools participate in our Student Exchange Programme

We offer educational opportunities for students that include trips to NASA

## OUR INTERNATIONAL COLLABORATIONS

**Classroom Collaboration Programme** with international school students e.g. **(USA, UK, Switzerland, Finland, Singapore, Australia, Japan etc.)**

Preparing students (Grade-III onwards) for **SAT/ACT/AP** Classes for under graduate studies abroad **(USA / UK / Europe / Singapore / Australia etc.)**

## WORLD CLASS COACH FOR SPORTS WITH INTERNATIONAL STANDARD PLAYGROUND













## WORLD CLASS INFRASTRUCTURE & FACILITIES

KT Global School brings in International standard of teaching and all round facilities which is a first of its kind in Eastern India with its sprawling, lush green campus spread over more than **15 acres** of land.

- Tinkering, Makers Space & Fab Labs
- Open Air Theater (OAT) for Performing Arts
- Multiple Labs of international standards
- 24 hrs Security Services & CCTV Surveillance
- Health Care Services
- Separate Hostels for Girls and Boys
- Fitness Centre, Salon, Laundry
- School Bus Facility within 30km radius from school
- Best Sporting facilities in games like Cricket, Football, Basketball, Tennis, Volleyball, Badminton & many more.
- Hygienic Mess and Food Court stanza living
- Focus on multiple intelligence & innovative teaching pedagogies

For More Information:
+91-9090 1111 66/77/88/99 | admission@ktglobalschool.org

Leading Residential School, Bhubaneswar, Odisha

Scan to Contact

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨ ଡିସେମ୍ବର, ୨୦୨୨



# ଟ୍ରକ୍ ପଛକୁ ଧକ୍କାଦେଲା କାର୍: ୪ମୃତ

**ଖୋର୍ଦ୍ଧା ଅଫିସ,୧।୧୨**

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଧୀନ ବଡ଼ପୋଖରିଆ ସୁନେଇରୁପେଇ ଛକ ନିକଟରେ ଗୁରୁବାର ଭୋରରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ରାସ୍ତାରେ ଛିଡ଼ା ହୋଇଥିବା ଟ୍ରକ୍‌କୁ ଏକ କାର୍ ଦ୍ରୁତଗତିରେ ଆସି ପଛପଟୁ ଧକ୍କା ଦେବାରୁ ଘଟଣାସ୍ଥଳରେ ୪ ଜଣଙ୍କ ଜୀବନ ଯାଇଛି। ଏମାନେ ସମସ୍ତେ କାର୍ ଯାତ୍ରୀ। ମୃତକମାନେ ହେଲେ ଆନ୍ଧ୍ରପ୍ରଦେଶ ବିଶାଖାପାଟଣାର ଲକ୍ଷ୍ମୀ ବାଡ଼ଙ୍କି (୩୦), ମାରିଆ ଖାନ (୨୫), ବିଶାଖାପାଟଣା ବିଶ୍ୱବିଦ୍ୟାଳୟର ଛାତ୍ର ହିକୁମତୁଲ୍ଲାବ ଅହମ୍ମଦ ଏବଂ କାର୍ ଡ୍ରାଇଭର।



■ ବିଶାଖାପାଟଣାରୁ ପୁରୀ ଯାଉଥିଲେ

■ ଦୁର୍ଘଟଣାରେ କାର୍ ସମ୍ମୁଖ ଭାଗ ଚୂର୍‌ମାର୍

ତେବେ ମୃତ ଡ୍ରାଇଭରଙ୍କ ପରିଚୟ ମିଳିପାରିନାହିଁ। ସୂଚନା ମୁତାବକ, ଭୁବନେଶ୍ୱର-ଚେନ୍ନାଇ ୧୬ନମ୍ବର ଜାତୀୟ ରାଜପଥର ସୁନେଇରୁପେଇ ଛକ ନିକଟରେ ଏକ ମାଲବାହୀ ଟ୍ରକ୍ ଛିଡ଼ା ହୋଇଥିଲା। ବିଶାଖାପାଟଣାରୁ ଏକ କାର୍ (ନଂ. ଏପି୩୧-ଏଡବ୍ଲ୍ୟୁ-୭୬୭୭)ରେ ୨ ମହିଳାଙ୍କ ସମେତ ୪ଜଣ ପୁରୀ ଅଭିମୁଖେ ଯାଉଥିଲେ। ଭୋରରୁ କୁହୁଡ଼ି ଥିବାବେଳେ ଦ୍ରୁତ ଗତିରେ ଆସୁଥିବା ଏହି କାର୍ ନିୟନ୍ତ୍ରଣ ହରାଇ ଟ୍ରକ୍ ପଛପଟେ ପିଟି ହୋଇଯାଇଥିଲା। କାରରୁ ସମସ୍ତ ଯାତ୍ରୀ ଛିଟିକି ତଳେ ପଡ଼ିଥିଲେ। କାର୍‌ର ସମ୍ମୁଖ ସମ୍ପୂର୍ଣ୍ଣ ଭାଙ୍ଗି ଚୂରମାର ହୋଇଯାଇଛି। ଖବରପାଇ ଜଙ୍କିଆ ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ସମସ୍ତଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଖୋର୍ଦ୍ଧା ମେଡିକାଲକୁ ପଠାଇଥିଲା। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। କାର୍ ଭିତରେ ଥିବା ଡକ୍ୟୁମେଣ୍ଟ, ମୋବାଇଲ ଫୋନରୁ ମୃତକଙ୍କ ପରିଚୟ ମିଳିଥିଲା। ମୃତକମାନଙ୍କ ପରିବାରକୁ ଘଟଣା ସମ୍ପର୍କରେ ଖବର ଦିଆଯାଇଛି ବୋଲି ଥାନାଧିକାରୀ ଅନିତା ସାହୁ ସୂଚନା ଦେଇଛନ୍ତି। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା (ନଂ. ୪୩୫/୨୨) ରୁଜୁକରି ତଦନ୍ତ ଚଳାଇଛି।

## ଲଘୁଚାପ: ଓଡ଼ିଶାରେ ପ୍ରଭାବ ପଡ଼ିବନି

ଭୁବନେଶ୍ୱର, ୧।୧୨(ବ୍ୟୁରୋ): ଆସନ୍ତା ୫ ତାରିଖରେ ବଙ୍ଗୋପସାଗରରେ ପୁଣି ଏକ ଲଘୁଚାପ ସୃଷ୍ଟି ହୋଇପାରେ। ସମ୍ଭାବ୍ୟ ଲଘୁଚାପ ଦକ୍ଷିଣ ଆଣ୍ଡାମାନ ସାଗରରେ ସୃଷ୍ଟି ହୋଇ କ୍ରମେ ଏହା ପଶ୍ଚିମ ଓ ଉତ୍ତର-ପଶ୍ଚିମ ଦିଗରେ ଗତି କରିବ। ପରବର୍ତ୍ତୀ ୪୮ ଘଣ୍ଟା ମଧ୍ୟରେ ଏହା ଅବପାତର ରୂପ ନେବ। ଏହା ୮ ତାରିଖ ବେଳକୁ ଦକ୍ଷିଣ ଦିଗକୁ ଗତି କରି ତାମିଲନାଡୁ ଓ ପୁଡୁଚେରୀ ଉପକୂଳରେ ପହଞ୍ଚିପାରେ ବୋଲି ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ପୂର୍ବାନୁମାନ କରିଛି। ହେଲେ ବାତ୍ୟା ହେବା ନେଇ କୌଣସି ସୂଚନା ଦେଇନାହିଁ ଆଇଏମ୍‌ଡି। ତେବେ ଏହାର କୌଣସି ପ୍ରଭାବ ଓଡ଼ିଶା ଉପରେ ପଡ଼ିବ ନାହିଁ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ ଏଚ୍.ଆର୍. ବିଶ୍ୱାସ କହିଛନ୍ତି।

## ୨୭୪ ସହକାରୀ ପ୍ରଫେସର ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ

**ଭୁବନେଶ୍ୱର,୧।୧୨(ବ୍ୟୁରୋ)**

ରାଜ୍ୟବାସୀଙ୍କୁ ଉଚ୍ଚମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବା ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସରକାର ଚଳିତବର୍ଷ ୨୩ଟି ସ୍ପେଶାଲିଷ୍ଟ ବିଭାଗରେ ୨୪୯ ସହକାରୀ ପ୍ରଫେସରଙ୍କୁ ନିଯୁକ୍ତି ଦେଇଛନ୍ତି। ଏମାନଙ୍କୁ ବିଭିନ୍ନ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲରେ ନିୟୋଜିତ କରାଯାଇଛି। ଏଥିସହ ଆଉ ୨୭୪ ସହକାରୀ ପ୍ରଫେସର ପଦବୀ ପୂରଣ ନିମନ୍ତେ ପଦକ୍ଷେପ ନିଆଯାଉଛି। ଇତି ମଧ୍ୟରେ ଚୟନ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଓଡ଼ିଶା ଲୋକସେବା ଆୟୋଗଙ୍କୁ ଅନୁରୋଧ କରାଯାଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଶାସନ ସଚିବ ଶାଳିନୀ ପଣ୍ଡିତ କହିଛନ୍ତି। ଏହି ୨୭୪ଜଣ ସ୍ପେଶାଲିଷ୍ଟ ମୁଖ୍ୟତଃ ନିଶ୍ଚେତକ, ଆନାଟୋମି, ବାୟୋ-କେମେଷ୍ଟ୍ରି, ଇଏନ୍‌ଟି, ଏଫ୍‌ଏମ୍ ଆଣ୍ଡ ଟି, ମେଡିସିନ୍, ମାଇକ୍ରୋ-ବାୟୋଲୋଜି, ସ୍ତ୍ରୀ ଓ ପ୍ରସୂତି, ଚକ୍ଷୁ, ଅସ୍ଥିଶଲ୍ୟ ସର୍ଜରି, ଶିଶୁ ଚିକିତ୍ସା, ପାଥୋଲୋଜି, ଫାର୍ମାକୋଲୋଜି, ଫିଜିଓଲୋଜି, ମାନସିକ ବିକାରଗ୍ରସ୍ତ, ରେଡିଓ-ଡାଇଗ୍ନୋସିସ୍, କମ୍ୟୁନିଟି ମେଡିସିନ୍, ଚର୍ମ ଓ ଭିଡି, ସର୍ଜରି, ଯକ୍ଷ୍ମା, ଜରୁରିକାଳୀନ ମେଡିସିନ୍, ଫିଜିକାଲ ମେଡିସିନ୍ ଏବଂ ପୁନଃସ୍ଥାପନ ଆଦି ବିଭାଗରେ ନିୟୋଜିତ ହେବେ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଚମ୍ପୁଆ ରେଞ୍ଜରେ ଚିକିତ୍ସାଧୀନ ଦନ୍ତାର ମୃତ୍ୟୁ



**କେନ୍ଦୁଝର/ଯୋଡ଼ା/ଚମ୍ପୁଆ, ୧।୧୨(ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଅଧୀନ ଚମକପୁର ଜଙ୍ଗଲରେ ଚିକିତ୍ସାଧୀନ ଦନ୍ତାହାତୀର ଗୁରୁବାର ମୃତ୍ୟୁ ହୋଇଛି। ମୃତ୍ୟୁ ଖବର ଜଣାପଡ଼ିବା ପରେ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ମୃତ ହାତୀଟିର ପଞ୍ଚନାମା କରି ଉକ୍ତ ଜଙ୍ଗଲରେ ପୋତିଥିବା ଜଣାପଡ଼ିଛି। କେନ୍ଦୁଝର ଡିଏଫ୍‌ଓଙ୍କ ସମେତ ରାଉରକେଲା ରିଜୋନାଲ ଚିଫ୍ କଞ୍ଜରଭେଟର ଅଫ୍ ଫରେଷ୍ଟ(ଆରସିସିଏଫ୍) ଅରୁଣ ମିଶ୍ର ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିଲେ।

ସୂଚନା ମୁତାବକ, ଗତ ଅକ୍ଟୋବର ୨୬ରେ ଆହତ ଅବସ୍ଥାରେ ହାତୀକୁ ଚମ୍ପୁଆ ବନ ବିଭାଗ ଚମକପୁର ଜଙ୍ଗଲରେ ଠାବ କରିଥିଲା। ହାତୀଟିର ଗୋଡ଼ରେ କ୍ଷତ ହୋଇଥିବା ଯୋଗୁ ଠିକ୍ ଭାବରେ ଚଲାବୁଲା କରିପାରୁ ନ ଥିଲା। ଏନେଇ କେନ୍ଦୁଝର ଡିଏଫ୍‌ଓ ଏଚ୍.ଡି. ହନୁମାନ୍ତଙ୍କ ନିର୍ଦ୍ଦେଶକ୍ରମେ ଚମ୍ପୁଆ ଭାରପ୍ରାପ୍ତ ରେଞ୍ଜର ଶିବ ରାଉତ ହାତୀ ଉପରେ ନଜର ରଖିବା ସହିତ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା କରାଯାଉଥିଲା। ପ୍ରାୟ ଏକ ମାସ ୫ ଦିନ ପରେ ହାତୀଟି ମୃତ୍ୟୁବରଣ କରିଛି। ପ୍ରକାଶ ଯେ, ଉକ୍ତ ରେଞ୍ଜରେ ହାତୀପଲ ବୁଲୁଥିବା ବେଳେ ଟ୍ରାକିଂ ସମୟରେ ବୁଧବାର ଏକ ଦନ୍ତା ଆକ୍ରମଣରେ ଜଣେ ଗଜସାଥୀ ମୃତ୍ୟୁବରଣ କରିଥିଲା।





















ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୨/୨୦୨୨ Bhubaneswar, Friday, December 2/2022 ପୃଷ୍ଠା-୧

# ଟ୍ରିଲିୟନ ଡଲାର ଅର୍ଥନୀତି ଛୁଇଁବ ଓଡ଼ିଶା



ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

## ଶିଳ୍ପ ମହାନାୟକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

### ବିନା ଦ୍ୱିଧାରେ ଓଡ଼ିଶା ଆସ, ପୁଞ୍ଜିନିବେଶ କର

**ଭୁବନେଶ୍ୱର,୧।୧୨(ବ୍ୟୁରୋ)**

ନିକଟ ଭବିଷ୍ୟତରେ ଓଡ଼ିଶା ଟ୍ରିଲିୟନ (୧ ଲକ୍ଷ କୋଟି) ଡଲାର ଅର୍ଥନୀତିକୁ ଛୁଇଁବ। ଆମେ ହିଁ ହେବୁ ଦକ୍ଷିଣ ପୂର୍ବ ଏସିଆ ଓ ପୂର୍ବ ଭାରତ ବିକାଶର ମୁଖଶାଳା। ଆପଣମାନେ ଆସନ୍ତୁ, ନୂଆ ଓଡ଼ିଶା ଗଢ଼ିବାକୁ ରାଜ୍ୟରେ ଅଧିକରୁ ଅଧିକ ପୁଞ୍ଜି ଖଟାନ୍ତୁ। ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭରେ ଦେଶ ଓ ବିଦେଶର ଶିଳ୍ପପତିମାନଙ୍କୁ ଏଭଳି ଢଙ୍ଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ଦେଶରେ ବୃହତ୍ ନିବେଶର ପ୍ରଥମ ପସନ୍ଦ ପାଲଟିଛି। ସମସ୍ତ କ୍ଷେତ୍ରରେ ରୂପାନ୍ତରଣ ଅଭିବୃଦ୍ଧି ଘଟୁଛି। ସ୍ଥିର ଶାସନ ଶାନ୍ତି, ପ୍ରଗତି ଓ ଅଭିବୃଦ୍ଧିର ପ୍ରତୀକ ହୋଇଛି। ଉତ୍ତମ ପ୍ରଦର୍ଶନ ପାଇଁ ଗତ ଦୁଇ ଦଶନ୍ଧି ଧରି ଆମକୁ ବିପୁଳ ଜନସମର୍ଥନ ମିଳିଛି। ରାଜ୍ୟର ନାଗରିକକୈନ୍ଦ୍ରିକ ଆଦର୍ଶ ପ୍ରଶାସନିକ ମଡେଲ ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ମହିଳା ସଶକ୍ତୀକରଣ ଓ ଦକ୍ଷତା ବିକାଶ କ୍ଷେତ୍ରରେ ରୂପାନ୍ତରଣ ଆସିପାରିଛି। ସମୃଦ୍ଧ ଓଡ଼ିଶା-ବିକଶିତ ଓଡ଼ିଶା। ଏକ ସ୍ଥିର ସରକାର ହେଉଛି ବିକାଶର ସବୁଠାରୁ ବଡ଼ ଉପାଦାନ। ଆମ ସରକାରରେ ସାଧାରଣ ଲୋକ ସବୁବେଳେ କେନ୍ଦ୍ରବିନ୍ଦୁରେ ରହିଛନ୍ତି। ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି ପାଇଁ ଏବଂ ସେମାନଙ୍କୁ ମର୍ଯ୍ୟାଦାର ସହ ବଞ୍ଚିବାର ସୁଯୋଗ ଦେବାକୁ 'ମୋ ସରକାର' ଏବଂ ୫-ଟି ଭଳି ଅଭିନବ ମଡେଲ ଆପଣାଇଛୁ, ଯାହା ବିଶ୍ୱ ସ୍ତରରେ ନୂଆ ବେଞ୍ଚମାର୍କ୍ ତିଆରି କରିଛି। ମିଶନ ଶକ୍ତି ଜରିଆରେ ୭୦ ଲକ୍ଷ ମହିଳାଙ୍କ ସଶକ୍ତୀକରଣ ହୋଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ହୋଇଛି। ରାଜ୍ୟରୁ ୫୦ ପ୍ରତିଶତ ଦାରିଦ୍ର୍ୟ ହଟାଇବା ସହ ଚାଷୀଙ୍କ ଆୟକୁ ଦୁଇଗୁଣା କରାଯାଇଛି ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ଫିଫା ବିଶ୍ୱକପ୍‌ର ମାନସିକ ଓ ଆର୍ଥିକ ପ୍ରଭାବ

DSPL-339
FICCI | ODISHA NEW OPPORTUNITIES
Odisha's 3rd flagship Investor's Summit
MAKE IN ODISHA CONCLAVE'22
BHUBANESWAR | 30 NOV-04 DEC | 2022



Come, Join the Juggernaut
Invest in Odisha, Invest in the Future
Shri Naveen Patnaik
Hon'ble Chief Minister, Odisha

Sectoral Session
2nd December,2022, Hall -3, (2:30 PM-4:30 PM)
E&IT Department Presents
Tusharkanti Behera, Hon'ble Minister, E&IT Department
Manoj Kumar Mishra, Secretary, E&IT Department
Shivraj Dharne, Director, GlobalFoundries
Shailendra Kumar, Managing Director, Oracle
Amit Sharma, Managing Partner, IBM
Rajat Ojha, CEO, Gamitronics
Arvind Kumar, DG, STPI
Satya Gupta, CEO, EPIC Foundation

Odisha Electronics and IT Advantage
✓ 4 Newly Notified Policies Offering Wide Range of Incentives ✓ IT Policy, Electronics Policy, BPO Policy, Data Center Policy ✓ Best-in-Class IT SEZs and Towers ✓ EMC park providing all testing and prototyping facilities

Topics To be Covered
✓ Web 3.0
✓ Digital Governance
✓ Data Center
✓ Cloud Technology
✓ AVGC
✓ Semi-Conductor Manufacturing
✓ Skill Building in Emerging Technologies

The leading destination of Choice for Investors in Electronics & IT
• Make in Odisha IT excellence awards to be presented
• MoUs to be unveiled

Register at https://mio.investodisha.gov.in Download MIO conclave'22 APP
COME, JOIN THE JUGGERNAUT
Electronics and Information Technology Department, Government of Odisha
E&IT Department, Government of Odisha
ocac Odisha Computer Application Centre
Odisha Computer Application Centre
OCAC Building, Plot No. N-1/7-D, Acharya Vihar, RRL Post Office, Bhubaneswar-751013, Odisha, India
Email: mio.eit@odisha.gov.in
OIPR-16003/13/0078/2223

DSPL-334
Odisha's 3rd Flagship Investor's Meet
FICCI | ODISHA NEW OPPORTUNITIES



MAKE IN ODISHA CONCLAVE'22
BHUBANESWAR | 30 NOV-04 DEC | 2022
A time will come when industry will ask "Are you skilled or Are you skilled in Odisha?"
Shri Naveen Patnaik
Hon'ble Chief Minister, Odisha
Our mission is to shift the conversation from "Skilled" to "Skilled-in-Odisha", an aspirational, branded idea that the best-skilled people come from Odisha.
Come join us in the brainstorming sessions involving the Industry and Institute Stalwarts
Augmenting Industry and Institute Linkages - Manufacturing
Augmenting Industry and Institute Linkages - Healthcare
Future Skills for Future Work
2nd December 2022 Time: 10:30 AM - 1:40 PM
SCAN TO SEE LIVE
Live Streaming on Youtube
https://youtu.be/sYAsXeNuLMs
OIPR-44011/13/0016/2223
10+ Strategic Partnerships | 12 Eminent Speakers | Industry Participations | 100+ Institutes
Skilled in ODISHA
Odisha Skill Development Authority
Skill Development and Technical Education Department, Government of Odisha
COME, JOIN THE JUGGERNAUT
+ 91 889589632 | +91 8895889513
1800-345-7111 (10:00 AM- 6:00 PM on working days)
mio.investodisha.gov.in mio2022mio@investodisha.org
Public Timing: 1st-3rd Dec ,2022, 4PM - 8 PM | 4th Dec,2022, 11AM - 8PM

**ଆଜିର ମନ୍ତବ୍ୟ**

“ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ଦାବିରେ ଆଜୀବନ ସଂଘର୍ଷ କରିବି।

– ଗୁଲାମ ନବୀ ଆଜାଦ, ଡେମୋକ୍ରାଟିକ୍ ଆଜାଦ୍ ପାର୍ଟି ଅଧ୍ୟକ୍ଷ



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମହାଦେବଙ୍କର ଖାଏ**
**ସହଦେବଙ୍କର ଗାଏ ।**

ସ୍ୱାର୍ଥୀ ବ୍ୟକ୍ତି ନିଜ ସ୍ୱାର୍ଥ ପୂରଣ ପାଇଁ ଯେକୌଣସି ସ୍ତରକୁ ଖସିଯାଇପାରନ୍ତି, ଦରକାର ପଡ଼ିଲେ ନିଜ ଲୋକଙ୍କୁ ମଧ୍ୟ ପର କରିଦେଇପାରନ୍ତି। ଏପରି କି ନିଜର ଲାଭ ବା ଉନ୍ନତି ପାଇଁ ଉପକାରୀ ବ୍ୟକ୍ତି ପ୍ରତି ଛଳ କରିବାକୁ କେବେବି ପଶ୍ଚାତପଦ୍ ହୋଇ ନ ଥାନ୍ତି। ଜଣଙ୍କର ଖାଇ ଅନ୍ୟ ଜଣଙ୍କର ଗୁଣଗାନ କରିବା ତଥା ତାଙ୍କ ଭଲମନ୍ଦ ପାଇଁ ଚିନ୍ତା ପ୍ରକଟ କରିବା ବେଇମାନି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ମନରେ ନାହିଁ ମାଳରେ ନାହିଁ**
**ଭଜି ଭଜି କରି ପାଇବୁ କାହିଁ?**

ନିରନ୍ତର ଏକାଗ୍ର ଚିତ୍ତରେ ଧ୍ୟାନ ନ ରଖିଲେ ପ୍ରଭୁ କୃପା ମିଳିପାରି ନ ଥାଏ। ଏଭଳି ସ୍ଥଳେ ଶୁଭଫଳ ପ୍ରାପ୍ତି ହେବା ନିହାତି ଅସମ୍ଭବ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ସାଢ଼େ ୪ବର୍ଷ ପରେ ପହଞ୍ଚିଲା ମନିଅର୍ଡର

**ରାଉରକେଲାରୁ ଭାଇ ମନିଅର୍ଡର ପଠାଇଥିଲେ ୧୦୦ କି.ମି. ଦୂର ଟେନ୍‌ସାରେ ରହୁଥିବା ଭଉଣୀ ପାଖକୁ**

ଟେନ୍‌ସା, ୧।୧୨(ଡି.ଏନ୍.ଏ.)

ମାସେ ନୁହେଁ କି ଦୁଇ ମାସ। ବର୍ଷେ ନୁହେଁ କି ଦୁଇ ବର୍ଷ। ମନିଅର୍ଡର ପହଞ୍ଚିବାକୁ ଲାଗିଗଲା ସାଢେ ୪ବର୍ଷ। ଡାକବିଭାଗର ଅବହେଳା ପାଇଁ ଏଭଳି ହୋଇଛି। ସୁନ୍ଦରଗଡ଼ ଜିଲା ରାଉରକେଲାରୁ ଭାଇ ପଠାଇଥିବା ମନିଅର୍ଡର ଟଙ୍କା ୧୦୦କିମି ଦୂର ଟେନ୍‌ସାରେ ରହୁଥିବା ଭଉଣୀଙ୍କୁ ସାଢେ ୪ବର୍ଷ ପରେ ଡାକଘରୁ ମିଳିଥିଲା। ସୁନ୍ଦରଗଡ଼ ଜିଲା କୋଇଡ଼ା ବ୍ଲକର ଟେନ୍‌ସାରେ ରହୁଛନ୍ତି ଭଉଣୀ ସୁମିତ୍ରା ବିଶ୍ୱାଳ। ରାଉରକେଲା ସେକ୍ଟର-୮ କ୍ୱାର୍ଟର୍ସ ନଂ.୧୦୮ରେ ରହୁଛନ୍ତି ସୁମିତ୍ରାଙ୍କ ଭାଇ। ସାବିତ୍ରୀ ଅମାବାସ୍ୟା ପାଇଁ ସୁମିତ୍ରାଙ୍କ ପାଖକୁ ୨୦୧୮ ମେ ୯ରେ ୫୦୦ ଟଙ୍କା ସେକ୍ଟର ୧୯ ପୋଷ୍ଟ ଅଫିସରେ ମନିଅର୍ଡର କରିଥିଲେ ତାଙ୍କ ଭାଇ। ଯାହାର ଇଏମଓ ନମ୍ବର ୦୯୧୦୯୭୨୫୮୫୭୦୪୬୦୦୧୦। କିନ୍ତୁ ମନି ଅର୍ଡର ଟଙ୍କା ଭଉଣୀ ପାଖରେ ପହଞ୍ଚିଲା କି ନାହିଁ ଏ ସମ୍ପର୍କରେ ବୁଝାବୁଝି କରି ନ ଥିଲେ। ଭଉଣୀ ମଧ୍ୟ ସେ ନେଇ ଭାଇଙ୍କୁ କିଛି ଜଣାଇ ନ ଥିଲେ। ସେହି ୫୦୦ ଟଙ୍କାର ମନିଅର୍ଡର ସୁମିତ୍ରାଙ୍କ ପାଖରେ ୨୦୨୨ ନଭେମ୍ବର ୨୬ରେ ପହଞ୍ଚିଥିଲା। ମନିଅର୍ଡର ଟଙ୍କା ପାଇ ଭଉଣୀ ଭାଇ ପାଖକୁ ଫୋନ କରି ପଚାରିଥିଲେ। ଭାଇ କହିଲେ ମୁଁ ଏବେ ତ ପଠାଇନାହିଁ। ସାବିତ୍ରୀ ଓଷା ପାଇଁ ପାଞ୍ଚ ଶହ ଟଙ୍କା ସାଢେ ଚାରିବର୍ଷ ପୂର୍ବେ ମନିଅର୍ଡର କରିଥିବା କଥା କହିଥିଲେ। ଏହି ଘଟଣା ଜଣାପଡିବା ପରେ ଡାକ ବିଭାଗର ଅବହେଳା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପାଞ୍ଚ ଶହ ଟଙ୍କାର ମନିଅର୍ଡର ରାଉରକେଲାରୁ ଟେନସା ପହଞ୍ଚିବାକୁ ଯଦି ସାଢେ ଚାରିବର୍ଷ ଲାଗିଲା ରାଜ୍ୟ ବାହାରକୁ କେତେ ବର୍ଷ ଲାଗିବ ଏନେଇ ଆଲୋଚନା ଜୋର ଧରିଛି।

# ବିଦ୍ୟୁତ୍ ପ୍ରଭା କାନୁନ୍‌ଗୋଙ୍କ ପରଲୋକ

ଭୁବନେଶ୍ୱର, ୧।୧୨(ବ୍ୟୁରୋ)



ବିଦ୍ୟୁତ୍ ପ୍ରଭା କାନୁନ୍‌ଗୋ

ଭୁବନେଶ୍ୱର କେଦାରଗୌରୀ ବିହାରରେ ରହୁଥିବା ଧରିତ୍ରୀର ବରିଷ୍ଠ ସହ-ସମ୍ପାଦକ ଅରୁଣ ପ୍ରସାଦ କାନୁନ୍‌ଗୋଙ୍କ ମାଆ ବିଦ୍ୟୁତ୍ ପ୍ରଭା କାନୁନ୍‌ଗୋଙ୍କ ବୁଧବାର ରାତିରେ ପରଲୋକ ଘଟିଛି। ତାଙ୍କୁ ୭୬ବର୍ଷ ହୋଇଥିଲା। ସେ ଶ୍ୱାସରୋଗରେ ପୀଡ଼ିତ ହୋଇ ବଡ଼ ପୁଅ ଅରୁଣଙ୍କ ପାଖରେ ରହି ଚିକିତ୍ସିତ ହେଉଥିଲେ। ସେ ଜଣେ ଧର୍ମ ପରାୟଣା ମହିଳା ଥିଲେ। ବିଭିନ୍ନ ପୁରାଣ ଶାସ୍ତ୍ର ଓ ଗୀତା ଭାଗବତ ଆଦି ପାଠ କରିବା ତାଙ୍କର ନିତିଦିନିଆ ଅଭ୍ୟାସ ଥିଲା। ମୃତ୍ୟୁ ଖବର ପାଇ କେଦାରଗୌରୀ ବିହାର ସୁରକ୍ଷା ପରିଷଦର କର୍ମକର୍ତ୍ତା ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ରମେଶ ଚନ୍ଦ୍ର କାନୁନ୍‌ଗୋ, ବଡ଼ପୁଅ, ସାନପୁଅ ଆଲୋକ, ୩ଝିଅ ଓ ୨ ବୋହୂ ଉପସ୍ଥିତ ଥିଲେ।

## ଟ୍ରିଲିୟନ ଡଲାର...

ପ୍ରଥମ ପୃଷ୍ଠାରୁ...

ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟର ଆର୍ଥିକ ପରିଚାଳନା ସମଗ୍ର ଦେଶରେ ପ୍ରଶଂସିତ ହୋଇଛି। ହାତଗଣତି ରାଜସ୍ୱ ବଳକା ରାଜ୍ୟ ମଧ୍ୟରେ ଓଡ଼ିଶା ଆଗରେ ରହିଛି। ବିକାଶର ନୂଆ ଧାରାକୁ ଆପଣାଇବାକୁ ଆମେ ଶିଳ୍ପକୁ ସର୍ବାଗ୍ରେ ରଖିଛୁ। ରାଜ୍ୟରେ ନିବେଶକାରୀଙ୍କୁ ସବୁପ୍ରକାର ସହାୟତା ଯୋଗାଇବାକୁ ସରକାର ସଙ୍କଳ୍ପବଦ୍ଧ। ଏଥିପାଇଁ ଆମେ ନୂଆ ଶିଳ୍ପନୀତି ଆଣିଛୁ। ରାଜ୍ୟର ବିକାଶ ଓ ପ୍ରଗତି ଯାତ୍ରାରେ ସାମିଲ ହେବାକୁ ନବୀନ ଶିଳ୍ପ ମହାନାୟକମାନଙ୍କୁ ଆହ୍ୱାନ ଦେଇଛନ୍ତି। ପର୍ଯ୍ୟଟନ, ବୟନଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ, ଅକ୍ଷୟଶକ୍ତି, ରପ୍ତାନି କ୍ଷେତ୍ରରେ ନିବେଶ ବଢ଼ାଇବାକୁ ଆମେ ଅନୁକୂଳ ନୀତି ଆଣିଛୁ। ଓଡ଼ିଶା ପ୍ରାକୃତିକ ଖଣିଜ ସମ୍ପଦରେ ଭରପୂର। ରେଳ ଲାଇନ, ବିମାନବନ୍ଦରରୁ ଆରମ୍ଭ କରି ବନ୍ଦର ଯାଏ ସବୁକିଛି ସୁବିଧା ରହିଛି। ଦକ୍ଷ ମାନବ ସମ୍ବଳ ଗଢ଼ି ତୋଳିବାକୁ ସ୍କିଲ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଓଡ଼ିଶାରେ ପୁଞ୍ଜିପତିଙ୍କୁ ସୁହାଇଲା ଭଳି ସମସ୍ତ ଅନୁକୂଳ ଶିଳ୍ପାୟନ ପରିବେଶ ସୃଷ୍ଟି କରାଯାଇଛି। ନିବେଶକମାନେ ବିନା ଦ୍ୱିଧାରେ ଓଡ଼ିଶା ଆସନ୍ତୁ, ନିବେଶ କରନ୍ତୁ, ସମୃଦ୍ଧ ଓଡ଼ିଶା ଗଠନରେ ଭାଗୀଦାରି ହୁଅନ୍ତୁ। ମୁଖ୍ୟମନ୍ତ୍ରୀଙ୍କ ଏହି ନିବେଦନକୁ ଦେଶର ବିଶିଷ୍ଟ ଶିଳ୍ପପତିମାନେ ମଧ୍ୟ ସମର୍ଥନ ଦେଇଛନ୍ତି।

ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ପ୍ରଥମ ଦିବସ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ‘ବ୍ରେକ୍‌ଫାଷ୍ଟ ଉଇଥ୍ ବିଜ୍‌ନେସ ଲିଡର’ର ପ୍ରଥମ ପର୍ଯ୍ୟାୟରେ ୧୦୦ରୁ ଅଧିକ ଶିଳ୍ପସଂସ୍ଥାର ମୁଖ୍ୟ ଓ କାର୍ଯ୍ୟନିର୍ବାହୀଙ୍କ ସମେତ ୨୦୦୦ରୁ ଅଧିକ ଶିଳ୍ପସଂସ୍ଥାର ପ୍ରତିନିଧି ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଅତିଥି ପରିଚୟ ସହ କାର୍ଯ୍ୟକ୍ରମ ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ। ଶିଳ୍ପ ସଚିବ ହେମନ୍ତ ଶର୍ମା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭର ଆଭିମୁଖ୍ୟ ଓ ନୂଆ ଶିଳ୍ପନୀତି ସମ୍ପର୍କରେ ସୂଚନା ଦେଇଥିଲେ। ସବୁ କ୍ଷେତ୍ରରେ ଏଠାରେ ବ୍ୟାପକ ସୁବିଧା ସାଙ୍ଗକୁ ଭରପୂର ପ୍ରାକୃତିକ ସମ୍ପଦ ରହିଛି। ନିବେଶକମାନେ ଯେପରି ସୁବିଧାରେ ଶିଳ୍ପ ପ୍ରତିଷ୍ଠା କରିପାରିବେ ସେଥିପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହି ଅବସରରେ ଦେଶର ପ୍ରମୁଖ ଶିଳ୍ପସଂସ୍ଥାର ମୁଖ୍ୟମାନେ ସେମାନଙ୍କର ମତବ୍ୟକ୍ତ କରିଥିଲେ। ପରେ ମୁଖ୍ୟମନ୍ତ୍ରୀ ନରୱେ, ଜାପାନ, ଜର୍ମାନୀ ଓ ନେପାଳର ବୈଦେଶିକ ପ୍ରତିନିଧିମାନଙ୍କ ସମେତ ଦେଶର ୪୦ଜଣ ପ୍ରମୁଖ ଶିଳ୍ପପତିଙ୍କ ଗହଣରେ ସାମିଲ ହୋଇ ପୁଞ୍ଜିନିବେଶ ସମ୍ପର୍କରେ ଆଲୋଚନା କରିଥିଲେ। କନ୍‌କ୍ଲେଭର ପ୍ରଥମ ଅଧିବେଶନ (ପ୍ଲେନାରି ସେସନ୍)ରେ ୫୪ ଜଣ ପ୍ରମୁଖ ଶିଳ୍ପପତି ଉପସ୍ଥିତ ଥିବାବେଳେ ଶିଳ୍ପକ୍ଷେତ୍ରରେ କାର୍ଯ୍ୟ କରୁଥିବା ପ୍ରାୟ ୨୦୦୦ରୁ ଉର୍ଦ୍ଧ୍ୱ ଉଦ୍ୟୋଗୀ ଯୋଗଦେଇଥିଲେ। ଉଲ୍ଲେଖଯୋଗ୍ୟ, କନ୍‌କ୍ଲେଭରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟ ଓ ଅନ୍ୟ ଦେଶରୁ ପ୍ରାୟ ୨୧୨ ସଂସ୍ଥା ଅଂଶଗ୍ରହଣ କରିଛନ୍ତି। ଏଥିରେ ଜାପାନ, ଜର୍ମାନୀ, ନରୱେ, ନେପାଳ, ବାଂଲାଦେଶ, ଅଷ୍ଟ୍ରେଲିଆ, ଇଣ୍ଡୋନେସିଆ, ସିଙ୍ଗାପୁର, ଚାଇନା ଓ ଥାଇଲାଣ୍ଡ ଭଳି ଦେଶ ମଧ୍ୟ ସାମିଲ ହୋଇଛନ୍ତି।

# ଠିକା ନିଯୁକ୍ତିକୁ ନେଇ ବିରୋଧୀଙ୍କ ଉଦ୍‌ବେଗ

ଭୁବନେଶ୍ୱର, ୧।୧୨(ବ୍ୟୁରୋ)

**ମୁଲତବୀ ଆଲୋଚନା**

- ଠିକା ନିଯୁକ୍ତି ଉଚ୍ଛେଦ ଏକ ପ୍ରହସନ: ବିରୋଧୀ
- ୨୦୦୦ରେ ଓଭରଡ୍ରାଫ୍ଟ ହେଉଥିଲା: ଶାସକ
- ଆଇନକୁ ଦେଖି ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ନିୟମିତ ପାଇଁ ଅନୁଧ୍ୟାନ କରାଯିବ: ମନ୍ତ୍ରୀ
- ବିରୋଧୀଙ୍କ କକ୍ଷତ୍ୟାଗ



ରାଜ୍ୟରେ ଠିକା ନିଯୁକ୍ତି ଉଠିଗଲା। ସରକାର ଐତିହାସିକ ନିଷ୍ପତ୍ତି ନେଲେ। କିଛି କର୍ମଚାରୀ ମିଠା ବାଣ୍ଟିଲେ, ବାଜା ବଜାଇ ନାଚିଲେ। ମାତ୍ର ଆହୁରି ଅନେକ କର୍ମଚାରୀ ଦୀର୍ଘ ବର୍ଷ ହେବ କମ୍ ପଇସାରେ ଅତି ଦୟନୀୟ ଅବସ୍ଥାରେ ରହିଛନ୍ତି। ବ୍ଲକ୍‌ଗ୍ରାଣ୍ଟ ଶିକ୍ଷକ, ଅଙ୍ଗନୱାଡ଼ି, ଆଶାକର୍ମୀ, ଗୃହରକ୍ଷୀ, ଗ୍ରାମସାଥୀ, ବିଭିନ୍ନ ସରକାରୀ ସଂସ୍ଥାରେ ଆଉଟସୋର୍ସରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କ କଥା ସରକାର ଭୁଲିଗଲେ। ବୁଥ୍ ହାତେଇବାକୁ ମାଗଣା ଯୋଜନା କରୁଛନ୍ତି। ଅଥଚ କର୍ମଚାରୀମାନଙ୍କୁ ଦରମା ଦେବାକୁ ନାହିଁ। ଠିକା ନିଯୁକ୍ତି ଉଚ୍ଛେଦ ପ୍ରହସନ ପାଳିଛି। ବିରୋଧୀ ଭାଜପା ଓ କଂଗ୍ରେସ ସଦସ୍ୟମାନେ ଏଭଳି ଅଭିଯୋଗ କରି ସମାନ କାମକୁ ସମାନ ଦରମା ଦେବାକୁ ଦାବି କରିଛନ୍ତି।

ଗୁରୁବାର ବିଧାନସଭାରେ ‘ସମାନ କାମକୁ ସମାନ ଦରମା... ଠିକା ନିଯୁକ୍ତି ନିୟମିତକରଣ ଏକ ପ୍ରହସନ’ ଶୀର୍ଷକ ମୁଲତବୀ ପ୍ରସ୍ତାବ ଆଣି ବିରୋଧୀ ସରକାରଙ୍କୁ ଜୋରଦାର ଆକ୍ରମଣ କରିଛନ୍ତି। ମୁଲତବୀ ପ୍ରସ୍ତାବ ଆଗତ କରି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି କହିଲେ ଯେ ଶିକ୍ଷକମାନଙ୍କର ସମାନ ଯୋଗ୍ୟତା ଥାଇ ମଧ୍ୟ କମ୍ ଦରମା ମିଳୁଛି। ସରକାରୀ ଚାକିରିର ମାନ୍ୟତା ନାହିଁ। ପେନ୍‌ସନ ନାହିଁ। ରାଜ୍ୟର ଆର୍ଥିକ ସ୍ଥିତି ଭଲ ଅଛି। ଠିକା ନିଯୁକ୍ତି ଉଠିଗଲା ବୋଲି ସରକାର ଘୋଷଣା କଲେ। ଯଦି ଆର୍ଥିକ ସ୍ଥିତି ଠିକ୍ ଅଛି ତେବେ ରାଜ୍ୟରେ ୧ଲକ୍ଷ ୫୯ ହଜାର ପଦବୀ ଖାଲି କାହିଁକି ପଡିଛି। ରାଜ୍ୟ ସରକାର ୨ ଲକ୍ଷ କୋଟି ଟଙ୍କାର ବଜେଟ କରୁଛନ୍ତି। ମାତ୍ର ଶିକ୍ଷକଙ୍କୁ ଦରମା ଦେବାକୁ ପଇସା ନାହିଁ। ଭାଜପା ସଭ୍ୟ ସନାତନ ବିଜୁଳି କହିଲେ, ସରକାର ୨୨ ବର୍ଷ ଶାସନରେ ଅଛନ୍ତି। ମାତ୍ର ଠିକା ନିଯୁକ୍ତି ଉଠିଲା ନାହିଁ। ସମାନ ଯୋଗ୍ୟତା ଥାଇ ମଧ୍ୟ ଶିକ୍ଷକଙ୍କ ମଧ୍ୟରେ ଦରମା ତାରତମ୍ୟ ରହିଛି। ଦରମା କମ୍ ସାଙ୍ଗକୁ ପେନ୍‌ସନ ମଧ୍ୟ ନାହିଁ। ବିଜେଡି ସରକାର ନ କହି ଠିକା ସରକାର କହିଲେ ଭଲ ହେବ। ଭାଜପା ସଭ୍ୟ ଜୟନ୍ତ ଷଡ଼ଙ୍ଗୀ କହିଲେ, କିଛି କର୍ମଚାରୀ କ୍ଷୀର ମହୁରେ ଭାସୁଥିବା ବେଳେ ଆଉ କେତେକ କର୍ମଚାରୀ ସମାନ କାମ କରି ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହିଛନ୍ତି। ଗୋଟିଏ ସ୍କୁଲରେ ଜଣେ ୮୦ ହଜାର ପାଉଥିବା ବେଳେ ଆଉ ଜଣେ ଶିକ୍ଷକ ୧୫ ହଜାର ପାଉଛନ୍ତି। ସରକାର ସେମାନଙ୍କୁ ତୁରନ୍ତ ନିୟମିତ କରନ୍ତୁ। କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି କହିଛନ୍ତି ଯେ ୨୦୦୦ ମସିହାରେ ବିଜେଡି କ୍ଷମତାକୁ ଆସିଲା। ସେତେବେଳେ ଖଣି ଚୋରି ହେଉ ନ ଥିଲା। ନିର୍ବାଚନ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉ ନ ଥିଲା। ଏ ସରକାର ଆସିବା ପରେ ଏ ପର୍ଯ୍ୟନ୍ତ କୌଣସି ନିଯୁକ୍ତି ଦେଲେ ନାହିଁ। ଆଉଟସୋର୍ସିଂ କରିଦେଲେ। ଆଉଟସୋର୍ସ ସଂସ୍ଥା ୫୦ ହଜାର ନେଇ ଚାକିରି ଦେଉଛନ୍ତି। ଯେଉଁମାନେ ଚାକିରି କରିଛନ୍ତି ସେମାନଙ୍କର ବୀମା କିମ୍ବା ଇଏସ୍‌ଆଇ ଟଙ୍କା ଜମା କରାଯାଉ ନାହିଁ। ଏବେକାର ବିଧାୟକ ଲୋକଙ୍କ କଥା କିଛି ଜାଣନ୍ତି ନାହିଁ। କେବଳ ନବୀନ ବାବୁଙ୍କୁ ଟେକିବା ଜାଣିଛନ୍ତି। ସେତେବେଳେ ରାଜ୍ୟରେ ୨୩ ହଜାର କୋଟି ଟଙ୍କା ଋଣ ଥିବାବେଳେ ଏବେ ୧ଲକ୍ଷ ୨୫ ହଜାର କୋଟିରେ ପହଞ୍ଚିଲାଣି। ଏନ୍‌ଏଏସି ଓ ଏଚ୍‌ଆର୍‌ଏମ୍ କର୍ମଚାରୀ ନିୟମିତ ହୋଇପାରୁ ନାହାନ୍ତି।

ମୁଲତବୀ ପ୍ରସ୍ତାବକୁ ବିରୋଧ କରି ବିଜେଡି ସଭ୍ୟ ଅମର ଶତପଥୀ କହିଲେ, ୨୦୦୦ ମସିହାରେ ସରକାରୀ କର୍ମଚାରୀଙ୍କୁ ଦରମା ମିଳୁ ନ ଥିଲା। ଓଭରଡ୍ରାଫ୍ଟ ହେଉଥିଲା। ରାଜ୍ୟର ବଜେଟ ଏବେ ୨ ଲକ୍ଷ କୋଟିରେ ପହଞ୍ଚିଲାଣି। ଠିକା ନିଯୁକ୍ତି ଉଠାଇବା ଦ୍ୱାରା ଅନେକ କର୍ମଚାରୀଙ୍କ ମୁହଁରେ ହସ ଫୁଟିଛି। ପର୍ଯ୍ୟାୟକ୍ରମେ ଅନ୍ୟମାନଙ୍କୁ ସରକାର ନିୟମିତ କରିବା ବ୍ୟବସ୍ଥା କରୁଛନ୍ତି। ୫୦ ହଜାର ନିଯୁକ୍ତି ସରିଲାଣି। ବିରୋଧୀ କେବଳ ବିରୋଧ କରିବାକୁ ଏପରି କହୁଛନ୍ତି। ବିଜେଡି ସଭ୍ୟ ରାଜକିଶୋର ଦାସ, ନୃସିଂହ ସାହୁ ଏବଂ ବ୍ୟୋମକେଶ ରାୟ ସରକାରଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଉଲ୍ଲେଖ କରିଥିଲେ।

ମୁଲତବୀ ଆଲୋଚନାର ଉତ୍ତର ରଖି ସ୍କୁଲ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀଙ୍କ ବଦଳରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ କହିଲେ, ଭାଜପା ସଦସ୍ୟମାନେ ଗୁଜରାଟ କଥା କହିଲେ ନାହିଁ। ସେଠାରେ ୧୫ ଲକ୍ଷ ଯୁବତୀଯୁବକଙ୍କୁ ଠିକା ନିଯୁକ୍ତି ଦିଆଯାଇଛି। ଉତ୍ତରପ୍ରଦେଶରେ ପଞ୍ଚାୟତିରାଜ ବିଭାଗରେ ୫୮ ହଜାର ଚୁକ୍ତିଭିତ୍ତିକ ନିଯୁକ୍ତି ଦେବାକୁ ଯାଉଛନ୍ତି। କେବଳ ସେତିକି ନୁହେଁ ସେନାବାହିନୀରେ ୪ ବର୍ଷିଆ ନିଯୁକ୍ତି ଦେଇ ଯୁବତୀଯୁବକମାନଙ୍କୁ କେନ୍ଦ୍ର ସରକାର ଭୁଆଁ ବୁଲାଉଛନ୍ତି। ବିରୋଧୀ ଦଳ ଯେଉଁ ଅଭିଯୋଗ କରୁଛନ୍ତି ତାହା ସମ୍ପୂର୍ଣ୍ଣ ଭିତ୍ତିହୀନ। ୨୦୦୦ ମସିହାରେ ରାଜ୍ୟର ଆର୍ଥିକ ସ୍ଥିତି ଅସମ୍ଭାଳ ଥିଲା। ନିତିଦିନ ଖର୍ଚ୍ଚ ପାଇଁ ସରକାରଙ୍କୁ ରିଜର୍ଭ ବ୍ୟାଙ୍କ ଉପରେ ନିର୍ଭର କରିବାକୁ ପଡୁଥିଲା। ସେତେବେଳେ ଓଡ଼ିଶା ଅର୍ଥନୀତି ପାଇଁ ଏକ କଳା ସମୟ ଥିଲା। ସେ ସମୟରେ ନିଯୁକ୍ତି ସମ୍ପୂର୍ଣ୍ଣ ବନ୍ଦ ଥିଲା। ପଦବୀ ସବୁ ଉଚ୍ଛେଦ କରିବାକୁ ପଡୁଥିଲା। ଉତ୍ତମ ଆର୍ଥିକ ପରିଚାଳନା ଓ ସୁଶାସନ ଜରିଆରେ ପରିସ୍ଥିତିରେ ଉନ୍ନତି ଆସିଛି। ୨୦୧୩ରେ ପ୍ରଣୟନ ହୋଇଥିବା ଚୁକ୍ତିଭିତ୍ତିକ ନିୟମ ଅନୁଯାୟୀ ନିଯୁକ୍ତ ହୋଇଥିବା କର୍ମଚାରୀଙ୍କ ଚୁକ୍ତିଭିତ୍ତିକ ବ୍ୟବସ୍ଥାକୁ ସବୁଦିନ ପାଇଁ ଉଚ୍ଛେଦ କରାଯାଇଛି। ଏବେ ଅନେକ ରାଜ୍ୟରେ ନିୟମିତ ନିଯୁକ୍ତି ବନ୍ଦ ଅଛି। ୫୭ ହଜାର କର୍ମଚାରୀଙ୍କୁ ନିୟମିତ ପାଇଁ ହାରାହାରି ୧୩୦୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ବ୍ୟବସ୍ଥା ହୋଇଛି। ରାଜ୍ୟର ଆର୍ଥିକ ସ୍ଥିତିକୁ ଦେଖି, କୋର୍ଟଙ୍କ ଆଦେଶକୁ ଭିତ୍ତିକରି ଏବଂ ବିଭିନ୍ନ ସମୟରେ ପ୍ରଣିତ ଆଇନକୁ ଅନୁଧ୍ୟାନ କରି ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ନିୟମିତ କରିବା ପାଇଁ ଅନୁଧ୍ୟାନ କରାଯିବ। ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୁଷ୍ଟ ହୋଇ ଭାଜପା ଓ କଂଗ୍ରେସ ସଦସ୍ୟମାନେ ବିଧାନସଭା କକ୍ଷତ୍ୟାଗ କରି ବାହାରକୁ ଚାଲିଯାଇଥିଲେ। ବିରୋଧୀଙ୍କ ଦ୍ୱାରା ଆଗତ ମୁଲତବୀ ପ୍ରସ୍ତାବକୁ ବାଚସ୍ପତି ଅଗ୍ରାହ୍ୟ କରି ଦେଇଥିଲେ।




ଓଡ଼ିଶା ବେସାମରିକ ସେବା ପୁନଃ ଥଇଥାନ ନିୟମ ୨୦୨୦କୁ ଉଚ୍ଛେଦ ସହ ୧୯୯୦କୁ ପୁନଃ କାର୍ଯ୍ୟକ୍ଷମ କରି ମୃତ ସରକାରୀ କର୍ମଚାରୀଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଦାବିରେ ଓଡ଼ିଶା ରାଜ୍ୟ କର୍ମଚାରୀ ଥଇଥାନ ଆଶାୟୀ ସଂଘ ପକ୍ଷରୁ ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜିରେ ଚାଲିଥିବା ଧାରଣା ସ୍ଥଳରେ ଗୁରୁବାର ଅଭିନବ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ରାଜସ୍ୱ ମାନ୍ୟତା ଅପେକ୍ଷାରେ ୩୩୫୨ ପଡ଼ାଗ୍ରାମ

ଭୁବନେଶ୍ୱର, ୧।୧୨(ବ୍ୟୁରୋ)

**ରାଜସ୍ୱ ଗ୍ରାମ ପ୍ରସଙ୍ଗ**

- ବିଧାନସଭାରେ ଶାସକ ସଦସ୍ୟଙ୍କ ଉଦ୍‌ବେଗ
- ୧୦ ବର୍ଷ ଦୌଡ଼ି ଦୌଡ଼ି ବସିଗଲି
- ସବୁ ଠିକ୍ ଥିଲେ ରାଜସ୍ୱ ଗ୍ରାମ ହେବ: ମନ୍ତ୍ରୀ

ପଡ଼ାଗ୍ରାମକୁ ରାଜସ୍ୱ ଗ୍ରାମ କରାଯାଉ ନ ଥିବାରୁ ଗୁରୁବାର ପ୍ରଶ୍ନକାଳରେ ଉଭୟ ଶାସକ ଓ ବିରୋଧୀ ଦଳର ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ ରାଜସ୍ୱ ଗ୍ରାମ ମାନ୍ୟତା ପାଇବାକୁ ଅନେକ ପଡ଼ାଗ୍ରାମ ଯୋଗ୍ୟ ଥିଲେ ମଧ୍ୟ ସରକାରୀ ସ୍ତରରେ ସେପରି ତତ୍ପରତା ପ୍ରକାଶ ପାଉନି। ସେହି ଗ୍ରାମକୁ ରାସ୍ତା ହୋଇପାରୁନି। ପାଣି ପାଇପ ଯାଇପାରୁନି। ଆମ୍ବୁଲାନ୍ସ ଆସିପାରୁନି। ଲୋକମାନେ ବହୁ ସମସ୍ୟା ଭୋଗୁଛନ୍ତି। ବିଜେଡି ସଭ୍ୟ ଅରବିନ୍ଦ ଢାଲି ଅଭିଯୋଗ କରିଥିଲେ ଯେ ୨୦୧୨ରୁ ଆଜି ଯାଏ ୧୦ ବର୍ଷ କାଳ ମାଲକାନଗିରିର ୫୨ ଏବଂ ନବରଙ୍ଗପୁରର ୫୮ ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବାକୁ ମୁଁ ନିଜେ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଗଲି। ନିରାଶ ହେବା ପରେ ନିରୁପାୟ ହୋଇ ଚୁପ୍ ହୋଇ ବସିପଡ଼ିଲି। ଜିଲାପାଳ ଶୁଣୁନାହାନ୍ତି। ମନ୍ତ୍ରୀ ଏ ନେଇ ନିଜେ ହସ୍ତକ୍ଷେପ କରି ୧୫ ଦିନ ମଧ୍ୟରେ ଏହି ସମସ୍ୟାର ସମାଧାନ କରନ୍ତୁ। ଢାଲି ଏହି ପ୍ରସଙ୍ଗକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଥିବା ବେଳେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ ଉତ୍ତର ହାଲୁକା ଭାବେ ଦେଇଥିଲେ। ମନ୍ତ୍ରୀ କହିଥିଲେ, ଜୟଦେବ ବିଧାୟକ ମାଲକାନଗିରି କଥା ଭୁଲିନାହାନ୍ତି। ତେବେ ନିୟମ ଅନୁସାରେ ଯୋଗ୍ୟ ଥିବା ପଡ଼ାଗ୍ରାମକୁ ନିଶ୍ଚିତ ଭାବେ ରାଜସ୍ୱ ଗ୍ରାମର ମାନ୍ୟତା ଦିଆଯିବ।

କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି ମୂଳ ପ୍ରଶ୍ନ ନଂ. ୧୮୧ରେ ପଚାରିଥିଲେ, ଓଡ଼ିଶାରେ ଏବେ କେତୋଟି ରାଜସ୍ୱ ଓ ପଡ଼ାଗ୍ରାମ ରହିଛି। ଶେଷ ଥର ପାଇଁ କେତୋଟି ପଡ଼ାଗ୍ରାମକୁ ରାଜସ୍ୱ ଗ୍ରାମ ଭାବେ ଘୋଷଣା କରାଯାଇଛି। କୋରାପୁଟ ଜିଲାରେ କେତେ ରାଜସ୍ୱ ଓ ପଡ଼ାଗ୍ରାମ ରହିଛି। ପଡ଼ାଗ୍ରାମରେ ରହୁଥିବା ଲୋକମାନେ ବହୁ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି କି। ଏହାକୁ ଦୃଷ୍ଟିରେ ରଖି ୫୦ ଲୋକସଂଖ୍ୟା ବିଶିଷ୍ଟ ପଡ଼ାଗ୍ରାମକୁ ରାଜସ୍ୱ ଗ୍ରାମ ଭାବେ ଘୋଷଣା କରିବେ କି ? ମନ୍ତ୍ରୀ କହିଥିଲେ, ରାଜ୍ୟରେ ବର୍ତ୍ତମାନ ୫୧୭୨୭ ରାଜସ୍ୱ ଗ୍ରାମ ଓ ୫୦୫୧ ପଡ଼ାଗ୍ରାମ ରହିଛି। ସେଥିରୁ ୬୬୫ଟି ପଡ଼ାଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦିଆଯାଇଛି। ୯୮ ପଡ଼ାଗ୍ରାମର ଉପଯୁକ୍ତ କାଗଜ ନ ଥିବା ଯୋଗୁ ରଦ୍ଦ କରାଯାଇଛି। ଅବଶିଷ୍ଟ ୩୩୫୨ ପଡ଼ାଗ୍ରାମ ବର୍ତ୍ତମାନ ସୁଦ୍ଧା ରାଜସ୍ୱ ଗ୍ରାମର ମାନ୍ୟତା ପାଇବାକୁ ବାକି ଅଛି। ଏ ସଂକ୍ରାନ୍ତୀୟ ପ୍ରସ୍ତାବ ଜିଲାପାଳଙ୍କଠାରୁ ପାଇବା ପରେ ଭୂ-ଅଭିଲେଖ ପରିମାପକ ଓଡ଼ିଶା ଦ୍ୱାରା ନିର୍ଦ୍ଧାରିତ ମାନଦଣ୍ଡକୁ ଦୃଷ୍ଟିରେ ରଖି ବିଧି ବ୍ୟବସ୍ଥା ଅନୁଯାୟୀ ପଡ଼ାଗ୍ରାମକୁ ନୂତନ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ଶେଷ ଥର ୨୦୨୨ ନଭେମ୍ବର ୨୪ରେ ଜଗତ୍‌ସିଂହପୁର ଜିଲାର ନୂଆଗାଁ ତହସିଲର ପୂର୍ବାଓଷାକଣାପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା ପ୍ରଦାନ କରାଯାଇଛି। କୋରାପୁଟ ଜିଲାରେ ମୋଟ ୧୯୬୬ ରାଜସ୍ୱ ଗ୍ରାମ ଓ ୪୫୦ ପଡ଼ାଗ୍ରାମ ରହିଛି। ସେଥିରୁ ୨୫ଟି ରାଜସ୍ୱ ଗ୍ରାମର ମାନ୍ୟତା ପାଇଥିବା ବେଳେ ୪୨୫ଟି ପଡ଼ାଗ୍ରାମକୁ ମାନ୍ୟତା ଦେବାକୁ ବାକି ରହିଛି। ୨୫୦ ଜନସଂଖ୍ୟା ବିଶିଷ୍ଟ ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବା ବ୍ୟବସ୍ଥା ରହିଛି।

ବିଜେଡି ସଭ୍ୟ ଶଶି ଭୂଷଣ ବେହେରା, ମକରନ୍ଦ ମୁଦୁଲି, ଭାଗୀରଥି ସେଠୀ, ଅମର ଶତପଥୀ, ଭୂପିନ୍ଦର ସିଂ, ପ୍ରଫୁଲ୍ଲ ସାମଲ ପ୍ରମୁଖ ନିଜ ନିର୍ବାଚନମଣ୍ଡଳୀରେ ଥିବା ପଡ଼ାଗ୍ରାମଗୁଡ଼ିକୁ ରାଜସ୍ୱ ଗ୍ରାମ ମିଳୁ ନ ଥିବା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ସରକାର ନିଜଆଡୁ ଅନୁସନ୍ଧାନ କରନ୍ତୁ। କେଉଁ ପଡ଼ାଗ୍ରାମଗୁଡ଼ିକୁ ରାଜସ୍ୱ ଗ୍ରାମ କରିହେବ। ବିଧି ବ୍ୟବସ୍ଥାକୁ ସରଳୀକରଣ କରି ପଡ଼ାଗ୍ରାମଗୁଡ଼ିକୁ ରାଜସ୍ୱ ଗ୍ରାମ କରିବାକୁ ସଦସ୍ୟମାନେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମନ୍ତ୍ରୀ କହିଥିଲେ, ସରକାର ବିଧିବ୍ୟବସ୍ଥାରେ କିଛି ପରିବର୍ତ୍ତନ କରିଛନ୍ତି। ଗୋଚର ଜମି ନ ଥିଲେ ମଧ୍ୟ ପଡ଼ାଗ୍ରାମକୁ ରାଜସ୍ୱ ଗ୍ରାମ କରାଯାଇ ପାରିବ। ଯଦି ସବୁ ଠିକ୍ ଥିବ ତେବେ ରାଜସ୍ୱ ଗ୍ରାମ କରିବାରେ କୌଣସି ଅସୁବିଧା ହେବ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଦୈହିକ ଦୁର୍ବଳତା ସାଙ୍ଗକୁ ଧୈର୍ଯ୍ୟହରା ଓ ନୈରାଶ୍ୟ ଆପଣଙ୍କୁ ବ୍ୟସ୍ତ ବିବ୍ରତ କରାଇବ। କର୍ମକ୍ଷେତ୍ରରେ କୌଶଳପୂର୍ଣ୍ଣ ବ୍ୟବହାର ଅନ୍ୟଙ୍କୁ ଆପଣାର କରିବାରେ ସାହାଯ୍ୟ କରିବ। ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। କୃତ୍ତିକା ନକ୍ଷତ୍ର ସକାଶେ ଅଫିସରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ।

**ବୃଷ**
ଆଜିର ଗୁରୁଚାନ୍ଦ୍ରୀ ଯୋଗ ପ୍ରଭାବରେ ଏକାଧାରରେ ଅର୍ଥ, ସମ୍ମାନ, ପ୍ରତିଷ୍ଠା ସାଙ୍ଗକୁ ଗୌରବାର୍ଜନ କରିବେ। ଅଟକି ରହିଥିବା କାମର ଚିନ୍ତା ଆଜି ମନକୁ ଆନ୍ଦୋଳିତ କରିପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ କ୍ଷତି କିମ୍ବା ସମସ୍ୟାର ଆଶଙ୍କା ରୋହିଣୀ ନକ୍ଷତ୍ରର ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଲାଭ କରିପାରନ୍ତି।

**ମିଥୁନ**
କୌଶଳ ପ୍ରୟୋଗ କରି ନିଜ ବନ୍ଧୁମାନଙ୍କୁ ଆପେଣଇ ନେବାରେ ସମର୍ଥ କରାଇବ। ବିଭିନ୍ନ ଯୋଜନା, ସାଙ୍ଗଠନିକ କାର୍ଯ୍ୟ କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ମୃଗଶିରା ନକ୍ଷତ୍ର ପରିବାର ଭିତରେ ସମ୍ପର୍କ ହାନି ଫଳରେ ଚିନ୍ତା ପ୍ରକଟ କରିପାରନ୍ତି। ଆଜି ନିଜ ନିଜର କର୍ମକ୍ଷେତ୍ରରେ ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ।

**କର୍କଟ**
ଶନିଙ୍କ ଦୃଷ୍ଟିରେ ଚନ୍ଦ୍ର ଓ ଗୁରୁ ଦୋଷଯୁକ୍ତ ହୋଇ ପ୍ରତ୍ୟେକ କାମରେ ଓଲଟା ଫଳ ପ୍ରଦାନ କରିବେ। ଆଜି ବନ୍ଧୁଙ୍କ ସହ ବିବାଦ ଓ ନୂତନ କାମରେ ପ୍ରତିବନ୍ଧକ ହେତୁ ଚିନ୍ତିତ ରହିବେ। ପୂର୍ବ ସମସ୍ୟା ସମାଧାନ ହେବାରେ ଜଣେ ବିଜାତୀୟ ବ୍ୟକ୍ତି ସାହାଯ୍ୟ କରିବେ। ସଭାସମିତିରେ ଆଲୋଚନାର ଅମୀମାଂସିତ ରହିବ।

**ସିଂହ**
ଆଜି ଦୁଃସ୍ଥାନସ୍ଥ ଚନ୍ଦ୍ର ପ୍ରଭାବରୁ ଭଲ କଥା କହିଲେ ମଧ୍ୟ ଅନ୍ୟମାନେ ଭୁଲ୍ ବୁଝିବେ ଏବଂ ସନ୍ତାନଙ୍କ କୌଣସି ସମସ୍ୟା ଚିନ୍ତିତ କରିବ। ଧାର୍ମିକ କାର୍ଯ୍ୟ, ସତ୍ ସଙ୍ଗ, ଦେବାର୍ଚ୍ଚନା ପାଇଁ ମନ ବଳାଇପାରନ୍ତି। ବନ୍ଧୁଙ୍କ ସାହାଯ୍ୟ ଓ ପାରସ୍ପରିକ ସହଯୋଗରୁ ଏକପ୍ରକାର ମନକୁ ବୁଝେଇନେବେ। ସତକଥା କହି ବିବାଦ ଘେରରେ ପଡ଼ିପାରନ୍ତି।

**କନ୍ୟା**
ପ୍ରତ୍ୟେକ କ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ଶନିଙ୍କ ପ୍ରଭାବରୁ ସନ୍ଦେହ ଘେରରେ ରହିବେ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ପାଇଁ କୌଣସି ଗୁଜବ ମନକୁ ଚହଲାଇ ଦେଇପାରେ। ଯାନ୍ତ୍ରିକ ଶିଳ୍ପ, ପ୍ରଶାସନ, ଆଇନ ଓ ଅଦାଲତ ତଥା ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ। ଖର୍ଚ୍ଚ ପରିମାଣ ବୃଦ୍ଧି ଚିନ୍ତା ବଢ଼ାଇବ।

**ତୁଳା**
ନୂତନ ବନ୍ଧୁ ସମ୍ପର୍କ ମନକୁ ଆହ୍ଲାଦିତ କରିବ ଏବଂ ଅର୍ଥ, ଉପଢୌକନ ପ୍ରାପ୍ତି ଯୋଗ ମଧ୍ୟ ରହିଛି। ସ୍ୱାତୀ ନକ୍ଷତ୍ରର କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। କୌଣସି ପ୍ରିୟବନ୍ଧୁଙ୍କ ଅନୁପସ୍ଥିତି ଓ ଦେଖାସାକ୍ଷାତ୍ ଅଭାବରୁ ବ୍ୟସ୍ତ ରହିବେ। ପିଲାଙ୍କ ଆଚରଣରେ ପରିବର୍ତ୍ତନ କାରଣରୁ ମନେ ମନେ ବିରକ୍ତ ହୋଇପାରନ୍ତି।

**ବିଛା**
ସମୟର ସାମାନ୍ୟ ପ୍ରତିକୂଳତା କାରଣରୁ ମାନସିକ ଓ ଶାରୀରିକ ସୁସ୍ଥତା ରହି ନ ପାରେ। ବର୍ତ୍ତମାନର ପରିସ୍ଥିତିରେ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବା ଭଲ। କଳା, ସାହିତ୍ୟ, ସଭା ସମିତି ଓ ମନୋରଞ୍ଜନରେ ଆଗ୍ରହୀ ହେବେ। ଜ୍ୟେଷ୍ଠା ନକ୍ଷତ୍ର ସକାଶେ ସାଧାରଣ କଥାକୁ କେନ୍ଦ୍ର କରି ଟେନସନ୍ ବଢ଼ିପାରେ।

**ଧନୁ**
ଆପଣଙ୍କ କୌଶଳପୂର୍ଣ୍ଣ କଥାବାର୍ତ୍ତା କାମକୁ ସହଜ କରିବାରେ ସାହାଯ୍ୟ କରିବ। ଉତ୍ତରାଷାଢ଼ା ନକ୍ଷତ୍ର ଅତି ଦରକାରୀ ଜିନିଷଗୁଡ଼ିକ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ନୂତନ ସ୍ଥାନ ପରିଭ୍ରମଣ ସାଙ୍ଗକୁ ବାରମ୍ବାର ଭ୍ରମଣ ସୁଯୋଗ ଆସିପାରେ।

**ମକର**
ନୂତନ ପରିବେଶରେ କେତେକ ବ୍ୟତିକ୍ରମ ଅସନ୍ତୋଷ ସୃଷ୍ଟି କରିପାରେ। ବନ୍ଧୁଙ୍କ ପରିସରରେ ନୀରବତା ଓ ଚୁପ୍‌ଚାପ୍ କଥା ମନରେ ବିଭିନ୍ନ ଆଶଙ୍କା ଉଦ୍ରେକ କରିବ। ସାମୟିକ ଅଭାବଜନିତ ଧାରକରଜ କରି କାମ ତୁଲାଇ ନେବାକୁ ବାଧ୍ୟ ହେବେ। ଶ୍ରବଣା ନକ୍ଷତ୍ରର ପିତା କିମ୍ବା ମାତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବାର ଆଶା ରହିଛି।

**କୁମ୍ଭ**
ଆଜିର ଯାତ୍ରା, ଶୁଭ କାର୍ଯ୍ୟାରମ୍ଭ, ସତ୍‌ଚିନ୍ତା ଓ ଶୁଦ୍ଧ ଭାବନା ମନରେ ଭାବାନ୍ତର ସୃଷ୍ଟି କରିବ। ସାମାନ୍ୟ କେତେକ ସାଧାରଣ ଅସୁବିଧାକୁ ବାଦ୍‌ଦେଲେ ଦିନଟିରେ ବହୁତ ଭଲ କାମ କରିବେ। ଆଶା ପୂରଣ ହେବ, ଅର୍ଥ ପାଇବେ, କାର୍ଯ୍ୟକୁ ପୂର୍ଣ୍ଣାଙ୍ଗ କରିପାରିବେ। ଶତଭିଷା ନକ୍ଷତ୍ର ନୂତନ ଜିନିଷ କ୍ରୟ କରିବା ସକାଶେ ମନ ବଳାଇପାରନ୍ତି।

**ମୀନ**
ଆଜି ଅଫିସ୍‌ରୁ ଫେରନ୍ତା ବାଟରେ ବନ୍ଧୁଙ୍କୁ ଭେଟି ଆଗାମୀକାଲିର ଯୋଜନା ପ୍ରସ୍ତୁତ କରିପାରନ୍ତି। ଉତ୍ତର ଭାଦ୍ରବ ନକ୍ଷତ୍ରର ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବ୍ୟବସାୟରେ ଲାଭ ମିଳିବ ଏବଂ କୌଣସି ଏକ ଉଦ୍ଦେଶ୍ୟରେ ସେହି ଟଙ୍କାକୁ ବିନିଯୋଗ କରିପାରନ୍ତି। ସାମାଜିକ କିମ୍ବା ପ୍ରଶାସନିକ ସ୍ତରରେ ବୁଝାମଣାରେ ଉନ୍ନତି ଘଟିବ।

ଆଜି ଡିସେମ୍ବର ୨ ତାରିଖ, ମାର୍ଗଶିର ଶୁକ୍ଳ ନବମୀଯୁକ୍ତ ଦଶମୀ ଶୁକ୍ରବାର, ରାଶି ନକ୍ଷତ୍ର– ଉତ୍ତର ଭାଦ୍ରବ/ମୀନ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୦୯ ଗତେ ଘ.୦୬।୫୨ ମଧ୍ୟେ, ଘ.୦୭।୩୬ମି. ଗତେ ଘ.୦୮।୫୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୧୪ମି. ଗତେ ଘ.୧୧।୩୫ମି. ମଧ୍ୟେ ରାହୁକାଳ।

# ଫେବୃୟାରୀ ୨୭ରୁ ଆଇସିଏସ୍‌ଇ ପରୀକ୍ଷା

ଭୁବନେଶ୍ୱର,୧।୧୨(ବ୍ୟୁରୋ)

■ ଫେବୃୟାରୀ ୧୩ରେ ଆଇଏସ୍‌ସି ପରୀକ୍ଷା

କାଉନ୍‌ସିଲ ଫର୍ ଇଣ୍ଡିଆନ ସ୍କୁଲ ସାର୍ଟିଫିକେଟ ଏକଜାମିନେଶନ (ସିଆଇଏସ୍‌ସିଇ) ଦ୍ୱାରା ପରିଚାଳିତ ଆଇସିଏସ୍‌ଇ ଓ ଆଇଏସ୍‌ସି ପରୀକ୍ଷା ତାରିଖ ଘୋଷଣା କରାଯାଇଛି। ଆଇସିଏସ୍‌ଇ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଫେବୃୟାରୀ ୨୭ରୁ ଆରମ୍ଭ ହୋଇ ମାର୍ଚ୍ଚ ୨୯ରେ ଶେଷ ହେବ। ସେହିପରି ଆଇଏସ୍‌ସି ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ଫେବୃୟାରୀ ୧୩ରୁ ଆରମ୍ଭ ହୋଇ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଚାଲିବ। ଉଭୟ ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ପରୀକ୍ଷାର ପ୍ରଥମ ଦିନ ଇଂଲିଶ୍ ପେପର-୧ ପରୀକ୍ଷା ହେବ ଓ ଦ୍ୱିତୀୟ ଦିନ ଇଂଲିଶ୍ ପେପର-୨ ପରୀକ୍ଷା ହେବ। ଛାତ୍ରୀଛାତ୍ରଙ୍କୁ ପ୍ରଶ୍ନ ପଢ଼ିବା ପାଇଁ ୧୫ମିନିଟ ସମୟ ଦିଆଯିବ। ସକାଳ ୯ଟା, ପୂର୍ବାହ୍ନ ୧୧ଟା ଏବଂ ଅପରାହ୍ନ ୨ଟାରେ ପରୀକ୍ଷା ହେବ। ତେଣୁ ପ୍ରତ୍ୟେକ ପରୀକ୍ଷାର ୧୫ ମିନିଟ୍ ପୂର୍ବରୁ ପ୍ରଶ୍ନପତ୍ର ଦିଆଯିବ। ସବିଶେଷ କାର୍ଯ୍ୟସୂଚୀ ସିଆଇଏସ୍‌ସିଇର ୱେବସାଇଟ CISCE.ORG ରେ ଉପଲବ୍ଧ। ପରୀକ୍ଷାର ଫଳାଫଳ ୨୦୨୩ ମେ'ରେ ଘୋଷଣା ହେବ ବୋଲି ସିଆଇଏସସିଇ ପକ୍ଷରୁ କୁହାଯାଇଛି।




# ଦାବି ଯଥାର୍ଥତା ନେଇ ଚର୍ଚ୍ଚା

ଭୁବନେଶ୍ୱର, ୧।୧୨(ବ୍ୟୁରୋ)

## ପ୍ରାଥମିକ ଶିକ୍ଷକ ସଂଘ ଆନ୍ଦୋଳନ

■ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ଗ୍ରେଡ୍ ପେ' କମ୍

୨୦୧୩ ଠିକା ନିଯୁକ୍ତି ବ୍ୟବସ୍ଥାକୁ ଉଚ୍ଛେଦ କରି ଐତିହାସିକ ପଦକ୍ଷେପ ନେଇଥିବା ରାଜ୍ୟ ସରକାରଙ୍କ ପାଇଁ କଣ୍ଟା ସାଜିଛି ୨୦୦୧ ନିୟମ ଅନୁସାରେ ନିଯୁକ୍ତି ପାଇଥିବା ପ୍ରାଥମିକ ଶିକ୍ଷକ ସଂଘ। ଠିକା ନିଯୁକ୍ତି ସମ୍ପୂର୍ଣ୍ଣ ପ୍ରତ୍ୟାହାର, କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ ଏବଂ ପୂର୍ବରୁ ଥିବା ପେନ୍‌ସନ ବ୍ୟବସ୍ଥା ପ୍ରଚଳନ ଆଦି ୩ଦଫା ଦାବିରେ ପ୍ରାଥମିକ ଶିକ୍ଷକ ସଂଘ ସରକାରଙ୍କୁ ଘେରିଛି। ବିଧାନସଭାର ଶୀତ ଅଧିବେଶନ ଚାଲିଥିବାବେଳେ ନଭେମ୍ବର ୨୭ତାରିଖରୁ ପ୍ରାୟ ୧ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରାଥମିକ ଶିକ୍ଷୟିତ୍ରୀଶିକ୍ଷକ ରାଜଧାନୀ ଭୁବନେଶ୍ୱରରେ ଗର୍ଜନ କଲେ। ଏହି ସମୟରେ ଶିକ୍ଷକ ସଂଘର ପ୍ରତିନିଧି ଦଳ ସହ ମୁଖ୍ୟ ଶାସନ ସଚିବଙ୍କ ଆଲୋଚନା ହୋଇଥିଲା। ପ୍ରଥମ ଆଲୋଚନା ବିଫଳ ହୋଇଥିଲେ ମଧ୍ୟ ଦ୍ୱିତୀୟ ଆଲୋଚନା ପରେ ବୁଧବାର ନଭେମ୍ବର ୩୦ରେ ଶିକ୍ଷକ ସଂଘ ଆନ୍ଦୋଳନରୁ ସାମୟିକ ଓହରିଛି। ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ୪ଜଣିଆ କମିଟି ଡିସେମ୍ବର ୧୬ରୁ ୨୦ ମଧ୍ୟରେ ଶିକ୍ଷକଙ୍କ ଦାବି ସମ୍ପର୍କରେ ଆଲୋଚନା କରି ନିଷ୍ପତ୍ତି ନେବାକୁ କୁହାଯାଇଛି। ଯଦି ଏହି ସମୟ ମଧ୍ୟରେ କୌଣସି ନିଷ୍ପତ୍ତି ନିଆ ନ ଯିବ ତେବେ ଆନ୍ଦୋଳନକୁ ପୁଣି ଥରେ ଜୋରଦାର କରାଯିବ ବୋଲି ଶିକ୍ଷକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଅପରପକ୍ଷରେ ପ୍ରାଥମିକ ଶିକ୍ଷକ ସଂଘର ଦାବି କେତେ ଯଥାର୍ଥ ତାକୁ ନେଇ ଆଲୋଚନା ଜୋର ଧରିଛି।

ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ କରାଯାଇଥିବା ୩ଟି ପ୍ରମୁଖ ଦାବି ମଧ୍ୟରେ ପ୍ରଥମଟି ହେଲା ଠିକା ନିଯୁକ୍ତି ସମ୍ପୂର୍ଣ୍ଣ ଉଚ୍ଛେଦ। ନିକଟରେ ୨୦୧୩ରେ ଲାଗୁ ହୋଇଥିବା ଠିକା ନିଯୁକ୍ତି ପ୍ରକ୍ରିୟାକୁ ରାଜ୍ୟ ସରକାର ଉଚ୍ଛେଦ କରିଛନ୍ତି। ସେଥିରେ ନିଯୁକ୍ତି ପାଇଥିବା ମାଧ୍ୟମିକ ଶିକ୍ଷକମାନଙ୍କ ମୂଳ ନିଯୁକ୍ତିଠାରୁ ସେମାନଙ୍କୁ ନିୟମିତ କରାଯିବାକୁ ସରକାର ଘୋଷଣା କରିଛନ୍ତି। କିନ୍ତୁ ୨୦୦୧ ମସିହାରେ ରାଜ୍ୟର ଆର୍ଥିକ ସ୍ଥିତି ଯେତେବେଳେ ଜଟିଳ ଥିଲା ସେତେବେଳେ ପ୍ରାଥମିକ ଶିକ୍ଷକମାନେ ୧୫୦୦ଟଙ୍କା ପାରିଶ୍ରମିକରେ ୬ବର୍ଷ ଧରି ଠିକାରେ କାମ କରିଥିଲେ। ତେଣୁ ସେହି ଠିକା ସମୟ ୬ବର୍ଷକୁ ମୂଳ ନିଯୁକ୍ତି ଭାବେ ଧରି ୬ଟି ଇନ୍‌କ୍ରିମେଣ୍ଟ ସହ ୬ବର୍ଷ କାର୍ଯ୍ୟକାଳକୁ ନିୟମିତ ଭାବେ ଗ୍ରହଣ କରାଯିବାକୁ ମିଳିତ ପ୍ରାଥମିକ ସଂଘ ପକ୍ଷରୁ ଦାବି କରାଯାଇଛି। ଦ୍ୱିତୀୟ ଦାବି ହେଲା କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ। ଭାରତର ୨୦ରୁ ଊର୍ଦ୍ଧ୍ୱ ରାଜ୍ୟରେ ୪୨୦୦ ଗ୍ରେଡ୍ ପେ'ରେ ନିୟମିତ ପ୍ରାଥମିକ ଶିକ୍ଷକମାନେ ଦରମା ପାଉଥିବାବେଳେ ଓଡ଼ିଶାରେ ୨୨୦୦ ଗ୍ରେଡ୍ ପେ' ଅନୁସାରେ ଦରମା ମିଳୁଛି। କେନ୍ଦ୍ରୀୟ ହାରରେ ଗ୍ରେଡ୍ ପେ ଅନୁସାରେ ଦରମା ଦେବାକୁ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ୨୦୧୭ ମସିହାରେ ଦାବି ହୋଇଥିଲା। ସେତେବେଳେ ଗଣଶିକ୍ଷା ମନ୍ତ୍ରୀ ଲିଖିତ ଆକାରରେ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏଯାଏ ପ୍ରତିଶ୍ରୁତି ପୂରଣ ନେଇ କୌଣସି ପଦକ୍ଷେପ ନିଆଗଲା ନାହିଁ। ତେଣୁ ପ୍ରାଥମିକ ଶିକ୍ଷକଙ୍କୁ ୨୨୦୦ ପରିବର୍ତ୍ତେ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ କରିବାକୁ ଦାବି କରାଯାଇଛି। ତୃତୀୟ ଦାବି ହେଲା ପୁରୁଣା ପେନ୍‌ସନ ବ୍ୟବସ୍ଥା ଲାଗୁ କରିବା। ଭାରତର ରାଜସ୍ଥାନ, ଛତିଶଗଡ଼, ପଞ୍ଜାବ ଓ ଝାଡ଼ଖଣ୍ଡରେ ସରକାରୀ କର୍ମଚାରୀଙ୍କୁ ପୁରୁଣା ପେନ୍‌ସନ ବ୍ୟବସ୍ଥା ଲାଗୁ କରାଯାଇଛି। ତେଣୁ ଓଡ଼ିଶାରେ ମଧ୍ୟ ଏହି ପୁରୁଣା ପେନ୍‌ସନ ବ୍ୟବସ୍ଥା ଲାଗୁ କରାଯାଉ।

ଦେଶର ପ୍ରାୟ ୨୨ଟି ରାଜ୍ୟରେ ପ୍ରାଥମିକ ଶିକ୍ଷକଙ୍କ ଗ୍ରେଡ୍ ପେ ୪୨୦୦ଟଙ୍କା ରହିଛି। କେବଳ ଓଡ଼ିଶା ଏବଂ ପଶ୍ଚିମବଙ୍ଗ ସମେତ ୫ଟି ରାଜ୍ୟରେ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ କରାଯାଉ ନାହିଁ। ଓଡ଼ିଶାରେ ମାତ୍ର ୨୨୦୦ ଗ୍ରେଡ୍ ପେ' ରହିଛି। ଏପରି କି ରାଜ୍ୟରେ ଏସ୍‌ସି/ଏସ୍‌ଟି ପ୍ରାଥମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ଶିକ୍ଷକଙ୍କୁ ୨୮୦୦ ଗ୍ରେଡ୍ ପେ'ରେ ଦରମା ମିଳୁଥିବାବେଳେ ଅନ୍ୟ ପ୍ରାଥମିକ ଶିକ୍ଷକଙ୍କୁ ୨୨୦୦ ଗ୍ରେଡ୍ ପେ'ରେ ଦରମା ମିଳିବା ଅତ୍ୟନ୍ତ ପରିତାପର ବିଷୟ। ଶିକ୍ଷକମାନେ ହିଁ ସମାଜକୁ ଦିଗ୍‌ଦର୍ଶନ ଦେଇଥାନ୍ତି। ମାତ୍ର ଶିକ୍ଷକଙ୍କ ପ୍ରତି ସରକାରଙ୍କ ଏଭଳି ଉଦାସୀନ ମନୋଭାବ ଉଚିତ ହେଉ ନାହିଁ। ତେଣୁ ଓଡ଼ିଶାରେ ମଧ୍ୟ ଆସାମ, ବିହାର, ଚଣ୍ଡିଗଡ଼, ଛତିଶଗଡ଼, ଦିଲ୍ଲୀ, ଗୋଆ, ଗୁଜରାଟ, ଉତ୍ତରପ୍ରଦେଶ, ଝାଡ଼ଖଣ୍ଡ, ହରିୟାଣା, ମଧ୍ୟପ୍ରଦେଶ, ତାମିଲ୍‌ନାଡୁ, ମହାରାଷ୍ଟ୍ର ଆଦି ରାଜ୍ୟ ଭଳି ୪୨୦୦ ଗ୍ରେଡ୍ ପେ'ରେ ଦରମା ଦିଆଯାଉ ବୋଲି ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘର ସାଧାରଣ ସମ୍ପାଦକ ବିଭୁପ୍ରସାଦ ସାହୁ କହିଛନ୍ତି। ଅପରପକ୍ଷରେ ନିୟମିତ ପ୍ରାଥମିକ ଶିକ୍ଷକ ସଂଘର ଦାବି ପ୍ରତି ସରକାର ଚିନ୍ତା କରୁଛନ୍ତି। ଏଥିପାଇଁ ମୁଖ୍ୟଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି। ଏହି କମିଟି ଶିକ୍ଷକ ସଂଘ ସହିତ ଆଲୋଚନା କରିବା ପରେ ଦାବି ସମ୍ପର୍କରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନେବ ବୋଲି ସ୍କୁଲ ଏବଂ ଗଣଶିକ୍ଷା ବିଭାଗର ଜଣେ ଅଧିକାରୀ ପ୍ରକାଶ କରିଛନ୍ତି।

ଅନ୍ୟପଟେ ଶିକ୍ଷକଙ୍କ ଦାବି ଏବଂ ସରକାରଙ୍କ ନିଷ୍ପତ୍ତି ମଧ୍ୟରେ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହୋଇଥିବା ଅଭିଭାବକ ମହଲରେ ମତପ୍ରକାଶ ପାଇଛି। ଶିକ୍ଷକଙ୍କ ଦାବି ଯଥାର୍ଥ ହୋଇଥିଲେ ମଧ୍ୟ ପିଲାଙ୍କ ଷାଣ୍ମାଷିକ ପରୀକ୍ଷା ମୁଣ୍ଡ ଉପରେ ଥିବାବେଳେ ଶିକ୍ଷକଙ୍କ ଆନ୍ଦୋଳନ ପିଲାଙ୍କ ଭବିଷ୍ୟତ ଉପରେ ବିଶେଷ ପ୍ରଭାବ ପକାଉଛି ବୋଲି ଅଭିଭାବକ ରମାରଞ୍ଜନ ବଲିୟାରସିଂ କହିଛନ୍ତି।

# ସାଇବର ଠକେଇର ଶିକାର ହେଲେ ଶିକ୍ଷକ

**ଅନୁଗୋଳ ଅଫିସ,୧।୧୨:** ଅନୁଗୋଳ ଜିଲା ତାଳଚେର ଥାନା ଦୁମଦୁମା ଅଞ୍ଚଳର ଜଣେ ପ୍ରାଥମିକ ଶିକ୍ଷକ ସାଇବର ଠକଙ୍କ ହାବୁଡରେ ପଡ଼ିଛନ୍ତି। ତାଙ୍କ କ୍ରେଡିଟ୍ କାର୍ଡ ଓ ଡେବିଟ୍ କାର୍ଡରୁ ଠକ ଜଣକ ୬୭ ହଜାର ୭୨୬ ଟଙ୍କା ଚଳୁ କରିଥିବା ସେ ଅନୁଗୋଳ ସାଇବର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୩୫/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।









ହତାଶା କେବେ ବି ଅଗ୍ରଗତି ଲାଗି ଆବଶ୍ୟକ ନୁହେଁ। ଏହା ସର୍ବଦା ଏକ ଦୁର୍ବଳତା ଓ ତାମସିକତାର ଲକ୍ଷଣ। ଏହା ଜଣାଇଦିଏ ଯେ, ଏକ ବିରୋଧୀ ଶକ୍ତି ତୁମ ଭିତରେ ପ୍ରବେଶ କରିଛି। ଏହି ବିରୋଧୀ ଶକ୍ତି ତୁମ ସାଧନା ବିରୋଧରେ କାର୍ଯ୍ୟ କରେ। -ଶ୍ରୀମା



# ଫିଫା ବିଶ୍ୱକପ୍‌ର ମାନସିକ ଓ ଆର୍ଥିକ ପ୍ରଭାବ



ରାଜ ପର୍ସାଉଡ୍

ଫୁଟ୍‌ବଲ ବିଶ୍ୱରେ ସବୁଠୁ ଲୋକପ୍ରିୟ ଖେଳ। ବହୁ ସମୟରେ ଏହା ଜାତୀୟ ପରିଚିତିର ଏକ ପ୍ରତୀକ ଏବଂ ସାମଗ୍ରିକ ଗର୍ବର ଏକ ଉତ୍ସ ହୋଇଥାଏ। ସେଥିପାଇଁ ଫିଫା ବିଶ୍ୱକପ୍ ଯେଉଁଭଳି ଭାବେ ତୀବ୍ର ଭାବାବେଗ ସୃଷ୍ଟି କରିପାରେ ତାହା ଅନ୍ୟ କୌଣସି ଖେଳର ବୃହତ୍ ଟୁର୍ନାମେଣ୍ଟରେ ହୋଇପାରେନାହିଁ। ଚଳିତ ବର୍ଷ କାତାରରେ ଆୟୋଜିତ ଫିଫା ବିଶ୍ୱକପ୍‌ରେ ସେଭଳି ଭାବନା ପ୍ରତିଫଳିତ ହୋଇଛି।

୧୯୯୮ ବିଶ୍ୱକପ୍ ଫ୍ରାନ୍ସରେ ଅନୁଷ୍ଠିତ ହୋଇଥିଲା ଓ ଏଥିରୁ କିଛି ଉପାଦେୟ ତଥ୍ୟ ମିଳିଛି। ୨୦୧୨ରେ ଏକ ଅନୁଧ୍ୟାନରୁ ଜଣାପଡ଼ିଥିଲା ଯେ, ମାସେ ବ୍ୟାପୀ ଟୁର୍ନାମେଣ୍ଟ ମଧ୍ୟରେ ଫ୍ରାନ୍ସରେ ଆତ୍ମହତ୍ୟା ହାର କମ୍ ଥିଲା। ଏହାସହ ଫ୍ରାନ୍ସ ଫୁଟ୍‌ବଲ ଟିମ୍‌ର ମ୍ୟାଚ ପରଦିନଗୁଡ଼ିକରେ ଆଶ୍ଚର୍ଯ୍ୟଜନକ ଭାବେ ଏହା ୧୯.୯% ହ୍ରାସ ଘଟିଥିଲା। ଫ୍ରାନ୍ସ ଏହି ବିଶ୍ୱକପ ବିଜୟୀ ହୋଇଥିଲା। ୨୦୧୫ର ଏକ ଅନୁଧ୍ୟାନରୁ ଜାଣିବାକୁ ମିଳିଥିଲା ଯେ, ୨୦୧୦ରେ ଦକ୍ଷିଣ ଆଫ୍ରିକା ଫିଫା ବିଶ୍ୱକପର ୯ ମାସ ପରେ ପୁରୁଷ -ମହିଳା ଜନ୍ମ ଅନୁପାତରେ ବଡ଼ ଧରଣର ପରିବର୍ତ୍ତନ ଘଟିଥିଲା। ଗବେଷକଙ୍କ ମତରେ, ଟୁର୍ନାମେଣ୍ଟ ସମୟରେ ଯୌନକ୍ରିୟା ବୃଦ୍ଧି ଯୋଗୁ ଏହା ହୋଇଥିଲା। ଏହାସହ ୧୯୯୮, ୨୦୦୨, ୨୦୦୬ ଏବଂ ୨୦୧୦ ବିଶ୍ୱକପ୍ ବେଳେ ବିଶେଷକରି ବ୍ରାଜିଲ ଟିମ୍ ଖେଳିଥିବା ଦିନଗୁଡ଼ିକରେ ସେହି ଦେଶରେ ହୃଦ୍‌ଘାତ ବୃଦ୍ଧି ପାଇଥିଲା। ସେହିପରି ଅନ୍ତର୍ଜାତୀୟ ଟୁର୍ନାମେଣ୍ଟଗୁଡ଼ିକ ମାର୍କେଟକୁ ଅତ୍ୟଧିକ ପ୍ରଭାବିତ କରିପାରେ ବୋଲି ଅନେକ ଅନୁଧ୍ୟାନରୁ ସ୍ପଷ୍ଟ ହୋଇଛି। ୨୦୧୬ର ଏକ ଅନୁଧ୍ୟାନରୁ ଜଣାପଡ଼ିଥିଲା ଯେ, ଇଟାଲୀ ଟିମ୍‌ର ପ୍ରଦର୍ଶନ ସେହି ଦେଶର ଷ୍ଟକ୍ ମାର୍କେଟ ରିଟର୍ନକୁ ପ୍ରଭାବିତ କରିଥିଲା। ସେହିଭଳି ଜାତୀୟସ୍ତରୀୟ ଟୁର୍ନାମେଣ୍ଟରେ ଟିମ୍ ବିଜୟୀ ହେଲେ ତାହା ନିବେଶକମାନଙ୍କ ମଧ୍ୟରେ ଏକ ଉତ୍ସାହର ଭାବନା ସୃଷ୍ଟି କରିବା ସମ୍ଭାବନା ରହିଛି ବୋଲି ଗବେଷକମାନେ ସିଦ୍ଧାନ୍ତରେ ପହଞ୍ଚିଥିଲେ। ଅନ୍ୟପକ୍ଷରେ ପରାଜୟ ବିଶେଷ କରି ଅଣଆନୁଷ୍ଠାନିକ ଖୁଚୁରା ନିବେଶକମାନଙ୍କୁ ଚାପଗ୍ରସ୍ତ କରାଏ। ଆଉ ଏକ ଅନୁଧ୍ୟାନରୁ ଜଣାପଡ଼ିଛି, ଯେଉଁ ଟିମ୍‌ଗୁଡ଼ିକ ହାରିଯାଆନ୍ତି , ଅପେକ୍ଷାକୃତ ସଫଳତା ଲାଭ କରିଥିବା ଜାତୀୟ ଟିମ୍ ଗୁଡ଼ିକ ତୁଳନାରେ ସେମାନଙ୍କ ଦେଶର ଷ୍ଟକ୍ ମାର୍କେଟ ଉପରେ ତାହାର ଅଧିକ ନକାରାତ୍ମକ ପ୍ରଭାବ ପଡ଼ିଥାଏ।

ଖେଳ ସହ ପୂର୍ବାନୁମାନ ଭାବନା ସମ୍ପର୍କିତ। ଏହା ସମ୍ଭବ ବୋଲି ଅନ୍ତର୍ଜାତୀୟ ସ୍ତରରେ ଟୁର୍ନାମେଣ୍ଟକୁ ନେଇ କରାଯାଇଥିବା ଗବେଷଣାର ଗବେଷକମାନେ ନିଷ୍କର୍ଷରେ ପହଞ୍ଚିଥିଲେ। ସ୍ପେନ୍ ଓ ଇଂଲଣ୍ଡରେ ସେଠାକାର ଫୁଟବଲ ପ୍ରେମୀମାନେ ସେମାନଙ୍କ ଜାତୀୟ ଟିମ୍‌ର ବିଜୟର ପୂର୍ବାନୁମାନ ସହ ଏମିତି ଅଭ୍ୟସ୍ତ ହୋଇପଡ଼ିଥିଲେ ଯେ ସେମାନଙ୍କ ପରାଜୟ ସେହି ଦେଶଗୁଡ଼ିକରେ ବଡ଼ ପ୍ରଭାବ ପକାଇଥିଲା। ଅନ୍ୟ ପକ୍ଷରେ ଯେତେବେଳେ ଟିମ୍ ହାରିବ ବୋଲି ଅଧିକ ଆଶା କରିଥିବ ସେତେବେଳେ ଟିମ୍ ଜିତିଲେ ତୁମେ ଅଧିକ ଖସି ହୋଇଯିବ। ସେମିତି ତୁମ ଟିମ୍ ଜିତିବାର ଆଶା ରଖିଥିଲେ ଯଦି ହାରିଗଲା ତାହା ତୁମକୁ ଅଧିକ ଦୁଃଖ ଦେବ। ତେବେ ବିଜୟକୁ ନେଇ ସ୍ୱତନ୍ତ୍ର ତଥା ବ୍ୟାପକ ଭାବେ ପାଳିତ ଉତ୍ସବଗୁଡ଼ିକୁ ଦେଖିଲେ ଜଣାପଡ଼େ ଯେ, ସାଉଦି ଟିମ୍ ଆର୍ଜେଣ୍ଟିନା ବିପକ୍ଷରେ ଆଶ୍ଚର୍ଯ୍ୟଜନକ ବିଜୟ ହାସଲ କରିବା ପରେ ସମ୍ପୂର୍ଣ୍ଣ ଆନନ୍ଦିତ ଥିଲେ।

ଫୁଟ୍‌ବଲ ଆର୍ଥିକ ଅବଧାରଣା ଉପରେ ବି ସକାରାତ୍ମକ ପ୍ରଭାବ ପକାଇପାରେ। ୨୦୦୬ ଫିଫା ବିଶ୍ୱକପରେ ଜର୍ମାନୀ ଜାତୀୟ ଟିମ୍ ଖେଳିଥିବା ପ୍ରତ୍ୟେକ ମ୍ୟାଚ ପରେ ଟେଲିଫୋନ ସର୍ଭେଗୁଡ଼ିକ ଆଧାରରେ କରାଯାଇଥିବା ଏକ ଅନୁଧ୍ୟାନରୁ ଜାଣିବାକୁ ମିଳିଥିଲା ଯେ, ଟିମ୍ ଯାହା ଆଶା କରିଥିଲା ତାହାଠରୁ ଅଧିକ ଭଲ ପ୍ରଦର୍ଶନ ଜର୍ମାନୀ ଲୋକମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି କରିଥିଲା। ଅନୁଧ୍ୟାନକାରୀମାନଙ୍କ ମତରେ, ଏହା ନିଶ୍ଚିତ ଯେ, ମନସ୍ତାତ୍ତ୍ୱିକ ସ୍ତରରେ ଆତ୍ମବିଶ୍ୱାସ ବୃଦ୍ଧି ଅଧିକ ଆର୍ଥିକ କାର୍ଯ୍ୟକଳାପ ଲାଗି ପ୍ରେରିତ କରେ। ଏଭଳି ମତକୁ ପ୍ରଥମେ ବ୍ରିଟେନ ଅର୍ଥନୀତିଜ୍ଞ ଜନ୍ ମେନାର୍ଡ କେନିସ୍ ସମର୍ଥନ କରିଥିଲେ। ସେ ଖେଳ ପ୍ରତି ଲୋକମାନଙ୍କ ଆଚରଣର ମାର୍କେଟ ପ୍ରଭାବକୁ ଆକଳନ କରିଥିଲେ। କେନିସ୍ ଦର୍ଶାଇଥିଲେ, ବହୁସମୟରେ ଖେଳଗୁଡ଼ିକର ବାସ୍ତବ ଟ୍ରେଣ୍ଡ ପରିବର୍ତ୍ତେ ଲୋକମାନଙ୍କ ମାନସିକତା ଆକଳନ କରିବା ବିଜ୍ଞତାର କାମ ଓ ଲାଭଦାୟକ। କେନିସ୍‌ଙ୍କ ଗବେଷଣା ଦର୍ଶାଏ ଯେ, ଲୋକମାନଙ୍କ ମାନସିକତାରୁ ସୃଷ୍ଟି ମାର୍କେଟ ଅନିୟମିତତାରୁ ପ୍ରଭାବଶାଳୀ ନିବେଶକ ବା ବ୍ୟବସାୟୀମାନେ ଲାଭ ଉଠାଇପାରନ୍ତି। ୨୦୧୦ରେ ଆମେରିକା (ୟୁଏସ୍)ଷ୍ଟକ୍ ମାର୍କେଟ ଉପରେ ବିଶ୍ୱକପ ପ୍ରଭାବକୁ ନେଇ କରାଯାଇଥିବା ଅନୁଧ୍ୟାନ କେନିସଙ୍କ ଏହି ଅନୁଧ୍ୟାନଭିତ୍ତିକ ତଥ୍ୟକୁ ସମର୍ଥନ କରିଥିଲା। ପ୍ରତ୍ୟେକଟି ଫୁଟ୍‌ବଲ ମ୍ୟାଚର ପରିଣାମ କ’ଣ ହେବ ତାହା କେହି ଆକଳନ କରିପାରୁ ନ ଥିବାବେଳେ ଖେଳ ଭିତରେ ପ୍ରଭାବଶାଳୀ ନିବେଶକମାନଙ୍କ ଶୋଷଣ ପ୍ରବୃତ୍ତିକୁ ଗବେଷକମାନେ ଚିହ୍ନଟ କରିଥିଲେ। ଯେ କୌଣସି ଦେଶର ନିବେଶକଙ୍କ ମଧ୍ୟରୁ ଏକ ସିଂହଭାଗ ଆମେରିକା ଷ୍ଟକ୍ ମାର୍କେଟରେ ନିବେଶ କରିଥିବାରୁ ଖେଳ ସମୟରେ ମାର୍କେଟ ଉପରେ ନକାରାତ୍ମକ ପ୍ରଭାବ ସୁସ୍ପଷ୍ଟ ହେବା ଯୋଗୁ ସେମାନେ ଏହା ଜାଣିବା ସମ୍ଭବ ହୋଇଥିଲା। ବିଶ୍ୱକପ୍ ସମୟରେ ଆମେରିକାର ହାରାହାରି ମାର୍କେଟ ରିଟର୍ନ ୨.୬% ହ୍ରାସ ଘଟିଥିବା ଜଣାପଡ଼ିଥିଲା। କିନ୍ତୁ ୪ଟି ତ୍ରୈମାସିକରେ ଏହା ହାରାହାରି ୧.୨% ବୃଦ୍ଧି ହୋଇଥାଏ। ବିଶ୍ୱକପ୍‌ରେ ହାରୁଥିବା ଦେଶଗୁଡ଼ିକର ସଂଖ୍ୟା ବଢ଼ିବା ଯୋଗୁ ଆମେରିକା ଷ୍ଟକ ମାର୍କେଟ ବା ଶେୟାର ବଜାର ଉପରେ ସାମଗ୍ରିକ ପ୍ରଭାବ ଅଧିକ ବଢୁଛି। ଫଳରେ ମାର୍କେଟ ମାନ୍ଦା ହେଉଛି। ଏହି ଧାରାକୁ ଦେଖିଲେ ଫିଫା ବିଶ୍ୱକପ ସମୟରେ ଧୂର୍ତ୍ତ ନିବେଶକମାନେ ସେମାନଙ୍କ ୟୁଏସ୍ ଶେୟାର ହ୍ରାସ କରିବାକୁ ଚାହିଁପାରନ୍ତି। ଯଦି ଅନେକ ନିବେଶକ ଏହି ରଣନୀତିକୁ ଆପଣାଇବେ ଏବଂ ଲଗାତର ଭାବେ ୟୁଏସ୍ ଶେୟାର ବଜାର ସହ କମ୍ ଜଡ଼ିତ ହେବେ , ତେବେ ଶେୟାର ବଜାରରେ ହ୍ରାସ ଯାହା ଅନୁମାନ କରାଯାଉଛି ତାହା ହିଁ ସତ ପ୍ରମାଣିତ ହେବ।





ମାର୍କେଟକୁ ନେଇ ବିଶ୍ୱକପ୍ ପ୍ରେରିତ ତର୍କହୀନ ବିଚାର ଶୀଘ୍ର ଶେଷ ହେବା ସମ୍ଭାବନା ନାହିଁ। କିନ୍ତୁ ଚଳିତ ବିଶ୍ୱକପ୍‌ରେ ଜର୍ମାନୀକୁ ହରାଇବା ଓ ସାଉଦି ଆରବ ଆର୍ଜେଣ୍ଟିନାକୁ ପରାସ୍ତ କରିବା ଭଳି ଯେତେବେଳେ ତୁମ ଟିମ୍ ଅସମ୍ଭବକୁ ସମ୍ଭବ କରିବ ସେତେବେଳେ ତୁମ ଉତ୍ସାହ ଦଶନ୍ଧିଗୁଡ଼ିକର ଅପମାନ ଦୂରହୋଇ ଅଧିକ ମନୋରଞ୍ଜନ ପ୍ରଦାୟକ ହୋଇଯିବ। ଦୀର୍ଘ ଦିନର ସମ୍ଭାବନା ଦୃଷ୍ଟିରୁ ଏକ ଅଲୌକିକ ପାଇଁ ଏହା ହିଁ ହେଉଛି ସେହି ଆଶା ଯାହା ଖେଳପ୍ରେମୀ, ନିବେଶକ, ଭୋଟର ଏବଂ ସନ୍ତାନପ୍ରାପ୍ତି କିମ୍ବା ବିବାହ କରିବାକୁ ଯୋଜନା କରିଥିବା ବ୍ୟକ୍ତିମାନଙ୍କୁ ପ୍ରେରିତ କରିବ। ଏଗୁଡ଼ିକ ମଧ୍ୟରୁ କୌଣସିଟି ତର୍କସଙ୍ଗତ ନୁହେଁ। କିନ୍ତୁ ଏହା ଏକ ସୁନ୍ଦର ଖେଳ ଭଳି ଜୀବନକୁ ସୁନ୍ଦର କରୁଥିବା ଗୋଟିଏ ଗୋଟିଏ ଅଂଶ ମାତ୍ର।

**ସାଇକିଆଟ୍ରିଷ୍ଟ ଏବଂ ‘ମେଣ୍ଟାଲ ଭାକ୍ସିନ ଫର୍ କୋଭିଡ୍-୧୯’ର ଲେଖକ**

# ଆଇନ ଯାଉଛି ତା’ ବାଟରେ



ଘାସିରାମ ପଣ୍ଡା

ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ଦ୍ୱାରା ପ୍ରସ୍ତୁତ ଭାରତରେ ଅପରାଧ ରିପୋର୍ଟରେ ବାଲ୍ୟବିବାହ ନିଷେଧ ଆଇନ, ୨୦୦୬ ଅଧୀନରେ ୨୦୨୧ମସିହାରେ ଦେଶରେ ମୋଟ ୧୦୫୦ ମାମଲା ରୁଜୁ ହୋଇଥିବା ଜଣାପଡିଛି। ୨୦୨୦ରେ ମୋଟ ୭୮୨ଟି ମାମଲା ରୁଜୁ ହୋଇଥିଲା। ୨୦୨୧ରେ ୨୦୨୦ତୁଳନାରେ ୩୪ ଶତକଡ଼ା ଅଧିକ ମାମଲା ଦାଖଲ ହୋଇଛି। ୨୦୧୧ରେ ମାତ୍ର ୧୧୩ଟି ମାମଲା ରୁଜୁ ହୋଇଥିବା ବେଳେ କ୍ରମାଗତ ଭାବରେ ପରବର୍ଷଗୁଡ଼ିକରେ ଏହା ବଢିଛି। ଓଡ଼ିଶାର ତଥ୍ୟ ଅନୁଧ୍ୟାନ କଲେ ୨୦୧୬ରେ ମାତ୍ର ୧୫ଟି ମାମଲା ଏହି ଆଇନ ଅନୁସାରେ ଦରଜ ହୋଇଥିବା ବେଳେ ୨୦୧୭ରେ ୧୭, ୨୦୧୮ରେ ୨୨, ୨୦୧୯ରେ ୨୨, ୨୦୨୦ରେ ୨୪ ଓ ୨୦୨୧ରେ ୬୪ଟି ମାମଲା ଦରଜ ହୋଇଛି। ଓଡ଼ିଶାରେ ବି ୨୦୨୦ତୁଳନାରେ ୨୦୨୧ରେ ମାମଲା ଦାଖଲ ଯଥେଷ୍ଟ ବଢିଛି। ଏହି ତଥ୍ୟ ଆସିଲା ପରେ ଅନେକେ ଏହାକୁ ବାଲ୍ୟବିବାହ ହାରରେ ବୃଦ୍ଧି ବୋଲି ଆକଳନ କରିଛନ୍ତି। କିନ୍ତୁ ପ୍ରକୃତରେ ମାମଲା ବୃଦ୍ଧିର ଏହି ହାର ଯଥେଷ୍ଟ ନୁହେଁ କି ଏହା ବାଲ୍ୟବିବାହ ବୃଦ୍ଧିର ହାରକୁ ବି ସୂଚାଉ ନାହିଁ।

ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ପ୍ରସ୍ତୁତ ବାର୍ଷିକ ବିବରଣୀ ଅନୁଯାୟୀ ୨୦୧୭ରେ ମାତ୍ର ୩୧୪ଟି ବାଲ୍ୟବିବାହକୁ ରୋକାଯାଇ ପାରିଥିଲା। ପରବର୍ତ୍ତୀ ବର୍ଷଗୁଡ଼ିକରେ ଏହା ବୃଦ୍ଧି ପାଇଛି। ୨୦୧୮ରେ ୪୧୧, ୨୦୧୯ରେ ୬୫୭, ୨୦୨୦ରେ ୧୧୭୯ ଓ ୨୦୨୧ରେ ୧୭୩୪ଟି ବାଲ୍ୟବିବାହର ସୂଚନା ବିଭାଗକୁ ମିଳିଛି ଓ ବନ୍ଦ କରାଯାଇ ପାରିଛି। କିନ୍ତୁ ଆଇନ ଅଧୀନରେ ଏହି ମାତ୍ରାରେ ମାମଲା ଦରଜ ହୋଇ ନାହିଁ। ୨୦୨୧-୨୨ଆର୍ଥିକ ବର୍ଷରେ କେବଳ ୧୯ ବର୍ଷରୁ କମ୍ ବୟସର୨୪୩୫୫ ଜଣ କିଶୋରୀ ଗର୍ଭବତୀ ମାତୃତ୍ୱ ଲାଭ କରିଛନ୍ତି। ଏମାନଙ୍କ ଭିତରୁ ଅଧିକାଂଶ ୧୮ରୁ କମ୍ ବୟସରେ ବିବାହ ବା ଉଦୁଲିଆ ଯାଇଥିବାର ସମ୍ଭାବନା ରହିଛି। ରୁଜୁ ହୋଇଥିବା ମାମଲାର ସଂଖ୍ୟା ଏହି ସବୁ ସଂଖ୍ୟାଠାରୁ ଯଥେଷ୍ଟ କମ୍ ନୁହେଁ କି?

ବାଲ୍ୟବିବାହ କ୍ଷେତ୍ରରେ ବାଲ୍ୟବିବାହ ନିଷେଧ ଆଇନ, ୨୦୦୬, ଶିଶୁମାନଙ୍କୁ ଯୌନନିର୍ଯାତନା ନିଷେଧ (ପୋକ୍ସୋ) ଆଇନ, ୨୦୧୨, ଭାରତୀୟ ପେନାଲ କୋଡ୍ ଅନୁଯାୟୀ ମାମଲା ରୁଜୁ ହୋଇପାରିବ। ଆବଶ୍ୟକ ସ୍ଥଳେ ତଫସିଲଭୁକ୍ତ ଜାତି ଓ ଜନଜାତି ଅତ୍ୟାଚାର ନିବାରଣ ଆଇନ ଓ ଘରୋଇ ହିଂସା ନିବାରଣ ଆଇନକୁ ମଧ୍ୟ ବ୍ୟବହାର କରାଯାଇ ପାରିବ। ପ୍ରତ୍ୟେକ ବାଲ୍ୟବିବାହ ଘଟଣାକୁ ଏଫ୍‌ଆଇଆର୍ କରିବା ପାଇଁ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଦିଶା ନିର୍ଦ୍ଦେଶ ଜାରି କରାଯାଇଛି। ଏହାକୁ ସୁନିଶ୍ଚିତ କରିବା ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗ ମଧ୍ୟ ବିଭିନ୍ନ ସମୟରେ ନିର୍ଦ୍ଦେଶ ଜାରି କରିଛନ୍ତି। ଗତ ଅକ୍ଟୋବର ୧୮ରେ ଏନେଇ ସମସ୍ତ ଜିଲା ଶିଶୁ ଅଧିକାର ସୁରକ୍ଷା ଅଧିକାରୀ, ଜିଲା ସମାଜ କଲ୍ୟାଣ ଅଧିକାରୀ ଓ ବାଲ୍ୟବିବାହ ନିଷେଧ ଅଧିକାରୀଙ୍କୁ ସ୍ୱତନ୍ତ୍ର ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି। ଏହା ସତ୍ତ୍ୱେ ଥାନାରେ ମାମଲା ଦରଜ ହେବା ସହଜ ହେଉ ନାହିଁ।

ବାଲ୍ୟବିବାହ ସମ୍ପର୍କିତ ସୂଚନା ଯଥେଷ୍ଟ ଆଗରୁ ଜଣା ପଡିଗଲେ ପ୍ରାୟତଃ ଆପୋସ ବୁଝାମଣା ଭିତରେ ବାହାଘରକୁ ଅଟକେଇ ଦିଆଯାଏ। ଏଭଳି କ୍ଷେତ୍ରରେ ବୁଝାମଣା ଭଙ୍ଗ ହେବାର ଆଶଙ୍କା ନ ଥିଲେ ମାମଲା ଦରଜ ହେବାର ଆବଶ୍ୟକତା ନାହିଁ। ବରଂ ବୁଝାମଣା ବେଳେ ଗ୍ରାମ୍ୟସ୍ତରୀୟ ଶିଶୁ ସୁରକ୍ଷା କମିଟିକୁ ସାମିଲ କରାଯିବା ସହିତ ଶିଶୁଟି ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବାର ଅନୁଭବ ହେଲେ ଶିଶୁ ମଙ୍ଗଳ କମିଟିରେ ହାଜର କରିବାକୁ ସୁନିଶ୍ଚିତ କରିବା କଥା। ଅପର ପକ୍ଷରେ ବାରମ୍ବାର ବୁଝାମଣା ଓ ତାଗିଦ ସତ୍ତ୍ୱେ ବାହାଘରରେ ସାମିଲ ପକ୍ଷ ଅମାନିଆ ହେଲେ, ନାବାଳକ ବା ନାବାଳିକାଙ୍କ ଅସହମତିରେ ଜୋରଜବରଦସ୍ତି ବାହାଘର ହେଉଥିଲେ, ବାହାଘର ବାହାନାରେ ଚାଲାଣ ହେବାର ସମ୍ଭାବନା ଥିଲେ, ଉଦ୍ଦେଶ୍ୟମୂଳକ ଭାବେ ଲୁଚେଇ ବାହାଘର କରିଦେଉଥିଲେ ବା ହୋଇସାରିଥିଲେ ଥାନାରେ ମମଲା ଦରଜକୁ ସୁନିଶ୍ଚିତ କରିବା ଆବଶ୍ୟକ। କିନ୍ତୁ ଅନେକ ଘଟଣାରେ ସାମାଜିକ ଓ ରାଜନୈତିକ ଚାପ, ପୋଲିସର ବୁଝାମଣାର ଅଭାବ ଓ ବାଲ୍ୟବିବାହ ନିଷେଧ ଅଧିକାରୀ ଦାୟିତ୍ୱରୁ ଓହରିଯିବା ହେତୁ ମାମଲା ଦରଜ ହୋଇପାରୁ ନାହିଁ। ବାଲ୍ୟବିବାହ ପାଇଁ ଦଣ୍ଡ ବିଧାନର ପ୍ରାବଧାନ ବ୍ୟତୀତ ବାଲ୍ୟବିବାହ ପ୍ରଭାବିତଙ୍କ ଆର୍ଥିକ, ସାମାଜିକ ଓ ଆଇନଗତ ସୁରକ୍ଷା ପାଇଁ ମଧ୍ୟ ଅନେକ ପ୍ରାବଧାନ ରହିଛି। ଆମ ରାଜ୍ୟରେ ଏପର୍ଯ୍ୟନ୍ତ ଗୋଟିଏ ବି ବିବାହ ନିଷିଦ୍ଧ କରିବା ବା ଭରଣପୋଷଣ ପାଇଁ ନ୍ୟାୟିକ ପ୍ରକ୍ରିୟାର ଉଦାହରଣ ନାହିଁ। **ସୁବର୍ଣ୍ଣପୁର**

**ମୋ-୯୪୩୮୩୪୧୭୯୪**

## ଏଇ ଭାରତରେ

ପ୍ରଦୂଷିତ ପରିବେଶ ସୁରକ୍ଷା ଲାଗି ଯେଉଁ କେତେଜଣ ମହତ୍ତ୍ୱାକାଂକ୍ଷୀ ପଦକ୍ଷେପ ନେଉଛନ୍ତି, ସେମାନଙ୍କ ମଧ୍ୟରେ ମହାରାଷ୍ଟ୍ରର ସାରା ଲକ୍ଷାନି ଅନ୍ୟତମ। ଗଡ଼ଚିରୋଲିରେ ଜନ୍ମିତ ସାରା ବର୍ଜ୍ୟ ପ୍ଲାଷ୍ଟିକ ବ୍ୟାଗ୍ କିମ୍ବା ପଲିଥିନ୍‌ରୁ ସୂକ୍ଷ୍ମ ସୂତା ପ୍ରସ୍ତୁତ କରିବା ସହ ସେଥିରେ ସବୁଠୁ ପୁରୁଣା କନ୍ଥା ଏମ୍ବ୍ରୋଡୋରି ବ୍ୟବହାର କରି ଆକର୍ଷଣୀୟ ପୋଷାକ ତିଆରି କରୁଛନ୍ତି। ଉକ୍ତ ଏମ୍ବ୍ରୋଡୋରିରେ ପତ୍ର, ପକ୍ଷୀ, ଲୋଟସ୍ ଆଦିର ଛବି ରହୁଛି। ସାରାଙ୍କ ଏହି ଡିଜାଇନ ପୋଷାକ ଏବେ ଲାକ୍‌ମି ଫ୍ୟାଶନ ୱିକ୍‌ରେ ପ୍ରଦର୍ଶିତ ହୋଇଛି। ସେ ଟପ୍, ଶାର୍ଟ, ଆଉଟର ଜ୍ୟାକେଟ ଓ ଅନ୍ୟ ପୋଷାକ ଆଦି ତିଆରି କରୁଛନ୍ତି। ସେ ଏନ୍‌ଜିଓ ମାଧ୍ୟମରେ ପ୍ଲାଷ୍ଟିକ ସଂଗ୍ରହ କରୁଛନ୍ତି ଓ ରିସାଇକ୍ଲିଂ କରି ସେଥିରୁ ସୂତା ବାହାର କରୁଛନ୍ତି। ଏହା ବ୍ୟତୀତ ମୁମ୍ବାଇର ଖାଲୁମ ଏନ୍‌ଜିଓ ଦ୍ୱାରା ବର୍ଜ୍ୟ କନା ସଂଗ୍ରହ କରି ସେଥିରୁ ପ୍ରସ୍ତୁତ ସୂତାକୁ ପୋଷାକରେ ବ୍ୟବହାର କରୁଛନ୍ତି। ଏହି ପୋଷାକ ବି ଅପସାଇକେଲ୍ କରାଯାଇପାରିବ ବୋଲି କହିଛନ୍ତି ସାରା। ସୂଦ୍ଧା ଦେଶରେ ପାଖାପାଖି ୩୫ ଲକ୍ଷ ଟନ୍ ପ୍ଲାଷ୍ଟିକ ଉତ୍ପାଦନ ହେଉଛି। ବାହାରେ ଠୁଳ ହେଉଥିବା ବଳକା ପ୍ଲାଷ୍ଟିକ ବର୍ଜ୍ୟ ଯୋଗୁ ପରିବେଶ ପ୍ରଦୂଷଣ ବଢୁଛି। ଏଭଳି ସ୍ଥିତିକୁ ଲକ୍ଷ୍ୟ କରି ସାରା ତାହାକୁ ରିସାଇକ୍ଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

୨ ଡିସେମ୍ବର ୧୯୯୭

- ଆଲଜେରିଆରେ ସରକାରୀ ସୈନ୍ୟ ଓ ଇସଲାମୀୟ ଉଗ୍ରପନ୍ଥୀଙ୍କ ମଧ୍ୟରେ ସଂଘର୍ଷ ଘଟି ଉଭୟ ପକ୍ଷରୁ ୮୧ ମୃତ।
- ଉତ୍ତରପ୍ରଦେଶର ପୂର୍ବାଞ୍ଚଳ ଅନ୍ତର୍ଗତ ଚାରୋଟି ଜିଲାରେ ପ୍ରବଳ କୁଆପଥର ବୃଷ୍ଟି ହେବା ଫଳରେ ୨୫ ଜଣଙ୍କ ମୃତ୍ୟୁ।
- କଂଗ୍ରେସ ସମର୍ଥିତ ୟୁନାଇଟେଡ୍ ଡେମୋକ୍ରାଟିକ୍ ଫ୍ରଣ୍ଟ ମନ୍ତ୍ରିମଣ୍ଡଳରୁ ମେଘାଳୟର ସମବାୟ ବିଭାଗ ମନ୍ତ୍ରୀ ଏସ୍.ଏସ୍. ଲିଙ୍ଗଡୋହଙ୍କ ଇସ୍ତଫା ପ୍ରଦାନ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | | 4 | | | | | |
| 7 | | 1 | 6 | | | | | 3 |
| | 6 | | | | | 4 | 7 | |
| | | 3 | | | | | 9 | |
| 2 | | | | 3 | | | | |
| | | 6 | | 5 | | | | |
| | | | 7 | | | 3 | | |
| | 5 | 8 | | 2 | | 1 | 6 | |
| 9 | | | | 6 | | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 6 | 8 | 2 | 4 | 9 | 5 | 3 |
| 9 | 3 | 8 | 5 | 7 | 6 | 1 | 2 | 4 |
| 4 | 5 | 2 | 1 | 9 | 3 | 7 | 6 | 8 |
| 7 | 2 | 5 | 4 | 3 | 8 | 6 | 9 | 1 |
| 3 | 1 | 4 | 7 | 6 | 9 | 2 | 8 | 5 |
| 6 | 8 | 9 | 2 | 5 | 1 | 3 | 4 | 7 |
| 8 | 9 | 7 | 3 | 4 | 2 | 5 | 1 | 6 |
| 5 | 6 | 1 | 9 | 8 | 7 | 4 | 3 | 2 |
| 2 | 4 | 3 | 6 | 1 | 5 | 8 | 7 | 9 |

ଗତକାଲିର ଉତ୍ତର

# ଜଳ ପ୍ରଦୂଷଣ: ଏକ ସାମୂହିକ ଚିନ୍ତନ



ଡା. ଜୀବନ କୃଷ୍ଣ ମିଶ୍ର

ଭୂପୃଷ୍ଠର ସମୁଦାୟ ଜନବସତି ଓ ଉନ୍ନତ ସଭ୍ୟତାକୁ ସୁବିସ୍ତୃତ ଜଳରାଶି ସଦାସର୍ବଦା ଜାଗ୍ରତ ପ୍ରହରୀ ସଦୃଶ ଚାରିପଟୁ ଘେରି ରହିଛି। ସମ୍ପ୍ରତି ସ୍ଥଳଭାଗ ଓ ଆକାଶମାର୍ଗ ପରି ଅମାପ ଜଳରାଶି ମଧ୍ୟ ଅଧୁନା ପ୍ରଦୂଷିତ ହେବାରେ ଲାଗିଛି। ଜଳକୁ ପ୍ରଦୂଷିତ କରିବା ପ୍ରକ୍ରିୟା ହେଉଛି ଜଳ ପ୍ରଦୂଷଣ; ଜନସଂଖ୍ୟାର ବିସ୍ଫୋରଣ ସହିତ ଜଳ ପ୍ରଦୂଷଣର ମାତ୍ରା ଏତେ ବଢ଼ିଯାଇଛି ଯେ, ଜନସମାଜ ପାଇଁ ଜୀବନ ଧାରଣ କରିବା କାଠିକର ପାଠ ହୋଇ ଯାଇଛି। ପରିବେଶରୁ ବାହାରୁଥିବା ଆବର୍ଜନା ଓ ଅପରିଚ୍ଛନ୍ନ ବସ୍ତୁ ବିଶେଷଗୁଡ଼ିକୁ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ପରିଚ୍ଛନ୍ନ ନ କରି ସିଧାସଳଖ ଜଳାଶୟଗୁଡ଼ିକୁ ନିଷ୍କାସନ କରିବା ଦ୍ୱାରା ଜଳ ପ୍ରଦୂଷିତ ହୋଇଥାଏ। ଜଳ ପ୍ରଦୂଷଣ ହେତୁ ପ୍ରାଣୀ ଓ ଉଦ୍ଭିଦଜଗତ ଉଭୟ ପ୍ରଭାବିତ ହୁଅନ୍ତି। ଜନବହୁଳ ଚାଇନା ଦେଶରେ ପ୍ରାୟ ୭୦%-୮୦% ପାଣି ପ୍ରଦୂଷିତ ହୋଇ ରହିଛି। ଆମେରିକାରେ ୩୨% ନଦୀ ଓ ସମୁଦ୍ର ଜଳ ପ୍ରଦୂଷିତ। ଜଳ ବାସ୍ତବରେ ଜୀବନ ଧାରଣ କରିବା ପାଇଁ ଏକ ବହୁମୂଲ୍ୟ ସମ୍ପଦ। ପାନୀୟ ଜଳ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ମଧ୍ୟ ଏହା ଆମକୁ ସହଜରେ ଉପଲବ୍ଧ ହେଉନାହିଁ; ବିଶ୍ୱ ଜନସଂଖ୍ୟା ଆଜିକା ତାରିଖରେ ୮୦୦ କୋଟିରୁ ଅଧିକ ହେବ ବୋଲି ଅନୁମାନ କରାଯାଉଛି। ଜାତିସଂଘ ସୂଚନା ଅନୁଯାୟୀ ଲୋକସଂଖ୍ୟା ସହିତ ଜଳ ପ୍ରଦୂଷଣ ମଧ୍ୟ ବହୁମାତ୍ରାରେ ବଢ଼ିଯିବ ବୋଲି ଆଶଙ୍କା କରାଯାଉଛି। ବିଭିନ୍ନ ପ୍ରକାରର ଜୈବିକ ଓ ଅଜୈବିକ ପଦାର୍ଥର ଅପମିଶ୍ରଣ ହେତୁ ଜଳର ଭୌତିକ ଓ ରାସାୟନିକ ଧର୍ମ ନଷ୍ଟ ହୋଇଥାଏ; ବ୍ୟବହାର ଅନୁପଯୋଗୀ ମଧ୍ୟ ହୋଇଥାଏ।

ମନୁଷ୍ୟ ତା’ର ଦୈନନ୍ଦିନ ଜୀବନଯାତ୍ରାରେ ଜଳପାନ କରିବା ପାଇଁ, ବସ୍ତ୍ର ସଫା କରିବା ପାଇଁ ଓ ପାକଶାଳାରେ ଖାଦ୍ୟ ପ୍ରସ୍ତୁତି ପାଇଁ ଜଳ ବ୍ୟବହାର କରିଥାଏ। ପୋଖରୀ, ଜଳାଶୟ ଓ ନଦୀ ପାଣିରେ କପଡ଼ା ପରିଷ୍କାର କରିବା, ନଳିତା ଶଢ଼ାଇବା, ଗୋଜାତିଙ୍କୁ ଅବିଚାରିତ ଭାବେ ଅବଗାହନ କରାଇବା ହେତୁ ଜଳ ପ୍ରଦୂଷଣର ମାତ୍ରା ବେଶ୍ କିଛି ବଢ଼ି ଯାଇଥାଏ। ତୀର୍ଥକ୍ଷେତ୍ରଗୁଡ଼ିକରେ ଥିବା ମାତ୍ରାଧିକ ଜଳାଶୟମାନଙ୍କରେ ଆମ୍ବପତ୍ର, ବିଭିନ୍ନ କିସମର ପୁଷ୍ପ, ନାରିକେଳ, ଅସଂଖ୍ୟ ଦୀପ, ଅମାପ ଚାଉଳ ଓ ରନ୍ଧାଅନ୍ନ ମଧ୍ୟ ଭସା ଯାଇଥାଏ। ଏଗୁଡ଼ିକ ନଷ୍ଟ ହୋଇଗଲେ, ଜଳରେ ପଚିଗଲେ ଜଳ ଦୁର୍ଗନ୍ଧ ହେବା ସହିତ ଭୀଷଣ ଆକାରରେ ଦୂଷିତ ହୋଇଥାଏ। ଆମ ଦେଶରେ ଅଦ୍ୟାବଧି ପୋଖରୀ ଘାଟରେ, ବ୍ୟକ୍ତି ବିଶେଷ ନିଷ୍କାସନ ପ୍ରକ୍ରିୟା ଜାରି ରଖିଥାଆନ୍ତି; ପରିଣାମ ସ୍ୱରୂପ ଜଳ ସମ୍ପୂର୍ଣ୍ଣ ଦୂଷିତ ହୋଇଥାଏ। ବିପଣିରେ ବିକ୍ରି ହେଉଥିବା ପଲିଥିନ୍, ସୋଲୋ ଓ ଥର୍ମୋକୁଲ ଆଦି ଆଣି ପବନରେ ଉଡ଼ି ପାଣି ସଂସ୍ପର୍ଶରେ ଆସି ଅତି ଜଘନ୍ୟ ଭାବେ ଜଳକୁ ପ୍ରଦୂଷିତ କରିଥାଏ, ବିଷାକ୍ତ କୀଟନାଶକ ଔଷଧ ଓ କଳକାରଖାନାରୁ ନିର୍ଗତ ତରଳ ପଦାର୍ଥ ନିକଟସ୍ଥ ନଦୀରେ ନିର୍ଗତ ହୋଇ ଜଳ ପ୍ରଦୂଷିତ କରିଥାଏ; ଏତଦ୍‌ବ୍ୟତୀତ ମହୋଦଧି ନିକଟସ୍ଥ ପଞ୍ଚତାରକା ଭୋଜନାଳୟ ଓ ଯାତ୍ରୀ ନିବାସର ପୂତି ଗନ୍ଧମୟ ଜଳ ସିଧାସଳଖ ମହୋଦଧିର ରମଣୀୟ ନୀଳ ଜଳରାଶିକୁ ନଷ୍ଟ କରି ଦେଇଥାଏ। କାଗଜକଳ, ଲୁଗାକଳ, ଚମଡ଼ା କାରଖାନା ଓ ତୈଳ କାରଖାନାର ବର୍ଜ୍ୟ ପଦାର୍ଥ ଦ୍ୱାରା ମଧ୍ୟ ଜଳ ବିଶଦ ଭାବରେ ପ୍ରଦୂଷିତ ହୋଇଥାଏ। ପ୍ରଦୂଷିତ ଜଳରେ ଜୀବାଣୁ ଓ ଭୂତାଣୁଙ୍କ ସଂଖ୍ୟା ଯଥେଷ୍ଟ ଅଧିକ ହୋଇଥାଏ। ‘ସାଲମୋନେଲା ଟାଇଫି’, ‘ନୋରା’ ଭାଇରସ୍, ‘ପାରାସାଇଟିକ’ ଜୀବାଣୁ, ‘ଜିଆଡିଆ’ ଲାମ୍ବଲିଆ ଇତ୍ୟାଦି ଜୀବାଣୁମାନଙ୍କର ସଂଖ୍ୟା ହୁ ହୁ ପରିମାଣରେ ପ୍ରଦୂଷିତ ଜଳରେ ବଢ଼ି ଯାଇଥାଏ। ନଦୀ ବା ସମୁଦ୍ରରେ ତୈଳକୂପ ଖନନ ଦ୍ୱାରା ମଧ୍ୟ ଜଳ ପ୍ରଦୂଷିତ ହୋଇଥାଏ। ପ୍ରଦୂଷିତ ପାଣି ହେତୁ ମତ୍ସ୍ୟ ସମୁଦାୟର ଉତ୍ପାଦକ ହାର ଯଥେଷ୍ଟ ପରିମାଣରେ ସଙ୍କୁଚିତ ହୋଇଥାଏ। ପରିଣାମ ସ୍ୱରୂପ ଉତ୍ତମ ମାଛ, ଜିଅନ୍ତା କଙ୍କଡ଼ା ଓ ମନଲୋଭା ଚିଙ୍ଗୁଡ଼ିର ମୂଲ୍ୟ ଅତ୍ୟଧିକ ହୁଏ। ଗ୍ରାହକମାନେ ଯଥେଷ୍ଟ ଅସୁବିଧାର ସମ୍ମୁଖୀନ ହୁଅନ୍ତି। କିଣାବିକା ମଧ୍ୟ କମ୍ ହୋଇଥାଏ। ସୁତରାଂ ମତ୍ସ୍ୟଜୀବୀମାନଙ୍କର ପେଟପାଟଣା ଦୁଃଖଦାୟକ ହୋଇଥାଏ। ଅନିର୍ମଳ ପାଣି ହେତୁ ମନୁଷ୍ୟସମାଜ, ‘ଟାଇଫଏଡ୍’, ‘ଡିସେଣ୍ଟ୍ରି’, ଫୁଡ୍ ପଏଜନିଂ ଓ ଜଆଡିଆସିସ ରୋଗ ଇତ୍ୟାଦିର ଶିକାର ହୋଇଥାନ୍ତି।



ଜଳ ପ୍ରଦୂଷଣ ଏକ ଜାଗତିକ ଓ ଚିନ୍ତନୀୟ ସମସ୍ୟା ହେତୁ ଏହାର ନିରାକରଣ ଯୁଦ୍ଧକାଳୀନ ଭିତ୍ତିରେ ସମାଧାନ କରିବା ନିହାତି ଯୁକ୍ତିଯୁକ୍ତ ବୋଲି ମନେହୁଏ। କଡ଼ାକଡ଼ି ଆଇନ ପ୍ରଣୟନ ଦ୍ୱାରା ଜଳ ପ୍ରଦୂଷଣକୁ ରୋକାଯାଇପାରେ; ପ୍ରଦୂଷଣ ଆଇନକୁ ବିରୋଧାଚରଣ କରୁଥିବା କଳକାରଖାନା ଓ ବ୍ୟକ୍ତି ସମୁଦାୟଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଏକ ଯଥାର୍ଥ ପଦକ୍ଷେପ ହେବ। କୃଷି କ୍ଷେତ୍ରରେ ରାସାୟନିକ ସାରର ନିୟନ୍ତ୍ରଣ ଆବଶ୍ୟକ। ଦୂଷିତ ଜଳକୁ ପୁନଃ ବ୍ୟବହାର ଉପଯୋଗୀ କରାଗଲେ ପ୍ରଦୂଷଣର ମାତ୍ରା ଅନେକ ପରିମାଣରେ ହ୍ରାସ ପାଇଯିବ। ତୈଳ ବିଶୋଧନ, ତୈଳକୂପ ଖନନ ଏବଂ ସର୍ବୋପରି ଜାହାଜ ଦ୍ୱାରା ପେଟ୍ରୋଲିୟମ ତୈଳର ପ୍ରେରଣ ସମୟରେ ଯଥେଷ୍ଟ ସତର୍କତା ଅବଲମ୍ବନ କରିବା ନିହାତି ଜରୁରୀ। ଜଳାଶୟରେ ବୃଦ୍ଧି ପାଉଥିବା ଜଳଜ ଉଦ୍ଭିଦ, ଶୈବାଳ ଓ ଦଳ ପ୍ରଭୃତିକୁ ବାହାର କରି ନଷ୍ଟ କରିଦେଲେ ଜଳାଶୟର ପ୍ରଦୂଷଣ ନିୟନ୍ତ୍ରିତ ହୋଇଥାଏ। ବିଶୁଦ୍ଧ ଜଳର ଉପାଦେୟତା ଓ ଜଳପ୍ରଦୂଷଣର ନିୟନ୍ତ୍ରଣ ଉପରେ ଜନସଚେତନା ସୃଷ୍ଟି କଲେ ଜଳ ପ୍ରଦୂଷଣକୁ ପ୍ରତିରୋଧ କରିବା ଅସମ୍ଭବ ହେବ ନାହିଁ। ପୃଥିବୀରେ କ୍ରମଶଃ ବିଶୁଦ୍ଧ ଜଳର ପରିମାଣ କମିକମି ଯାଉଛି; ଏହା ମାନବ ସଭ୍ୟତା ପାଇଁ ଏକ ସଙ୍କଟଜନକ ସ୍ଥିତି। ତେଣୁ ଜଳ ପ୍ରଦୂଷଣର ଭୟାବହତାକୁ ସର୍ବସାଧାରଣ ଉପଲବ୍ଧି କରିବା ଉଚିତ; ସୁତରାଂ ଜଳ ସଂରକ୍ଷଣ ଓ ପ୍ରଦୂଷଣ ନିରାକରଣ କ୍ଷେତ୍ରରେ ସାମୂହିକ ପଦକ୍ଷେପ ସର୍ବାନ୍ତକରଣରେ ଏକ ସ୍ୱାଗତଯୋଗ୍ୟ ପନ୍ଥା। ତେଣୁ ସମସ୍ତଙ୍କର ମନେରଖିବା ଉଚିତ ଯେ, ‘ଜଳ ପ୍ରଦୂଷଣେ ଜୀବନ ନିରସ : ଜଳ ବିଶୋଧନେ ଜୀବନ ସରସ’।

**ମନ୍ଦିର ମାର୍ଗ, ଭୁବନେଶ୍ୱର,**
**ମୋ:୯୯୩୮୬୫୮୭୫୬**

## ପାଠକ ଶ୍ରେଷ୍ଠ ବିଚାରକ

### ବିଡିଏ କର୍ତ୍ତୃପକ୍ଷଙ୍କ ଦୃଷ୍ଟିପଥରୁ

ମହାଶୟ,

ବିଏମ୍‌ସି ଅଧୀନ ପୋଖରୀପୁଟରେ ମଧୁସୂଦନ ପାର୍କ ଅବସ୍ଥିତ। ଉକ୍ତ ୩୦ ଏକର ପରିବେଷ୍ଟିତ ପାର୍କ ପରିସରରେ ୧୦ ବର୍ଷ ତଳେ ଏକ ଯୋଗମଣ୍ଡପ ନିର୍ମାଣ କରାଯାଇଥିଲା। ପ୍ରତି ସକାଳେ ଓ ସନ୍ଧ୍ୟାରେ ବହୁ ବରିଷ୍ଠ ନାଗରିକ ଏଠାରେ ଯୋଗ ପାରାୟଣ କରି ଆସୁଛନ୍ତି। କିନ୍ତୁ ମଣ୍ଡପ ଉପରେ ଛାତ ନ ଥିବାରୁ ଖରା ଓ ବର୍ଷା ସମୟରେ ଯୋଗ କରାଯାଇପାରୁନାହିଁ। ବର୍ଷା ହେଲେ ପ୍ରାତଃ ଓ ସାନ୍ଧ୍ୟ ଭ୍ରମଣକାରୀ ଆଶ୍ରୟ ନେବା ସମ୍ଭବ ହେଉନାହିଁ। ଯୋଗମଣ୍ଡପରେ ଛାତ ନିର୍ମାଣ କରାଗଲେ ଶତାଧିକ ଭ୍ରମଣକାରୀ ଓ ଯୋଗକରୁଥିବା ବରିଷ୍ଠ ନାଗରିକ ବିଶେଷ ଉପକୃତ ହେବେ। ଏ ସମ୍ପର୍କରେ ବିଏମ୍‌ସିର ମେୟର ଓ ବିଡିଏ ଉପାଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ପରିମଳ ବ୍ୟବସ୍ଥାର ଉନ୍ନତୀକରଣ ନିମିତ୍ତ ଦାବି କରାଯାଇଛି। ଏହା ବ୍ୟତୀତ ପାର୍କ ଉତ୍ତର ପାର୍ଶ୍ୱରେ ଥିବା ଚଲାପଥରେ ମାଟି ପକାଇବା ଓ ଏକ ପରିସ୍ରାଗାର ନିର୍ମାଣର ଆବଶ୍ୟକତା ରହିଛି। ପାର୍କର ସୌନ୍ଦର୍ଯ୍ୟକରଣ ପାଇଁ ପୂର୍ବଭାଗରେ ଥିବା ଖାଲଖମାକୁ ପୋତି ବୃକ୍ଷରୋପଣ କରିବା ପାଇଁ ପ୍ରାତଃ ଭ୍ରମଣକାରୀ ସଂଘ ପକ୍ଷରୁ ଦାବି କରାଯାଉଛି।

**ନିର୍ମଳ ଚନ୍ଦ୍ର ସାମଲ, ମଧୁସୂଦନ ପାର୍କ, ପୋଖରୀପୁଟ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଆସିବ ସେ ଦିନ କେବେ
ହୋଇବ ମିଳନ
ମିଶି ଯିବୁଁ ଦୁଇ ପାରୁଁ
ପୁଣି ଦୁଇ ମନ।
-(ବ୍ୟବଧାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ସାକ୍ଷୀଙ୍କୁ ଧମକ ଘଟଣାରେ କଲେଜ ଅଧ୍ୟକ୍ଷ, ଶିକ୍ଷକ ଗିରଫ

**ମମିତା ମେହେର ହତ୍ୟା ମାମଲା**

ବଲାଙ୍ଗୀର ଅଫିସ, ୧।୧୨: କଣ୍ଟାବାଞ୍ଜି ଏଡିଜେ କୋର୍ଟରେ ମମିତା ମେହେର ହତ୍ୟା ମାମଲାର ଶୁଣାଣି ଚାଲିଥିବାବେଳେ ବୁଧବାର ଜଣେ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ତେବେ ସାକ୍ଷ୍ୟ ଦେବାକୁ ଆସିଥିବା ମହାଲିଙ୍ଗ ଗ୍ରାମର ଜଣେ ବ୍ୟକ୍ତି ଏଡିଜେ କୋର୍ଟରେ ସାକ୍ଷୀ ଦେବା ପୂର୍ବରୁ ତାଙ୍କୁ କେତେକ ଲୋକ ଧମକ ଦେଇଥିବା ନେଇ ଏଡିଜେଙ୍କୁ ଜଣାଇଥିଲେ। ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ବିରୋଧରେ କୌଣସି ସାକ୍ଷୀ ହେଲେ ଅସୁବିଧାରେ ପଡିବେ ବୋଲି ତାଙ୍କୁ କୁଆଡେ ଧମକ ଦିଆଯାଇଥିଲା। ଏନେଇ ସାକ୍ଷୀ ଜଣକ କୋର୍ଟରେ ଅତିରିକ୍ତ ଜିଲା ଓ ଦୌରାଜଜ୍ ହିମାଂଶୁ ଶେଖର ମଲ୍ଲିକଙ୍କୁ ଜଣାଇବା ସହ କଣ୍ଟାବାଞ୍ଜି ଥାନାରେ ଲିଖିତ ଜଣାଇଥିଲେ। ଅଭିଯୋଗ ପାଇବା ପରେ ସାକ୍ଷୀଙ୍କୁ ପ୍ରଭାବିତ କରିବା ଅଭିଯୋଗରେ କଣ୍ଟାବାଞ୍ଜି ଥାନା ପୋଲିସ ଗୁରୁବାର କଳାହାଣ୍ଡି ଜିଲା ମହାଲିଙ୍ଗ କଲେଜ ଅଧ୍ୟକ୍ଷ ରଞ୍ଜିତ ସାହୁ ଏବଂ ଶିକ୍ଷକ କୃତି ଚନ୍ଦନଙ୍କୁ ଗିରଫ କରିଛି। ଅଧ୍ୟକ୍ଷ ସାହୁ ଏବଂ ଶିକ୍ଷକ ଚନ୍ଦନ ମମିତା ମେହେର ହତ୍ୟା ମାମଲାର ସମ୍ପୃକ୍ତ ୯ ନମ୍ବର ସାକ୍ଷୀଙ୍କୁ ସାକ୍ଷ୍ୟ ଦେବା ପୂର୍ବରୁ ମହାଲିଙ୍ଗ ଗାଁରେ ଧମକ ଚମକ ଦେଇଥିବା ନେଇ ଅଭିଯୋଗ ହୋଇଥିଲା। କଣ୍ଟାବାଞ୍ଜି ପୋଲିସ ଘଟଣାକୁ ଗୁରୁତ୍ୱର ସହ ନେଇ ଗୁରୁବାର ଅଭିଯୁକ୍ତ କଲେଜ ଅଧ୍ୟକ୍ଷ ସାହୁ ଓ ଶିକ୍ଷକ ଚନ୍ଦନଙ୍କୁ କୋର୍ଟଚାଲାଣ କରିଛି।










# ୭ ସ୍ଥାନରେ ଇକୋ ରିଟ୍ରିଟ୍ ଆରମ୍ଭ



■ ୪ର୍ଥ ସଂସ୍କରଣକୁ ଭର୍ଚୁଆଲରେ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

■ ପର୍ଯ୍ୟଟନ କ୍ଷେତ୍ରରେ ଇକୋ ରିଟ୍ରିଟ୍ ବେଞ୍ଚ୍‌ମାର୍କ ସ୍ଥାପନ କରିବ

ଭୁବନେଶ୍ୱର,୧।୧୨(ବ୍ୟୁରୋ)

ଓଡ଼ିଶା ପର୍ଯ୍ୟଟନ କ୍ଷେତ୍ରରେ ଇକୋ ରିଟ୍ରିଟ୍ ଏକ ବେଞ୍ଚ୍‌ମାର୍କ ସ୍ଥାପନ କରିବ। ପର୍ଯ୍ୟଟକଙ୍କୁ ପ୍ରାକୃତିକ ସୌନ୍ଦର୍ଯ୍ୟର ଭରପୂର ତଥା ଚମତ୍କାର ଅନୁଭୂତି ପ୍ରଦାନ କରିବ। ପର୍ଯ୍ୟଟନ ଓ ଆତିଥେୟତା କ୍ଷେତ୍ରର ସର୍ବୋତ୍ତମତାକୁ ଆବିଷ୍କାର କରିବା ପାଇଁ ପର୍ଯ୍ୟଟକଙ୍କ ଲାଗି ଏହା ଏକ ଗେଟ୍‌ୱେ ଭାବେ କାର୍ଯ୍ୟ କରିବ। ଓଡିଶା ଏବେ ଭାରତର ଏକ ଅଗ୍ରଣୀ ଦାୟିତ୍ୱସମ୍ପନ୍ନ ପର୍ଯ୍ୟଟନ ଗନ୍ତବ୍ୟସ୍ଥଳୀ ଭାବେ ସ୍ପଟ୍‌ଲାଇଟ୍‌ରେ ରହିଛି ବୋଲି ଗୁରୁବାର ଓଡ଼ିଶା ପର୍ଯ୍ୟଟନର ଶ୍ରେଷ୍ଠ ୩ଟି ଫ୍ଲାଗ୍‌ଶିପ୍ ଇଭେଣ୍ଟକୁ ଭର୍ଚୁଆଲରେ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି। ପ୍ରଥମେ କୋରାପୁଟ ଜିଲାର ପୁଟସିଲ୍, ଗଞ୍ଜାମ ଜିଲାର ସୋନାପୁର, କଟକ ଜିଲାର ସାତକୋଶିଆ, କେନ୍ଦ୍ରାପଡ଼ା ଜିଲାର ଭିତରକନିକା, ସମ୍ବଲପୁର ଜିଲାର ହୀରାକୁଦ ଓ କନ୍ଧମାଳ ଜିଲାର ଦାରିଙ୍ଗବାଡ଼ି ଇକୋ ରିଟ୍ରିଟ୍‌କୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ପରେ ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବର ଦ୍ୱାଦଶ ସଂସ୍କରଣ ଓ ସନ୍ଧ୍ୟାରେ କୋଣାର୍କ ମହୋତ୍ସବର ୩୩ତମ ସଂସ୍କରଣକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଓଡ଼ିଶାର ଶ୍ରେଷ୍ଠ ପର୍ଯ୍ୟଟନ ପ୍ରୟାସର ସଫଳତା କାମନା କରିଥିଲେ।

ସେ କହିଲେ, ପର୍ଯ୍ୟଟନ କ୍ଷେତ୍ରରେ ଏହି ସ୍ୱତନ୍ତ୍ର ପ୍ରୟାସର ଆକାର ଓ ବ୍ୟାପକତାକୁ ପ୍ରତି ବର୍ଷ ବୃଦ୍ଧି କରାଯାଉଛି। ଇକୋ ରିଟ୍ରିଟ୍ ମାଧ୍ୟମରେ ଓଡ଼ିଶାର ସ୍ଥାୟୀ ଇକୋ ଟୁରିଜମ୍‌କୁ ପ୍ରୋତ୍ସାହିତ କରାଯିବା ଉଲ୍ଲେଖନୀୟ ପଦକ୍ଷେପ। କ୍ରମାଗତ ଭାବରେ ସଫଳତାର ସହିତ ତିନୋଟି ସଂସ୍କରଣର ଆୟୋଜନ କରିବା ପରେ ଓଡିଶା ସରକାରଙ୍କ ଫ୍ଲାଗସିପ୍ ଇକୋ ରିଟ୍ରିଟ ଏହାର ପରିବେଶ ନିରନ୍ତର ମଡେଲ ପାଇଁ ପର୍ଯ୍ୟଟନ ତଥା ପର୍ଯ୍ୟଟନ ଭ୍ରାତୃଭାବ ଦ୍ୱାରା ବହୁ ପ୍ରଶଂସା କରାଯାଇଛି। ଚଳିତ ବର୍ଷ ଇକୋ ରିଟ୍ରିଟ ପର୍ଯ୍ୟଟକଙ୍କ ପାଇଁ ଓଡିଶାର ପର୍ଯ୍ୟଟନ ତଥା ଆତିଥ୍ୟର ସର୍ବୋତ୍ତମ ସ୍ଥାନ ଅନୁସନ୍ଧାନ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ଚଳିତ ପର୍ଯ୍ୟଟନ ଋତୁରେ ରାଜ୍ୟର ୭ଟି ସ୍ଥାନରେ ଇକୋ ରିଟ୍ରିଟ୍‌କୁ ପରିଚାଳନା କରାଯାଉଥିବାବେଳେ କୋଣାର୍କ ଇକୋ ରିଟ୍ରିଟ୍ ଆସନ୍ତା ୮ ତାରିଖରେ ଆରମ୍ଭ ହେବାକୁ ଯାଉଛି। ଏହା ୩ ମାସ ପାଇଁ ପର୍ଯ୍ୟଟକଙ୍କ ଲାଗି ଖୋଲା ରହିବ। ଏଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଅତିଥି ପର୍ଯ୍ୟଟକଙ୍କୁ ପ୍ରକୃତିର ନିକଟସ୍ଥ ଗନ୍ତବ୍ୟସ୍ଥଳୀ, ସଂସ୍କୃତି, ଐତିହାସିକ ଓ ସ୍ଥାପତ୍ୟଗୁଡିକୁ ଭ୍ରମଣ ପାଇଁ ମାର୍ଗଦର୍ଶନ ଦିଆଯିବ। ଏଥିସହିତ ଆଡ୍ରେନାଲାଇନ୍-ଇଣ୍ଡ୍ୟୁସିଙ୍ଗ୍ ୱାଟର ସ୍ପୋର୍ଟସ୍, ଏଟିଭି ରାଇଡ୍, ବିଚ୍ ଭଲିବଲ, ଆର୍‌ଚେରୀ ଆଦିର ସୁବିଧା ପ୍ରଦାନ କରାଯିବ।




# ଦମ୍ପତିଙ୍କଠାରୁ ୪୦ହଜାର ଝାମ୍ପିନେଲେ ଦୁର୍ବୃତ୍ତ

ପିପିଲି,୧।୧୨(ସ୍ୱ.ପ୍ର.)

ପୁରୀ-ଭୁବନେଶ୍ୱର ମୁଖ୍ୟ ରାସ୍ତା ପିପିଲି ଥାନା ଦାଣ୍ଡମୁକୁନ୍ଦପୁରରେ ଗୁରୁବାର ଜଣେ ଦମ୍ପତିଙ୍କଠାରୁ ୨ ଦୁର୍ବୃତ୍ତ ୪୦ହଜାର ଟଙ୍କା ଝାମ୍ପି ନେଇ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଚାରିଆଡ଼େ ଛାନଭିନ କରି ସିସିଟିଭି ଫୁଟେଜକୁ ଆଧାରରେ ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଦାଣ୍ଡମକୁନ୍ଦପୁର ନୂଆସାହି ଗ୍ରାମର ରବୀନ୍ଦ୍ର ପ୍ରଧାନ ଓ ତାଙ୍କ ସ୍ତ୍ରୀ କୁନ୍ତଳା ଉଭୟ ଅପରାହ୍ନ ୩ଟାବେଳେ ଦାଣ୍ଡମୁକୁନ୍ଦପୁରରେ ଥିବା ଷ୍ଟେଟ ବ୍ୟାଙ୍କକୁ ଯାଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ୪୦ହଜାର ଟଙ୍କା ଉଠାଇଥିଲେ। ପରେ ଟଙ୍କା ନେଇ ସାଇକେଲ ଯୋଗେ ଘରକୁ ଫେରୁଥିବା ବେଳେ ବାଟରେ ପଛପଟୁ ଏକ ନାଲି ରଙ୍ଗର ଆପାଚି ବାଇକ୍‌ରେ ଦୁଇଜଣ ଦୁର୍ବୃତ୍ତ ମୁହଁରେ ମାସ୍କ ଲଗାଇ ସାଇକେଲ ପଛରେ ବସିଥିବା କୁନ୍ତଳାଙ୍କ ଟଙ୍କା ବ୍ୟାଗକୁ ଝାମ୍ପି ନେଇ ଭୁବନେଶ୍ୱର ଅଭିମୁଖେ ଫେରାର ହୋଇଯାଇଥିଲେ। ଖବରପାଇ ପିପିଲି ଥାନା ସବଇନ୍ସପେକ୍ଟର ସଂଘମିତ୍ରା ଚାନ୍ଦ ସଦଳବଳ ଘଟଣାସ୍ଥଳକୁ ଯାଇ ତଦନ୍ତ ଜାରି ରଖିଥିବା ବେଳେ ରାସ୍ତାକଡ ଦୋକାନରେ ଓ ବ୍ୟାଙ୍କରେ ଥିବା ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ ଜାରି ରଖିଛନ୍ତି।









# ଦେଶ ପାଇଁ ଛିଡ଼ା ହୁଅନ୍ତୁ ଲୋକେ

## ଭାରତ ଯୋଡ଼ୋ ଯାତ୍ରାରେ ସ୍ୱରା ଭାସ୍କର

ଉଜ୍ଜୟିନୀ,୧।୧୨

କଂଗ୍ରେସ ପକ୍ଷରୁ ଚାଲିଥିବା ଭାରତ ଯୋଡ଼ୋ ଯାତ୍ରରେ ନେତା ରାହୁଲ ଗାନ୍ଧୀଙ୍କ ସହ ଜଣେ ପରେ ଜଣେ ସେଲିବ୍ରିଟି ସାମିଲ ହେବାରେ ଲାଗିଛନ୍ତି। ଏହି କ୍ରମରେ ଗୁରୁବାର ଅଭିନେତ୍ରୀ ସ୍ୱରା ଭାସ୍କର ମଧ୍ୟପ୍ରଦେଶର ଉଜ୍ଜୟିନୀରେ ରାହୁଲଙ୍କ ସହିତ ପଦଯାତ୍ରା କରିଥିଲେ। ଏହି ବିଶାଳ ଜନସମ୍ପର୍କ କାର୍ଯ୍ୟକ୍ରମରେ ନାଗରିକମାନେ ସାମିଲ ହୋଇ ଦେଶ ପାଇଁ ଛିଡ଼ା ହୁଅନ୍ତୁ ବୋଲି ସେ ଆହ୍ୱାନ ଦେଇଥିଲେ।

ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ନିଜ ମତାମତ ରଖୁଥିବା ଆକ୍ଟ୍ରେସ୍ ସ୍ୱରା ରାହୁଲଙ୍କ ନେତୃତ୍ୱାଧୀନ ପଦଯାତ୍ରରେ ଭାଗନେଇଥିବାରୁ ଟୁଇଟରରେ ଖୁସି ବ୍ୟକ୍ତ କରିଛନ୍ତି। ଜଣେ ବ୍ୟକ୍ତି ରାହୁଲଙ୍କ ସଂସ୍ପର୍ଶରେ ଆସିବା ପାଇଁ ତାଙ୍କୁ ଏକ ଫୁଲତୋଡ଼ା ବଢ଼ାଇଦେଇଥିଲେ। ଆପଣମାନେ ମଧ୍ୟ ଯାତ୍ରାରେ ଯୋଡ଼ିହୋଇ ସେହି ଶକ୍ତି ଓ ଭଲ ପାଇବା ଅନୁଭବ କରିପାରିବେ। ନିଜ ଦେଶ ପାଇଁ ଛିଡ଼ା ହୁଅନ୍ତୁ। ଘୃଣା ଓ ବର୍ବର ଅପରାଧକୁ ପ୍ରତିରୋଧ କରନ୍ତୁ ବୋଲି ସ୍ୱରା ନିବେଦନ କରିଛନ୍ତି। ଏହା ପୂର୍ବରୁ ଅମୋଲ ପାଲେକର, ସନ୍ଧ୍ୟା ଗୋଖଲେ, ପୂଜା ଭଟ୍ଟ, ରିୟା ସେନ, ସୁଶାନ୍ତ ସିଂ, ମୋନା ଅମ୍ବେଗାଓଁକର, ରଶ୍ମି ଦେଶାଇ ଓ ଆକାଂକ୍ଷା ପୁରୀଙ୍କ ଭଳି ସିନେ ବ୍ୟକ୍ତିତ୍ୱମାନେ ଭାରତ ଯୋଡ଼ୋ ଯାତ୍ରାରେ ସାମିଲ ହୋଇସାରିଛନ୍ତି। ଏପରି କି ହଲିଉଡ୍ ଷ୍ଟାର ଜନ୍ କୁସାକ୍ ମଧ୍ୟ ସେପ୍ଟେମ୍ବର ୭ରେ ଆରମ୍ଭ ହୋଇଥିବା କଂଗ୍ରେସର ଏହି ଅଭିଯାନ ସପକ୍ଷରେ ଟୁଇଟ୍ କରିଥିଲେ।



ଭାରତ ଯୋଡ଼ୋ ଯାତ୍ରା ଅବସରରେ ମଧ୍ୟପ୍ରଦେଶର ଉଜ୍ଜୟିନୀରେ ରାହୁଲ ଗାନ୍ଧୀଙ୍କ ସହ ଅଭିନେତ୍ରୀ ସ୍ୱରା ଭାସ୍କର।

# ବୁଥ୍‌କୁ ସିଲିଣ୍ଡର ବୋହି ପ୍ରତିବାଦ

ଅହମ୍ମଦାବାଦ,୧।୧୨



ଗୁଜରାଟରେ ପ୍ରଥମ ପର୍ଯ୍ୟାୟ ମତଦାନ ବେଳେ ଗୁରୁବାର ରନ୍ଧନ ଗ୍ୟାସ୍ ପ୍ରତିବାଦର ପ୍ରତୀକ ପାଲଟିଛି। ହୁ ହୁ ହୋଇ ବଢୁଥିବା ଦରଦାମ ପ୍ରତିବାଦରେ କେତେଜଣ ଭୋଟର ନିଜ କାନ୍ଧରେ ଗ୍ୟାସ୍ ସିଲିଣ୍ଡର ବୋହି ଭୋଟ ଦେବାକୁ ଯାଇଥିଲେ। ଜୁନାଗଡ଼ରେ ଜଣେ କଂଗ୍ରେସ ନେତା ଏଲ୍‌ପିଜି ସିଲିଣ୍ଡର ବୋହି ପୋଲିଂ ଷ୍ଟେଶନକୁ ଯାଉଥିବାବେଳେ ପୋଲିସ ତାଙ୍କୁ ଅଟକାଇବାରୁ ବିବାଦୀୟ ସ୍ଥିତି ଉପୁଜିଥିଲା। ସେହିପରି ମାଲଧାରୀ ସମ୍ପ୍ରଦାୟର ଜଣେ ଭୋଟର ପୋଲିଂ ଷ୍ଟେଶନକୁ ଗାଇ ବାଛୁରୀ ଧରି ଭୋଟ ଦେବାକୁ ଯାଇଥିଲେ। ସଦ୍ୟ ବିବାହ କରିଥିବା ଏକ ଯୋଡ଼ି ବୋଟାଡ୍ ଜିଲାର ଏକ ପୋଲିଂ ସେଣ୍ଟରକୁ ବ୍ୟାଣ୍ଡ ବାଜା ନେଇ ଯାଇଥିଲେ।

# ଗୁଜରାଟ ନିର୍ବାଚନ: ୬୦.୨୩% ମତଦାନ

ଅହମ୍ମଦାବାଦ,୧।୧୨

୧୮୨ ସଦସ୍ୟ ବିଶିଷ୍ଟ ଗୁଜରାଟ ବିଧାନସଭାର ୮୯ ଆସନରେ ଗୁରୁବାର ପ୍ରଥମପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହୋଇଛି। ସୌରାଷ୍ଟ୍ର–କଚ୍ଛ ଓ ଦକ୍ଷିଣାଞ୍ଚଳର ୧୯ ଜିଲାରେ କଡ଼ା ସୁରକ୍ଷା ବନ୍ଦୋବସ୍ତ ମଧ୍ୟରେ ୬୦.୨୩% ମତଦାନ ହୋଇଛି। ଏଥିସହ ମଇଦାନକୁ ଓହ୍ଲାଇଥିବା ୭୮୮ ପ୍ରାର୍ଥୀଙ୍କ ଭାଗ୍ୟ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ (ଇଭିଏମ୍)ରେ ସିଲ୍ ହୋଇଯାଇଛି।

୨୦୧୭ ନିର୍ବାଚନରେ ଏହି ୮୯ ଆସନ ମଧ୍ୟରୁ ଭାଜପା ୪୮ଟି ଏବଂ କଂଗ୍ରେସ ୪୦ଟିରେ ବିଜୟୀ ହୋଇଥିବାବେଳେ ଗୋଟିଏ ଆସନ ସ୍ୱାଧୀନ ପ୍ରାର୍ଥୀଙ୍କୁ ମିଳିଥିଲା। ଏଥର ପ୍ରତିଦ୍ୱନ୍ଦ୍ୱିତା ମୁଖ୍ୟତଃ ଭାଜପା, କଂଗ୍ରେସ ଏବଂ ଏଏପି ମଧ୍ୟରେ ହେଉଛି। ମୋଟ ୪,୯୧,୩୫,୪୦୦ ପଞ୍ଜୀକୃତ ଭୋଟରଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୨,୩୯,୭୬,୬୭୦ ଯୋଗ୍ୟ ମତଦାତା ଥିଲେ। ସେମାନଙ୍କ ମଧ୍ୟରୁ ୬୦.୨୩% ନିଜ ରାଜନୈତିକ ମତାଧିକାର ସାବ୍ୟସ୍ତ କରିଥିବା ରାଜ୍ୟ ନିର୍ବାଚନ କମିଶନଙ୍କ ସୂତ୍ରରୁ ପ୍ରକାଶ। ଆଦିବାସୀ ଅଧ୍ୟୁଷିତ ତପି ଜିଲାରେ ସର୍ବାଧିକ ୭୨.୩୨% ମତଦାନ ହୋଇଛି। କିଛି ଛୋଟକାଟିଆ ଘଟଣା ଏବଂ ଇଭିଏମ୍ ଅଚଳକୁ ବାଦ୍ ଦେଲେ ମୋଟାମୋଟି ଭାବେ ଭୋଟିଂ ଶାନ୍ତିପୂର୍ଣ୍ଣ ରହିଥିଲା। ଭାବନଗରର ପଲିଟାନାରେ ମତଦାନ ବେଳେ ରାଜନୈତିକ ଦଳର ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ସୁରେନ୍ଦ୍ରନଗର ଜିଲାରେ ଭାଜପା ପକ୍ଷରୁ ବୁଥ୍ କ୍ୟାପ୍‌ଚରିଂ କରାଯାଇଥିବା ନେଇ ନିର୍ବାଚନ କମିଶନଙ୍କ ନିକଟରେ ବିରୋଧୀ କଂଗ୍ରେସ ଫେରାଦ ହୋଇଛି। ଅବଶିଷ୍ଟ ଆସନଗୁଡ଼ିକରେ ଆସନ୍ତା ୫ରେ ଭୋଟ ଗ୍ରହଣ କରାଯିବ।

# ଆଜି ପ୍ରଚାର କରିବେ ମୁଖ୍ୟମନ୍ତ୍ରୀ

**ପଦ୍ମପୁର ଉପନିର୍ବାଚନ**

- ଶେଷ ପର୍ଯ୍ୟାୟରେ ପ୍ରଚାର ଜୋର୍‌ଦାର ପାଇଁ ବିରୋଧୀଙ୍କ ଯୋଜନା
- ଆଜି ଚାଷୀ ପ୍ରସଙ୍ଗରେ ଭାଜପାର ବିଧାନସଭା ଘେରାଉ

ଭୁବନେଶ୍ୱର,୧।୧୨(ବ୍ୟୁରୋ)



ପଦ୍ମପୁର ଉପନିର୍ବାଚନ ପାଇଁ ପ୍ରଚାର ଜୋର୍‌ସୋରରେ ଚାଲିଛି। ପ୍ରଚାର ପାଇଁ ହାତରେ ଆଉ ଦିନ କେଇଟା ଥିବାରୁ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଏବଂ କଂଗ୍ରେସର ହେଭିୱେଟ୍ ନେତାମାନେ ପଦ୍ମପୁର ଗସ୍ତରେ ଅଛନ୍ତି। ଉପନିର୍ବାଚନ ପ୍ରଚାର ଆସନ୍ତା ୩ ତାରିଖ ୫ଟା ସୁଦ୍ଧା ଶେଷ ହେବ। ଏହି କ୍ରମରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଦ୍ମପୁର ପ୍ରଚାର ମଇଦାନକୁ ଓହ୍ଲାଇବାକୁ ଯାଉଛନ୍ତି। ପୂର୍ବରୁ ବହୁ ଉପନିର୍ବାଚନରେ ନବୀନ ଆଭାସି ଜରିଆରେ ପ୍ରଚାର କରିଥିବାବେଳେ ପଦ୍ମପୁରରେ ସିଧାସଳଖ ପ୍ରଚାରକୁ ନେଇ କର୍ମୀଙ୍କ ମହଲରେ ଉତ୍ସାହ ଦ୍ୱିଗୁଣିତ ହୋଇଛି। ଶୁକ୍ରବାର ପାଇକମାଳ, ଝାରବନ୍ଧ ଏବଂ ପଦ୍ମପୁରଠାରେ ଆୟୋଜନ ହେବାକୁ ଥିବା ନିର୍ବାଚନୀ ସଭାରେ ନବୀନ ଯୋଗଦେବା ସହ ଲୋକଙ୍କୁ ସମ୍ବୋଧନ କରିବେ। ୧୧ଟା ୨୫ ମିନିଟ୍‌ରେ ଝାରବନ୍ଧ ବ୍ଲକର ଶକ୍ତିଛକ ହେଲିପ୍ୟାଡ୍‌ରେ ପହଞ୍ଚି ଏକ ଜନସଭାକୁ ସମ୍ବୋଧନ କରିବେ। ମଧ୍ୟାହ୍ନ ୧୨ଟା ୩୦ରେ ପାଇକମାଳ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ଜନସଭାରେ ଉଦ୍‌ବୋଧନ ଦେବେ। ସେହିପରି ଅପରାହ୍ନ ୧ଟା ୩୦ରେ ପଦ୍ମପୁର ଆର୍‌ଏଲ୍ କଲ୍ୟାଣ ମଣ୍ଡପକୁ ଯିବେ। ସେଠାରୁ ୩ଟା ୧୫ ମିନିଟ୍‌ରେ ସଡ଼କ ଯୋଗେ ମୁଖ୍ୟମନ୍ତ୍ରୀ ପଦ୍ମପୁର ଉଚ୍ଚ ବିଦ୍ୟାଳୟ ପଡ଼ିଆ ଅଭିମୁଖେ ଯାଇ ସେଠାରେ ଜନସଭାକୁ ମୁଖ୍ୟମନ୍ତ୍ରୀ ସମ୍ବୋଧନ କରିବା କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମ ସାରି ସନ୍ଧ୍ୟା ୫ଟା ୨୦ରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରେ ପହଞ୍ଚିବେ ବୋଲି ଜଣାପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ପଦ୍ମପୁର ନିର୍ବାଚନମଣ୍ଡଳୀରେ ସବୁଆଡ଼େ ମୁଖ୍ୟମନ୍ତ୍ରୀଙ୍କ ପୋଷ୍ଟର ବ୍ୟାନର ଛାଇଯାଇଛି। ଏହାସହ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଛି। ଅନ୍ୟପଟେ ଭାଜପା ପକ୍ଷରୁ ଚାଷୀ ପ୍ରସଙ୍ଗରେ ବିଧାନସଭା ଘେରାଉ କାର୍ଯ୍ୟକ୍ରମ ସ୍ଥିର ହୋଇଛି। ସେପଟେ ପ୍ରଚାରକୁ ଆଉ ମାତ୍ର ୨ ଦିନ ଥିବାବେଳେ ଏହାକୁ ଶେଷ ପର୍ଯ୍ୟାୟରେ ଜୋର୍‌ଦାର କରି ଶାସକ ଦଳକୁ ଟାର୍ଗେଟ କରିବାକୁ ଲକ୍ଷ୍ୟ ରଖାଯାଇଛି।

## ଭାଜପାରେ ମିଶିଲେ ପୂର୍ବତନ କଂଗ୍ରେସ ଏମ୍‌ପି



ସଞ୍ଜୟ ଭୋଇ

ପଦ୍ମପୁର/ବରଗଡ ଅଫିସ,୧।୧୨(ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁର ଉପନିର୍ବାଚନକୁ ନେଇ ଘଡିକେ ଘୋଡା ଛୁଟୁଛି। ଗୁରୁବାର ପଦ୍ମପୁରରେ ଅନୁଷ୍ଠିତ ଏକ ମିଶ୍ରଣ ପର୍ବରେ ବରଗଡ଼ର ପୂର୍ବତନ କଂଗ୍ରେସ ଏମ୍‌ପି ସଞ୍ଜୟ ଭୋଇ କଂଗ୍ରେସ ଛାଡି ଭାଜପାରେ ମିଶିଛନ୍ତି। ସେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ କୃପାସିନ୍ଧୁ ଭୋଇଙ୍କ ପୁଅ ଅଟନ୍ତି। ସେହିପରି ପୂର୍ବତନ ବିଧାୟକ ମୁରାରୀ ମିଶ୍ରଙ୍କ ଝିଅ ରାଜଲକ୍ଷ୍ମୀ ମିଶ୍ର ମଧ କଂଗ୍ରେସ ଛାଡିବିଧିବଦ୍ଧ ଭାବେ ଭାଜପାରେ ମିଶିଛନ୍ତି। ଏହି ମିଶ୍ରଣ ପର୍ବରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି, କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ଏମ୍‌ପି ସୁରେଶ ପୂଜାରୀ, ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଏବଂ କନକବର୍ଦ୍ଧନ ସିଂଦେଓ ପ୍ରମୁଖ ଉପସ୍ଥିତ ଥିଲେ।

# ନିର୍ବାଚନ ପୂର୍ବରୁ ଆଇଆଇସିଙ୍କୁ ଆଣିଛନ୍ତି ମନ୍ତ୍ରୀ, ମାମଲା ହେଉନି: ଭାଜପା

ଭୁବନେଶ୍ୱର, ୧।୧୨(ବ୍ୟୁରୋ)



ସିଇଓଙ୍କ ଉଦ୍ଦେଶ୍ୟରେ ଭାଜପା ପ୍ରତିନିଧି ଦଳ ଦାବିପତ୍ର ପ୍ରଦାନ କରୁଛନ୍ତି।

ନିରୁପମା ବାଗ ଗତ ୩୦ ତାରିଖ ଅପରାହ୍ନରେ ଭାଜପା ପକ୍ଷରୁ ପ୍ରଚାର କରୁଥିଲେ। ତାଙ୍କୁ ବିଜେଡିର ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡାଙ୍କ ନିର୍ଦ୍ଦେଶରେ ଶାସକ ଦଳ ଗୁଣ୍ଡାମାନେ ମାଡ଼ମାରି ଗୁରୁତର କରିଛନ୍ତି। ଏନେଇ ନିରୁପମା ଲିଖିତ ଅଭିଯୋଗ କରିବା ସତ୍ତ୍ୱେ ପାଇକମାଳର ଆଇଆଇସି ଏପର୍ଯ୍ୟନ୍ତ ମାମଲା ଦାୟର କରିନାହାନ୍ତି। ମନ୍ତ୍ରୀ ନବକିଶୋର ଦାସ ଏଥିଲାଗି ପାଇକମାଳ ଆଇଆଇସିଙ୍କୁ ନିର୍ବାଚନର ୫ଦିନ ପୂର୍ବରୁ ଝାରସୁଗୁଡ଼ାରୁ ଆଣି ଏଠାରେ ଅବସ୍ଥାପିତ କରିଥିବା ଭାଜପାର ଏକ ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଏହି ପ୍ରତିନିଧି ଦଳ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି, ଏହି ଘଟଣାରୁ ସ୍ପଷ୍ଟ ପ୍ରମାଣିତ ହେଉଛି ପାଇକମାଳ ଆଇଆଇସି ବିଜେଡି କର୍ମୀ ଭଳି କାର୍ଯ୍ୟ କରୁଛନ୍ତି। ଶାସକ ଦଳ ନେତା ଓ ମନ୍ତ୍ରୀଙ୍କ ଯୋଗୁ ପଦ୍ମପୁର ଉପନିର୍ବାଚନର ଆଇନଶୃଙ୍ଖଳା ସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ଶାସନ କଳର ଅପବ୍ୟବହାର ସହିତ ମରଣାନ୍ତକ ଆକ୍ରମଣକରି ନିର୍ବାଚନ ବୈତରଣୀ ପାରି ହେବାକୁ ଅନବରତ ପ୍ରଚେଷ୍ଟା ଜାରି ରଖିଥିବା ବିଜେଡି ପୋଲିସ ଓ ପ୍ରଶାସନକୁ ମଧ ବ୍ୟବହାରକରି ହିଂସାକାଣ୍ଡ ଭିଆଇବାକୁ ପଛାଉନାହିଁ। ଶାସକ ଦଳର ଗୁଣ୍ଡାରାଜ ଏବଂ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନକୁ ନେଇ ଭାଜପା ପକ୍ଷରୁ ବାରମ୍ବାର ଜିଲା ନିର୍ବାଚନ ଅଧିକାରୀ ଏବଂ ସିଇଓଙ୍କ ନିକଟରେ ତଥ୍ୟ, ପ୍ରମାଣ ସହ ଅଭିଯୋଗ କରାଯାଉଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ଅତ୍ୟନ୍ତ ଚିନ୍ତାଜନକ ବୋଲି ସେମାନେ ସିଇଓଙ୍କୁ ଜଣାଇଛନ୍ତି।

# କେନ୍ଦ୍ରମନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅ: ବିଜେଡି



ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ବିଜେଡି ପ୍ରତିନିଧି ଦଳ ଦାବିପତ୍ର ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର, ୧।୧୨(ବ୍ୟୁରୋ)

ପଦ୍ମପୁର ଉପନିର୍ବାଚନ ଯେତିକି ପାଖେଇ ଆସୁଛି ବିଜେଡି ଏବଂ ଭାଜପା ମଧ୍ୟରେ ପ୍ରତିଯୋଗିତା ସେତିକି ବଢ଼ିବାରେ ଲାଗିଛି। ପ୍ରତ୍ୟେକ ଦିନ ଉଭୟ ଦଳ ନେତାମାନେ ପରସ୍ପର ବିରୋଧରେ ଅଭିଯୋଗ ଧରି ରାଜ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିକଟରେ ଫେରାଦ ହେଉଛନ୍ତି। ବିଜେଡି ପକ୍ଷରୁ ଗୁରୁବାର ପ୍ରଥମେ ଏକ ପ୍ରତିନିଧି ଦଳ ସିଇଓଙ୍କୁ ଭେଟି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବିରୋଧରେ ଅଭିଯୋଗ କରିଛି। ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି, ସାମାଜିକ ଗଣମାଧ୍ୟମ ଜରିଆରେ ଏକ ଭିଡିଓ ଦେଖିବାକୁ ମିଳିଛି। ଯେଉଁଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପଦ୍ମପୁର ଉପନିର୍ବାଚନର ପ୍ରଚାର ସମୟରେ ଏକ ଗଣମାଧ୍ୟମ ସଂସ୍ଥାର ଖବରଦାତାଙ୍କୁ ଡାକି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ମାରିବାକୁ କହିଛନ୍ତି। ଏହାର ପ୍ରମାଣ ରହିଛି। ତେଣୁ ଧର୍ମେନ୍ଦ୍ରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେଡି ପକ୍ଷରୁ ଦାବି କରାଯାଇଛି। ସେହିପରି ବିଜେଡିର ପ୍ରତିନିଧି ଦଳ ଦ୍ୱିତୀୟ ଥର ସିଇଓଙ୍କୁ ଭେଟି ଅଭିଯୋଗ କରିଛି, ଭାଜପା ଏବେ ପଦ୍ମପୁର ଉପନିର୍ବାଚନରେ ଖବରଦାତାଙ୍କୁ ଆକ୍ରମଣ କରିଛି। ଜଣେ ବୈଦ୍ୟୁତିକ ଗଣମାଧ୍ୟମ ସଂସ୍ଥାର ଖବରଦାତାଙ୍କୁ ଭାଜପା କର୍ମୀ ଆକ୍ରମଣ କରିବା ସହିତ ତାଙ୍କୁ ହତ୍ୟା କରିବାକୁ ଧମକ ଦେଇଛନ୍ତି। ତେଣୁ ଏଭଳି ହିଂସା ଘଟାଇଥିବା ଭାଜପା କର୍ମୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ସିଇଓଙ୍କ ନିକଟରେ ବିଜେଡି ପକ୍ଷରୁ ଦାବି କରାଯାଇଛି।

# ମୁଖ୍ୟମନ୍ତ୍ରୀ ଜିଲା ଗଠନର ବିଜ୍ଞପ୍ତି ଧରି ଆସନ୍ତୁ: ଧର୍ମେନ୍ଦ୍ର

## ପଦ୍ମପୁରବାସୀ ମୁଖ୍ୟମନ୍ତ୍ରୀଙ୍କ ଉପରେ ବିଶ୍ୱାସ ରଖିଛନ୍ତି: ବିଜେଡି

ଭୁବନେଶ୍ୱର, ୧।୧୨(ବ୍ୟୁରୋ)



କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ମୁଖ୍ୟମନ୍ତ୍ରୀ ରାତିରେ କ୍ୟାବିନେଟ୍ ବସାଇ ପଦ୍ମପୁର ଉପଖଣ୍ଡକୁ ନୂତନ ଜିଲା ମାନ୍ୟତାର ମଞ୍ଜୁର ଦେବା ସହ ଶୁକ୍ରବାର ଏହାର ବିଜ୍ଞପ୍ତି ଚିଠା ପଦ୍ମପୁରରେ ଦେଖାଇବେ କି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଶ୍ନ କରିଛନ୍ତି। ଗୁରୁବାର ପଦ୍ମପୁର ଉପନିର୍ବାଚନର ପ୍ରଚାର ଅବସରରେ ଧର୍ମେନ୍ଦ୍ର ଏହା କହିଛନ୍ତି। ନିଜ ପ୍ରଚାର କାର୍ଯ୍ୟକ୍ରମର ୩ୟ ଦିନରେ ଧର୍ମେନ୍ଦ୍ର ଝାରବନ୍ଧ, ବରିହାପାଲି, ଜାମଲା, ମେଲଛାମୁଣ୍ଡା ସମେତ ବିଭିନ୍ନ ସ୍ଥାନରେ ଶୋଭାଯାତ୍ରାରେ ଯୋଗଦେବା ସହ ଆୟୋଜିତ ଜନସଭାରେ ଯୋଗଦେଇଛନ୍ତି। ଜନସଭାକୁ ସମ୍ବୋଧିତ କରି ଧର୍ମେନ୍ଦ୍ର କହିଛନ୍ତି, ମୁଖ୍ୟମନ୍ତ୍ରୀ ପଦ୍ମପୁରକୁ ପ୍ରଚାର କରିବା ପାଇଁ ଆସୁଥିବା ଖବର ଗଣମାଧ୍ୟମରେ ପ୍ରକାଶ ପାଇଛି। ଭାଜପାର ଅପେକ୍ଷା ରହିବ, ସେ ବିଜେଡିର ସଭାପତି ଭାବେ ପଦ୍ମପୁରକୁ ଜିଲା ମାନ୍ୟତା ଦେବାର ପ୍ରତିଶ୍ରୁତି ନ ଦେଇ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ଗୁରୁବାର ରାତିରେ ଏଥିପାଇଁ କ୍ୟାବିନେଟ୍ ବସାନ୍ତୁ। କ୍ୟାବିନେଟରେ ପଦ୍ମପୁରକୁ ଜିଲା ମାନ୍ୟତାର ମଞ୍ଜୁର ପ୍ରଦାନ କରନ୍ତୁ। ଏହାସହ ପଦ୍ମପୁରକୁ ପ୍ରଚାର କରିବାକୁ ଆସିବାବେଳେ ମୁଖ୍ୟମନ୍ତ୍ରୀ ଜିଲା ଗଠନ କରିବାର ବିଜ୍ଞପ୍ତି ଚିଠା ଧରି ଆସନ୍ତୁ। ଜନସାଧାରଣଙ୍କ ସମ୍ମୁଖରେ ସେ ପ୍ରକାଶ କରିବା ନେଇ ଆମ ଦଳର ଅପେକ୍ଷା ରହିଛି। ରାଜ୍ୟରେ ମୁଖ୍ୟମନ୍ତ୍ରୀ ଭାବରେ ସେ ଏଭଳି ପଦକ୍ଷେପ ନେଇପାରିବେ କି ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି।

ଅନ୍ୟପଟେ ଧର୍ମେନ୍ଦ୍ରଙ୍କ ଏଭଳି ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ବିଜେଡି ଏମ୍‌ପି ସସ୍ମିତ ପାତ୍ର ଟୁଇଟ୍ କରି କହିଛନ୍ତି, ଧର୍ମେନ୍ଦ୍ରବାବୁ ଗଲା ୨୨ ବର୍ଷ ହେଲାଣି ରାଜ୍ୟର ସାଢେ ୪ କୋଟି ଲୋକ ମୁଖ୍ୟମନ୍ତ୍ରୀଙ୍କ ଉପରେ ବିଶ୍ୱାସ ରଖିଛନ୍ତି। ଲୋକମାନେ ଜାଣିଛନ୍ତି ମୁଖ୍ୟମନ୍ତ୍ରୀ ଯାହା କହିଛନ୍ତି ତାହା କରି ଦେଖାଇଛନ୍ତି। ତେଣୁ ୨୨ ବର୍ଷ ହେଲା ଓଡ଼ିଶା ଲୋକେ ତାଙ୍କୁ ଆଶୀର୍ବାଦ କରିଆସୁଛନ୍ତି। ପଦ୍ମପୁରବାସୀ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ କଥାକୁ ବିଶ୍ୱାସ କରିଛନ୍ତି। ପଦ୍ମପୁର ଜିଲା ଗଠନ ଲାଗି ରାତି ଅଧରେ କ୍ୟାବିନେଟ୍ ବୈଠକର ଆବଶ୍ୟକତା ନାହିଁ। ଆପଣ ଏ ବାବଦରେ ବୋଧେ ସଚେତନ ନାହାନ୍ତି ବୋଲି ସସ୍ମିତ କହିଛନ୍ତି।

# ଯିଏ ପାର୍ଟିର ନୁହଁ, ସେ ମାଟିର ନୁହଁ : ଜୁଏଲ

## ଝାରବନ୍ଧରେ ଭାଜପାର ନିର୍ବାଚନୀ ପ୍ରଚାର

ଝାରବନ୍ଧ,୧।୧୨(ଡି.ଏନ.ଏ.)



ଜୁଏଲ ଓରାମ

ପଦ୍ମପୁର ଉପନିର୍ବାଚନ ପାଇଁ ତିନି ପ୍ରମୁଖ ଦଳ କଂଗ୍ରେସ, ଭାଜପା ଓ ବିଜେଡିର ପ୍ରଚାର ଜୋର୍ ଧରିଥିବା ବେଳେ ଗୁରୁବାର ଭାଜପା ପକ୍ଷରୁ ଝାରବନ୍ଧ ଖେଳ ପଡିଆଠାରେ ଏକ ବିଶାଳ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ରାଜ୍ୟ ସରକାରଙ୍କୁ ନିଶାନା କରିଥିଲେ। ସେହିପରି ପୂର୍ବତନ ମନ୍ତ୍ରୀ ତଥା ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ଯୋଗଦେଇ ତାଙ୍କ ଭାଷଣରେ ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହାଙ୍କ ଉଦ୍ଦେଶ୍ୟରେ କହିଥିଲେ, ଯିଏ ଜାତିର ନୁହଁ ସେ ପାର୍ଟିର ନୁହଁ, ଯିଏ ପାର୍ଟିର ନୁହଁ ସେ ମାଟିର ନୁହଁ। ବିଜେଡି ପ୍ରାର୍ଥିନୀଙ୍କ ନାଁ ମଧ ବର୍ଷା ବରିହା ନୁହଁ, ବଳିଆରସିଂ ବୋଲି ଜୁଏଲ କହିଥିଲେ। ଏହି ସଭାରେ ମହାସମୁନ୍ଦ ଏମ୍‌ପି ଚୁନିଲାଲ ସାହୁ, ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ପୂର୍ବତନ ବିଧାୟିକା ରୂପକୁମାରୀ ଚୌଧୁରୀ, ପୂର୍ବତନ ଏମ୍‌ପି ସଞ୍ଜୟ ଭୋଇ ପ୍ରମୁଖ ଯୋଗଦାନ କରି ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କ ପାଇଁ ଭୋଟ୍‌ଭିକ୍ଷା କରିଥିଲେ। ହରିହର ସାହୁ ସଭା ପରିଚାଳନା କରିଥିବା ବେଳେ ଲମ୍ବୋଦର ପଣ୍ଡା, ଗୋବର୍ଦ୍ଧନ ଅଗ୍ରୱାଲ, ତେଜେଶ୍ୱର ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

# ‘ନାରୀଙ୍କୁ ଅପମାନିତ କରିବା ଭାଜପା ନେତାଙ୍କ ଚରିତ୍ର ହେଲାଣି’

## ଭିଡିଓ ବାର୍ତ୍ତା ଜରିଆରେ ବର୍ଷିଲା ବିଜେଡି

ଭୁବନେଶ୍ୱର, ୧।୧୨(ବ୍ୟୁରୋ)



ଶ୍ରୀମୟୀ ମିଶ୍ର

ଭାଜପା ଏମ୍‌ପି ଜୁଏଲ ଓରାମ ଜଣେ ନାରୀଙ୍କୁ ଅପମାନ କରିଛନ୍ତି । ନାରୀଙ୍କୁ ଅପମାନିତ କରିବା ଭାଜପା ନେତାଙ୍କ ଚରିତ୍ର ହୋଇଗଲାଣି ବୋଲି ବିଜେଡି ମୁଖପାତ୍ର ଶ୍ରୀମୟୀ ମିଶ୍ର କହିଛନ୍ତି। ଏକ ଭିଡିଓ ବାର୍ତ୍ତା ଜାରି କରି ଶ୍ରୀମୟୀ କହିଛନ୍ତି, ଜୁଏଲ ଓରାମ ପଦ୍ମପୁରର ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହାଙ୍କ ବିରୋଧରେ ଯେଉଁ ମନ୍ତବ୍ୟ ଦେଇଛନ୍ତି, ତାହା ଅତ୍ୟନ୍ତ ଅଶାଳୀନ, ଅରୁଚିକର। ଏହା ଜୁଏଲଙ୍କ କୁତ୍ସିତ ମାନସିକତାର ପରିଚୟ। ଏହା କେବଳ ବର୍ଷାଙ୍କ ପ୍ରତି ଅପମାନ ନୁହେଁ, ସମଗ୍ର ନାରି ଜାତି ପ୍ରତି ଅପମାନ। ଏହା ପୂର୍ବରୁ ପ୍ରଦୀପ ପୁରୋହିତ ଏବଂ ଜୟନାରାୟଣ ମିଶ୍ର ମଧ ବର୍ଷାଙ୍କ ପ୍ରତି ଏଭଳି ମନ୍ତବ୍ୟ ଦେଇ ତାଙ୍କୁ ଅପମାନିତ କରିବାକୁ ଚେଷ୍ଟା କରିଥିଲେ। ସେମାନେ କ’ଣ ତାଙ୍କ ଘରେ ନାରୀମାନଙ୍କ ପ୍ରତି ଏଭଳି ଅଶାଳୀନ ମନ୍ତବ୍ୟ ଦିଅନ୍ତି କି ବୋଲି ଶ୍ରୀମୟୀ ପ୍ରଶ୍ନ କରିଛନ୍ତି । କିଛି ଦିନ ତଳେ ଜୁଏଲ ତାଙ୍କ ଝିଅ ବୟସର ଜଣେ ନେତ୍ରୀଙ୍କୁ ଅସଦାଚରଣ କରିଥିଲେ। ଏଥିପାଇଁ ଉକ୍ତ ନେତ୍ରୀ ଜଣକ ଥାନାରେ ଏତଲା ଦେବା ସହ ଗଣମାଧ୍ୟମରେ ଏ ବିଷୟରେ ପ୍ରକାଶ କରି ଜୁଏଲଙ୍କ ଅସଲ ରୂପକୁ ପଦାରେ ପକାଇ ଦେଇଥିଲେ। ଜୁଏଲଙ୍କ ଏଭଳି କାରନାମା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା ଏବଂ ତାଙ୍କୁ କିଛିଦିନ ଏଥିପାଇଁ ଲୁଚିବାକୁ ମଧ ପଡ଼ିଥିଲା। ଯେଉଁମାନେ ଜଣେ ମାଟିର ଝିଅକୁ ଅଶାଳୀନ ମନ୍ତବ୍ୟ ଦେଇ ବାରମ୍ବାର ଏଭଳି ଅପମାନିତ କରିବାକୁ ଚେଷ୍ଟା କରୁଛନ୍ତି ସେମାନଙ୍କୁ ପଦ୍ମପୁରବାସୀ ଆସନ୍ତା ୫ ତାରିଖରେ ଉଚିତ ଜବାବ ଦେବେ ବୋଲି ଶ୍ରୀମୟୀ କହିଛନ୍ତି।

# ଖାଦ୍ୟ ଯୋଗାଣ, ସମବାୟ ବିଭାଗ ଅତିରିକ୍ତ ଖର୍ଚ୍ଚଦାବି ଗୃହୀତ

## ଅନ୍ୟ ବିଭାଗ ଗିଲୋଟିନରେ ପାରିତ ହେଲା

ଭୁବନେଶ୍ୱର,୧।୧୨(ବ୍ୟୁରୋ)

ରାଜ୍ୟ ସରକାର ୨୦୨୨-୨୩ ଆର୍ଥିକ ବର୍ଷ ନିମନ୍ତେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପାଇଁ ୧୬୮ କୋଟି ୦୮ଲକ୍ଷ ୩୨ ହଜାର ଏବଂ ସମବାୟ ବିଭାଗର ୧୩ କୋଟି ୩ ଲକ୍ଷ ୯୮ ହଜାର ଟଙ୍କାର ପ୍ରସ୍ତାବିତ ଅତିରିକ୍ତ ଖର୍ଚ୍ଚଦାବି ଗୁରୁବାର ବିଧାନସଭାରେ ଗୃହୀତ ହୋଇଛି । ଏହାଛଡା ଅନ୍ୟ ବିଭାଗଗୁଡ଼ିକର ଖର୍ଚ୍ଚ ଦାବି ଗିଲୋଟିନ ଜରିଆରେ ପାରିତ ହୋଇଛି। ଖାଦ୍ୟ ଯୋଗାଣ ବିଭାଗର ୧୬୮ କୋଟି ମଧ୍ୟରୁ ପ୍ରଶାସନିକ ଖର୍ଚ୍ଚ ପାଇଁ ୨ କୋଟି ୪୬ ଲକ୍ଷ ୨୫ ହଜାର ଟଙ୍କା ଓ କାର୍ଯ୍ୟକ୍ରମ ବ୍ୟୟ ବରାଦ ପାଇଁ ମୋଟ ୧୬୫ କୋଟି ୬୨ଲକ୍ଷ ୭ହଜାର ଟଙ୍କା ଅତିରିକ୍ତ ବ୍ୟୟବରାଦ କରାଯାଇଛି । କାର୍ଯ୍ୟକ୍ରମ ବ୍ୟୟବରାଦ ମଧ୍ୟରୁ ସାଧାରଣ ବଣ୍ଟନ ବ୍ୟବସ୍ଥା ଯୋଜନାରେ ରିହାତି ବାବଦକୁ କରୋନା ମହାମାରୀକୁ ଦୃଷ୍ଟିରେ ରଖି ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ହିତାଧିକାରୀଙ୍କୁ ବିନା ମୂଲ୍ୟରେ ମୁଣ୍ଡ ପିଛା ମାସିକ ୫ କିଗ୍ରା ଚାଉଳ କିମ୍ବା ଗହମ କିମ୍ବା ଉଭୟ ବଣ୍ଟନ କରିବା ପାଇଁ ୧୬୪କୋଟି ୪୬ ଲକ୍ଷ ୨୦ ହଜାର ଟଙ୍କାର ଅତିରିକ୍ତ ବ୍ୟୟବରାଦ କରାଯାଇଛି । ଅନ୍ନପୂର୍ଣ୍ଣା ଯୋଜନାରେ ଏପ୍ରିଲ ୨୦୨୨ରୁ ସେପ୍ଟେମ୍ବର ୨୦୨୨ ପର୍ଯ୍ୟନ୍ତ ବଣ୍ଟାଯାଇଥିବା ଚାଉଳର ଖର୍ଚ୍ଚ ବାବଦକୁ ଟୋକନ ପ୍ରତିବଦଳରେ ୧କୋଟି ୧୫ ଲକ୍ଷ ୮୭ ହଜାର ଟଙ୍କାର ଅତିରିକ୍ତ ବ୍ୟୟବରାଦ କରାଯାଇଛି । ଓଡ଼ିଶାରେ ଗୋଟିଏ ଦେଶ ଗୋଟିଏ ରାଶନ କାର୍ଡ (ୱାନ ନେଶନ ୱାନ ରାଶନ) ଯୋଜନା ୨୦୨୧ ଜୁଲାଇ ମାସଠାରୁ ଲାଗୁ କରାଯାଇଛି । ଜାତୀୟ ଖାଦ୍ୟ ସୁରକ୍ଷା ଆଇନ(ଏନ୍‌ଏଫ୍‌ଏସ୍‌ଏ) ଅନୁସାରେ ସାମିଲ ହୋଇଥିବା ହିତାଧିକାରୀ ଦେଶରେ ନିଜ ପସନ୍ଦର ଯେକୌଣସି ସୁଲଭ ମୂଲ୍ୟ ଦୋକାନରୁ ନିଜ ପ୍ରାପ୍ୟ ଖାଦ୍ୟ ସାମଗ୍ରୀ ଉଠାଇ ପାରିବେ। ସେହିପରି ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (ଏସ୍‌ଏଫ୍‌ଏସ୍‌ଏସ୍)ରେ ସାମିଲ ହୋଇଥିବା ହିତାଧିକାରୀମାନେ ରାଜ୍ୟର ଯେ କୌଣସି ସୁଲଭ ମୂଲ୍ୟ ଦୋକାନରୁ ସେମାନଙ୍କ ପ୍ରାପ୍ୟ ରାଶନ ନେଇ ପାରିବେ। ପୁଷ୍ଟିହୀନତାଜନିତ ସମସ୍ୟାର ସମାଧାନ ନିମିତ୍ତ ରାଜ୍ୟରେ ସାଧାରଣ ବଣ୍ଟନ ବ୍ୟବସ୍ଥା, ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ସଞ୍ଚାଳିତ ସମନ୍ୱିତ ଶିଶୁ ବିକାଶ ଯୋଜନା (ଆଇସିଡିଏସ୍) ଓ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପିଏମ୍-ପୋଷଣ (ପୂର୍ବତନ ମଧ୍ୟାହ୍ନଭୋଜନ ଯୋଜନା) ରେ ଉପକୃତ ହେଉଥିବା ହିତାଧିକାରୀଙ୍କ ନିମନ୍ତେ ୨୦୨୧-୨୨ ବର୍ଷଠାରୁ ଭିଟାମିନଯୁକ୍ତ ଚାଉଳ ଯୋଗାଣ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏହି ଯୋଜନା ଅନ୍ତର୍ଗତ ମାଲକାନଗିରି ପାଇଲଟ ଜିଲାରେ ୨୦୨୧ ଜୁଲାଇଠାରୁ ହିତାଧିକାରୀଙ୍କୁ ଭିଟାମିନଯୁକ୍ତ ଚାଉଳ ଯୋଗାଇ ଦିଆଯାଉଛି ଓ ଅବଶିଷ୍ଟ ଜିଲାଗୁଡ଼ିକରେ ଏହି ଯୋଜନା ପର୍ଯ୍ୟାୟକ୍ରମେ ଲାଗୁ କରାଯିବ।

# ରାଜ୍ୟ ଘରୋଇ ବସ୍ ମାଲିକ ସଂଘର ଧାରଣା


ରାଜ୍ୟ ପରିବହନ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ବସ୍ ମାଲିକମାନେ।

- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୮ ଦଫା ଦାବିପତ୍ର
- ଧାରଣାସ୍ଥଳରେ ରାଜ୍ୟ ପରିବହନ କମିଶନରଙ୍କ ଆଲୋଚନା

କଟକ ଅଫିସ,୧।୧୨

ରାଜ୍ୟ ସଚିବାଳୟଠାରେ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ବସ୍ ଚଳାଚଳ ସମସ୍ୟାର ସମାଧାନ ପାଇଁ ହୋଇଥିବା ନିଷ୍ପତ୍ତି କାର୍ଯ୍ୟକାରୀ ହେଉନାହିଁ। ଏନେଇ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ କ୍ଷୋଭ ପ୍ରକାଶ କରାଯିବା ସହ ରାଜ୍ୟ ପରିବହନ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଧାରଣା ଦିଆଯାଇଥିଲା। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଧାରଣା ଚାଲୁ ରହିଥିବାବେଳେ ପରିବହନ କମିଶନର ଅରୁଣ ବୋଥ୍ରା ପହଞ୍ଚି ସଂଘର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସଂଘ ପକ୍ଷରୁ ୮ ଦଫା ଦାବିପତ୍ରକୁ ଗ୍ରହଣ କରିଥିଲେ। ଦାବିଗୁଡ଼ିକ ମଧ୍ୟରେ ବସ୍‌ର ପରମିଟ୍‌ଗୁଡ଼ିକ ତୃତୀୟ ପକ୍ଷଙ୍କୁ ହସ୍ତାନ୍ତର କରିବା ନିଷ୍ପତ୍ତି କାର୍ଯ୍ୟକାରୀ କରାଯିବା, ସ୍ଲିପର ବସ୍ ବଡିକୋର୍ଡ ଆଇନ୍ ଅନୁସାରେ ତିଆରି ହୋଇଥିବାରୁ ଦିନବେଳା ସେଗୁଡ଼ିକୁ ଚଳାଇବା ଅନୁମତି ପ୍ରଦାନ, ମଙ୍ଗୁଳିଠାରୁ ସମ୍ବଲପୁର ଓ ବଲାଙ୍ଗୀରଠାରୁ ବରଗଡ଼ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇଥିବାରୁ ମରାମତି, ମୋଟରଯାନ ଆଇନ ଅନୁସାରେ ୧୫ ବର୍ଷ ଅତିକ୍ରମ କରିଥିବା ବସ୍‌ଗୁଡ଼ିକର ସ୍ଥାୟୀ ପରମିଟ୍ ନବୀକରଣ, ମୋ ବସ୍ ରାଜ୍ୟ ରାଜପଥ ଓ ଜାତୀୟ ରାଜପଥରେ ଚଳାଚଳ ନ କରି କେବଳ ସହରାଞ୍ଚଳରେ ସୀମିତ ରହୁ, ବିଭିନ୍ନ ବସ୍‌ଷ୍ଟାଣ୍ଡରେ ବେଆଇନ୍ ପାର୍କିଂ ଫି' ଆଦାୟ ବନ୍ଦ ଓ ବରଗଡ଼ ନୂତନ ବସ୍‌ଷ୍ଟାଣ୍ଡରେ ଯାତ୍ରୀଙ୍କ ପାଇଁ ବିଶ୍ରାମକକ୍ଷ, ପରିସ୍ରାଗାର ଆଦି ନିର୍ମାଣ ଉପରେ ଆଲୋକପାତ କରାଯାଇଛି। ରାଜ୍ୟ ସଂଘ ସଭାପତି ଲୋକନାଥ ପାଣି, ସମ୍ପାଦକ ଦେବେନ୍ଦ୍ର ସାହୁ, କୋଷାଧ୍ୟକ୍ଷ ବରଦା ପ୍ରସନ୍ନ ଆଚାର୍ଯ୍ୟ, ଦେବାଶିଷ ନାୟକ, ଭୁବନେଶ୍ୱର ସଂଘ ସଭାପତି ଦେବବ୍ରତ ପଟ୍ଟନାୟକ, କଟକ ସଭାପତି ପ୍ରିୟବ୍ରତ ତ୍ରିପାଠୀ, ବାଲେଶ୍ୱର ସଭାପତି ମାଧବାନନ୍ଦ ମିଶ୍ର, ବରଗଡ଼ ସମ୍ପାଦକ ସେକ୍ ନାଜୁଙ୍କ ସମେତ ରାଜ୍ୟର ବହୁ ବସ୍ ମାଲିକ ଧାରଣାରେ ସାମିଲ ହୋଇଥିଲେ।

# 'ନିର୍ବାଚନ କରି ବାର୍ କାଉନସିଲ ପରିଚାଳନା କରାଯାଉ'


ଜିଲା ଓକିଲ ସଂଘ କର୍ମକର୍ତ୍ତାଙ୍କ ସହ ଓଲା ସଭାପତିଙ୍କ ବୈଠକ।

## ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରସଙ୍ଗ

- ଆନ୍ଦୋଳନକୁ ଓଲାର ସମର୍ଥନ
- ୨୯ ଓକିଲଙ୍କ ନାମରେ ମାମଲା ରୁଜୁ

ସମ୍ବଲପୁର,୧।୧୨(ବ୍ୟୁରୋ)

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ସମ୍ବଲପୁରରେ ବୁଧବାର ଓକିଲ ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏହି ଘଟଣା ପରେ ଗୁରୁବାର ନିଖିଳ ଓଡ଼ିଶା ଓକିଲ ସଂଘ (ଓଲା) ସଭାପତି ଜ୍ଞାନରଞ୍ଜନ ମହାନ୍ତି ସମ୍ବଲପୁର ଗସ୍ତରେ ଆସିଥିଲେ। ଜିଲା ଓକିଲ ସଂଘ ଓ ସିଏସି ସଦସ୍ୟଙ୍କ ସହିତ ଜିଲା ବାର ସମ୍ମିଳନୀ କକ୍ଷରେ ସେ ବୈଠକ କରି ଘଟଣା ଉପରେ ଆଲୋଚନା କରିଥିଲେ। ପୋଲିସର ମାତ୍ରାଧିକ କାର୍ଯ୍ୟକୁ ସେ ନିନ୍ଦା କରି କହିଥିଲେ, ଏହା ଲୋକମାନଙ୍କ ନ୍ୟାଯ୍ୟ ଦାବି। ତେଣୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏହି ଦାବି ଉପରେ ବିଚାର କରି ପଦକ୍ଷେପ ଗ୍ରହଣ କରନ୍ତୁ। ଆଲୋଚନାରେ ଜିଲା ଓକିଲ ସଂଘ ସଭାପତି ସୁରେଶ୍ୱର ମିଶ୍ର, ସାଧାରଣ ସମ୍ପାଦକ ସରୋଜ କୁମାର ସାହୁ, ଜିଲା କ୍ରିୟାନୁଷ୍ଠାନ କମିଟି ଅଧ୍ୟକ୍ଷ ପ୍ରଦିପ କୁମାର ବହିଦାର ଓ ସିଏସି ସାଧାରଣ ସମ୍ପାଦକ ବିଜିତେନ୍ଦ୍ରୀୟ ପ୍ରଧାନ ଉପସ୍ଥିତ ଥିଲେ।

ବୈଠକ ପରେ ଓଲା ସଭାପତି ମହାନ୍ତି କହିଥିଲେ, ରାଜ୍ୟ ସରକାର ୨୦୦୭ରୁ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟ ବେଞ୍ଚର ଆବଶ୍ୟକତା ରହିଛି ବୋଲି ସ୍ପଷ୍ଟ କରିଥିଲେ। ଏଥିପାଇଁ ସ୍ୱତନ୍ତ୍ର ବଜେଟ ମଧ୍ୟ ଅନୁମୋଦନ କରିଛନ୍ତି। କେନ୍ଦ୍ର ସରକାରଙ୍କୁ ପଦକ୍ଷେପ ନେବାକୁ ଚିଠି କରିଛନ୍ତି। ଏହା ସହ ଓଡ଼ିଶା ହାଇକୋର୍ଟକୁ ମଧ୍ୟ ପକ୍ଷ ରଖିବାକୁ ଅନୁରୋଧ କରିଛନ୍ତି। ହେଲେ ଉଭୟ ସରକାରଙ୍କ ଭିତରେ ସମନ୍ୱୟ ଅଭାବ ଯୋଗୁ ଆଗେଇପାରୁ ନାହିଁ। ଓକିଲମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଅଲ ଇଣ୍ଡିଆ ବାର୍ କାଉନସିଲ ଓ ରାଜ୍ୟ ବାର୍ କାଉନସିଲ ରହିଛି। ହେଲେ ବହୁବର୍ଷ ହେବ ରାଜ୍ୟରେ ବାର୍ କାଉନସିଲରେ ନିର୍ବାଚିତ ପ୍ରତିନିଧି ନାହାନ୍ତି। ସ୍ୱତନ୍ତ୍ର ଭାବେ ମନୋନୀତ କରାଯାଇ କାମ ହେଉଛି। ତେଣୁ ଠିକ୍ ଭାବେ କାମ ହେଉନାହିଁ। ତେଣୁ ବାର୍ କାଉନ୍‌ସିଲକୁ ଭାଙ୍ଗି ଶୀଘ୍ର ନିର୍ବାଚନ କରି ନିର୍ବାଚିତ ପ୍ରତିନିଧି ବାର କାଉନସିଲକୁ ପରିଚାଳନା କରନ୍ତୁ। ୫୦ ହଜାର ଓକିଲଙ୍କ ସମସ୍ୟାକୁ ନେଇ ପଦକ୍ଷେପ ଗ୍ରହଣ କରନ୍ତୁ। ସୁପ୍ରିମକୋର୍ଟ ସର୍ବୋଚ୍ଚ। ତାଙ୍କ ରାୟ ପ୍ରତି ସମ୍ମାନ ରହିଛି। ହେଲେ ଗଣତାନ୍ତ୍ରିକ ଉପାୟରେ ଆନ୍ଦୋଳନ କରାଯିବ। ଆମକୁ ଲାଇସେନ୍ସ ଦେଇଥିବା ବାର୍ କାଉନସିଲ ପଦକ୍ଷେପ ଗ୍ରହଣ କରିବେ। ଏଭଳି ଉପାୟରେ ସମାଧାନ ହୋଇ ପାରିବ ନାହିଁ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ଆନ୍ଦୋଳନ ଉଗ୍ରରୂପ ନେଇଥିଲା। ସୁପ୍ରିମକୋର୍ଟ ଏହି ଆନ୍ଦୋଳନକୁ ବେଆଇନ ଘୋଷଣା କରି ଓକିଲଙ୍କ ଲାଇସେନ୍ସ ବାତିଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ନାଗରିକ କମିଟି ଆହ୍ୱାନ କ୍ରମେ ଜିଲା ଓକିଲ ସଂଘ ନିଜ ଜିଦ୍‌ରେ ଅଟଳ ରହି ବୁଧବାର ପୁଣି ଆନ୍ଦୋଳନକୁ ଓହ୍ଲାଇଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ବିଚାରପତିମାନଙ୍କୁ କଡା ସୁରକ୍ଷା ବଳୟରେ ପୋଲିସ କୋର୍ଟ ପରିସରକୁ ନେବାକୁ ଚେଷ୍ଟା କରିଥିଲା। ଏହି ସମୟରେ ପୋଲିସ ଓ ଓକିଲମାନଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏହାକୁ ନେଇ ୨୯ଜଣ ଓକିଲଙ୍କ ନାମରେ ଟାଉନ ଥାନାରେ ଏକ ମାମଲା (ନଂ.୪୬୦/୨୨) ରୁଜୁ କରାଯାଇ ୮ ଗୋଟି ଦଫା ଲଗାଯାଇଛି।

# କୋଭିଡ୍ ମୃତ୍ୟୁସଂଖ୍ୟାରେ ତାଳମେଳ ନାହିଁ

- ସ୍ୱାସ୍ଥ୍ୟ ବିଭାଗ କହୁଛି ୯,୨୦୪
- ମନ୍ତ୍ରୀଙ୍କ ଉତ୍ତରରେ ୨୦,୦୦୦ରୁ ଅଧିକ

ଭୁବନେଶ୍ୱର,୧।୧୨(ବ୍ୟୁରୋ)

୨୦୨୦ରୁ ୨୦୨୨ ମଧ୍ୟରେ ଓଡ଼ିଶାରେ କରୋନା ମହାମାରୀ ୨୦ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ନେଇଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ପ୍ରମିଳା ମଲ୍ଲିକ ବିଧାନସଭାରେ କହିଛନ୍ତି। ଗୁରୁବାର ଗୃହରେ ଭାଜପା ସଭ୍ୟ ନବ ଚରଣ ମାଝୀଙ୍କ ଏକ ଲିଖିତ ପ୍ରଶ୍ନରେ ମନ୍ତ୍ରୀ ଏହି ଉତ୍ତର ଦେଇଛନ୍ତି। ହେଲେ ସ୍ୱାସ୍ଥ୍ୟ ବିଭାଗ ଏହି ମୃତ୍ୟୁସଂଖ୍ୟା ୯,୨୦୪ ଦର୍ଶାଉଛି। ମନ୍ତ୍ରୀଙ୍କ ଉତ୍ତର ସହ ଏହା ତାଳମେଳ ରହୁନାହିଁ ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ତେବେ ସରକାର କୋଭିଡ୍‌ଜନିତ ମୃତ୍ୟୁ ସଂଖ୍ୟା ଲୁଚାଉଛନ୍ତି ଓ ଏଥିପାଇଁ ଏକ ଶ୍ୱେତପତ୍ର ଆଣନ୍ତୁ ବୋଲି ବିରୋଧୀ ଦଳ ଦାବି କରିଛନ୍ତି।

ଅନ୍ୟପକ୍ଷରେ ୨୦୧୨ରୁ ୨୦୨୨ ମଧ୍ୟରେ ବାତ୍ୟା, ବନ୍ୟା, ମରୁଡ଼ି ଓ ବର୍ଷା ଭଳି ପ୍ରାକୃତିକ ବିପର୍ଯ୍ୟୟ ଆସିଥିଲେ ମଧ୍ୟ ସେଥିରେ ମୃତ୍ୟୁସଂଖ୍ୟା ମାତ୍ର ୨୨୭ ମଧ୍ୟରେ ସୀମିତ ରହିଛି। ୨୦୧୨ ଓ ୨୦୧୬ରେ ରାଜ୍ୟରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ଆସି ନ ଥିବାବେଳେ ୨୦୧୮ ମସିହାର ବାତ୍ୟା 'ତିତଲି'ରେ ସର୍ବାଧିକ ୭୨ ଓ ବାତ୍ୟା 'ଫନି'ରେ ୬୪ ଜଣଙ୍କ ମୃତ୍ୟୁ ଘଟିଛି। ୨୦୨୦ରେ ପ୍ରବଳ ବନ୍ୟା ଓ ବର୍ଷା ଯୋଗୁ ୩୮, ୨୦୨୧ରେ ବନ୍ୟା ଓ ବର୍ଷା ଯୋଗୁ ୧୩ ଜଣ ଏବଂ ୨୦୨୨ରେ ବନ୍ୟା ଓ ବର୍ଷାରେ ୧୨ଜଣଙ୍କ ମୃତ୍ୟୁ ହୋଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

# କୋଟିଏରୁ ଉର୍ଦ୍ଧ୍ୱ ଠକେଇ, ୬ ଅଭିଯୁକ୍ତ ଗିରଫ

ମଙ୍ଗୁଳି/ଜଗତପୁର,୧।୧୨(ଡି.ଏନ.ଏ.)

ବ୍ୟାଙ୍କ୍‌ରେ ଜାଲ୍ କାଗଜପତ୍ର ଦେଇ ୧କୋଟି ୬ଲକ୍ଷ ଟଙ୍କା ଠକି ନେବା ଅଭିଯୋଗରେ ଜଗତ୍‌ପୁର ପୋଲିସ ୬ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଭଦ୍ରକ ଥାନା ଅଧୀନ ଚରମ୍ପା ବୈକୁଣ୍ଠ ବିହାରର ରବୀନ୍ଦ୍ର କୁମାର ଜେନା, ଜଗତପୁର ଥାନା ମହାଜନପୁରର ନିମାଇଁ ଚରଣ ବାରିକ, ବହୁଗ୍ରାମର କିଶୋର କୁମାର ରାୟ, ମଧୁସୂଦନ ବେହେରା, ସତ୍ୟଭାମାପୁରର ପୂର୍ଣ୍ଣ ଚରଣ ସାହୁ ଓ ମହାଜନପୁରର ଶ୍ରୀଧର ବାରିକ। ପୋଲିସ ସୂଚନା ଅନୁଯାୟୀ, ୨୦୧୨ ମାର୍ଚ୍ଚରେ ଜଗତ୍‌ପୁରସ୍ଥିତ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ନିମପୁର ଶାଖାରେ ଅଭିଯୁକ୍ତମାନେ ଜାଲ୍ କାଗଜପତ୍ର ଦେଇ ଉକ୍ତ ଟଙ୍କା ଲୋନ୍ ଆକାରରେ ନେଇଥିଲେ। ପରବର୍ତ୍ତୀ ସମୟରେ ସେମାନେ ଲୋନ୍ ନ ଶୁଝି ଫେରାର ହୋଇଯାଇଥିଲେ। ଏ ନେଇ ବ୍ୟାଙ୍କ୍‌ର ବ୍ରାଞ୍ଚ ମ୍ୟାନେଜର ଦେବାଶିଷ ସାହୁ ୨୦୧୩ ମେ' ୧୩ରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୯୯/୧୩) ରୁଜୁ କରିଥିଲା। ବୁଧବାର ମୁଖ୍ୟ ଅଭିଯୁକ୍ତ ରବୀନ୍ଦ୍ରଙ୍କୁ ପୋଲିସ ଭଦ୍ରକରୁ ଗିରଫ କରିଥିଲା।

# ପ୍ରେମ ପାଇଁ ସ୍ୱାମୀଙ୍କ ତଣ୍ଟି କାଟି ହତ୍ୟା

## ଅଜଣା ଯୁବକଙ୍କୁ ହତ୍ୟା ଘଟଣା

### ସ୍ତ୍ରୀ, ପ୍ରେମିକଙ୍କ ସମେତ ୩ କୋର୍ଟଚାଲାଣ

ବିଶୋଇ,୧।୧୨ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅଧୀନ ୪୯ନଂ. ଜାତୀୟ ରାଜପଥସ୍ଥିତ ମହୁଭଣ୍ଡାର ପୋଲ ନିକଟସ୍ଥ ଏକ ନିଛାଟିଆ ଅଞ୍ଚଳରେ ଗତ ୧୯ ତାରିଖରେ ଜଣେ ଅଜଣା ଯୁବକଙ୍କ ତଣ୍ଟି କାଟି ହତ୍ୟା କରାଯାଇଥିବା ନେଇ ଚାଞ୍ଚଲ୍ୟ ଖେଳିଯାଇଥିଲା। ମୃତକଙ୍କ ପରିଚୟ ମିଳିବା ସହିତ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ବିଶୋଇ ପୋଲିସ ଧରିବାରେ ସଫଳ ହୋଇଛି। ପ୍ରେମଜନିତ କାରଣରୁ ଏହି ହତ୍ୟାକାଣ୍ଡ ଘଟିଥିବା ହତ୍ୟାକାରୀମାନେ ସ୍ୱୀକାର କରିଥିବା ପୋଲିସ କହିଛି। ମୃତ ଯୁବକ ହେଲେ ଢେଙ୍କାନାଳ ଜିଲା କଙ୍କଡାହାଡ଼ ଥାନା କେନ୍ଦୁପଡ଼ା ଗ୍ରାମର ଜୟକୃଷ୍ଣ ନାୟକଙ୍କ ପୁଅ ପୁରେନ୍ଦ୍ର ନାୟକ (୪୦)। ସେହିପରି ହତ୍ୟାକାଣ୍ଡରେ ସମ୍ପୃକ୍ତ ମୃତକଙ୍କ ସ୍ତ୍ରୀ ସେବତୀ ନାୟକ(୩୫) ଓ ତାଙ୍କ ପ୍ରେମିକ ତଥା ମୁଖ୍ୟ ଅଭିଯୁକ୍ତ କଙ୍କଡ଼ାହାଡ଼ ଥାନା ଖରଖରୀ ଗ୍ରାମର ଉମେଶ ମହାନ୍ତ (୪୫) ଏବଂ ସହଯୋଗୀ କାର୍ ଡ୍ରାଇଭର ଗୋଡିସାହି ଗ୍ରାମର ଲିଟୁ ପରିଡା(୩୪)ଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ହତ୍ୟା ଘଟଣାରେ ବ୍ୟବହୃତ କାର୍ ଜବତ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ଗତ ୧୯ ତାରିଖରେ ମୃତକଙ୍କ ସହିତ ସମସ୍ତ ଅଭିଯୁକ୍ତ ଏକ କାର୍ ଯୋଗେ ମୟୂରଭଞ୍ଜ ଜିଲାକୁ ବୁଲିବାକୁ ଆସିଥିଲେ। ମୃତକ ପୁରେନ୍ଦ୍ର ତାଙ୍କ ପିଉସୀ ଶାଶୁ ଘର ଘାଘରାବେଡ଼ା ଥାନା ଡେନୁଁଆ ଗ୍ରାମକୁ ଯାଇ ସେଠାରେ ସେବତୀଙ୍କୁ ଛାଡ଼ି ଡ୍ରାଇଭର ଲିଟୁ ଓ ଉମେଶଙ୍କ ସହ କାର୍ ଯୋଗେ ବିଶୋଇ ଅଭିମୁଖେ ଆସିଥିଲେ। ବିଶୋଇ ଅଞ୍ଚଳର ଏକ ଢାବାରେ ଖାଇସାରି ମହୁଭଣ୍ଡାର ପୋଲ ନିକଟ ନିଛାଟିଆ ସ୍ଥାନରେ ପହଞ୍ଚିଥିଲେ। ଯୋଜନା ମୁତାବକ ଘଟଣାସ୍ଥଳରେ ଲିଟୁ ଓ ଉମେଶ ପୁରେନ୍ଦ୍ରଙ୍କୁ ପ୍ରଚୁର ମଦ ପିଆଇ ଦେଇ ଏକ ଧାରୁଆ ଛୁରୀରେ ତାଙ୍କ ତଣ୍ଟି କାଟି ଅତି ବିଭତ୍ସ ଭାବରେ ହତ୍ୟା କରି କାର୍ ଯୋଗେ ସେଠାରୁ ଚମ୍ପଟ ମାରିଥିଲେ। ପର ଦିନ ବିଶୋଇ ପୋଲିସ ମୃତଦେହ ଜବତ କରି ଏକ ମାମଲା(ନଂ.୧୭୦/୨୨) ରୁଜୁ କରି ତଦନ୍ତ ଜାରି ରଖିଥିଲା।

ଏସ୍‌ପି କେ.ଆର. ଦ୍ୟାନଦେଓଙ୍କ ନିର୍ଦ୍ଦେଶକ୍ରମେ ରାଇରଙ୍ଗପୁର ଏସ୍‌ଡିପିଓ ଗୋକୁଳାନନ୍ଦ ସାହୁଙ୍କ ସମେତ ବିଶୋଇ ଥାନା ଅଧିକାରିଣୀ ମିନି ଭୋଇ ତଦନ୍ତ ଚଳାଇ ବିଶୋଇ ଅଞ୍ଚଳର ଏକ ମଦ ଦୋକାନରୁ ମିଳିଥିବା ସିସିଟିଭି ଫୁଟେଜ୍ ଓ ମୋବାଇଲ ଟ୍ରାକିଂ ସହାୟତାରେ ମଙ୍ଗଳବାର କାର୍ ଡ୍ରାଇଭର ଲିଟୁ ପରିଡ଼ାଙ୍କୁ ପୁରୀରୁ ଗିରଫ କରିଥିଲେ। ସେହିପରି କେନ୍ଦୁପଡ଼ା ଗ୍ରାମରୁ ମୁଖ୍ୟ ଅଭିଯୁକ୍ତ ଉମେଶ ମହାନ୍ତ ଓ ମୃତକଙ୍କ ସ୍ତ୍ରୀ ସେବତୀଙ୍କୁ ମଧ୍ୟ ଗିରଫ କରି ବିଶୋଇ ଥାନାକୁ ଅଣାଯାଇଥିଲା। ସେବତୀ ଓ କେନ୍ଦୁପଡ଼ା ଗ୍ରାମରେ ଶିକ୍ଷକତା ଚାକିରି କରୁଥିବା ଉମେଶଙ୍କ ମଧ୍ୟରେ ଦୀର୍ଘ ଦିନ ହେବ ପ୍ରେମ ସମ୍ପର୍କ ରହିଥିଲା। ଏଥିରେ କଣ୍ଟା ସାଜିଥିବା ପୁରେନ୍ଦ୍ରଙ୍କୁ ସବୁଦିନ ପାଇଁ ରାସ୍ତାରୁ ହଟାଇଦେବା ପାଇଁ ସ୍ତ୍ରୀ ସେବତୀ ପ୍ରେମିକ ଉମେଶ ମିଶି ଡ୍ରାଇଭର ଲିଟୁ ପରିଡ଼ାଙ୍କ ସହାୟତାରେ ଯୋଜନାବଦ୍ଧ ଭାବେ ପୁରେନ୍ଦ୍ରଙ୍କ ଗଳାକାଟି ହତ୍ୟା କରିଥିବା ଜିଲା ଏସ୍‌ପି ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।




ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨ ଡିସେମ୍ବର, ୨୦୨୨



# ରାଜପଥ କାମ ସରୁନି, ବଢୁଛି ଦୁର୍ଘଟଣା

■ ମାଲବାହୀ ଟ୍ରକ୍ ପାର୍କିଂ ସ୍ଥଳ ପାଲଟିଛି
■ ସଡ଼କ ସୁରକ୍ଷା ସଚେତନତା ପ୍ରହସନ
■ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି

**ଖୋର୍ଦ୍ଧା ଅଫିସ,୧।୧୨: ଭୁବନେଶ୍ୱର**

ଭୁବନେଶକବର-ଚେନ୍ନାଇ ୧୬ ନମ୍ବର ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ସମ୍ପ୍ରସାରଣ ଓ ମରାମତି କାର୍ଯ୍ୟ ଜାରି ରହିଛି। ଅନେକ ସ୍ଥାନରେ ଏକମୁହାଁ ଏବଂ ଅଣଓସାରିଆ ରାସ୍ତା ରହିଥିବା ବେଳେ ରାସ୍ତା ଉପରେ ନିର୍ମାଣ ସାମଗ୍ରୀ ରହିଛି। ଫଳରେ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଭୁବନେଶ୍ୱର ଖଣ୍ଡଗିରି ଛକରୁ ଖୋର୍ଦ୍ଧା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନ ମରଣଯନ୍ତା ପାଲଟିଛି। ଖୋର୍ଦ୍ଧା ପଟୁ ପିତାପଲ୍ଲୀ, ଯାଁଳା ଛକ, ଜଟଣୀ ବାଇପାସ, ମଦନପୁର ଛକ ଆଦି ସ୍ଥାନରେ ଅନେକ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଖୋର୍ଦ୍ଧାରୁ ବାଣପୁର ପର୍ଯ୍ୟନ୍ତ ବିଭିନ୍ନ ଛକ ସ୍ଥାନ ମରଣାଯନ୍ତା ପାଲଟିଛି। ତୋଟପଡ଼ା, ଦଳେଇପୁଟ ଛକ, ମଳିପଡା, ତାପଙ୍ଗ, ରାମେଶ୍ୱର ଛକ, ଟାଙ୍ଗୀ-ଚାନ୍ଦପୁର, ନାରୁଣୀ ଛକ ଏବଂ ବାଲୁଗାଁ ବାଇପାସ, ନାଭାଲ ଛକ, କେଶପୁର ଛକ, ଲଙ୍ଗଳେଶ୍ୱର ଆଦି ଛକ ସ୍ଥାନରେ ଦୁର୍ଘଟଣା ବଢୁଛି।

ଗୁରୁବାର ଜଙ୍କିଆ ଥାନା ଅଧୀନ ବଡ଼ପୋଖରିଆ ନିକଟରେ ଟ୍ରକ ପଛପଟକୁ କାର୍ ଧକ୍କା ଦେବାରୁ କାର ଚାଳକଙ୍କ ସମେତ ୪ଜଣଙ୍କ ମୃତ୍ୟୁ ଘଟିଛି। କିଛି ମାସ ପୂର୍ବେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ନିର୍ମାଣାଧୀନ ବ୍ରିଜ ନିକଟରେ ଏକ ହାଇୱା ଦୁଇଜଣ ଶ୍ରମିକଙ୍କୁ ଚାପି ଦେଇଥିଲା। ଫଳରେ ଉଭୟଙ୍କ ମୃତ୍ୟୁ ହୋଇଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଗଡ଼ଖୋର୍ଦ୍ଧା ଛକ ମଧ୍ୟରେ ଏକାଧିକ ଦୁର୍ଘଟଣା ଘଟିଥିବା ବେଳେ ବରୁଣେଇ ଓଭରବ୍ରିଜ ନିକଟରେ ଏକ ଯାତ୍ରୀବାହୀ ବସ୍ ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ହେଲ୍ପରଙ୍କ ମୃତ୍ୟୁ ଘଟିଥିବା ବେଳେ ୧୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଥିଲେ। ତୋଟପଡ଼ା ଛକରେ ଟ୍ରକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବା ବେଳେ ଗୋଟିଏ ପରେ ଗୋଟିଏ ଜୀବନ ଯାଉଛି। ଅନ୍ୟପଟେ ରାଜପଥରେ ମାଲବାହୀ ଟ୍ରକ ଧାଡ଼ି ଧାଡ଼ି ଛିଡ଼ା ହୋଇ ରହୁଛନ୍ତି। କୁହୁଡ଼ି ଯୋଗୁ କାର୍ ଚାଳକମାନେ ଦୂରରୁ ଦେଖି ନ ପାରି ପଛପଟୁ ଧକ୍କା ଦେଉଛନ୍ତି। ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଫ୍ଲାଏ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଚାଲିଛି। ଫଳରେ ଏଠାରୁ ପଲ୍ଲା ତୋଟାପଡ଼ା ଛକ ପର୍ଯ୍ୟନ୍ତ ଉଭୟ ପଟ ରାସ୍ତା ସଙ୍କୁଚିତ ରହିଛି। ପୁଣି ତୋଟାପଡ଼ା ଛକରେ ଏକମୁହାଁ ରାସ୍ତା ଯୋଗୁ ସମସ୍ତ ଭାରିଯାନ ଯାତାୟାତ କରୁଛନ୍ତି। ଫଳରେ ଏହି ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଏଥିପ୍ରତି ଜାତୀୟ ରାଜପଥ ପ୍ରାଧିକରଣ ଏବଂ ଜିଲା ପ୍ରଶାସନ ଗୁରୁତ୍ୱ ଦେବା ଜରୁରୀ ହୋଇପଡିଛି। ଅନ୍ୟପଟେ ପ୍ରତିବର୍ଷ ସଡ଼କ ସୁରକ୍ଷା ସପ୍ତାହରେ ରାଜ୍ୟ ସରକାରଙ୍କ ପକ୍ଷରୁ ସଚେତନତା କାର୍ଯ୍ୟ କରାଯାଉଛି। ବିଭିନ୍ନ ଯୋଜନା ହାତକୁ ନିଆଯାଉଛି। ତେବେ ସବୁ ଯୋଜନା, ସଚେତନତା କେବଳ କାଗଜକଲମରେ ସୀମିତ ରହିଯାଉଛି। ରାଜପଥରେ ଦୁର୍ଘଟଣା ଥମିବା ପରିବର୍ତ୍ତେ ବଢ଼ି ଚାଲିଛି। ଜାତୀୟ ରାଜପଥରେ ପୋଲିସ ପାଟ୍ରୋଲିଂ ଏବଂ ଇଣ୍ଟରସେପ୍ଟର ବ୍ୟବସ୍ଥା ରହିଥିବା ବେଳେ ଏହା ମଧ୍ୟ ଜରିମାନାରେ ସୀମିତ। ଜାତୀୟ ରାଜପଥରେ ଲୋକଙ୍କ ଧନଜୀବନ ସୁରକ୍ଷା ଏବଂ ଦୁର୍ଘଟଣାଜନିତ ତ୍ୱରିତ ସେବା ପାଇଁ ରାଜ୍ୟ ସରକାର ୨୦୨୧ ଏପ୍ରିଲ ପହିଲାରୁ ହାଇୱେ ପାଟ୍ରୋଲିଂ ବ୍ୟବସ୍ଥା କରିଛନ୍ତି। ତେବେ ହାଇୱେ ପାଟ୍ରୋଲିଂ ସ୍ଥିତି ନୈରାଶ୍ୟଜନକ ରହିଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ଟ୍ରକ୍-ବାଇକ୍ ଧକ୍କା: ବିଦ୍ୟୁତ୍ କର୍ମଚାରୀଙ୍କ ମୃତ୍ୟୁ

ବୋଲଗଡ଼,୧।୧୨(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅଧୀନ ପରମାନନ୍ଦ କଲେଜ ସମ୍ମୁଖ ରାସ୍ତାରେ ଗୁରୁବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଟ୍ରକ୍-ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ବାଇକ୍ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତକ ହେଲେ ବୋଲଗଡ଼ ଥାନା ଅଧୀନ ପାଟବନ୍ଧ ଗ୍ରାମର ମନ୍ମଥ ରାଉତରାୟ(୩୦)। ବିଦ୍ୟୁତ୍ ବିଭାଗର ବୋଲଗଡ଼ ସେକ୍ସନ ଅଧୀନ ଭୀମପଡ଼ା ଫ୍ୟୁଜ୍ କଲସେଣ୍ଟରରେ ସେ ଠିକାଭିତ୍ତିକ ଲାଇନ୍ସମ୍ୟାନ ଭାବେ କାର୍ଯ୍ୟରତ ଥିଲେ। ସୂଚନା ମୁତାବକ, ଅପରାହ୍ନ ୧ଟା ୩୦ରେ ମନ୍ମଥ ଖାଇବା ପାଇଁ ବୋଲଗଡ଼ ବଜାରକୁ ବାଇକ୍(ଓଡି୦୨କ୍ୟୁ ୧୩୪୬)ରେ ଯାଉଥିଲେ। ପରମାନନ୍ଦ କଲେଜ ସମ୍ମୁଖ ୫୭ନମ୍ବର ଜାତୀୟ ରାଜପଥରେ ବିପରୀତ ପଟୁ ଆସୁଥିବା ଗ୍ୟାସ୍ ବୋଝେଇ ଟ୍ରକ୍ (ଓଡି ୦୧ ଏମ୍ ୨୧୭୧) ସହ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ମନ୍ମଥଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଖବରପାଇ ପୋଲିସ ପହଞ୍ଚି ମନ୍ମଥଙ୍କୁ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହ ଟ୍ରକକୁ ଜବତ କରିଥିଲା। ସେଠାରେ ଡାକ୍ତର ମନ୍ମଥଙ୍କୁ ମୃତ ଘୋଷଣା କରିଥିଲେ।

### ରେଳଧାରଣାରେ ଖଣ୍ଡବିଖଣ୍ଡିତ ଅଜଗର

ବାଲୁଗାଁ,୧।୧୨(ଡି.ଏନ୍.ଏ.): ବାଲୁଗାଁସ୍ଥିତ ସରଳାପଦର ଗ୍ରାମ ନିକଟ ମାମୁଭଣଜା ପାହାଡ଼ ପାର୍ଶ୍ୱ ଦେଇଯାଇଥିବା ରେଳଧାରଣାରୁ ଗୁରୁବାର ୬ ଫୁଟ ଲମ୍ବ ବିଶିଷ୍ଟ ଖଣ୍ଡ ବିଖଣ୍ଡିତ ମୃତ ଅଜଗର ସାପକୁ ଜବତ କରାଯାଇଛି। ସୂଚନା ମୁତାବକ, ଗୁରୁବାର ଭୋରରୁ ସରଳାପଦର ଗ୍ରାମର କେତେଜଣ ବ୍ୟକ୍ତି ମାମୁଭଣଜା ପାହାଡ଼ର ଅପରପାର୍ଶ୍ୱ ବିଲରୁ ଧାନ ଆଣିବାକୁ ଯିବାବେଳେ ରେଳ ଧାରଣାରେ ଏକ ଅଜଗର ସାପ ତିନି ଖଣ୍ଡ ହୋଇ ମରିପଡ଼ିଥିବା ଦେଖିବାକୁ ପାଇଥିଲେ। ସାପଟି ପାହାଡ଼ରୁ ଖାଦ୍ୟ ଅନ୍ୱେଷଣରେ ଆସିଥିବାବେଳେ କୌଣସି ଟ୍ରେନ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ଖବରପାଇ ବାଲୁଗାଁ ବନବିଭାଗ କର୍ମଚାରୀ ପହଞ୍ଚି ମୃତ ସାପକୁ ଉଦ୍ଧାର କରିଥିଲେ। ସାପଟିକୁ ପୋତାଯିବ ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି।

### ପୃଥକ୍ ମାମଲା: ୨ ଗିରଫ





ବାଣପୁର/ଗମ୍ଭାରୀମୁଣ୍ଡା,୧।୧୨ (ଡି.ଏନ୍.ଏ.): ବାଣପୁର ପୋଲିସ ଗୁରୁବାର ପୃଥକ ମାମଲାରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲଣ କରିଛି। ସେମାନେ ହେଲେ ଅମୂଲ୍ୟ ଜେନା (୩୦) ଏବଂ ନୌଷଦ ମିର୍ଜା (୨୨)। ସୂଚନା ମୁତାବକ, ଅମୂଲ୍ୟ ଏହି ଥାନା ଅଞ୍ଚଳର ଜଣେ ମହିଳାଙ୍କ ଘରେ ପଶି ଅସଦାଚରଣ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ସମ୍ପୃକ୍ତା ମହିଳାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୫୪୪/୨୨)ରୁଜୁକରି ଅମୂଲ୍ୟଙ୍କୁ ଗିରଫ କରିଥିଲା। ସେହିପରି ଦୁଇଦିନ ପୂର୍ବେ ନୌଷଦ ଗାଲୁଆ ଗ୍ରାମର ଶଙ୍କର୍ଷଣ ପରିଡ଼ାଙ୍କ ଘରେ ପଶି ଚୋରି କରିବା ସହ ଲୁଚିକି ରହିଥିଲା। ତେବେ ଶଙ୍କର୍ଷଣଙ୍କ ସ୍ତ୍ରୀ ରଜନୀ କେହି ଜଣେ ଘରେ ଲୁଚିଥିବା ଦେଖି ଚିତ୍କାର କରିଥିଲେ। ସ୍ଥାନୀୟ ଲୋକେ ଏକତ୍ରିତ ହୋଇ ନୌଷଦଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ପରବର୍ତ୍ତୀ ସମୟରେ ଘରୁ ୫ ହଜାର ଟଙ୍କା ଚୋରି ହୋଇଥିବାର ରଜନୀ ଜାଣିବାକୁ ପାଇଥିଲେ। ଏନେଇ ରଜନୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୫୪୩/୨୨) ରୁଜୁକରି ନୌଷଦଙ୍କୁ ଗିରଫ କରିଥିଲା।

### ମନ୍ଦିର ପ୍ରତିଷ୍ଠା ଉତ୍ସବ

କୃଷ୍ଣପ୍ରସାଦ,୧।୧୨(ଡି.ଏନ୍.ଏ.): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ତିତିପ ଗ୍ରାମସ୍ଥିତ ପଣ୍ଡେଶ୍ୱର ଦେବଙ୍କ ମନ୍ଦିର ପ୍ରତିଷ୍ଠାର ପ୍ରଥମ ବାର୍ଷିକ ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଚଢ଼େୟା, ଫୁଲାରି, ତିତିପ ସାନସାହି ଓ ବଡ଼ସାହି ଗ୍ରାମବାସୀ ଏବଂ ପଞ୍ଚୁପଡ଼ା କମିଟି ସହଯୋଗରେ ୪ଦିନ ବ୍ୟାପୀ ଏହି ଉତ୍ସବ ପାଳନ କରାଯାଇଥିଲା। ଏଥିସହିତ ମନ୍ଦିର ପରିସରରେ ଥିବା ମା'ରାମଚଣ୍ଡୀ, ରାଧାକାନ୍ତ ଦେବ ଓ ପଣ୍ଡେଶ୍ୱରଙ୍କ ମନ୍ଦିରକୁ ରଙ୍ଗବେରଙ୍ଗ ଆଲୋକମାଳା ଓ ବିଭିନ୍ନ ପୁଷ୍ପରେ ସଜ୍ଜିତ କରାଯାଇଥିଲା। ଉତ୍ସବରେ ପାରିକୁଦ ରାଜା ସନ୍ତୋଷ ଚନ୍ଦ୍ର ଦେଓ ଯୋଗଦେଇଥିଲେ। ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ନିମନ୍ତେ ପୋଲିସ ମୁତୟନ କରାଯାଇଥିଲା। ତିତିପ ପଞ୍ଚୁପଡ଼ା ମନ୍ଦିର ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ନାଥ ମାଝୀ, ସମ୍ପାଦକ ନିରଞ୍ଜନ ନାୟକଙ୍କ ନେତୃତ୍ୱରେ ପୂର୍ଣ୍ଣାହୁତି ହୋଇଥିଲା।





ପୁରୀ ଚନ୍ଦ୍ରଭାଗା ବେଳାଭୂମିରେ ଗୁରୁବାର ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକାକଳା ।

## ଟାଙ୍କି ଖନନବେଳେ ଭୁଶୁଡ଼ିଲା ପାଚେରି

**ଜଣେ ମହିଳା ଶ୍ରମିକ ମୃତ, ଆଉଜଣେ ଗୁରୁତର**

**ଭୁବନେଶ୍ୱର, ୧।୧୨(ବ୍ୟୁରୋ) :**

ଏକ ନିର୍ମାଣାଧୀନ ଆପାର୍ଟମେଣ୍ଟର ସ୍ୱେରେଜ ଟାଙ୍କି ଖୋଳାଯାଉଥିବାବେଳେ ପାଚେରୀ ଭୁଶୁଡି ପଡ଼ିବାରୁ ଏହା ତଳେ ଚାପି ହୋଇ ଜଣେ ମହିଳା ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଏଥିସହ ଆଉଜଣେ ମହିଳା ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ଭରତପୁର ଥାନା ଅନ୍ତର୍ଗତ କଳିଙ୍ଗ ନଗରର କେ-୮ ଅଞ୍ଚଳରେ ଗୁରୁବାର ସନ୍ଧ୍ୟା ଘଟିଛି ଏହି ଦୁଃଖଦ ଘଟଣା। ମୃତା ମହିଳା ଜଣକ ହେଲେ ଗଞ୍ଜାମ ଜିଲା ପୁରୁଷୋତ୍ତମପୁରର ଏ. କମଳା ରେଢ୍ଡୀ ଓ ଆହତ ହେଲେ ଶିବାନୀ ରେଢ୍ଡୀ। ଶିବାନୀଙ୍କୁ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏଥିସହ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ହସ୍ପିଟାଲ ପଠାଇ ଘଟଣାର ଅଧିକ ତଦନ୍ତ ଚଳାଇଛି। ବେଆଇନ ଭାବେ ଉକ୍ତ ଖନନ ହେଉଥିବାବେଳେ ବିଲ୍ଡର ସଂସ୍ଥାର ମୁଖ୍ୟ କିମ୍ବା ଠିକାଦାର ଏଥିଲାଗି ସେପରି କିଛି ଅନୁମତି ନେଇ ନ ଥିବା ଓ ବିନା ସୁରକ୍ଷା ଉପକରଣରେ ବିପଦପୂର୍ଣ୍ଣ ଭାବେ ପାଚେରି ମୂଳର ଖୋଳାଯାଉଥିବା ତଦନ୍ତବେଳେ ଜଣାପଡିଛି। ତେବେ ଏପରି ଖାମଖିଆଲି ପାଇଁ ଜଣେ ଶ୍ରମିକଙ୍କ ଅକାଳ ମୃତ୍ୟୁ ଘଟିଥିବାବେଳେ ଆଉଜଣେ ଜୀବନ ସହ ସଂଗ୍ରାମ କରୁଛନ୍ତି। ସମ୍ପୃକ୍ତ ବିଲ୍ଡର ଓ ଠିକାଦାରଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ସୂଚନାନୁସାରେ, ଉକ୍ତ ଟାଙ୍କି ଖୋଳିବାରେ ୬ଜଣ ଶ୍ରମିକ ନିୟୋଜିତ ହୋଇଥିଲେ। ୨ ମହିଳା ଶ୍ରମିକ ତଳେ ରହି ଖୋଳୁଥିବାବେଳେ ଅନ୍ୟମାନେ ଉପରେ ମାଟି ଉଠାଇବା ସହ ସ୍ଥାନାନ୍ତର କରୁଥିଲେ। ଏହାକୁ ଲାଗି ରହିଥିବା ପାଚେରି ମାଙ୍କଡ଼ା ପଥରରେ ତିଆରି ହୋଇଥିଲା। ଏହା ମୂଳରେ ୧୦ ଫୁଟ ଖୋଳାଯିବା ପରେ ଭୁଶୁଡି ପଡିଥିଲା।



ଭୁଶୁଡ଼ି ପଡ଼ିଥିବା ପାଚେରି

## ଶଳାଙ୍କ ବିବାହ ଭୋଜିକୁ ଆସି ଭିଣୋଇ ନିଖୋଜ

**ଖୋର୍ଦ୍ଧା ଅଫିସ/ବୋଲଗଡ଼, ୧।୧୨(ଡି.ଏନ୍.ଏ.):**

ଶଳାଙ୍କ ବିବାହ ଭୋଜିକୁ ଆସି ଭିଣୋଇ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ଖୋର୍ଦ୍ଧା ପୁରୁସାହି ଗ୍ରାମର ବାପି ସାମନ୍ତରାୟ। ଏଭଳି ଘଟଣା ବୋଲଗଡ଼ ଥାନା ଅଧୀନ ହାଟବସ୍ତ ଗ୍ରାମରେ ଘଟିଛି। ସୂଚନା ମୁତାବକ, ବାପି ହାଟବସ୍ତସ୍ଥିତ ଶଳା ବିପିନ୍ ଚମ୍ପତିଙ୍କ ବିବାହ ଭୋଜିକୁ ଆସିଥିଲେ। ବୁଧବାର ରାତିରେ ଭୋଜି ପରେ ବାପି ହାଟବସ୍ତ ଗ୍ରାମ ନିକଟରେ ଥିବା ବେଗୁନିଆ ପୋଖରୀକୁ ଶୌଚ ପାଇଁ ଆସିଥିଲେ। ଅସାବଧାନତାରୁ ପୋଖରୀରେ ପଡି ନିଖୋଜ ହୋଇଯାଇଥିବା ସନ୍ଦେହ କରାଯାଉଛି। ତେବେ ଖବରପାଇ ବୋଲଗଡ଼ ଅଗ୍ନିଶମ କର୍ମଚାରୀ ପହଞ୍ଚି ପୋଖରୀରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ପାଇ ନ ଥିଲେ। ଗୁରୁବାର ସକାଳେ ଖୋର୍ଦ୍ଧାର ଏକ ଓଡ୍ରାଫ ଟିମ୍ ଓ ସ୍ଥାନୀୟ ଅଗ୍ନିଶମ କର୍ମଚାରୀ ଖୋଜାଖୋଜି କରିଥିଲେ ମଧ୍ୟ ବାପିଙ୍କ ସନ୍ଧାନ ମିଳିପାରି ନ ଥିବା ଜଣାପଡ଼ିଛି।

## ପଦଯାତ୍ରାରେ ଏଡ୍‌ସ ସଚେତନତା

**ଟାଙ୍ଗୀ(ଖୋର୍ଦ୍ଧା),୧।୧୨(ଡି.ଏନ୍.ଏ.):**

ବିଶ୍ୱ ଏଡସ୍ ଦିବସ ଉପଲକ୍ଷେ ଟାଙ୍ଗୀ ଦୁର୍ଗା ଚରଣ ଚିଲିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେଡକ୍ରସ ପକ୍ଷରୁ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ବିଭିନ୍ନ ସ୍ଲୋଗାନ ଲିଖିତ ପ୍ଲାକାର୍ଡ ଧରି ଗ୍ରାମ ପରିକ୍ରମା କରିଥିଲେ। ପଦଯାତ୍ରାରେ ପରିଚାଳନା କମିଟିର ପୂର୍ବତନ ସଭାପତି ରଘୁନାଥ ସାହୁ, ଅଧକ୍ଷ ସୀତାଂଶୁ ଭୂଷଣ ନନ୍ଦ, ସାମାଜିକ କର୍ମୀ ବିଜୟ ମହାପାତ୍ର, ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ପଠାଣି ସୁନ୍ଦରାୟ ଯୋଗ ଦେଇଥିଲେ। ଅଧ୍ୟାପକ ରଞ୍ଜନ ମହାପାତ୍ର, ଲକ୍ଷ୍ମୀ ନାରାୟଣ ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଭିନ୍ନ ସ୍ଥାନରେ ବିଶ୍ୱ ଏଡ୍‌ସ ଦିବସ



ବିଶ୍ୱ ଏଡ୍‌ସ ଦିବସରେ ଜଟଣୀ ମହାବିଦ୍ୟାଳୟ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

**ଜଟଣୀ,୧।୧୨(ଡି.ଏନ୍.ଏ.):** ଜଟଣୀ ମହାବିଦ୍ୟାଳୟ ପକ୍ଷରୁ ବିଶ୍ୱ ଏଡସ୍ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମକୁ ଅଧକ୍ଷ ଡ.ବଂଶୀଧର କର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ପାରମିତା ପ୍ରହରାଜଙ୍କ ପୌରାହିତ୍ୟରେ ଅନୁଷ୍ଠିତ ସଭାରେ ହେମଲତା ହସ୍ପିଟାଲର ପୂର୍ବତନ ନିର୍ଦ୍ଦେଶକ ଡା.ସତ୍ୟରଞ୍ଜନ ପାଢୀ ମୁଖ୍ୟ ବକ୍ତାଭାବେ ଯୋଗଦେଇ ଏଡ୍‌ସ ରୋଗର କାରଣ ଏବଂ ନିରାକରଣ ସମ୍ବନ୍ଧରେ ସୂଚନା ଦେଇଥିଲେ। ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଡ.ତପନ ମିଶ୍ରଙ୍କ ତତ୍ତ୍ୱାବଧାନରେ ମହାବିଦ୍ୟାଳୟ ପରିସରରୁ ହରିଭାଇନା ଛକ ପର୍ଯ୍ୟନ୍ତ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ କାର୍ତ୍ତିକ ଚନ୍ଦ୍ର ଦାସ, ଡ.ଆଲୋକ କୁମାର ଛୋଟରାୟ, ଗଣେଶ୍ୱର ମଲିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। **ଖୋର୍ଦ୍ଧା ଅଫିସ:** ମଳିପଡ଼ା ସ୍ଥିତ କବି ପ୍ରସନ୍ନ ପଟ୍ଟଶାଣୀ ଆଞ୍ଚଳିକ ଡ୍ରିଗୀ ମହାବିଦ୍ୟାଳୟ ପକ୍ଷରୁ ବିଶ୍ୱ ଏଡସ୍ ଦିବସ ପାଳିତ ହୋଇଯାଇଛି। ଅଧକ୍ଷ ସୁରେନ୍ଦ୍ର ନାଥ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଦିବସକୁ ଓ୍ୱାଇଆରସି କାଉନସିଲର ଅବକାଶ ସାହୁ ପରିଚାଳନା କରିଥିଲେ। ଜାତି, ବର୍ଣ୍ଣ ନିର୍ବିଶେଷରେ ଭେଦଭାବ ଭୂଲି ଏଡ୍‌ସ ସଂକ୍ରମିତଙ୍କ ପ୍ରତି ସହାନୁଭୂତି ରଖିବାକୁ ଅଧକ୍ଷ ସାହୁ କହିଥିଲେ। ଏହାର ମୁକାବିଲା ଦିଗରେ ଯୁବ ସମାଜ, ଛାତ୍ରୀଛାତ୍ରଙ୍କ ପ୍ରମୁଖ ଭୂମିକା ରହିଛି। ଏଥିଲାଗି ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ଆବଶ୍ୟକ ରହିଛି। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଖୋକନ ଚନ୍ଦ୍ର ନାୟକ ଏଡସ୍ ଏବଂ ମାନବ ଅଧିକାର ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି କାଇପଦର ସ୍ଥିତ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ଯୁବ ରେଡକ୍ରସ, ଜାତୀୟ ସେବା ଯୋଜନା ଓ ଭାରତ ସ୍କାଉଟ୍ସ ଓ ଗାଇଡସ୍ ଏବଂ ଏନସିସି ମିଳିତ ଆନୁକୂଲ୍ୟରେ ଏହି ଦିବସ ପାଳିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧକ୍ଷ ତରୁଣକାନ୍ତି ରାୟଙ୍କ ସଭାପତିତ୍ୱରେ ଆୟୋଜିତ ଦିବସରେ ପ୍ରାଧ୍ୟାପିକା କଳ୍ପନା ଦାସ, ଡ.ଦିଲୀପ ଶ୍ରୀଚନ୍ଦନ, କଲେଜ ଉପାଧକ୍ଷ ପ୍ରତାପ କିଶୋର ଛୋଟରାୟ, ଅଧ୍ୟାପକ ତପନ ପୃଷ୍ଟି ପ୍ରମୁଖ ଏଡ୍‌ସ ଦିବସ ସମ୍ପର୍କରେ କହିଥିଲେ। ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର, କର୍ମଚାରୀ ଉପସ୍ଥିତ ଥିଲେ। **ବୋଲଗଡ଼,(ଡି.ଏନ୍.ଏ.):** ବୋଲଗଡ଼ ବ୍ଲକ ଅନ୍ତର୍ଗତ ବଡନୟାପଲ୍ଲୀ ସ୍ଥିତ ଶ୍ରୀବାଙ୍କନିଧିଦେବ ବିଦ୍ୟାପୀଠ ଆନୁକୂଲ୍ୟରେ ବିଶ୍ୱ ଏଡସ୍ ଦିବସ ପାଳିତ ହୋଇଯାଇଛି। ବିଦ୍ୟାପୀଠର ପୂର୍ବତନ ସମ୍ପାଦକ ବାସୁଦେବ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ନୀଳମଣି ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଡା.ଅମରେନ୍ଦ୍ର ନାଥ ମହାପାତ୍ର ଏଡସ୍‌ରୋଗର କାରଣ ଓ ନିରାକରଣ ସମ୍ପର୍କରେ ବୁଝାଇଥିଲେ। ପରମାନନ୍ଦ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ପ୍ରଫେସର ରବୀନ୍ଦ୍ରନାଥ ପାଣିଗ୍ରାହୀ ଓ ସରପଞ୍ଚ ସୁନନ୍ଦା ବରାଳ ଅତିଥିଭାବେ ଯୋଗଦେଇ ଜନସଚେତନତା ଦ୍ୱାରା ବିଶ୍ୱ ଏଡସ୍‌ରୋଗକୁ ନିରାକରଣ କରାଯାଇପାରିବ ବୋଲି କହିଥିଲେ। ଛାତ୍ରୀଛାତ୍ର ସଚେତନତା ବାର୍ତ୍ତା ଲେଖାଥିବା ପ୍ଲାକାର୍ଡ ଧରି ଗ୍ରାମ ପରିକ୍ରମା କରିଥିଲେ। ଶିକ୍ଷକ ପ୍ରକାଶ ରାଉତରାୟ ଧନ୍ୟବାଦ ଦେଇଥିଲେ। **କୃଷ୍ଣପ୍ରସାଦ,(ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ କନ୍ଦାଖାଇ ଉଚ୍ଚ ମାଧ୍ୟମିକ ଯୁବ ରେଡକ୍ରସ ରେଡ୍ ରିବନ କ୍ଲବ ଦ୍ୱାରା ବିଶ୍ୱ ଏଡସ୍ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କଲେଜ ଛାତ୍ରୀଛାତ୍ରମାନେ କନ୍ଦାଖାଇ କଲେଜ ଛକରୁ ପଦଯାତ୍ରାରେ ବାହାରି ବିଭିନ୍ନ ଗ୍ରାମ ପରିକ୍ରମା କରି ସଚେତନ କରାଇଥିଲେ। ପରେ ଯୁବ ରେଡ୍‌କ୍ରସ କାଉନସେଲର ପ୍ରାଧ୍ୟାପକ ଚନ୍ଦ୍ରଶେଖର ମହାନ୍ତିଙ୍କ ନେତୃତ୍ୱରେ କଲେଜ ପରିସରରେ ଏକ ସଭା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମକୁ ଅଧକ୍ଷ ନୃସିଂହାନନ୍ଦ ପଣ୍ଡା ଉଦ୍‌ଘାଟନ କରିଥିଲେ। ପ୍ରାଧ୍ୟାପକ ସୁରେଶ ଚନ୍ଦ୍ର ସୁବୁଦ୍ଧିରତ୍ନ, ଅଧ୍ୟାପକ ମଧୁସୂଦନ ସାହୁ, ଗୋପାଳ ଚନ୍ଦ୍ର ଚଟୋପାଧ୍ୟାୟ, ଦିନେଶ ରଥ, ଅଧ୍ୟାପିକା ଚନ୍ଦନା ନାୟକ ପ୍ରମୁଖ ଯୋଗଦେଇ ଏଡ୍‌ସର ଭୟାବହତା ଓ ପ୍ରତିକାର ସମ୍ବନ୍ଧରେ ଆଲୋକପାତ କରିଥିଲେ। ଟୋଲଫ୍ରି ୧୦୯୭ ନମ୍ବରକୁ ଯୋଗାଯୋଗ କରି ଏଡ୍‌ସ ସମ୍ବନ୍ଧୀୟ ତଥ୍ୟ ଜାଣିବାକୁ କାଉନସେଲର ମହାନ୍ତି ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏଡ୍‌ସ ସମ୍ପର୍କିତ ଲିଖନ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ରମେଶ ଚନ୍ଦ୍ର ବିଶ୍ୱାଳ, ଦିଲ୍ଲୀପ କୁମାର ଦଳାଇ, ସୁକାନ୍ତ ଜେନା, ସେକ୍ ଉହା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। **ବେଗୁନିଆ,(ଡି.ଏନ୍.ଏ.):** ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ସ୍ଥିତ ରମାମଣି ମହାବିଦ୍ୟାଳୟରେ ବିଶ୍ୱ ଏଡସ୍ ଦିବସ ପାଳିତ ହୋଇଯାଇଛି। ଅଧକ୍ଷ ପ୍ରଫେସର ଗଙ୍ଗାଧର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ କଣ୍ଟାବାଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡା.ବସନ୍ତ କୁମାର ପଣ୍ଡା ମୁଖ୍ୟ ଅତିଥି ଏବଂ ପ୍ରାଧ୍ୟାପକ ପ୍ରଦୀପ ସାହୁ ବକ୍ତା ଭାବେ ଯୋଗଦେଇଥିଲେ। ଏଡ୍‌ସ ରୋଗର କାରଣ ଏବଂ ପ୍ରତିକାର ସମ୍ପର୍କରେ ଆଲୋକପାତ କରାଯାଇଥିଲା। ନିଜେ ସଚେତନ ହେବା ସହ ଅନ୍ୟଙ୍କୁ ସଚେତନ କରାଇପାରିଲେ ଏଡ୍‌ସ ରୋଗ ଛାଡି ପଳାଇଥାଏ ବୋଲି ଅତିଥି ପଣ୍ଡା କହିଥିଲେ। ଯୁଥ ରେଡ୍‌କ୍ରସ ଓ ରେଡ୍ ରିବନ ବିଭାଗର ମୁଖ୍ୟ ଅଧ୍ୟାପକ ଦିଲ୍ଲୀପ ସାଥୁଆ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଅବସରରେ ଆୟୋଜିତ ତର୍କ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ବ୍ଲାକ୍ କ୍ୟାପସ, ମହାଶକ୍ତି ୱାରିଅର ବିଜୟୀ

**ଚାନ୍ଦପୁର ପ୍ରିମିୟର କ୍ରିକେଟ ଲିଗ୍**

**ଟାଙ୍ଗୀ(ଖୋର୍ଦ୍ଧା),୧।୧୨(ଡି.ଏନ୍.ଏ.):**

ସୁପର ସଣ୍ଡେ ସୋସିଆଲ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଚାନ୍ଦପୁର ପ୍ରିମିୟର କ୍ରିକେଟ ଲିଗ୍‌ର ପଞ୍ଚମ ଦିନରେ ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍ ଉଗ୍ରତାରା ଲାୟନ୍ସ ଏବଂ ବ୍ଲାକ୍ କ୍ୟାପସ ମଧ୍ୟରେ ହୋଇଥିଲା। ଉଗ୍ରତାରା ଲାୟନ୍ସ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୩ ଓଭରରେ ସମସ୍ତ ଉଇକେଟ ବିନିମୟରେ ୮୪ ରନ୍ ସଂଗ୍ରହ କରିଥିଲା। ଜବାବରେ ବ୍ଲାକ କ୍ୟାପସ ୬ ଓଭରରେ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ମହାଶକ୍ତି ୱାରିଅର ଏବଂ ଖିଲାମୁଣ୍ଡା ୱାରିଅର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖିଲାମୁଣ୍ଡା ୱାରିଅର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୪ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୦୧ ରନ୍ ସଂଗ୍ରହ କରିଥିଲା। ଜବାବରେ ମହାଶକ୍ତି ୱାରିଅର ୧୨ ଓଭରରେ ୬ ଉଇକେଟ ବିନିମୟରେ ୧୦୨ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ମନୋରଞ୍ଜନ ବେହେରା, ରବୀନ୍ଦ୍ର ପ୍ରଧାନ ଓ କୃଷ୍ଣଚନ୍ଦ୍ର ଧୋନୀ ମ୍ୟାଚ୍ ପରିଚାଳନା କରିଥିଲେ। କ୍ଲବର ସମସ୍ତ ସଦସ୍ୟ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।





ମ୍ୟାଚ୍‌ରେ ଯୋଗଦେଇଥିବା ଖେଳାଳିମାନେ।

# ସଚେତନ ହୁଅ, ଏଡ୍‌ସ ହଟାଅ

**ଜିଲାସ୍ତରୀୟ ଏଡ୍‌ସ ଦିବସ**

**ଖୋର୍ଦ୍ଧା ଅଫିସ,୧।୧୨:**

ଖୋର୍ଦ୍ଧା ଜିଲା ସ୍ୱାସ୍ଥ୍ୟ ସମିତି ଓ ଜିଲା ଏଡସ୍ ପ୍ରତିରୋଧ ଏବଂ ନିୟନ୍ତ୍ରଣ ୟୁନିଟ୍ ମିଳିତ ଆନୁକୂଲ୍ୟରେ ଏବଂ ତାଲୁକା ଆଇନ ସେବା କମିଟି ସୌଜନ୍ୟରେ ଜିଲାସ୍ତରୀୟ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ପୂର୍ବରୁ ବିଭିନ୍ନ ସ୍କୁଲ, କଲେଜରୁ ଆସିଥିବା ଛାତ୍ରୀଛାତ୍ରମାନେ ସିଡିଏମଓଙ୍କ କାର୍ଯ୍ୟାଳୟରୁ ଏକ ସଚେତନତା ଶୋଭାଯାତ୍ରାରେ ବାହାରି ଜିଲା ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ର(ଡିଆଇଇଟି)ଠାରେ ପହଞ୍ଚିଥିଲେ। ସିଡିଏମଓ ଡା.ଆର୍ତ୍ତବନ୍ଧୁ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସ୍ୱତନ୍ତ୍ର ବିଚାର ବିଭାଗୀୟ ବିଚାରପତି ସୁରେନ୍ଦ୍ର ପାଢୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଚଳିତବର୍ଷର ବିଷୟବସ୍ତୁ ରହିଥିଲା ସମାନତା। ଏଡସ୍ ରୋଗୀଙ୍କ ପ୍ରତି ସମ୍ବେଦନଶୀଳ ହୁଅ। ସମାଜରେ ସମ୍ମାନର ସହ ବଞ୍ଚିବାର ଅଧିକାର ସେମାନଙ୍କର ଅଛି। ରୋଗୀଙ୍କୁ ଘୃଣା କରିବା ପରିବର୍ତ୍ତେ ସେମାନଙ୍କ ପ୍ରତି ସହାନୁଭୂତି, ସ୍ନେହ, ଶ୍ରଦ୍ଧାଭାବ ରଖ। ବର୍ତ୍ତମାନ ପର୍ଯ୍ୟନ୍ତ ଏହି ରୋଗର ଚିକିତ୍ସା ଉପଲବ୍ଧ ହୋଇପାରିନାହିଁ। ଏଣୁ ଏଥିପ୍ରତି ସମସ୍ତଙ୍କ ଉତ୍ତରଦାୟିତ୍ୱ ରହିଛି। କେବଳ ସଚେତନତା ଦ୍ୱାରା ଏହାକୁ ରୋକାଯାଇପାରିବ। ଏଚ୍‌ଆଇଭି ସଂକ୍ରମିତ ବ୍ୟକ୍ତିଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ ପାଇଁ ପ୍ରତ୍ୟେକ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା।

ସିଡିଏମଓ ନାୟକ ଏଡସ୍ ରୋଗ ନିରାକରଣ ଲାଗି ଶପଥ ପାଠ କରାଇଥିଲେ। ଡିଆଇଇଟି ଅଧକ୍ଷ ତାପସ କୁମାର ନାୟକ, ଖୋର୍ଦ୍ଧା ବାର୍ ସଭାପତି ବିଜୟ ସାମନ୍ତସିଂହାର, ଡା.ସୁବ୍ରତ କୁମାର ତ୍ରିପାଠୀ, ଅଧ୍ୟାପକ ସୁବ୍ରତ କୁମାର ଜଗଦ୍ଦେବ ପ୍ରମୁଖ ଏଡ୍‌ସ ନିରାକରଣ ଓ ସଚେତନତା ଉପରେ ମତବ୍ୟକ୍ତ କରିଥିଲେ। ଜିଲାରେ ୧୨ ଲକ୍ଷ ୭୪ ହଜାର ୫୫୦ଜଣଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଥିବା ବେଳେ ୩୬୧୫ ଜଣ ଏଚ୍‌ଆଇଭି ପଜିଟିଭ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜିଲାରୁ ୨୧୩୧ ଓ ଅନ୍ୟ ଜିଲାରୁ ଆସି ଏଠାରେ ସଂକ୍ରମିତ ସଂଖ୍ୟା ୧୫୬୪ ରହିଛନ୍ତି। ୨୪୨ଜଣଙ୍କ ମୃତ୍ୟୁ ଘଟିଛି। ସେଥିରୁ ଖୋର୍ଦ୍ଧା ଅଞ୍ଚଳରୁ ୧୪୧ ଏବଂ ଜିଲା ଓ ରାଜ୍ୟ ବାହାରୁ ୧୦୧ଜଣ ରହିଛନ୍ତି। ୧୭୮୭ଜଣଙ୍କୁ ମଧୁବାବୁ ପେନ୍‌ସନ ଯୋଜନାରେ ସାମିଲ କରାଯାଇଛି। ଏହି ଅବସରରେ ପିଲାଙ୍କ ମଧ୍ୟରେ ଆୟୋଜିତ ଚିତ୍ରାଙ୍କନ, କୁଇଜ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହିତ ଏ ଦିଗରେ କାର୍ଯ୍ୟ କରୁଥିବା ଅନୁଷ୍ଠାନଗୁଡିକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡିପିଏମ ବିଧାନ ନାୟକ, ଡିଆଇଏସ କିଶୋର କୁମାର କାନୁନ୍‌ଗୋ, ସଂଯୋଜକ ଉମାକାନ୍ତ ପଣ୍ଡା, ଜୟନ୍ତୀବାଳା ସାମନ୍ତରାୟ, ଅଶୋକ କୁମାର ଦାଶ, ବିମଳଚନ୍ଦ୍ର ମାନସିଂ, ଲିଗାଲ ସେଲ କମିଟି ସମ୍ପାଦକ ବସନ୍ତ ଶତପଥୀଙ୍କ ସମେତ ଅଧ୍ୟାପକ, ଶିକ୍ଷକ, ବୁଦ୍ଧିଜୀବୀ, ସାମାଜିକ କର୍ମୀ ଉପସ୍ଥିତ ଥିଲେ।





ସିଡିଏମ୍‌ଓ ଡା.ଆର୍ତ୍ତବନ୍ଧୁ ନାୟକ ଏଡ୍‌ସ ରୋଗ ନିରାକରଣ ଲାଗି ଶପଥ ପାଠ କରାଉଛନ୍ତି।

## କାର୍ ଧକ୍କାରେ ସ୍କୁଲ ଛାତ୍ର ଗୁରୁତର

ବାରଙ୍ଗ,(ଡି.ଏନ୍.ଏ.)- ବାରଙ୍ଗ ଥାନା ଅନ୍ତଗତ ପାଟପୁର ପଞ୍ଚାପୋଲ ନିକଟରେ ଏକ କାର୍ ଧକ୍କାରେ ଜଣେ ସ୍କୁଲ ଛାତ୍ର ଗୁରୁତର ହୋଇଛନ୍ତି। ଗୁରୁବାର ଅପରାହ୍ନରେ ମୁଣ୍ଡମୁହାଣ ସରକାରୀ ହାଇସ୍କୁଲର ଅଷ୍ଟମ ଶ୍ରେଣୀର ଛାତ୍ର ତନ୍ମୟ ପରିଡା(୧୩) ସ୍କୁଲ ସାରି ସାଇକେଲ ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ଭୁବନେଶ୍ୱରରୁ ତାଳଚେର ଫେରୁଥିବା ନଂ.ଓଡି ୧୯ଋ ୨୪୩୮ କାର୍‌ଟି ପାଟପୁର ପଞ୍ଚାପୋଲ ନିକଟରେ ପଛପଟୁ ଧକ୍କା ଦେବାରୁ ତନ୍ମୟଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକମାନେ ଦୁର୍ଘଟଣା ଘଟାଇଥିବା କାରକୁ ରୋକିବା ସହ ସେଥିରେ ତନ୍ମୟଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲକୁ ପଠାଇଥିଲେ।

## ସଂକ୍ଷେପରେ

### ବେଆଇନ ପୋଷ୍ଟର ଲଗାଇବାରୁ ମାମଲା

ଭୁବନେଶ୍ୱର,୧।୧୨(ବ୍ୟୁରୋ)- ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ସହରର ସୌନ୍ଦର୍ଯ୍ୟକରଣକୁ ଗୁରୁତ୍ୱ ଦିଆଯାଉଛି। ସହରର ବିଭିନ୍ନ କାନ୍ଥକୁ କୋଟି କୋଟି ଟଙ୍କା ବ୍ୟୟରେ ଚିତ୍ରିତ କରାଯାଉଛି। ତେବେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସୁଚିତ୍ରିତ କାନ୍ଥ, ଗଛ, ଖୁଣ୍ଟରେ ବିଜ୍ଞାପନ ପୋଷ୍ଟର ଲଗାଯାଉଛି। ଏ ନେଇ ବିଏମ୍‌ସି ପକ୍ଷରୁ ସମ୍ପୃକ୍ତ ଅନୁଷ୍ଠାନ ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ବାରମ୍ବାର ବାରଣ ସତ୍ତ୍ୱେ ବିଭିନ୍ନ ସ୍ଥାନରେ ବେଆଇନ ପୋଷ୍ଟର ଲଗାଇଥିବା ଶିକ୍ଷାନୁଷ୍ଠାନ, ଜିମ୍, କ୍ଲିନିକ୍ ଆଦି ବିରୋଧରେ ଥାନାରେ ଅଭିଯୋଗ କରାଯାଇଥିବା ଟୁଇଟ୍ କରି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ଆଗାମୀ ଦିନରେ ଯେଉଁ ଅନୁଷ୍ଠାନ ଏପରି ବେଆଇନ ପୋଷ୍ଟର ଲଗାଇବେ ସେମାନଙ୍କ ବିରୋଧରେ ମଧ ଅନୁରୂପ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପକ୍ଷରୁ ଚେତାବନୀ ଦିଆଯାଇଛି।

### ବିଦ୍ୟୁତ୍ ତାର ଲାଗି ଜଳିଗଲେ ଯୁବତୀ

ଖୋର୍ଦ୍ଧା ଅଫିସ,୧।୧୨ : ଖୋର୍ଦ୍ଧା ପୂର୍ବତଟ ରେଳମଣ୍ଡଳ ଅନ୍ତର୍ଗତ ତାପଙ୍ଗ ଷ୍ଟେଶନରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ଷ୍ଟେଶନରେ ଛିଡ଼ା ହୋଇଥିବା ମାଲ୍‌ବାହୀ ଟ୍ରେନ୍ ଉପରେ ଚଢ଼ି ଜଣେ ଯୁବତୀ ସେଲ୍ଫି ନେବା ବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଜଙ୍କିଆ ଥାନା ମଳିପଡ଼ା ଗ୍ରାମର ଶିଳ୍ପା ସାହୁ। ଖବରପାଇ ପରିବାର ଲୋକେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ଖୋର୍ଦ୍ଧା ମେଡିକାଲକୁ ନେଇଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏମ୍ସ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଖୋର୍ଦ୍ଧାରୋଡ୍ ଜିଆରପି ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି। ସୂଚନା ମୁତାବକ, ଭୋର ସମୟରେ କେତେଜଣ ଯୁବତୀ ତାପଙ୍ଗ ଷ୍ଟେଶନରେ ମର୍ଣ୍ଣିଂୱାକ୍ କରୁଥିଲେ। ଏହି ସମୟରେ ଶିଳ୍ପା ଷ୍ଟେଶନରେ ଛିଡ଼ା ହୋଇଥିବା ମାଲବାହୀ ଟ୍ରେନ ଉପରେ ଚଢ଼ି ଯାଇଥିଲେ। ସେଠାରେ ଛିଡ଼ା ହୋଇ ସେଲ୍ଫି ନେବା ବେଳେ ହଠାତ୍ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଳି ଯାଇଥିଲେ।

### ମହାଲକ୍ଷ୍ମୀ ଶାନ୍ତିପୀଠର ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୧।୧୨ (ବ୍ୟୁରୋ) - ରସୁଲଗଡ଼ ଜିଜିପି କଲୋନୀ ନିକଟ ବାଲିଆପଟା (ବାଘମରା)ସ୍ଥିତ ମହାଲକ୍ଷ୍ମୀ ଶାନ୍ତିପୀଠର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସକାଳେ ହୋମଯଜ୍ଞ ସହ ଅନ୍ୟାନ୍ୟ ପୂଜାନୀତି ସମ୍ପନ୍ନ ହୋଇଥିଲା। ସନ୍ଧ୍ୟାରେ ଭଜନକୀର୍ତ୍ତନ ଆୟୋଜନ କରାଯାଇଥିଲା। ମନ୍ଦିର, ପୂଜା ସ୍ଥଳ ଓ ପରିସରକୁ ଚିତା ପକାଯାଇଥିଲା। ଉତ୍ସବରେ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ୧୯ ନଂ. ୱାର୍ଡର କର୍ପୋରେଟର ସ୍ମୃତିଶିଖା ବରିସଲ, ସାମାଜିକ କର୍ମୀ ପ୍ରଦୀପ କୁମାର ବରିସଲ ଏଥିରେ ସହଯୋଗ କରିଥିଲେ। ମହାଲକ୍ଷ୍ମୀ ଶାନ୍ତିପୀଠ ଟ୍ରଷ୍ଟ ସଭାପତି ପ୍ରଦ୍ୟୁମ୍ନ କୁମାର ପରିଡା, ଉପସଭାପତି ପ୍ରମୋଦ କୁମାର ବରିସଲ, ସମ୍ପାଦକ ଚନ୍ଦ୍ରକାନ୍ତ ନାଥ, ଫାଉଣ୍ଡର ମେମ୍ବର ଅନ୍ତର୍ଯ୍ୟାମୀ ପ୍ରଧାନ, ଟ୍ରଷ୍ଟ କର୍ମକର୍ତ୍ତା ନୟନ କିଶୋର ଯେନା, ଅଜୟ କୁମାର ସାହୁ, ଦୟାନିଧି ସାହୁ, ଅଜୟ କୁମାର ପରିଡା, ଅମୀୟ କେତନ ସାହୁ, ବାବୁଲା ସାହୁ ଓ ଅନ୍ୟ ସଦସ୍ୟମାନେ ଯୋଗଦେଇଥିଲେ।

# ପାଚେରି ଭୁଶୁଡ଼ି ମହିଳା ଶ୍ରମିକ ମୃତ

**ଟାଙ୍କି ଖନନବେଳେ ଦୁର୍ଘଟଣା**

- ଆଉ ଜଣେ ମହିଳା ଶ୍ରମିକ ଗୁରୁତର
- ବିଲ୍ଡର, ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଭୁବନେଶ୍ୱର, ୧।୧୨(ବ୍ୟୁରୋ)



ଏକ ନିର୍ମାଣାଧୀନ ଆପାର୍ଟମେଣ୍ଟର ସ୍ୱେରେଜ ଟାଙ୍କି ଖୋଳାଯାଉଥିବାବେଳେ ପାଚେରି ଭୁଶୁଡି ପଡ଼ିବାରୁ ଏହା ତଳେ ଚାପି ହୋଇ ଜଣେ ମହିଳା ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଏଥିସହ ଆଉଜଣେ ମହିଳା ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ଭରତପୁର ଥାନା ଅନ୍ତର୍ଗତ କଳିଙ୍ଗ ନଗରର କେ-୮ ଅଞ୍ଚଳରେ ଗୁରୁବାର ସନ୍ଧ୍ୟା ଘଟିଛି ଏହି ଦୁଃଖଦ ଘଟଣା। ମୃତା ମହିଳା ଜଣକ ହେଲେ ଗଞ୍ଜାମ ଜିଲା ପୁରୁଷୋତ୍ତମପୁରର ଏ. କମଳା ରେଡ୍ଡୀ (୩୩) ଓ ଆହତ ହେଲେ ଶିବାନୀ ରେଡ୍ଡୀ (୨୩)। ଶିବାନୀଙ୍କୁ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏଥିସହ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ହସ୍ପିଟାଲ ପଠାଇ ଘଟଣାର ଅଧିକ ତଦନ୍ତ ଚଳାଇଛି। ବେଆଇନ ଭାବେ ଉକ୍ତ ଖନନ ହେଉଥିବାବେଳେ ବିଲ୍ଡର ସଂସ୍ଥାର ମୁଖ୍ୟ କିମ୍ବା ଠିକାଦାର ଏଥିଲାଗି ସେପରି କିଛି ଅନୁମତି ନେଇ ନ ଥିବା ଓ ବିନା ସୁରକ୍ଷା ଉପକରଣରେ ବିପଦପୂର୍ଣ୍ଣ ଭାବେ ପାଚେରି ମୂଳର ଖୋଳାଯାଉଥିବା ତଦନ୍ତବେଳେ ଜଣାପଡିଛି। ତେବେ ଏପରି ଖାମଖିଆଲି ପାଇଁ ଜଣେ ଶ୍ରମିକଙ୍କ ଅକାଳ ମୃତ୍ୟୁ ଘଟିଥିବାବେଳେ ଆଉଜଣେ ଜୀବନ ସହ ସଂଗ୍ରାମ କରୁଛନ୍ତି। ସମ୍ପୃକ୍ତ ବିଲ୍ଡର ଓ ଠିକାଦାରଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ସୂଚନାନୁସାରେ, ଉକ୍ତ ଟାଙ୍କି ଖୋଳିବାରେ ୬ଜଣ ଶ୍ରମିକ ନିୟୋଜିତ ହୋଇଥିଲେ। ୨ ମହିଳା ଶ୍ରମିକ କମଳା ଓ ଶିବାନୀ ତଳେ ରହି ଖୋଳୁଥିବାବେଳେ ଅନ୍ୟମାନେ ଉପରେ ଥାଇ ମାଟି ଉଠାଇବା ସହ ସ୍ଥାନାନ୍ତର କରୁଥିଲେ। ଏହାକୁ ଲାଗି ରହିଥିବା ପାଚେରୀଟି ମାଙ୍କଡ଼ା ପଥରରେ ତିଆରି ହୋଇଥିଲା। ଏହାର ମୂଳରେ ପ୍ରାୟ ୧୦ ଫୁଟ ଗଭୀରର ଖୋଳାଯିବା ପରେ ପାଚେରିଟି ଆଉ ଭାର ସମ୍ଭାଳି ନ ପାରି ଭୁଶୁଡି ପଡିଥିଲା। ଗାତ ଭିତରେ ରହିଥିବା ଦୁଇ ମହିଳା ଶ୍ରମିକଙ୍କ ଉପରେ ପାଚେରିର ପଥରସବୁ ଗଦା ହୋଇପଡିଥିଲା। ପଥର ମାଡ଼ରେ ଘଟଣାସ୍ଥଳରେ ହିଁ କମଳାଙ୍କ ମୃତ୍ୟୁ ଘଟିଥିଲା। ସେହିଭଳି ଶିବାନୀଙ୍କ ମୁଣ୍ଡ ଓ ଶରୀର ଅନ୍ୟ ଅଂଶରେ ଗଭୀର ଆଘାତ ଲାଗିଥିବାରୁ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ସୂଚନା ମିଳିଛି।




ଭାରତର ଜି-୨୦ ଅଧ୍ୟକ୍ଷତାକୁ ସ୍ୱାଗତ ଜଣାଇ ଗୁରୁବାର ଚନ୍ଦ୍ରଭାଗା ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ତିଆରି କରିଥିବା ବାଲୁକା କଳା।

## 'ହ୍ୱାଇଟ୍ ସ୍ୱାଇଡର' ଅଭିଯାନ, ନଭେମ୍ବରରେ ୪୦ ଗିରଫ

ଭୁବନେଶ୍ୱର,୧।୧୨(ବ୍ୟୁରୋ)

'ହ୍ୱାଇଟ ସ୍ୱାଇଡର' ଅଭିଯାନ ମାଧ୍ୟମରେ କମିଶନରେଟ ପୋଲିସ ନିଶା କାରବାର ରୋକିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ନଭେମ୍ବରରେ ରାଜଧାନୀର ବିଭିନ୍ନ ଥାନା ଅଞ୍ଚଳରେ ୧୯ଟି ବ୍ରାଉନସୁଗାର କାରବାର ମାମଲା ରୁଜୁ କରାଯାଇ ୩୯ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ୩୦୭ଗ୍ରାମ ବ୍ରାଉନସୁଗାର ଓ ୨୧ହଜାର ୭୦୦ ଟଙ୍କା, ଗୋଟିଏ ବନ୍ଧୁକ, ୧୭ ମୋବାଇଲ ଓ ୧୨ ଗାଡ଼ି ମଧ ଜବତ କରାଯାଇପାରିଛି। ସେହିପରି ଏହି ମାସରେ ଗୋଟିଏ ଗଞ୍ଜେଇ କାରବାର ମାମଲା ରୁଜୁ କରି ୩ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ମୋଟ ୪୨କେଜି ଓଜନର ଗଞ୍ଜେଇ ଓ ଗୋଟିଏ ଚାରିଚକିଆ ଯାନ ଜବତ କରାଯାଇଛି। ଅପରପକ୍ଷେ ଜାନୁୟାରୀରୁ ନଭେମ୍ବର ମଧ୍ୟରେ ୮୨ବ୍ରାଉନସୁଗାର କାରବାର ମାମଲାରେ ୧୫୪ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେହିପରି ୪୧ ଗଞ୍ଜେଇ ବିକ୍ରି ମାମଲା ରୁଜୁ କରାଯାଇ ୮୩ ଅଭିଯୁକ୍ତଙ୍କୁ ଗିରଫ କରାଯାଛି। ଏ ନେଇ ଭୁବନେଶ୍ୱର ସହରାଞ୍ଚଳ ଜିଲା ପୋଲିସ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି।

## ଅତିଥି ବେଶରେ ଆସି ଚୋରିବେଳେ ଧରାପଡ଼ିଲେ

ଭୁବନେଶ୍ୱର,୧।୧୨(ବ୍ୟୁରୋ)

**ବିବାହ ମଣ୍ଡପରେ ମାତିଛନ୍ତି ଚୋର**

ପୋଲିସ ଆଉ ଲୋକଙ୍କଠାରୁ ଚୋରମାନେ ବର୍ତ୍ତିବା ପାଇଁ ଏବେ ନୂଆ ଉପାୟରେ ଚୋରି କରିବାରେ ଲାଗିଛନ୍ତି। ଚୋରମାନେ ଏବେ ବିବାହ କାର୍ଯ୍ୟକ୍ରମକୁ ଲକ୍ଷ୍ୟ ଚୋରି କରିବାରେ ଲାଗିଛନ୍ତି। ସାଧାରଣ ଲୋକ ଭାବେ ଅତିଥି ହୋଇ ବାହାଘର ଭୋଜିକୁ ଆସୁଛନ୍ତି। ସେଠାରେ ଉପସ୍ଥିତ ଥିବା ଲୋକଙ୍କ ସହ ଭଦ୍ରଲୋକ ଭଳି ମିଶୁଛନ୍ତି। ତା'ପରେ ମଉକା ଦେଖି ସମସ୍ତଙ୍କୁ ଭୁଆଁ ବୁଲାଇ ଗିଫ୍ଟ ମିଳିଥିବା ଟଙ୍କା ବ୍ୟାଗକୁ ନେଇ ଚମ୍ପଟ ମାରୁଛନ୍ତି। ଏଭଳି ତରିକାରେ ଜଣେ ବ୍ୟକ୍ତି ଚୋରି କରୁଥିବା ଧରାପଡ଼ିବା ପରେ ବଡ଼ଗଡ ଥାନା ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଜିଜିପି କଲୋନୀରେ ରହୁଥିବା କେନ୍ଦ୍ରାପଡ଼ାର ପ୍ରଭାତ ଚୌଧୁରୀ ଓରଫ ରବି (୪୮)। ତାଙ୍କଠାରୁ ୩ ହଜାର ଟଙ୍କା ଜବତ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ନଭେମ୍ବର ୨୫ରେ ବିଜୟ କୁମାର ସାହୁଙ୍କ ଝିଅର ବିବାହ ଟଙ୍କପାଣି ରାସ୍ତାରେ ଥିବା ଏକ ମଣ୍ଡପରେ ହୋଇଥିଲା। ଏହାର ସୁଯୋଗ ନେଇ ଅଭିଯୁକ୍ତ ରବି ଅତିଥି ବେଶରେ ସେଠାକୁ ଯାଇଥିବା ବେଳେ ସୁଯୋଗ ଦେଖି ଉକ୍ତ ବିବାହରେ ମିଳିଥିବା ୧୫ ହଜାର ଟଙ୍କା ମୂଲ୍ୟର ଗିଫ୍ଟ ପ୍ୟାକେଟଗୁଡିକୁ ଚୋରିକରି ନେଇ ଫେରାର ହୋଇଯାଇଥିଲେ। ତେବେ ଅଭିଯୁକ୍ତ ଜଣଙ୍କ ପୁଣି ୪ ଦିନ ପରେ ଅର୍ଥାତ ୨୯ ରିଖରେ ପୁନର୍ବାର ସେହି ମଣ୍ଡପରୁ ଚୋରି କରୁଥିବା ସମୟରେ ସେଠାକାର କର୍ମଚାରୀଙ୍କ ହାତରେ ଧରାପଡ଼ି ଯାଇଥିଲେ। ସେଠାରେ କେତେଜଣ ଲୋକେ ଉତ୍ତମମଧ୍ୟମ ଦେଇ ବଡ଼ଗଡ଼ ପୋଲିସକୁ ଜିମା ଦେଇଥିଲେ।

## ବିଧାନସଭା ଘେରାଉ କରିବ ନ୍ୟାୟ ପାଇଁ ଲଢ଼େଇ ପରିବାର

ଭୁବନେଶ୍ୱର,୧।୧୨(ବ୍ୟୁରୋ)

ରାଜ୍ୟର ବିଭିନ୍ନ ଜିଲାରେ ଜଘନ୍ୟ ହତ୍ୟାକାଣ୍ଡ, ଶିଶୁ ଅପହରଣ, ଶିଶୁ ଅଙ୍ଗ ତସ୍କରୀ ଘଟଣାରେ ବର୍ଷ ବର୍ଷ ଅପେକ୍ଷା ପରେ ବି ପୀଡିତ ପରିବାରଙ୍କୁ ଏଯାବତ କୌଣସି ନ୍ୟାୟ ମିଳିପାରିଲାନାହିଁ। ଏହାକୁ ନେଇ ନ୍ୟାୟ ପାଇଁ ବଞ୍ଚିତ ୫୦ରୁ ଅଧିକ ପୀଡିତ ପରିବାରର ଉତ୍ତରାଧିକାରୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେଣୁ ଏହାର ଜବାବ ମାଗିବା ଲାଗି ସେମାନେ ବିଧାନସଭା ଘେରାଉ କରିବାକୁ ଯୋଜନା କରିଛନ୍ତି। ଏମାନଙ୍କୁ ନେଇ ଗଠିତ ସଙ୍ଗଠନ 'ନ୍ୟାୟ ପାଇଁ ଲଢେଇ ପରିବାର'ର ରାଜ୍ୟ ସଭାପତି ସୁବ୍ରତ ଦାଶଙ୍କ ନେତୃତ୍ୱରେ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ କଂଗ୍ରେସ ଭବନ ନିକଟ ଲୋୟର ପିଏମ୍‌ଜିରେ ଏକାଠି ହେବା ପରେ ଶାନ୍ତିପୂର୍ଣ୍ଣ ଭାବରେ ଚାଲିଚାଲି ଯାଇ ବିଧାନସଭା ଘେରାଉ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଏଥିସହ ରାଜ୍ୟରେ ୨୨ ବର୍ଷ ହେଲା ଶାସନ କରୁଥିବା ବିଜେଡି ସରକାରଙ୍କୁ ଏହାର ଜବାବ ମାଗିବେ। ଏ ନେଇ ନ୍ୟାୟ ପାଇଁ ଲଢେଇ ପରିବାରର ରାଜ୍ୟ ସଭାପତି ଦାଶ ପୋଲିସ କମିଶନର, ଡିସିପି ଭୁବନେଶ୍ୱର, ଆଇଆଇସି କ୍ୟାପିଟାଲ ଥାନାଙ୍କୁ ସୁରକ୍ଷା ନିମନ୍ତେ ଚିଠି ଲେଖି ଅବଗତି କରାଇଛନ୍ତି।

# ଆନ୍ଦୋଳନକୁ ଓହ୍ଲାଇବ ଭୁବନେଶ୍ୱର ଓକିଲ ସଂଘ

ଭୁବନେଶ୍ୱର,୧।୧୨(ବ୍ୟୁରୋ)




ଖବରଦାତା ସମ୍ମିଳନୀରେ ଭୁବନେଶ୍ୱର ଓକିଲ ସଂଘର ସଦସ୍ୟ।

**ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ**

- ଚୂଡ଼ାନ୍ତ ଆଲୋଚନା ପାଇଁ ରବିବାର ବସିବ ଆଉ ଏକ ବୈଠକ
- ଯୋଗଦେବେ ରାଜ୍ୟର ସମସ୍ତ ଓକିଲ ସଂଘ କର୍ମକର୍ତ୍ତା

ରାଜ୍ୟରେ ଓକିଲଙ୍କ ଆନ୍ଦୋଳନକୁ ବେଆଇନ ଘୋଷଣା କରିବା ସହ ଲାଇସେନ୍ସ ବାତିଲ କରିବାକୁ ସୁପ୍ରିମକୋର୍ଟ ବାର୍ କାଉନ୍‌ସିଲ ଅଫ୍ ଇଣ୍ଡିଆ (ବିସିଆଇ)କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ଭୁବନେଶ୍ୱର ଓକିଲ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଗୁରୁବାର ଆୟୋଜିତ ଏକ ବୈଠକରେ ନିଷ୍ପତ୍ତି ନେଇଛି। ଏହି ସାଧାରଣ ପରିଷଦ ବୈଠକରେ କ୍ରିୟାନୁଷ୍ଠାନ କମିଟି ଅଧ୍ୟକ୍ଷ ଶିବାନନ୍ଦ ରାୟ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘ ସଭାପତି ରବି ନାରାୟଣ ସାମନ୍ତରାୟ, ସମ୍ପାଦକ ରାଜକିଶୋର ଦାସ, ଉପସଭାପତି ଅଭିମନ୍ୟୁ ସ୍ୱାଇଁ, ଯୁଗ୍ମ ସମ୍ପାଦକ ଅଶୋକ କୁମାର ବଡ଼ପଣ୍ଡା, କୋଷାଧ୍ୟକ୍ଷ ଦିବାକର ମିଶ୍ର, ସହ ସମ୍ପାଦକ ରାଜେନ୍ଦ୍ର କୁମାର ଦାସଙ୍କ ସମେତ ସମସ୍ତ କାର୍ଯ୍ୟକାରୀ ସଦସ୍ୟ ଉପସ୍ଥିତ ଥିଲେ। ବୈଠକରେ ରାଜ୍ୟ ଆଇନଜୀବୀ ପରିଷଦ ଓ ଭାରତୀୟ ଆଇନଜୀବୀ ପରିଷଦର ଭୂମିକା ଉପରେ ଆଲୋକପାତ କରାଯାଇଥିଲା। ହେବାକୁ ଥିବା ଆନ୍ଦୋଳନର ରୂପରେଖ କିପରି ହେବ ସେନେଇ ଚୂଡ଼ାନ୍ତ ଆଲୋଚନା କରିବାକୁ ରାଜ୍ୟର ସମସ୍ତ ଓକିଲ ସଂଘ କର୍ମକର୍ତ୍ତାଙ୍କୁ ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ଡକାଯାଇଛି। ରବିବାର ପୂର୍ବାହ୍ନ ୧୦ଟାରେ ଓକିଲ ସଂଘ ହଲ୍‌ରେ ଆଉଏକ ବୈଠକ ଆୟୋଜିତ ହେବ। ଭୁବନେଶ୍ୱର ଓକିଲ ସଂଘର ପୂର୍ବତନ ସଭାପତି ନିର୍ମଳ କିଶୋର ରଥଙ୍କୁ ଏହି ବୈଠକର ଦାୟିତ୍ୱ ଦିଆଯାଇଥିବା ସୂଚନା ଦିଆଯାଇଛି।

## ରଞ୍ଜନ ଦାସଙ୍କୁ ମହୁରୀ ସମ୍ମାନ

ଭୁବନେଶ୍ୱର,୧।୧୨(ବ୍ୟୁରୋ)

ସାହିତ୍ୟ ପତ୍ରିକା ମହୁରୀ ପକ୍ଷରୁ ଚଳିତବର୍ଷର ମହୁରୀ ସମ୍ମାନ ଘୋଷଣା କରାଯାଇଛି। ଚଳିତ ବର୍ଷ ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତ ବିଭାଗର ନିର୍ଦ୍ଦେଶକ ତଥା ଲେଖକ ରଞ୍ଜନ କୁମାର ଦାସଙ୍କୁ ଏହି ସମ୍ମାନ ମିଳିବା ନେଇ ଗୁରୁବାର ବିଭାଗର ଫେସବୁକ ପେଜ୍‌ରେ ସୂଚନା ଦିଆଯାଇଛି। ଆସନ୍ତା ୨୪ରେ ହେବାକୁ ଥିବ ମହୁରୀ ମହୋତ୍ସବରେ ତାଙ୍କୁ ସମ୍ବର୍ଦ୍ଧିତ କରାଯିବା ନେଇ ପତ୍ରିକାର ମୁଖ୍ୟ ସମ୍ପାଦକ ଡ. ଭବାନୀ ଶଙ୍କର ନିଆଲ ଘୋଷଣା କରିଛନ୍ତି। ଏହି ଅବସରରେ ୨୦୨୧ ବର୍ଷର ମହୁରୀ ସମ୍ମାନ ବିଜୟିନୀ କବି ଡ. ଗାୟତ୍ରୀବାଳା ପଣ୍ଡାଙ୍କୁ ମଧ ସମ୍ମାନିତ କରାଯିବ।

## ଉଦ୍ଧାର ଶାଗୁଣା ନନ୍ଦନକାନନ ଆସିଲା

ବାରଙ୍ଗ,୧।୧୨ (ଡି.ଏନ୍.ଏ.)



ଯାଜପୁର ଜିଲା ମହାକାଳପଡା ଗ୍ରାମର ଏକ କୁକୁଡା ଘରୁ ଉଦ୍ଧାର ହୋଇଥିବା ଭାରତୀୟ (ଲମ୍ବାଥଣ୍ଟିଆ) ଶାଗୁଣା ଗୁରୁବାର ସନ୍ଧ୍ୟାରେ ନନ୍ଦନକାନନକୁ ଆସିଛି। ଶାଗୁଣାଟିର ଲିଙ୍ଗ ଚିହ୍ନଟ ହୋଇପାରି ନ ଥିବାବେଳେ ସେ ତରୁଣ ବୟସ୍କ ବୋଲି ଜଣାପଡିଛି। କିଛିଦିନ ହେବ ଏହି ଶାଗୁଣାଟି ମହାକାଳପଡ଼ା ଗ୍ରାମର ଜଣକ ବାଡିରେ ବୁଲୁଥିଲା। ସେ ଉଡିପାରୁ ନ ଥିବାରୁ ଘର ମାଲିକ ଶାଗୁଣାକୁ ଧରି ତା'ର କୁକୁଡା ରହୁଥିବା ଘରେ ରଖିଥିଲା। ଗାଁ ଲୋକଙ୍କଠାରୁ ସୂଚନା ପାଇ କଟକ ଡିଭିଜନ ଡିଏଫ୍‌ଓ ସଞ୍ଜୟ କୁମାର ସ୍ୱାଇଁ ସଦଳବଳେ ଯାଇ ଶାଗୁଣାକୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା ପରେ ଗୁରୁବାର ନନ୍ଦନକାନନକୁ ହସ୍ତାନ୍ତର କରିଛନ୍ତି। ଶାଗୁଣାଟି ଆସିବା ପରେ ବନ୍ୟ ପ୍ରାଣୀ ଚିକିତ୍ସାଳୟରେ ତା'ର ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ କ୍ୱାରେଣ୍ଟାଇନର ପୃଥକୀକରଣ ଏନକ୍ଲୋଜରରେ ଛଡାଯାଇଛି। ଉଦ୍ଧାର ଶାଗୁଣାକୁ ମିଶାଇ ଏହି ପ୍ରଜାତିର ଶାଗୁଣା ସଂଖ୍ୟା ନନ୍ଦନକାନନରେ ୭କୁ ବୃଦ୍ଧି ପାଇଛି।

## କୃଷ୍ଣଚନ୍ଦ୍ରଙ୍କ ଓଡ଼ିଶାର ଇତିହାସ ଓ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ଉପରେ ଆଲୋଚନା

ଭୁବନେଶ୍ୱର,୧।୧୨(ବ୍ୟୁରୋ)

**କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ଜୟନ୍ତୀ ପାଳିତ**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁବାର ଐତିହାସିକ, ପ୍ରତ୍ନତତ୍ତ୍ୱବିତ୍, ଲେଖକ, ପଦ୍ମଶ୍ରୀ ଡ. କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କର ୧୧୩ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ବିଧାୟକ ପ୍ରଫୁଲ୍ଲ ସାମଲ, ଗିରିଜା ଶଙ୍କର ମହାପାତ୍ର, ସଞ୍ଜୟ କୁମାର ପରିଡ଼ା, ଉଇ ଫର୍ ଭୁବନେଶ୍ୱରର ସଭ୍ୟବୃନ୍ଦ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ଡ. ପାଣିଗ୍ରାହୀଙ୍କ ଓଡ଼ିଶାର ଇତିହାସ ଓ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ଓ ଗବେଷଣା ଉପରେ ଆଲୋକପାତ କରିଥିଲେ। ଓଡ଼ିଶୀ ନୃତ୍ୟଶିଳ୍ପୀ ମିନାକ୍ଷୀ ବେହେରା, ସମାଜସେବୀ ସଞ୍ଜିତ କୁମାର ଜଗଦେବ, ଲିଙ୍ଗରାଜ ପାଢୀ, ମୁକ୍ତିକାନ୍ତ ପରିଡ଼ା ଓ କ୍ରୀଡାବିତ୍ ଶିବଶଙ୍କର ପଣ୍ଡାଙ୍କୁ ପଦ୍ମଶ୍ରୀ ଡ. କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ୪ରୁ ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ

ବାରଙ୍ଗ,୧।୧୨(ଡି.ଏନ୍.ଏ.)

୨୦ତମ ଆମନ୍ତ୍ରଣୀୟ ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଆସନ୍ତା ୪ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ୟୁନାଇଟେଡ୍ ୟୁଥ୍ କ୍ଲବ ଗଣ୍ଡରପୁର ଆନୁକୂଲ୍ୟରେ ବିଜୁ ପଟ୍ଟନାୟକ ମିନିଷ୍ଟାଡିୟମରେ ହେବାକୁ ଥିବା ଏହି ମ୍ୟାଚ୍ ୮ ଦିନ ଧରି ଚାଲିବ। ସହରାଞ୍ଚଳ ଓ ଗ୍ରାମାଞ୍ଚଳ ନାମରେ ୨ଟି ପର୍ଯ୍ୟାୟରେ ମ୍ୟାଚ ଖେଳାଯିବ। ଏଥିରେ ଗ୍ରାମାଞ୍ଚଳର ୧୬ ଦଳ ଏବଂ ସହରାଞ୍ଚଳର ୮ ଦଳ ଅଂଶଗ୍ରହଣ କରିବେ। ମଧ୍ୟାହ୍ନ ୧୨ଟାରେ ଗ୍ରାମାଞ୍ଚଳ ମ୍ୟାଚ, ସହରାଞ୍ଚଳ ମ୍ୟାଚ ଅପରାହ୍ନ ୩ଟାରେ ଆରମ୍ଭ ହେବ। ୪ରେ ଖେଳ ଉଦ୍‌ଘାଟନ ହୋଇ ୧୧ ତାରିଖରେ ଉଦ୍‌ଯାପିତ ହେବ। ଉଦ୍‌ଘାଟନୀ ମ୍ୟାଚରେ ଗ୍ରାମାଞ୍ଚଳର ପ୍ରଥମ ମ୍ୟାଚ ବ୍ରାହ୍ମଣୀ ଗାଁ ସହ ପଦ୍ମକେଶରୀପୁର ଓ ସହରାଞ୍ଚଳର ପ୍ରଥମ ମ୍ୟାଚ ପପୁଲାର କ୍ଲବ ଢେଙ୍କାନାଳ ସହ ମଙ୍ଗଳା କ୍ଲବ କଟକ ମଧ୍ୟରେ ଅନୁଷ୍ଠିତ ହେବ। ପ୍ରତିଦିନ ମ୍ୟାଚ ପରେ ଦର୍ଶକଙ୍କ ପାଇଁ ମାଗଣା ଲଟେରି ଉଠାଣ କାର୍ଯ୍ୟକ୍ରମ ରହିଛି ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

# ସହରର କଞ୍ଜରଭାନ୍ସି ଲେନ୍‌ରୁ ହଟିବ ଜବରଦଖଲ

ଭୁବନେଶ୍ୱର,୧।୧୨(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ ବିଭିନ୍ନ କଞ୍ଜରଭାନ୍ସି (ସଂରକ୍ଷିତ) ଲେନରେ ଥିବା ଜବରଦଖଲ ଖୁବ୍‌ଶୀଘ୍ର ହଟିବ। ସହରର ସୁନ୍ଦର ଓ ସ୍ୱାସ୍ଥ୍ୟକର କରିବା ପାଇଁ ୩ଦିନ ଧରି ଚାଲିଥିବା ୱାର୍ଡସ୍ତରୀୟ ପରିମଳ କମିଟି କର୍ମଶାଳା 'ଆତ୍ମମନ୍ଥନ'ର ଉଦ୍‌ଯାପନୀ ଉତ୍ସବରେ ଏହି ଘୋଷଣା କରାଯାଇଛି। ମହାନଗର ନିଗମର ସମସ୍ତ ୱାର୍ଡକୁ ୩ଟି ଜୋନରେ ବିଭକ୍ତ କରାଯାଇ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ୩ଦିନରେ ମହାନଗର ନିଗମର କର୍ପୋରେଟର, ସାନିଟାରୀ ଇନ୍ସପେକ୍ଟର, ସ୍ୱଚ୍ଛ ସୁପରଭାଇଜର, ସ୍ୱଚ୍ଛସାଥୀ, ଏଜେନ୍ସି ସୁରଭାଇଜରଙ୍କ ମତାମତ ନେବା ପରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ସେଗୁଡିକ ମଧ୍ୟରେ ପ୍ରତି ୱାର୍ଡକୁ ଆବର୍ଜନା ମୁକ୍ତ କରିବା, ଅଳିଆ ପକାଉଥିବା ସ୍ଥାନର ସୌନ୍ଦର୍ଯ୍ୟରଣ, ବିଭିନ୍ନ ୱାର୍ଡକୁ ଗାଡ଼ି ଓ ସ୍ୱଚ୍ଛସାଥୀ ଯୋଗାଇଦେବା ଭଳି ପଦକ୍ଷେପ ଖୁବ୍‌ଶୀଘ୍ର ନିଆଯିବ। କୌଣସି ବ୍ୟକ୍ତି ଯଦି ବାହାରେ ଅଳିଆ ପକାଇଲେ ସେମାନଙ୍କୁ ସମ୍ପୂର୍ଣ୍ଣ ବାରଣ କରିବା ପାଇଁ କର୍ପୋରେଟରମାନେ ମତ ଦେଇଛନ୍ତି। ତେବେ ଭୁବନେଶ୍ୱରର ପରିମଳ ବ୍ୟବସ୍ଥାରେ ସୁଧାର ଆଣି ଦେଶର ଏକ ନମ୍ବର ସହରରେ ପରିଣତ କରିବାକୁ ସମସ୍ତ ପ୍ରକାର ନିୟମଭିତ୍ତିକ ସହାୟତା ଯୋଗାଇ ଦିଆଯିବ ବୋଲି ମେୟର ଓ କମିଶନର ପ୍ରତିଶ୍ରୁତି ଦେଇଛନ୍ତି। ପରିମଳ କମିଟି ସଦସ୍ୟମାନେ ନିଜ ନିଜ ୱାର୍ଡର ପରିମଳ ବ୍ୟବସ୍ଥାକୁ ନେଇ ସମୀକ୍ଷା କରିବାକୁ ଆହ୍ୱାନ ଦେଇଥିଲେ ମେୟର ସୁଲୋଚନା ଦାସ।

ଭୁବନେଶ୍ୱରକୁ ଏକ ନମ୍ବର କରିବା ପାଇଁ ପ୍ରତ୍ୟେକ ଶପଥ ନେବା ଦରକାର। ଭୁବନେଶ୍ୱର ପ୍ରଥମ କେବଳ ସମ୍ଭବ ହୋଇପାରିବ, ଯଦି କର୍ପୋରେଟର ଓ କର୍ମଚାରୀ ଆତ୍ମବିଶ୍ୱାସର ସହ କାମ କରିବେ। ଯେଉଁଠି ଗାଡ଼ିର ଅଭାବ, ସେଠାକୁ ଏକ ମାସ ମଧ୍ୟରେ ଗାଡ଼ି ଯୋଗାଇ ଦିଆଯିବ। ଆସନ୍ତା ୧ ମାସ ମଧ୍ୟରେ ମହାନଗର ନିଗମ ଆହୁରି ୧୫୦ଟି ଗାଡ଼ି ଯୋଗାଇବ। ଭୁବନେଶ୍ୱର ମହାନଗର ନିଗମକୁ ଦେଶର ପ୍ରଥମ କରିବାକୁ ମ୍ୟାନ, ମେଶିନ ଓ ଅନ୍ୟାନ୍ୟ ସରଞ୍ଜାମ ଦିଆଯିବ। କାର୍ଯ୍ୟକ୍ରମରେ କମିଶନର ବିଜୟ ଅମୃତ କୁଲାଙ୍ଗେଙ୍କ ସମେତ ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୂର ବିକାଶ ଉପସ୍ଥିତ ଥିଲେ। ଡେପୁଟି କମିଶନର ପରିମଳ ଶୁଭେନ୍ଦୁ କୁମାର ସାହୁଙ୍କ ସଂଯୋଜନାରେ ଜ୍ୟୋତି ପ୍ରକାଶ ଉପସ୍ଥାପନା କରିଥିଲେ। ଜୋନାଲ ଡେପୁଟି କମିଶନର ପ୍ରିୟବ୍ରତ ପାଢୀ ଏବଂ ଏସ୍‌ବିଏ ସେଲର ଟିମ୍ ଲିଡର ମନୋରଞ୍ଜନ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଛାତ୍ରୀଛାତ୍ରଙ୍କ ଏଡ୍‌ସ ସଚେତନତା ଶୋଭାଯାତ୍ରା

ବାଲିଅନ୍ତା,୧।୧୨(ଡି.ଏନ୍.ଏ.)



ବାଲିଅନ୍ତାସ୍ଥିତ ଜବାହରଲାଲ୍ ନେହେରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ସ୍ଥାନୀୟ ଛକ ଓ ବଜାର ପରିକ୍ରମା କରିବା ପରେ ବିଦ୍ୟାଳୟ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷ ବିଜୟ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲି ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏଡ୍‌ସ ଭୟାବହତା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ କୃଷ୍ଣକେଶବ ଆପଟ, ପୂର୍ବତନ ଜିଲା ପରିଷଦ ସଭ୍ୟ ଧୀରେନ କର ଓ ସଞ୍ଜୟ ମହାପାତ୍ର ପ୍ରମୁଖ ଯୋଗଦେଇ ମାରାତ୍ମକ ଏଡ୍‌ସର କାରଣ ଓ ନିରାକରଣ ଉପରେ ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲେ। ବିଦ୍ୟାଳୟ ୟୁଥ୍ ରେଡକ୍ରସ୍ କାଉନସିଲର ରଶ୍ମିରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଜୟନ୍ତୀବାଳା ମହାନ୍ତି ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ପୀତାମ୍ବର ପାତ୍ର, ଅଧ୍ୟାପିକା ତୃପ୍ତିପ୍ରଭା ସ୍ୱାଇଁ ଓ ଶ୍ୱେତାଲିନ ଦାସ ପରିଚାଳନା କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଏକ ସଭାମଣ୍ଡପ ନିର୍ମାଣ ପାଇଁ ବିଧାୟକ ଭିତ୍ତିପ୍ରସ୍ତର କରିଥିଲେ।

## ୫ ଯକ୍ଷ୍ମା ରୋଗୀଙ୍କୁ ପୋଷ୍ୟ କଲେ ରେଳମନ୍ତ୍ରୀ

କଟକ ଅଫିସ: ଭାରତକୁ ୨୦୨୫ ମସିହା ସୁଦ୍ଧା ଟିବିମୁକ୍ତ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇଛନ୍ତି। ଏହି କ୍ରମରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କଟକରୁ ୫ ଜଣ ଯକ୍ଷ୍ମାରୋଗୀଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିଛନ୍ତି। ସେମାନଙ୍କ ଚିକିତ୍ସା ପାଇଁ ରେଳମନ୍ତ୍ରୀ ପଠାଇଥିବା ଏକମାସର ସୁଷମ ଖାଦ୍ୟ ସହ ଔଷଧ ଥିବା ଏକ କିଟ୍ କଟକ ସିଡିଏମଓଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗୁରୁବାର ଆୟୋଜିତ କାର୍ଯ୍ୟକ୍ରମରେ ସେମାନଙ୍କୁ ପ୍ରଦାନ କରାଯାଇଛି। ସିଡିଏମଓ ସତ୍ୟବ୍ରତ ଛୋଟରାୟ, ରେଳୱେ ଖୋର୍ଦ୍ଧା ରୋଡ୍ ଏଡିଆର୍‌ଏମ୍ କଲ୍ୟାଣ ପଟ୍ଟନାୟକ, କଟକ ରେଳ ଷ୍ଟେଶନ ମ୍ୟାନେଜର ସୌରଭ ମୁଖାର୍ଜୀ, ଡା. ବିଜୟଲକ୍ଷ୍ମୀ ନାୟକ, ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡୁ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଡା. ବିଦ୍ୟୁତପ୍ରଭା ରାୟ ପରିଚାଳନା କରିଥିଲେ।

## ସଂକ୍ଷେପରେ

### କନ୍ଦରପୁର କଲେଜର ପ୍ରତିଷ୍ଠା ଦିବସ

**କଟକ ସଦର,୧।୧୨(ଡି.ଏନ୍.ଏ.):** କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର କଲେଜର ୪୫ତମ ପ୍ରତିଷ୍ଠା ଦିବସ ଗୁରୁବାର କଲେଜ ପରିସରରେ ପାଳିତ ହୋଇଯାଇଛି। ଅଧକ୍ଷ ସାରଦା ପ୍ରସନ୍ନ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କଟକ ସଦର ଉପଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷା ସୁରେଖା ସୁନ୍ଦରୀ ସ୍ୱାଇଁ ଯୋଗଦେଇ ପାଠପଢ଼ା ପରେ ବଳକା ସମୟକୁ ଶାରୀରିକ ଶିକ୍ଷାରେ ଉପଯୋଗ କରିବାକୁ ଛାତ୍ରୀଛାତ୍ରମାନଙ୍କୁ ଆହ୍ୱାନ ଦେଇଥିଲେ। ଏଥିରେ ଅନ୍ୟତମ ବକ୍ତା ଭାବେ ମାନସ ପଣ୍ଡା ଓ ପ୍ରାଧାପକ ଅଲେଖ ଚନ୍ଦ୍ର ସାହୁ ଯୋଗଦେଇଥିଲେ। ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ନମିତା ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ ଓ ଅଧାପିକା ଝରଣା ମହାନ୍ତି ଧନ୍ୟବାଦ ଦେଇଥିଲେ। ଅଧାପକ ପ୍ରଦୀପ୍ତ କୁମାର ବିଶ୍ୱାଳ, ପ୍ରତାପ କିଶୋର ଦାସ, ସଂଗ୍ରାମ କେଶରୀ ଜଗଦେବ, ଦୀପାଳି ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ରେଭେନ୍‌ଶାରେ ଜାତୀୟ ଆଲୋଚନାଚକ୍ର

**କଟକ ଅଫିସ,୧।୧୨:** ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସମାଜଶାସ୍ତ୍ର ବିଭାଗ ପକ୍ଷରୁ ସମାଜଶାସ୍ତ୍ରରେ ଗବେଷଣାର ପଦ୍ଧତି ଶୀର୍ଷକ ଏକ ଜାତୀୟ ଆଲୋଚନାଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବନାରସ୍ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଶ୍ୱେତା ପ୍ରସାଦ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ସମାଜଶାସ୍ତ୍ରର ପାଠ୍ୟକ୍ରମ ଏବଂ ଗବେଷଣାର ଭିତ୍ତି ଅଙ୍ଗାଙ୍ଗୀ ଭାବେ ଜଡିତ। ପ୍ରଫେସର ବିକ୍ରମ କେଶରୀ ମିଶ୍ର ସ୍ୱାଗତ ଭାଷଣ ଓ ଅଧାପିକା ଡ. ମନୋସ୍ମିତା ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଭାଗର ଅଧାପକ ଡ. ଜ୍ଞାନରଞ୍ଜନ ପୃଷ୍ଟି, ଅଧାପିକା ଲୁସି ମିଶ୍ର, ଡ. ରୋଶିନା ୟୁସୁଫି, ଛାତ୍ର ରଶ୍ମିରଞ୍ଜନ ବଳ, ରୋହିତ ଦାସ ଓ ଛାତ୍ରୀ ଅନ୍‌ମୋଲ୍ ଘୋଷାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧାପକ ଡ. ଈଶ୍ୱର ଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ।

### ରାସ୍ତା ସମ୍ପ୍ରସାରଣ ପାଇଁ ଜବରଦଖଲ ଉଚ୍ଛେଦ

**ଫୁଲନଖରା, ୧।୧୨(ଡି.ଏନ୍.ଏ.):** ରାସ୍ତା ସମ୍ପ୍ରସାରଣ ପାଇଁ ଫୁଲନଖରାଠାରୁ ବିରୂପା ସେତୁ ପର୍ଯ୍ୟନ୍ତ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଥିବା ଦୋକାନଗୁଡିକୁ ଗୁରୁବାର ଉଚ୍ଛେଦ କରାଯାଇଛି। ଏହି ସମୟରେ କଟକ ମହାନଗର ନିଗମ(ସିଏମ୍‌ସି) ଡେପୁଟି କମିଶନର ତଥା ଏନ୍‌ଫୋର୍ସମେଣ୍ଟ ଅଧିକାରୀ ଅଜୟ କୁମାର ମହାନ୍ତି, କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ଏନ୍‌ଫୋର୍ସମେଣ୍ଟ ଅଧିକାରୀ ପରେଶ ନାୟକ, କଟକ ସଦର ଥାନାଧିକାରୀ ରଶ୍ମିରଞ୍ଜନ ମହାପାତ୍ର, ଜାତୀୟ ରାଜପଥ ଟ୍ରାଫିକ ଥାନା ଅଧିକାରୀ ମନୋଜ ରୋଶନ ବୁଲୁଙ୍ଗଙ୍କ ସହ ୨ ପ୍ଲାଟୁନ୍ ଫୋର୍ସ ଉପସ୍ଥିତ ଥିଲେ। ଏହି ଉଚ୍ଛେଦ କାର୍ଯ୍ୟ ୫ ଦିନ ଧରି ଚାଲିବ ବୋଲି ଡେପୁଟି କମିଶନର ମହାନ୍ତି କହିଛନ୍ତି। ସୂଚନାଯୋଗ୍ୟ, ରାସ୍ତାପାର୍ଶ୍ୱରେ ଦୋକାନଗୁଡିକ ରହିଥିବାରୁ ଟ୍ରାଫିକ ସମସ୍ୟା ଉପୁଜୁଛି। ରାସ୍ତା ସମ୍ପ୍ରସାରଣ ପାଇଁ ଏଭଳି ପଦକ୍ଷେପ ନିଆଯାଇଛି।

### ଅସ୍ଥିଶଲ୍ୟ ବିଶେଷଜ୍ଞ ମନୋରଞ୍ଜନ ମହାପାତ୍ରଙ୍କ ପରଲୋକ

**କଟକ ଅଫିସ,୧।୧୨:** ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ମନୋରଞ୍ଜନ ମହାପାତ୍ର(୮୩)ଙ୍କର ବୁଧବାର ବିଳମ୍ବିତ ରାତିରେ ପରଲୋକ



ହୋଇଯାଇଛି। ଦୁଇ ଦିନ ତଳେ ସେ ଆହତ ହୋଇ କଟକ ରାଣୀହାଟସ୍ଥିତ ଘରେ ଚିକିତ୍ସିତ ହେଉଥିଲେ। ତାଙ୍କ ବିୟୋଗରେ ଓଡ଼ିଶା ଚିକିତ୍ସା ଜଗତରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ଖବର ପାଇ ତାଙ୍କ ବାସଭବନରେ ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ଶେଷଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଦୁଇ ପୁତ୍ର ଆଡ୍‌ଭୋକେଟ ସୁବ୍ରତ ମହାପାତ୍ର, ଡା. ଦେବାନନ୍ଦ ମହାପାତ୍ର, ଝିଅ ଡା. ପ୍ରଜ୍ଞା ପାତ୍ର, ପୁତ୍ରବଧୂ ଡା. ସ୍ୱରୂପା ପଣ୍ଡା ଓ ନାତିନାତୁଣୀ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଡା. ମହାପାତ୍ରଙ୍କ ପରିବାର ୪ ପିଢ଼ି ଧରି ଚିକିତ୍ସା କ୍ଷେତ୍ରରେ ସେବା ଯୋଗାଇ ଆସୁଛନ୍ତି। ସେ ଇଣ୍ଡିଆନ ମେଡିକାଲ ଆସୋସିଏଶନର ଓଡ଼ିଶା ଶାଖା ସଭାପତି, ଓଡ଼ିଶା ଅର୍ଥୋପେଡିକ ଆସୋସିଏଶନର ସଭାପତି ଓ କଟକ କ୍ଲବର ସଭାପତି ଭାବେ ଦୀର୍ଘଦିନ ଧରି କାର୍ଯ୍ୟ କରିଥିଲେ। ଶେଷ ସମୟ ପର୍ଯ୍ୟନ୍ତ ସେ ରୋଗୀସେବା କରିଆସୁଥିଲେ।

# ବେଆଇନ ଚାଲାଣବେଳେ ୧୭୭ ପେଟି କଫ ସିରପ୍ ଜବତ

- ୨ ଅଭିଯୁକ୍ତ ଗିରଫ
- ବେଆଇନ ଭାବେ ଚାଲାଣ ହେଉଥିଲା

ମଙ୍ଗୁଳି/ଜଗତପୁର, ୧।୧୨(ଡି.ଏନ.ଏ.)

କଟକ ଜିଲା ଟାଙ୍ଗୀ ଥାନା ଅଧୀନ ବ୍ରାହ୍ମଣଭୋଗ ଗଡା ନିକଟସ୍ଥ ଏକ ଗୋଦାମ ଘର ଉପରେ ବୁଧବାର ସନ୍ଧ୍ୟାରେ ପୋଲିସ ଚଢ଼ାଉ କରି ୧୭୭ ପେଟି କଫ ସିରପ, ୮୦ ଷ୍ଟ୍ରିପ୍ ନାଇଟ୍ରୋଜେନ୍-୧୦ ବଟିକା ଓ ଏକ ଟାଟା ଏସିଇ (ନଂ ଓଡ଼ି୦୫ଏକେ-୭୪୧୦) ଗାଡ଼ି ଜବତ କରିଛି। ଏହି ବେଆଇନ କାରବାରରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଟାଙ୍ଗୀ ଥାନା ଅଧୀନ ସର୍ଦ୍ଦଳା ଗ୍ରାମର ସୁଧୀର ଭୋଇ ଓ ଭୁବନେଶ୍ୱରର ଅଂଶୁମାନ ଅଭିଜିତ ସାହୁ। ଏ ନେଇ ଥାନାରେ ଏକ ମାମଲା(ନଂ.୨୪୪/୨୨) ରୁଜୁ ହୋଇଛି। ଜବତ ସାମଗ୍ରୀର ମୂଲ୍ୟ ୪୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଗୁରୁବାର ଟାଙ୍ଗୀ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା କହିଛନ୍ତି।



ଜବତ ହୋଇଥିବା କଫ ସିରପ୍ ଓ ଅନ୍ୟ ସାମଗ୍ରୀ।

ଏସ୍‌ଡିପିଓ ଲେଙ୍କାଙ୍କ ସୂଚନା ଅନୁଯାୟୀ, ଉକ୍ତ ଗୋଦାମରେ ବେଆଇନ ଭାବେ କଫ ସିରପ୍ ଓ ନାଇଟ୍ରୋଜେନ-୧୦ ବଟିକା ଗଚ୍ଛିତ ରଖାଯାଇ ବିକ୍ରି ପାଇଁ ବିଭିନ୍ନ ସ୍ଥାନକୁ ପଠାଯାଉଥିଲା। ଟାଙ୍ଗୀ ଥାନା ଏଏସ୍‌ଆଇ ପବିତ୍ର କୁମାର ବେହେରା ପୋଲିସ ଟିମ୍ ସହ ବୁଧବାର ସନ୍ଧ୍ୟାରେ ପାଟ୍ରୋଲିଂ କରୁଥିବାବେଳେ ଉକ୍ତ ଗୋଦାମ ଘରୁ କଫ ସିରପ୍ ପେଟି ଟାଟା ଏସିଇ ଗାଡିରେ ଲୋଡ୍ ହୋଇ ଚାଲାଣ ହେଉଥିବା ଜାଣିବାକୁ ପାଇଥିଲେ। ତୁରନ୍ତ ଥାନାଧିକାରୀ ସୁଚିତ୍ରବୀର୍ଯ୍ୟ ଦାସ, ଏଏସ୍‌ଆଇ ପବିତ୍ର ପାଟ୍ରୋଲିଂ ଟିମ୍ ସହ ସେଠାରେ ଚଢ଼ାଉ କରି ଉକ୍ତ ସାମଗ୍ରୀ ଜବତ କରିଥିଲେ। ଏକ ବାଲ୍ଟିରେ କିଛି କଫ ସିରପକୁ ଖୋଲାଯାଇ ସେଥିରେ ନାଇଟ୍ରୋସନ ଟେନ୍ ବଟିକା ମିଶା ଯାଉଥିଲା। ଏହାକୁ ପିଇଲେ ଜଣେ ବ୍ୟକ୍ତି ନିଶାସକ୍ତ ହେବ ବୋଲି ଅଭିଯୁକ୍ତଦ୍ୱୟ ପୋଲିସ ନିକଟରେ ପ୍ରକାଶ କରିଥିଲେ। ଏପରି କି ସେମାନେ ମେଡିସିନଗୁଡିକର ବିଲ୍ ମଧ ଦେଖାଇପାରି ନ ଥିଲେ। ଉକ୍ତ କଫ ସିରପ୍ କେଉଁଠୁ ଆସିଲା ସେ ନେଇ ତଦନ୍ତ ଜାରି ରହିଛି। ଏହି ବେଆଇନ କାରବାରରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଲେଙ୍କା କହିଛନ୍ତି।

# ଅଞ୍ଚଳବାସୀଙ୍କ ଆର୍ଥିକ ସମୃଦ୍ଧିରେ ସହାୟକ ହେବ: ମୁଖ୍ୟମନ୍ତ୍ରୀ

### ଇକୋ ରିଟ୍ରିଟ୍ ଶୁଭାରମ୍ଭ

କଟକ ଅଫିସ, ୧।୧୨

କଟକ ଜିଲା ନରସିଂହପୁର ବ୍ଲକ ଅନ୍ତର୍ଗତ ବାଲିଫୁଟ ସାତକୋଶିଆଠାରେ ଇକୋ ରିଟ୍ରିଟ୍ ଗୁରୁବାର ଶୁଭାରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଭର୍ଚ୍ଚୁଆଲରେ ଉଦ୍‌ଘାଟନ କରି କହିଥିଲେ, ପର୍ଯ୍ୟଟନ କ୍ଷେତ୍ରରେ ଏହି କାର୍ଯ୍ୟକ୍ରମ ବହୁଳ ଭାବରେ ଆଦୃତି ଲାଭ କରିଆସୁଛି। ସ୍ଥାନୀୟ ଅଞ୍ଚଳର ଜନପ୍ରତିନିଧି ଓ ଜନସାଧାରଣଙ୍କ ଉଦ୍ୟମ ଯୋଗୁ ଏହି ଅଞ୍ଚଳ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇପାରିବ। ଏହାଦ୍ୱାରା ଅଞ୍ଚଳବାସୀଙ୍କ ଆର୍ଥିକ ସମୃଦ୍ଧି ଆଣିବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସାତକୋଶିଆଠାରେ ଆୟୋଜିତ କାର୍ଯ୍ୟକ୍ରମ କଟକ ଜିଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର ଯୋଗଦେଇ କହିଥିଲେ, ପର୍ଯ୍ୟଟକଙ୍କ ରୁଚି ମୁତାବକ ଆତିଥ୍ୟ ପ୍ରଦାନ କରିବାକୁ ଏଠାରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ସେହିପରି ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଥିଲେ, ଏଭଳି ଏକ ମନୋରମ ପରିବେଶ ପର୍ଯ୍ୟଟକଙ୍କୁ ନିଶ୍ଚିତ ଭାବରେ ଆକୃଷ୍ଟ କରିବ। ଏହି କାର୍ଯ୍ୟକ୍ରମରେ ଅଗ୍ନିଶମ ସେବାର ଅତିରିକ୍ତ ଡିଜି ସୌମ୍ୟା ମିଶ୍ର, କଟକ ଜିଲା ପରିଷଦର ନିର୍ବାହୀ ଅଧିକାରୀ ଅମ୍ବର କୁମାର କର, ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ପ୍ରମୁଖ ଉପସ୍ଥିତ ଥିଲେ।

## ଗୋଚର ଜମି ଜବରଦଖଲକୁ ନେଇ ଉତ୍ତେଜନା

କଟକ ସଦର,୧।୧୨(ଡି.ଏନ୍.ଏ.)

କଟକ ସଦର ତହସିଲ ଅନ୍ତର୍ଗତ କନ୍ଦରପୁର ପଞ୍ଚାୟତ ବମ୍ଫୁରୀ ଗ୍ରାମର ଏକ ଗୋଚର ଜମିରେ ୫୦ରୁ ଊର୍ଦ୍ଧ୍ୱ ବାହାର ଲୋକ ଘର କରିବା ପାଇଁ ଖୁଣ୍ଟ ପୋତିବାକୁ ନେଇ ଗୁରୁବାର ଉତ୍ତେଜନା ପ୍ରକାଶ ପାଇଛି। ଏ ସମ୍ପର୍କରେ ସ୍ଥାନୀୟ ଲୋକେ ବମ୍ଫୁରୀ ଆର୍‌ଆଇଙ୍କୁ ଅବଗତ କରିଥିଲେ। ହେଲେ ଆର୍‌ଆଇ ତହସିଲଦାରଙ୍କୁ ଜଣାଇବା ପାଇଁ ସେମାନଙ୍କୁ କହିଥିଲେ। ପରେ ଏ ନେଇ ତହସିଲ କାର୍ଯ୍ୟାଳୟରେ ଏକ ଦାବିପତ୍ର ପ୍ରଦାନ କରାଯିବା ସହ ଉକ୍ତ ଜମିକୁ ଜବରଦଖଲ ପାଇଁ ସୁଯୋଗ ନ ଦେବାକୁ ନିବେଦନ କରାଯାଇଛି। ଏଠାର ଶତାଧିକ ଲୋକ ଗୋପାଳନ ଉପରେ ନିର୍ଭର କରି କ୍ଷୀର ବ୍ୟବସାୟ କରୁଛନ୍ତି। ସେଥିପାଇଁ ବିଭିନ୍ନ ଦୁଗ୍ଧ କମ୍ପାନୀ ପକ୍ଷରୁ ସକାଳ ଓ ସନ୍ଧ୍ୟାରେ କ୍ଷୀର କ୍ରୟ କରାଯାଉଛି। ଏହାଛଡା ଉକ୍ତ ଜମି ଚତୁଃପାର୍ଶ୍ୱରେ ଚାଷଜମି ଓ ଶ୍ମଶାନ ରହିଛି। ଏହି ଜମିକୁ ବାସୋପଯୋଗୀ କଲେ ବମ୍ଫୁରୀ ଗ୍ରାମବାସୀ ଆଦୌ ବରଦାସ୍ତ କରିବେ ନାହିଁ ବୋଲି ତହସିଲ ପ୍ରଶାସନକୁ ସତର୍କ କରାଇ ଦିଆଯାଇଛି।



କଟକ ବାରବାଟୀ ଷ୍ଟାଡିୟମ ପରିସରସ୍ଥ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ଶେଖର ଦତ୍ତ ଓ ଅନ୍ୟ ଅତିଥିମାନେ।

## ୧୦ ଦଫା ଦାବି ନେଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ମଙ୍ଗୁଳି/ଜଗତପୁର,୧।୧୨(ଡି.ଏନ.ଏ.)

ତୁରନ୍ତ ଧାନମଣ୍ଡି ଖୋଲିବା, କଟ୍‌ନୀଛଟ୍‌ନୀ ବନ୍ଦ କରିବା ଭଳି ୧୦ ଦଫା ଦାବି ନେଇ ଓଡ଼ିଶା କୃଷକ ସଭା ପକ୍ଷରୁ ଗୁରୁବାର ଟାଙ୍ଗୀ-ଚୌଦ୍ୱାର ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ କୃଷକ ନେତା ତଥା ସମିତି ସଭ୍ୟ ରମେଶ ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବିଡିଓ ଆଶୁତୋଷ ମିଶ୍ରଙ୍କୁ ଦାବିପତ୍ର ପ୍ରଦାନ କରିଥିଲା। କୃଷକ ଜିଲା ସମ୍ପାଦକ ଉମ୍ବରୁଧର ସାହୁ, ସୁରେନ୍ଦ୍ର ସାହୁ, ଚନ୍ଦ୍ରମୋହନ ମାଝୀଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ବିଷ୍ଣୁପ୍ରସାଦ ରାଉତ, କୃଷକ ଜିଲା ରାଜ୍ୟ ସଭାପତି ଜମ୍ବେଶ୍ୱର ସାମନ୍ତରାୟ, ସନାତନ ପଣ୍ଡା, ଗଜେନ୍ଦ୍ର ଗଇପାଇ, ମଳୟ କୁମାର ପୃଷ୍ଟିଙ୍କ ସମେତ ବହୁସଂଖ୍ୟକ ଚାଷୀ ସାମିଲ ହୋଇଥିଲେ।

# ଶ୍ରୀଜଗନ୍ନାଥ ସଂସ୍କୃତି ଜଗତର ସଂସ୍କୃତି

### ଶ୍ରୀଜଗନ୍ନାଥ ପାଞ୍ଚରାତ୍ର, ୨୪ ବେଶ ପ୍ରଦର୍ଶନ ଉଦ୍‌ଘାଟିତ

କଟକ ଅଫିସ, ୧।୧୨

ଶ୍ରୀଜଗନ୍ନାଥ ଭକ୍ତ ସମାଜ ପକ୍ଷରୁ ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ଓ ୨୪ ବେଶ ପ୍ରଦର୍ଶନ ନୂଆବଜାର ପୋତାପୋଖରୀସ୍ଥିତ ନେତାଜୀ ଖେଳପଡ଼ିଆଠାରେ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଶ୍ରୀମନ୍ଦିର ପୁରୀ ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟଯୋଶୀ ଉଦ୍‌ଘାଟନ କରିଥିଲେ। ଏଥିରେ ଶ୍ରୀଜଗନ୍ନାଥ ଚେତନା ପ୍ରଚାରକ ସତ୍ୟାନନ୍ଦ ଦାସ ଯୋଗଦେଇ କହିଥିଲେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ହେଉଛି ଜଗତର ସଂସ୍କୃତି। ଏଥିସହ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଆବିର୍ଭାବ ରୂପ, ସ୍ୱରୂପ, ଲୀଳା, ମହିମା ଓ କ୍ଷେତ୍ର ଉପରେ ପ୍ରବଚନ ଦେଇଥିଲେ। ଶ୍ରୀଜଗନ୍ନାଥ ଭକ୍ତ ସମାଜ ସଭାପତି ଡ. କିଶନଲାଲ ଅଗ୍ରୱାଲଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ଜିଲାପାଳ ଭବାନୀ ଶଙ୍କର ଚୟନୀ, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଡିସିପି ପିନାକ ମିଶ୍ର ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦକ ସମୀର ମହାନ୍ତି ଅତିଥି ପରିଚୟ ଓ କାର୍ଯ୍ୟକାରୀ ଅଧକ୍ଷ ଇଂ. ପୂର୍ଣ୍ଣଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନର ଉପସଭାପତି ବାବୁରାମ ସ୍ୱାଇଁ, ଦେବେନ୍ଦ୍ରନାଥ ପରିଡ଼ା, ନିରୁପମା ବେହେରା, କୋଷାଧକ୍ଷ ବୈକୁଣ୍ଠ ବିହାରୀ ମୁଦୁଲି, ସଙ୍ଗଠନ ସମ୍ପାଦକ ଶଶିକାନ୍ତ ପରିଡ଼ା, ଯୁଗ୍ମ ସଙ୍ଗଠନ ସମ୍ପାଦକ ନିରାକାର ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧାପକ ଡ. ନିରଞ୍ଜନ ସାହୁ ମଞ୍ଚ ସଂଯୋଜନା କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ପ୍ରାଣୀ ଚିକିତ୍ସା ଶିବିର

ଚୌଦ୍ୱାର, ୧।୧୨(ଡି.ଏନ୍.ଏ.)

ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଆଗ୍ରାହାଟ ପଞ୍ଚାୟତ କୁଜିବରସ୍ଥିତ ମହାତ୍ମା ସାଧୁସୁନ୍ଦର ପୀଠରେ ପ୍ରାଣୀ ଚିକିତ୍ସା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର ଦିବ୍ୟ ଜୀବନ ସଂଘ ଆନୁକୂଲ୍ୟରେ ଆୟୋଜିତ ଶିବିରରେ ଗ୍ରାମାଞ୍ଚଳର ୨୦୦ରୁ ଊର୍ଦ୍ଧ୍ୱ ଗୋରୁଙ୍କ ଚିକିତ୍ସା କରାଯାଇ ଟିକା ଦିଆଯାଇଥିଲା। ଦିବ୍ୟ ଜୀବନ ସଂଘର ଧରଣୀଧର ବାରିକ, ରାମଚନ୍ଦ୍ର ସାହୁ, ସହଦେବ ବରାଳ, ସୁରେଶ ଚନ୍ଦ୍ର ମିଶ୍ର, ଆଲୋକ ବାରିକ ପ୍ରମୁଖ ଶିବିର ପରିଚାଳନା କରିଥିବାବେଳେ ଶିକ୍ଷକ ବାସୁଦେବ ସାହୁ ଧନ୍ୟବାଦ ଦେଇଥିଲେ।

## ଖବରକାଗଜ ବିତରକ ସଂଘ ଉପଦେଷ୍ଟାଙ୍କ ଶ୍ରଦ୍ଧାଞ୍ଜଳି ସଭା




କଟକ ଅଫିସ,୧।୧୨

ବାଦାମବାଡି ଖବରକାଗଜ ବିତରକ ସଂଘ ଉପଦେଷ୍ଟା ଅଜୟ କୁମାର ବାରିକଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଖବରକାଗଜ ବିତରକମାନଙ୍କ ପକ୍ଷରୁ ଅନୁଷ୍ଠିତ ସଭାରେ ସଭାପତି ପ୍ରଦୀପ କୁମାର ଜେନା, ଅଭୟ କୁମାର ବେହେରା, ସତ୍ୟବାନ୍ ଷଡଙ୍ଗୀ, ଆଶିଷ କୁମାର ମହାନ୍ତି, ଗଗନ ଚନ୍ଦ୍ର ସାହୁ, କାଳିନ୍ଦୀ ଚରଣ ବେହେରା, ରାକେଶ, ନୀଲୁ ଓ ଶରତଙ୍କ ସହ ଅନ୍ୟ ସଭ୍ୟମାନେ ଯୋଗଦେଇ ଅଜୟଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ବିତରକମାନଙ୍କ ସୁବିଧା ଅସୁବିଧା ସମୟରେ ଅଜୟ ସେମାନଙ୍କ ପାଖରେ ଛିଡା ହେଉଥିଲେ ବୋଲି ସଭାରେ ମତପ୍ରକାଶ ପାଇଥିଲା।

# ‘ସଚେତନତା ଦ୍ୱାରା ଏଡ୍‌ସ ରୋକିହେବ’

### ବିଶ୍ୱ ଏଡ୍‌ସ ଦିବସ

କଟକ ଅଫିସ/କଣ୍ଟାପଡ଼ା/ ମାହାଙ୍ଗା, ୧।୧୨ (ଡି.ଏନ୍.ଏ./ ସ୍ୱ.ପ୍ର.)

କଟକ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ମଉଗଜପୁର ଓ ବିଡ଼ାନାସୀସ୍ଥିତ କୃଷକ ବଜାରଠାରେ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିରରେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସ୍ୱୟଂପ୍ରଭା ଆଚାର୍ଯ୍ୟ ଯୋଗଦେଇ ଭାରତୀୟ ସମ୍ବିଧାନର ନାଗରିକମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ମୌଳିକ ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ତୃତୀୟ ଲିଙ୍ଗ ଲୋକମାନଙ୍କୁ ବୁଝାଇଥିଲେ। ଏଥିସହ ସେମାନେ କିପରି ଏଡ୍‌ସଠାରୁ ନିଜକୁ ଓ ସମାଜକୁ ସୁରକ୍ଷା ପ୍ରଦାନ କରିପାରିବେ ସେ ସମ୍ପର୍କରେ କହିଥିଲେ। ଏହି ଅବସରରେ ତୃତୀୟ ଲିଙ୍ଗମାନଙ୍କୁ ଅଣସଂଗଠିତ ଶ୍ରମିକ ପରିଚୟପତ୍ର ଆଚାର୍ଯ୍ୟ ପ୍ରଦାନ କରିଥିଲେ। ଏଥିରେ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ସହକାରୀ ସଦସ୍ୟ ସୃଜନ ସାରସ୍ୱତ ଏବଂ ଜିଲା ଶ୍ରମ ଅଧିକାରୀ ପ୍ରସନ୍ନ ପ୍ରଧାନଙ୍କ ସମେତ ତୃତୀୟ ଲିଙ୍ଗ ସଦସ୍ୟ, ପାରାଲିଗାଲ ଭଲ୍ୟୁଣ୍ଟରମାନେ ଉପସ୍ଥିତ ଥିଲେ।

କଣ୍ଟାପଡା ବ୍ଲକ ସୁନ୍ଦରଗ୍ରାମସ୍ଥିତ ଦଧିଚି କଲେଜ ଅଫ୍ ଫାର୍ମାସିରେ ଗୁରୁବାର ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଦଧିଚି ଶିକ୍ଷାସମୂହର ଚେୟାରମ୍ୟାନ୍ ଡ. ମନୋଜ କୁମାର ଦାଶ ଯୋଗଦେଇ ସଚେତନତା ଦ୍ୱାରା ଏଡ୍‌ସ ରୋକିହେବ ବୋଲି କହିଥିଲେ। ଅଧକ୍ଷ ଡ. ରଜତ କୁମାର କର ଏଡ୍‌ସର ନିରାକରଣ ଉପରେ ଆଲୋଚନା କରିଥିଲେ। ଉପାଧକ୍ଷ ପ୍ରଫେସର ଶୋଭାବିକାଶ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ କଲେଜ ପରିସରରେ ମାନବଶୃଙ୍ଖଳ କରି ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ଅଧାପିକା ଅନିତା ସାହୁ, ଅଧାପକ ଡ. ସତ୍ୟବ୍ରତ ସାହୁ, ସନ୍ତୋଷ ପଣ୍ଡା, ଦେବାନନ୍ଦ ଚମ୍ପତି ସିଂ, ଚନ୍ଦ୍ରକାନ୍ତ ଦାସ, ବିପିନି ବିହାରୀ ନାୟକ, ବିଶ୍ୱଜିତ୍ ପଟ୍ଟନାୟକ, ଦିଲୀପ ବାରିକ ଓ ଉପେନ୍ଦ୍ର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଭାରତ ସରକାରଙ୍କ ଦକ୍ଷତା ବିକାଶ ଅନୁଷ୍ଠାନ ଜନ ଶିକ୍ଷଣ ସଂସ୍ଥାନ ପକ୍ଷରୁ ସିଡିଏଠାରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ସଂସ୍ଥାନର ନିର୍ଦ୍ଦେଶିକା ଅନିମା ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିବେଶ ବିଜ୍ଞାନୀ ଆଶୁତୋଷ ଦେବତା, ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର ଓ ହେରିଟେଜ୍ ହେଲ୍‌ଥକେୟାର ହସ୍ପିଟାଲର ନିର୍ଦ୍ଦେଶିକା ତଥା ହାଇଟେକ୍ ଡେଣ୍ଟାଲ କଲେଜର ଆସିଷ୍ଟାଣ୍ଟ ପ୍ରଫେସର ମୋନାଲିସା ପଣ୍ଡା ଯୋଗଦେଇ ଏଡ୍‌ସର ନିରାକରଣ ଉପରେ ଆଲୋକପାତ କରିଥିଲେ। ସଂସ୍ଥାନ୍‌ର କାର୍ଯ୍ୟକ୍ରମ ଅଧିକାରୀ ସମ୍ବିଦ ମହାନ୍ତି ଓ ସହ କାର୍ଯ୍ୟକ୍ରମ ଅଧିକାରୀ ଶୁଭଶ୍ରୀ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




କଣ୍ଟାପଡ଼ା ବ୍ଲକ ସୁନ୍ଦରଗ୍ରାମସ୍ଥିତ ଦଧିଚି କଲେଜ ପରିସରରେ ଛାତ୍ରୀଛାତ୍ରଙ୍କ ଏଡ୍‌ସ ସଚେତନତା ବାର୍ତ୍ତା।

ସେହିପରି ଡ୍ରିମ୍‌ସ ସ୍କୁଲ ଆଣ୍ଡ କଲେଜ ଅଫ୍ ନର୍ସିଂ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଥିଲା। ଭଟିମୁଣ୍ଡା ପଞ୍ଚାୟତରେ ସଚେତନତା ଶୋଭାଯାତ୍ରା ଓ ପ୍ରଥପ୍ରାନ୍ତ ନାଟକ ମାଧ୍ୟମରେ ଛାତ୍ରୀଛାତ୍ରମାନେ ଏଡ୍‌ସ ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ। ସ୍ଥାନୀୟ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଡା. ଅମିୟ ପ୍ରସାଦ ଦାସ ଏଡ୍‌ସ ସଚେତନତା ରାଲିକୁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଶିକ୍ଷାନୁଷ୍ଠାନ ପରିସରରେ ଏଡ୍‌ସ ଦିବସ ଉପରେ ପ୍ରାଚୀରପତ୍ର ସ୍ୱତନ୍ତ୍ର ସଂସ୍କରଣକୁ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ଉନ୍ମୋଚନ କରିଥିଲେ। ନିର୍ଦ୍ଦେଶକ ଲୋକନାଥ ବେହେରା, ଅଧକ୍ଷା ଡ. ପି. କଙ୍ଗେଶ୍ୱରୀଙ୍କ ସମେତ ବିଭିନ୍ନ ବିଭାଗର ଅଧାପିକା ଅଧାପକ ଉପସ୍ଥିତ ଥିଲେ। ଉପାଧକ୍ଷା ଏନ୍. ପ୍ରେମଲତା ଦେବୀ ଧନ୍ୟବାଦ ଦେଇଥିଲେ।

ରେଭେନ୍‌ଶା କଲିଜିଏଟ୍ ସ୍କୁଲରେ ବିଶ୍ୱ ଏଡ୍‌ସ ଦିବସ ଓ ପୁନିତ ସାଗର ଅଭିଯାନ ଗୁରୁବାର ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଡ. ଅନୁସ୍ମିତା ସ୍ୱାଇଁଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷକ ଅନୁପ ପଟ୍ଟନାୟକ, ପ୍ରସନ୍ନ ନନ୍ଦ, ଶିକ୍ଷୟିତ୍ରୀ ସଂଘମିତ୍ରା ପଟ୍ଟନାୟକ, ଚାରୁଲତା ସିଂ, ବିଶ୍ୱନାଥ ମିଶ୍ର, ସନ୍ତୋଷ ସ୍ୱାଇଁ, ପ୍ରଣବ ବେହେରା, ନନ୍ଦନ ମହାନ୍ତି ପ୍ରମୁଖ ଏଡ୍‌ସର ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷକ ପରେଶ କୁମାର ମଲ୍ଲ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

ମାହାଙ୍ଗା ବ୍ଲକ ଅନ୍ତର୍ଗତ କୁଆଁପାଳସ୍ଥିତ ଜେଏନ୍ କଲେଜଠାରେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଛାତ୍ରୀଛାତ୍ର, ମେଡିକାଲ କର୍ମଚାରୀ ଓ କଲେଜ ଅଧାପିକା ଅଧାପକଙ୍କ ଦ୍ୱାରା ଦସ୍ତଖତ ଅଭିଯାନ, ରାଲି, ଚିତ୍ରାଙ୍କନ ଜରିଆରେ ଏଡ୍‌ସ ସଚେତନତା ବାର୍ତ୍ତା ଦିଆଯାଇଥିଲା। କଲେଜ ପରିସରରେ ଅଧାପିକା ଗୀତାଞ୍ଜଳି ଆରିଆଙ୍କ ଅଧକ୍ଷତାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସୁଧାଂଶୁ ଦାସ, ଅଧାପକ ନିଖିଳେଶପଦ ମହାନ୍ତି, ରୁଦ୍ର ନାରାୟଣ ଦାସ, କୃଷ୍ଣଚନ୍ଦ୍ର ବେହେରା, ଚିନ୍ମୟ ପଣ୍ଡା, ରେଣୁବାଳା ବଳ, ଏଏନ୍‌ଏମ୍ କିରଣବାଳା ସାହୁ, ପୁରୁଷ ସ୍ୱାସ୍ଥ୍ୟକର୍ମୀ ବିକ୍ରମ କେଶରୀ ଦାସ ପ୍ରମୁଖ ଯୋଗଦେଇ ଏଡ୍‌ସ ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ।

## ଚିତ୍ରକଳାରେ ଆଦର ନ ଥିବା ବେଳେ ପାଦ ଥାପିଥିଲେ ଅଜିତ୍

### ଚିତ୍ରଶିଳ୍ପୀ ଅଜିତ୍ କେଶରୀ ରାୟଙ୍କ ଜନ୍ମ ବାର୍ଷିକ

କଟକ ଅଫିସ,୧।୧୨

ଧର୍ମପଦ ପୁରସ୍କାରପ୍ରାପ୍ତ ଚିତ୍ରଶିଳ୍ପୀ ଅଜିତ୍ କେଶରୀ ରାୟଙ୍କ ଜନ୍ମ ଶତବାର୍ଷିକ କଟକ ଶ୍ରୀରାମଚନ୍ଦ୍ର ଭବନଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଲଳିତକଳା ଏକାଡେମୀ, ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ କ୍ରିଏଟିଭ୍ ଆର୍ଟିଷ୍ଟ ଗ୍ରୁପ୍‌ର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ସ୍ତମ୍ଭକାର ଅରୁଣ କୁମାର ପଣ୍ଡା କହିଥିଲେ, ଯେତେବେଳେ ଚିତ୍ରକଳାର କୌଣସି ଆଦର ନ ଥିଲା ସେତେବେଳେ ଅଜିତ୍ ଚିତ୍ରକଳା କ୍ଷେତ୍ରର ପାଦରଖିବା ସମାଜ ପାଇଁ ବଡ଼ ଦୃଷ୍ଟାନ୍ତ ଥିଲା। ଏଥିରେ ବରେଣ୍ୟ ଅତିଥି ଭାବେ ଗୀତିକବି ସମାଜର ସଭାପତି ମନୋଜ ପଟ୍ଟନାୟକ, ସମ୍ମାନିତ ଅତିଥି ଚିତ୍ରଶିଳ୍ପୀ ପ୍ରଣବ ଅଖଣ୍ଡ ଯୋଗଦେଇଥିଲେ। ଗ୍ରୁପ୍‌ର ସଭାପତି ରବି ନାରାୟଣ ରଥ ଅଧକ୍ଷତା କରିଥିବାବେଳେ ସମ୍ପାଦକ ଶଶିକାନ୍ତ ରାଉତ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ତିନୋଟି ବିଭାଗରେ ଭାଗ ନେଇଥିବା ଶତାଧିକ କୁନି ଚିତ୍ରଶିଳ୍ପୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରକାଶକ ଉମେଶ ପ୍ରସାଦ ସାହୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରଶାସକ ଧରଣୀଧର ନାଥ ଏକ ବାର୍ତ୍ତା ପ୍ରେରଣ କରିଥିଲେ। ଗୀତିକବି ପ୍ରେମଚାନ୍ଦ ମହାନ୍ତି ଧନ୍ୟବାଦ ଦେଇଥିଲେ।

### ପର୍ଯ୍ୟଟକଙ୍କ ଜିନିଷ ଚୋରି କରି ଜଣେ ଗିରଫ

**ପୁରୀ ଅଫିସ:** ପର୍ଯ୍ୟଟକଙ୍କ ସାମଗ୍ରୀ ଚୋରି କରିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା ଟାଙ୍ଗି ଅଞ୍ଚଳର ଅଜୟ ସାହୁ (୩୪)। ପୋଲିସ ତାଙ୍କଠାରୁ ଗୋଟିଏ ମୋବାଇଲ, ଗୋଟିଏ ସନ୍ ଗ୍ଲାସ୍ ଏବଂ ଡ୍ରେସ୍ ଜବତ କରିଛି। ଏ ନେଇ ନଂ. ୨୭୨ /୨୨ରେ ଏକ ମାମଲା ରୁଜୁ କରିଛି। ଆସାମର ବିଜେଶ ସୋନି ତାଙ୍କ ପରିବାର ସହ ପୁରୀ ବୁଲିବାକୁ ଆସି ସମୁଦ୍ରରେ ଗାଧୋଉଥିଲେ। ଏହି ସମୟରେ ତାଙ୍କର ଜିନିଷ ସମୁଦ୍ରକୂଳରୁ କେହି ଚୋରି କରିନେଇଥିଲେ। ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧।୧୨।୨୦୨୨

| | |
|---|---|
| ୨,୩୬,୮୬୦ ଟଙ୍କା | |
| ସୁନା | ୪୦ ମିଲିଗ୍ରାମ |
| ରୁପା | ୩୦ ଗ୍ରାମ |

# ଦିବ୍ୟାଙ୍ଗଙ୍କୁ ସ୍ୱାବଲମ୍ବୀ କରାଇବାରେ ପୁରୀ ଆଗୁଆ

## ରାଜ୍ୟ ପୁରସ୍କାର ପାଇଁ ମନୋନୀତ

ପୁରୀ ଅଫିସ, ୧।୧୨

ପୁରୀ ଜିଲା ପ୍ରଶାସନ ପକ୍ଷରୁ ଦିବ୍ୟାଙ୍ଗଙ୍କ ପାଇଁ ବିଭିନ୍ନ ପ୍ରକାର ଯୋଜନା କାର୍ଯ୍ୟକାରୀ ହେଉଛି। ଜିଲାର ଦିବ୍ୟାଙ୍ଗମାନେ କିପରି ଆତ୍ମନିର୍ଭରଶୀଳ ହେବେ ସେଥିଲାଗି ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଛି। ଅନେକ ଦିବ୍ୟାଙ୍ଗ ସ୍ୱାବଲମ୍ବୀ ହୋଇ ନିଜ ପରିବାର ମୁହଁରେ ଖୁସି ବାଣ୍ଟିପାରୁଛନ୍ତି। ଜିଲା ପ୍ରଶାସନର ଏଭଳି ମହତ କାର୍ଯ୍ୟକୁ ସଫଳତା ମିଳିଛି। ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ଅବସରରେ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ବେଷ୍ଟ ଏମ୍ପ୍ଲୋର ବିଭାଗରେ ପୁରୀ ଜିଲାକୁ ପୁରସ୍କୃତ କରାଯିବ। ଏଥିପାଇଁ ସରକାରଙ୍କ ପକ୍ଷରୁ ପୁରୀ ଜିଲାପାଳଙ୍କୁ ନିମନ୍ତ୍ରଣ କରାଯାଇଛି।

ସୂଚନାଯୋଗ୍ୟ, ପୁରୀ ଜିଲାରେ ଦିବ୍ୟାଙ୍ଗମାନଙ୍କ ଜୀବନ ଜୀବିକା ସଜାଡ଼ିବା ପାଇଁ ଜିଲା ପ୍ରଶାସନ 'ଫୁଲ' ଯୋଜନା କାର୍ଯ୍ୟକାରୀ କରିଛି। ଏହା ମାଧ୍ୟମରେ ପ୍ରାଥମିକ ପର୍ଯ୍ୟାୟରେ ଜିଲାର ୧ହଜାର ଦିବ୍ୟାଙ୍ଗଙ୍କୁ ତାଲିମ ଦିଆଯିବା ସହ ଷ୍ଟେଟ ବ୍ୟାଙ୍କ୍ ମାଧ୍ୟମରେ ପ୍ରାୟ ୩ କୋଟି ଟଙ୍କା ପ୍ରଦାନ କରାଯାଇଛି। ଜିଲା ପ୍ରଶାସନର ୫-ଟି ସେଲ୍‌ରେ ୬ଜଣ ଦିବ୍ୟାଙ୍ଗ ମହିଳାଙ୍କୁ ନିଯୁକ୍ତି ଦିଆଯାଇଛି। ଓଡ଼ିଶାର ପ୍ରଥମ କରି ଦିବ୍ୟାଙ୍ଗମାନଙ୍କ ଦ୍ୱାରା ପରିଚାଳିତ କଲେକ୍ଟରେଟ୍ କ୍ୟାଣ୍ଟିନ 'ଚଟଣି' ଖୋଲାଯାଇଛି। ଏଥିରେ ପ୍ରାୟ ୭ରୁ ଅଧିକ ଦିବ୍ୟାଙ୍ଗ ନିଯୁକ୍ତି ପାଇଛନ୍ତି। ସ୍ୱର୍ଗଦ୍ୱାରରେ ସେବା ଯୋଗାଇଦେବାକୁ ୨ଜଣ ଦିବ୍ୟାଙ୍ଗ ନିୟୋଜିତ ହୋଇଛନ୍ତି। ଦିବ୍ୟାଙ୍ଗଙ୍କୁ ନେଇ ଗଠିତ ଜିଲାର ୨୩ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ସ୍ୱାବଲମ୍ବୀ ହେବା ପାଇଁ ପ୍ରଶାସନ ପକ୍ଷରୁ ୧୧ ଲକ୍ଷ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ରାଶି ଦିଆଯାଇଛି ବୋଲି ପ୍ରକଳ୍ପର ପରାମର୍ଶଦାତା ସିଦ୍ଧାର୍ଥ ରାୟ କହିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ପୁରସ୍କାର ପାଇଁ ପୁରୀ ଜିଲାକୁ ଚୟନ କରାଯାଇଥିବା ଆମ ପାଇଁ ଗୌରବର କଥା। ଦିବ୍ୟାଙ୍ଗଙ୍କ ଲାଗି ଆଗକୁ ଆହୁରି ଭଲ କାମ କରିବାକୁ ଏହି ପୁରସ୍କାର ପ୍ରେରଣା ଦେବ ବୋଲି ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ ଶେଖର ମହାରଣା କହିଛନ୍ତି। ଦିବ୍ୟାଙ୍ଗମାନେ କିପରି ଆତ୍ମନିର୍ଭରଶୀଳ ହୋଇପାରିବେ ସେଥିଲାଗି ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି ଓ ସେମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ଆଗକୁ ଆହୁରି ଏକାଧିକ ଯୋଜନା କାର୍ଯ୍ୟକାରୀ କରାଯିବ ବୋଲି ମହାରଣା ପ୍ରକାଶ କରିଛନ୍ତି।




ଅସ୍ଥାୟୀ ଜଳଯୋଗାଣ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ ଦାବିରେ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ ସଂଘର କର୍ମକର୍ତ୍ତାମାନେ। (ଫଟୋ- ଯଜ୍ଞେଶ୍ୱର)

# ଜନ୍ମମାଟିରେ ପାରା ଆଥଲେଟ ଜୟନ୍ତୀଙ୍କୁ ସମ୍ବର୍ଦ୍ଧନା



କ୍ରୀଡ଼ାପ୍ରେମୀ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଜୟନ୍ତୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ସାକ୍ଷୀଗୋପାଳ, ୧।୧୨ (ଡି.ଏନ୍.ଏ. /ସ୍ୱ.ପ୍ର.)

ପାରା ଆଥଲେଟ ଭାବେ ଗୋଟିଏ ପରେ ଗୋଟିଏ ପ୍ରତିଯୋଗିତାରେ ସଫଳତା ଅର୍ଜନ କରିଥିବା ପୁରୀ ଜିଲା ସତ୍ୟବାଦୀର ସୁନାଝିଅ ଜୟନ୍ତୀ ବେହେରାଙ୍କୁ ଜନ୍ମମାଟିରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ବୁଧବାର ସେ ପର୍ତ୍ତୁଗାଲରୁ ଫେରିବା ପରେ ସତ୍ୟବାଦୀ ଗୁରୁକୁଳ ଆଥଲେଟିକ୍ସର ପ୍ରଶିକ୍ଷାର୍ଥୀମାନେ ବିଜୁ ପଟ୍ଟନାୟକ ବିମାନବନ୍ଦରଠାରୁ ଏକ ଶୋଭାଯାତ୍ରାରେ ଆସି ସାକ୍ଷୀଗୋପାଳ ବସଷ୍ଟାଣ୍ଡରେ ପହଞ୍ଚିଥିଲେ। କ୍ରୀଡ଼ାପ୍ରେମୀ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଜୟନ୍ତୀଙ୍କ ସହିତ ତାଙ୍କ ବାପା କୁଞ୍ଜ ବେହେରା ଏବଂ କୋଚ ବିଷ୍ଣୁ ପ୍ରସାଦ ମିଶ୍ରଙ୍କୁ ପୁଷ୍ପଗୁଚ୍ଛ ଓ ଫୁଲମାଳ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବାଜା ବଜାଇ ଏକ ଜିପ୍‌ରେ ତାଙ୍କୁ ସାକ୍ଷୀଗୋପାଳ ମନ୍ଦିର, ଗ୍ରାମ ମାଣିତିର ସାହି ଓ ଗୁରୁକୁଳ ପର୍ଯ୍ୟନ୍ତ ନିଆଯାଇଥିଲା। ଜୟନ୍ତୀ ସାକ୍ଷୀଗୋପାଳ ଠାକୁରଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିବା ପରେ ସେବାୟତ ଓ ଗୁରୁଜନଙ୍କ ଆଶୀର୍ବାଦ ନେଇଥିଲେ। ପରେ ଗାଁକୁ ଯାଇ ପରିବାର ଓ ଗ୍ରାମବାସୀଙ୍କ ସହ ଖୁସି ମନାଇଥିଲେ। ସତ୍ୟବାଦୀ ପ୍ରେସ କ୍ଲବ ସଭାପତି କିଶୋର ଚନ୍ଦ୍ର ମହାପାତ୍ର, ସଦସ୍ୟ ଅମର ଶତପଥୀ, ଆଲୋକ ଖୁଣ୍ଟିଆ, ରାଜ କିଶୋର ସେନାପତି, ସେବାୟତ ସଂଘ ସମ୍ପାଦକ ବିଜୟ ନନ୍ଦ ପ୍ରମୁଖ ସିଂହଦ୍ୱାର ସମ୍ମୁଖରେ ସ୍ୱାଗତ କରିବା ସହ ସମ୍ବର୍ଦ୍ଧନା ଦେଇଥିଲେ। ପର୍ତ୍ତୁଗାଲରେ ବିଶ୍ୱ ପାରା ଆଥ୍‌ଲେଟିକ୍ସ ପ୍ରତିଯୋଗିତା ୨୦୨୨ରେ ଭାଗନେଇ ସେ ୨୦୦ ମିଟର ଏବଂ ୪୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ୨ ସ୍ୱର୍ଣ୍ଣ ସହ ୧୦୦ ମିଟର ଦୌଡ଼ରେ ଗୋଟିଏ ରୌପ୍ୟ ପଦକ ହାସଲ କରିଥିଲେ।

## ସଂକ୍ଷେପରେ

### ଆଇନ ସଚେତନତା ଶିବିର

**ପୁରୀ ଅଫିସ, ୧।୧୨:** ଜାତୀୟ ଆଇନ ସେବା ପ୍ରାଧିକରଣ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ ପୁରୀ ଜିଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ତଥା ଜିଲା ଓ ଦୌରାଜଜ୍ ଧନେଶ୍ୱର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ବଲିଆପଣ୍ଡାରେ ଏଡସ୍ ସଂକ୍ରାନ୍ତ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାଧିକରଣ ସଚିବ ଦେବାଶିଷ ଦାଶ ଅଧକ୍ଷତା କରି ସମ୍ବିଧାନର ମୌଳିକ କର୍ତ୍ତବ୍ୟ ବିଷୟରେ ବୁଝାଇବା ସହ ଏଡ୍‌ସ ସଂକ୍ରମିତଙ୍କ ସମାଜରେ ସମ୍ମାନରେ ସହ ବଞ୍ଚିବା ଏବଂ ସବୁ କ୍ଷେତ୍ରରେ ସମାନ ଅଧିକାର ରହିଛି ବୋଲି କହିଥିଲେ। ପ୍ରାଧିକରଣର ଅଧିନିୟମ ୧୯୮୭ରେ ଥିବା ବିଧିବ୍ୟବସ୍ଥାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ, ପୀଡ଼ିତା ଓ ପୀଡ଼ିତଙ୍କୁ କ୍ଷତିପୂରଣ ପ୍ରଦାନ ସମେତ ଆଇନସେବାର ଉପାଦେୟତା ଏବଂ ସମ୍ପୃକ୍ତ ଅନୁଷ୍ଠାନଗୁଡ଼ିକର କାର୍ଯ୍ୟକାରିତା ସମ୍ପର୍କରେ ବିବରଣୀ ରଖିଥିଲେ। କାର୍ଯ୍ୟକ୍ରମରେ ଏଡିଏମ୍‌ଓ ଡା. ପ୍ରଣବ ଶଙ୍କର ଦାଶ, ଡା. ଶେହନାଜ, ଦୁଃଖୀଶ୍ୟାମ ପଟ୍ଟନାୟକ, ପେନ୍‌କୋଡ୍ ଏନ୍‌ଜିଓ କେ. ଲକ୍ଷ୍ମୀଙ୍କ ସମେତ ବଲିଆପଣ୍ଡା ବସ୍ତି ବାସିନ୍ଦା ଉପସ୍ଥିତ ଥିଲେ। ତ୍ରିଲୋଚନ ଦାଶ ଧନ୍ୟବାଦ ଦେଇଥିଲେ।

### ଶିକ୍ଷା ଅଧିକାରୀଙ୍କୁ ଅବସର ସମ୍ବର୍ଦ୍ଧନା

**କଣାସ, ୧।୧୨(ସ୍ୱ.ପ୍ର.):** କଣାସ ବ୍ଲକର ଶିକ୍ଷାଧିକାରୀ ମୀନକେତନ ସାମନ୍ତରାୟଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସହ ଶିକ୍ଷା ଅଧିକାରୀ ତଥା ବିଆର୍‌ସି ସୂର୍ଯ୍ୟନାରାୟଣ ନାୟକଙ୍କ ସଭାପତିତ୍ୱରେ ସହ ଶିକ୍ଷା ଅଧିକାରୀ ନାରାୟଣ ପ୍ରଧାନ, ସିଆର୍‌ସିସି ବୈକୁଣ୍ଠନାଥ କୋଦାମ ସିଂ, ଭୂପତିଭୂଷଣ ତ୍ରିପାଠୀ, ସସ୍ମିତା ଜାଲି, ଦାମୋଦର ସୁନ୍ଦରାୟ ,ବିଆର୍‌ଟି ପ୍ରଶାନ୍ତ ବେହେରା, ଅଜୟ ଛୁଆଳସିଂ ପ୍ରମୁଖ ଯୋଗଦେଇ ସାମନ୍ତରାୟଙ୍କ କର୍ମତତ୍ପରତା, ସମୟାନୁବର୍ତ୍ତିତା ସମ୍ପର୍କରେ ଆଲୋଚନା କରିଥିଲେ। ସାମନ୍ତରାୟ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ। କାର୍ଯ୍ୟାଳୟ ଓ ସିଆର୍‌ସିସିଙ୍କ ପକ୍ଷରୁ ସାମନ୍ତରାୟଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। ଏହି ଅବସରରେ କଣାସ ବ୍ଲକର ଟିଗିରିଆ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିପିନ ବିହାରୀ ବାହିନୀପତିଙ୍କୁ ମଧ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବନ୍ୟା ବିପନ୍ନଙ୍କୁ ରନ୍ଧାଖାଦ୍ୟ ଯୋଗାଣରେ ବ୍ୟାପକ ଦୁର୍ନୀତି ଅଭିଯୋଗ

କଣାସ, ୧।୧୨(ସ୍ୱ.ପ୍ର.)

କଣାସ ବ୍ଲକରେ ପ୍ରବାହିତ ଦୟା, ରାଜୁଆ, ମକରା ନଦୀରେ ଆସିଥିବା ପ୍ରଳୟଙ୍କରୀ ବନ୍ୟାରେ ବହୁ ଲୋକ ପ୍ରଭାବିତ ହୋଇଥିଲେ। ବିପନ୍ନଙ୍କୁ ରନ୍ଧାଖାଦ୍ୟ ଯୋଗାଇବାରେ ବ୍ୟାପକ ଦୁର୍ନୀତି ହୋଇଥିବା ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି।

ସୂଚନା ମୁତାବକ, ବନ୍ୟା ବିପନ୍ନଙ୍କୁ ରନ୍ଧା ଖାଦ୍ୟ ପାଇଁ ବର୍ତ୍ତମାନର ବିଡିଓ ପବିତ୍ର ବେହେରା ସମସ୍ତ ପଞ୍ଚାୟତକୁ ମୋଟ ୧କୋଟି ୨୪ଲକ୍ଷ ୫୫ହଜାର ୩୨୦ ଟଙ୍କା ମଞ୍ଜୁର କରିଥିଲେ। ତେବେ ପୂର୍ବତନ ବିଡିଓ ଲୋଚନ ଦାସ ସମସ୍ତ ପଞ୍ଚାୟତକୁ ମୋଟ ୩୮ଲକ୍ଷ ଟଙ୍କା ଅଗ୍ରିମ ଦେଇଥିଲେ। ଏହି ରନ୍ଧାଖାଦ୍ୟ ବଣ୍ଟନରେ ବ୍ୟାପକ ଦୁର୍ନୀତି ହୋଇଥିବା ଜିଲାପାଳ ଓ ଅତିରିକ୍ତ ଜିଲାପାଳ, କଣାସ ବିଡିଓଙ୍କ ନିକଟରେ ସାହୁପଡା ନାଏବ ସରପଞ୍ଚ କଳ୍ପନା ବଳିୟାରସିଂ ଓ କେତେକ ୱାର୍ଡସଭ୍ୟ ମଙ୍ଗଳବାର ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, କମ୍ ସଂଖ୍ୟକ ଲୋକଙ୍କୁ ରନ୍ଧା ଖାଦ୍ୟ ଦେଇ ଅଧିକ ସଂଖ୍ୟକ ଲୋକଙ୍କ ନାମ ପକାଇ ଯାଇଥିବାବେଳେ କେତେକ ଗ୍ରାମରେ ଜନସଂଖ୍ୟାଠାରୁ ଅଧିକ ଜନସଂଖ୍ୟା ଲେଖାଯାଇ ଏବଂ ଗୋଟିଏ ପରିବାରର ରାଶନ କାର୍ଡରେ ୫ ଜଣଙ୍କ ନାମ ଥିବାବେଳେ ୮/୧୦ ଜଣଙ୍କ ନାମ ଉଲ୍ଲେଖ କରାଯାଇଛି। ୫ ଥର ରନ୍ଧା ଖାଦ୍ୟ ଦିଆଯାଇଥିବାବେଳେ ୧୦ ଥର ରନ୍ଧା ଖାଦ୍ୟ ଦିଆଯାଇଥିବା ଦର୍ଶାଇ ବିଲ୍ କରାଯାଇଛି। ଏ ସମ୍ପର୍କରେ ବିଡିଓ ବେହେରାଙ୍କୁ ପଚାରିବାରୁ, ପଞ୍ଚାୟତରେ ଥିବା ପଞ୍ଚାୟତ ଅଧିକାରୀ ଏବଂ ସରପଞ୍ଚଙ୍କ ମିଳିତ ଲିଷ୍ଟ ଅନୁଯାୟୀ ରନ୍ଧା ଖାଦ୍ୟ ଟଙ୍କା ଦିଆଯାଇଛି। ଅଭିଯୋଗ ପାଇଛୁ, ଏହାର ତଦନ୍ତ କରାଯିବ। ଏନେଇ ନାଏବ ସରପଞ୍ଚ ବଳିୟାରସିଂ କୁହନ୍ତି, ଜିଲାପାଳ ନିରପେକ୍ଷ ତଦନ୍ତ କଲେ ବହୁ ଗୁମର ଲୋକଲୋଚନକୁ ଆସିପାରିବ।

# ୮ରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

କାକଟପୁର, ୧।୧୨ (ଡି.ଏନ୍.ଏ.)

କାକଟପୁର ବ୍ଲକ ଶିକ୍ଷା ବିଭାଗ ଅନ୍ତର୍ଗତ ସମସ୍ତ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଡିସେମ୍ବର ୮ରେ ହେବ। ଏନେଇ ବୁଧବାର ଏକ ପ୍ରସ୍ତୁତି ବୈଠକ ଗୋପୀକାନ୍ତପୁର ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକସ୍ତରୀୟ ବିଦ୍ୟାଳୟ କ୍ରୀଡ଼ା କମିଟି ସଭାପତି ତଥା ବ୍ଲକ ଶିକ୍ଷାଧିକାରୀ ମନ୍ଦରଧର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ସମସ୍ତ ଉଚ୍ଚ ବିଦ୍ୟାଳୟର ପିଇଟି ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପିଇଆଇ ଶିକ୍ଷକମାନେ ଯୋଗ ଦେଇଥିଲେ। ଡିସେମ୍ବର ୭ରେ ଗୋପୀକାନ୍ତପୁର ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଖେଳ ପାଇଁ ଟ୍ରାକ କଟାଯାଇ ସୀମା ନିର୍ଦ୍ଧାରଣ କରାଯିବ। ପରଦିନ ବିଭିନ୍ନ ଖେଳର ଉଦ୍‌ଘାଟନୀ କରାଯାଇ ୯ରେ ଉଦ୍‌ଯାପନ କରାଯିବ। ବିଭିନ୍ନ ଖେଳ ପାଇଁ ସବ୍ କମିଟି ଓ ତତ୍ତ୍ୱାବଧାରକ ମନୋନୀତ କରାଯାଇଥିବା ବିଇଓ ମହାନ୍ତି କହିଛନ୍ତି।

# ୫ ଦଫା ଦାବିରେ ଅମିନଙ୍କ କଳାବ୍ୟାଜ ପରିଧାନ

ବ୍ରହ୍ମଗିରି, ୧।୧୨ (ଡି.ଏନ୍.ଏ.)

୫ ଦଫା ଦାବି ନେଇ ଗୁରୁବାର ବ୍ରହ୍ମଗିରି ତହସିଲ କାର୍ଯ୍ୟାଳୟର ସମସ୍ତ ଅମିନ କଳାବ୍ୟାଜ ପରିଧାନ କରି କାର୍ଯ୍ୟରେ ଯୋଗଦେଇଛନ୍ତି। ପ୍ରକାଶ ଥାଉକି, ରାଜ୍ୟ ଅମିନ ସଂଘ ଓଡ଼ିଶାଙ୍କ ଆହ୍ୱାନକ୍ରମେ ବ୍ରହ୍ମଗିରି ତହସିଲ କାର୍ଯ୍ୟାଳୟର ଅମିନଙ୍କର ୫ ଦଫା ଦାବିଗୁଡ଼ିକ ହେଲା ଗ୍ରେଡ ପେ ୧୮୦୦ରୁ ୨୮୦୦ କୁ ବୃଦ୍ଧି ଓଡିଆରଏ, ରୁଲ ୧୯୮୩କୁ ଠିକ ଭାବେ କାର୍ଯ୍ୟକାରୀ କରିବା, ଭୂ-ନକ୍ସା ଆଇଡି ପ୍ରଦାନ କରିବା, ଅମିନ ପଦବୀ ନାମକୁ ପରିବର୍ତ୍ତନ କରି ଭୂ ନିରୀକ୍ଷକ କରିବା. ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ଦୁଇ ୧ରୁ ଯୁକ୍ତ ତିନିକୁ ବୃଦ୍ଧି ଦାବି ସମୁହକୁ ନେଇ ଡିସେମ୍ବର୍ ଏକ ତାରିଖ ଠାରୁ ଡିସେମ୍ବର୍ ୧୧ ତାରିଖ ପର୍ଯ୍ୟନ୍ତ କଳାବ୍ୟାଜ ପରିଧାନ କରି କାର୍ଯ୍ୟ କରିବେ ଏବଂ ଡିସେମ୍ବର ୧୧ରେ ଭୁବନେଶ୍ୱରରେ ଗର୍ଜନ ସମାବେଶ କରିବେ। ଏହି କାର୍ଯ୍ୟକ୍ରମରେ ଅଶୋକ ମାଝୀ ,ଧନୁରାମ ମୁର୍ମୁ , ପ୍ରତୀକ ନାୟକ, ରଞ୍ଜିତ ପଲେଇ ପ୍ରମୁଖ ସାମିଲ ଥିଲେ।

# ମେଧାବୃତ୍ତି ପରୀକ୍ଷାରେ ତ୍ରିଲୋଚନପୁର ସ୍କୁଲର ୩ କୃତକାର୍ଯ୍ୟ

କଣାସ, ୧।୧୨(ସ୍ୱ.ପ୍ର.)

କଣାସ ବ୍ଲକ ତ୍ରିଲୋଚନପୁର ପଞ୍ଚାୟତର ତ୍ରିଲୋଚନପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩ କୃତୀ ଛାତ୍ର ଚଳିତବର୍ଷର ତୃତୀୟ ଓ ପଞ୍ଚମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ କୃତିତ୍ୱ ହାସଲ କରି ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ତୃତୀୟ ଶ୍ରେଣୀର ଛାତ୍ର ସାଇ ସ୍ୱାଗତ ସୁନ୍ଦରା କଣାସ ବ୍ଲକରେ ପ୍ରଥମ ସ୍ଥାନ ହାସଲ କରିଥିବାବେଳେ ୫ମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ରାଜଦୀପ ଦାସ ଦ୍ୱିତୀୟ ସ୍ଥାନ ଏବଂ ସାଇନ ଦାସ ୫ମ ସ୍ଥାନ ହାସଲ କରିଛନ୍ତି। ବିଦ୍ୟାଳୟର ମୋଟ ୪ ଜଣ ଛାତ୍ର ତୃତୀୟ ଓ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା ଦେଇଥିବାବେଳେ ୩ ଜଣ ଛାତ୍ର କୃତିତ୍ୱ ହାସଲ କରି ବିଦ୍ୟାଳୟର ସୁନାମ ବଢାଇଥିବାରୁ ଗୁରୁମା ଗୁରୁଜୀମାନଙ୍କୁ ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକମାନେ ଧନ୍ୟବାଦ ଜଣାଇଛନ୍ତି।

# ବିଲୁଆ କାମୁଡ଼ାରେ ୧୦ ଆହତ, ଲୋକେ ଆତଙ୍କିତ

ନିମାପଡ଼ା, ୧।୧୨(ଡି.ଏନ୍.ଏ.)

ନିମାପଡ଼ା ଏନ୍‌ଏସି ଅନ୍ତର୍ଗତ ଜଇନାବାଦ, ପ୍ରହରାଜ ସାହି, ଜଇନାବାଦ ଦଳିତ ସାହି, ଶ୍ୟାମସୁନ୍ଦରପୁର, ପାଟପୁର, ଝାମ୍ପୁଲାକୁଦ, ବିଜିପୁର ଆଦି ଅଞ୍ଚଳରେ ଗତ ୨/୩ ଦିନ ହେବ ବିଲୁଆ ଆତଙ୍କ ଦେଖାଯାଉଛି। ବିଲୁଆ କାମୁଡ଼ାରେ ଜଇନାବାଦ ଭୋଇ ସାହିର ସୁନୀଲ ଭୋଇ, ବେଲ ମାଝି, ପ୍ରହରାଜ ସାହି ଗ୍ରାମର ଦିବସବନ୍ଧୁ ରଥ, ଶ୍ୟାମସୁନ୍ଦରପୁର ଗ୍ରାମର ସୁରେନ୍ଦ୍ର ମହାରଣାଙ୍କ ସମେତ ପ୍ରାୟ ୧୦ଜଣ ଆହତ ହୋଇଛନ୍ତି। ବିଲୁଆଟି ପାଗଳ ହୋଇ ଗୋଡ଼ାଇ ଗୋଡ଼ାଇ ଲୋକଙ୍କୁ କାମୁଡୁ ଥିବା ସ୍ଥାନୀୟ ଲୋକେ କହିଛନ୍ତି। ବିଲୁଆ ଯୋଗୁ ଲୋକେ ଆତଙ୍କିତ ଓ ଭୟଭୀତ ହୋଇପଡିଥିବାବେଳେ ଅନେକ ଗ୍ରାମରେ ସନ୍ଧ୍ୟା ପରେ ତାଟି କବାଟ ପଡୁଥିବା ଦେଖିବାକୁ ମିଳୁଛି। କୁଶଭଦ୍ରା ନଦୀ କୂଳରେ ଥିବା ଆଖୁକିଆରିରେ ବିଲୁଆଟି ଲୁଚି ରହି ନଦୀକୂଳବର୍ତ୍ତୀ ଅଞ୍ଚଳର ଲୋକଙ୍କୁ କାମୁଡୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏନେଇ ସ୍ଥାନୀୟ ବନବିଭାଗ ପାଖରେ ଖବର ନ ଥିବା ଜଣାପଡିଛି। ସ୍ଥାନୀୟ ଫରେଷ୍ଟର ପ୍ରଦୀପ ପାଣିଗ୍ରାହୀ କହିଛନ୍ତି, ଏ ନେଇ ଅଭିଯୋଗ ମିଳିଲେ ପଦକ୍ଷେପ ନିଆଯିବ। ଅନ୍ୟପକ୍ଷରେ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ବିଲୁଆ କିମ୍ବା କୁକୁର କାମୁଡିଲେ ଜଳାତଙ୍କ ରୋଗ ହୋଇଥାଏ। ଏଥିପାଇଁ ଭାକସିନ୍ ନେବାକୁ ପଡିଥାଏ। କିନ୍ତୁ ଆବଶ୍ୟକ ଭାକସିନ୍ ନିମାପଡ଼ା, ଚାରିଛକ, ବଳଙ୍ଗା ଆଦି ମେଡିକାଲରେ ମିଳୁ ନ ଥିବାରୁ ବାଧ ହୋଇ ବିଲୁଆ କାମୁଡା ରୋଗୀମାନେ ଭୁବନେଶ୍ୱର, କଟକ ମେଡିକାଲକୁ ଯାଉଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଏ ଦିଗରେ ଦୃଢ଼ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ୨ ଦିନରେ ୧୫ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଗୁଟ୍‌ଖା ଜବତ

ପୁରୀ ଅଫିସ, ୧।୧୨

ପୁରୀରେ ଗୁଟ୍‌ଖା ଓ ତମାଖୁ କାରବାର ବଢ଼ିବାରେ ଲାଗିଛି। ଗତ ୨ ଦିନ ମଧ୍ୟରେ ପୁରୀର ୨ଟି ସ୍ଥାନରେ ପୋଲିସ ଚଢ଼ାଉ କରି ପ୍ରାୟ ୧୫ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଗୁଟ୍‌ଖା ଓ ତମାଖୁ ଜବତ କରିଛି। ଜବତ ଗୁଟ୍‌ଖାର ମୂଲ୍ୟ ପ୍ରାୟ ୨୫ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ସୂଚନା ଅନୁଯାୟୀ, କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ମାଟିଆପଡ଼ା ଛକରେ ଥିବା ଶ୍ରୀରାମ ଭଣ୍ଡାରରେ ବିପୁଳ ପରିମାଣର ଗୁଟ୍‌ଖା ଓ ତମାଖୁ କାରବାର ହେଉଥିବା ଅଭିଯୋଗ ହୋଇଥିଲା। ଫଳରେ ଡ୍ରଗ ଇନ୍ସପେକ୍ଟର ଓ ଟବାକୋ କଣ୍ଟ୍ରୋଲ ଏନଫୋର୍ସମେଣ୍ଟ ଟିମର ନୋଡାଲ ଅଫିସର ବୁଧବାର ଏକ ସ୍ୱତନ୍ତ୍ର ଟିମ୍ ନେଇ ଶ୍ରୀରାମ ଭଣ୍ଡାରର ୨ଟି ଗୋଦାମ ଉପରେ ଚଢ଼ାଉ କରି ପ୍ରାୟ ୫ କୁଇଣ୍ଟାଲ ବେଆଇନ ଗୁଟ୍‌ଖା ଓ ତମାଖୁ ଜବତ କରିଛି। ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଏକ ସ୍ପେଶାଲ ଡ୍ରାଇଭ କରାଯାଇଥିଲା। ଜିଲା ଟବାକୋ ଏନଫୋର୍ସମେଣ୍ଟ ଟିମ୍ ସ୍ୱାସ୍ଥ୍ୟ ବିଭାଗ, ଅବକାରୀ ବିଭାଗ ଓ କୁମ୍ଭାରପଡ଼ା ଥାନା ପୋଲିସ, ଏନଫୋର୍ସମେଣ୍ଟ ଟିମ୍ ନୋଡାଲ ଅଫିସର ଡା. ସୁଶାନ୍ତ ବିଶ୍ୱାଳ ଓ ଡ୍ରଗ୍ ଇନସ୍ପେକ୍ଟର ଅଞ୍ଜନ କୁମାର ସାହୁଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା। ଚଢାଉ କରିଥିବା ଟିମ୍‌ର କହିବା ଅନୁଯାୟୀ, ଗୋଦାମ ଉପରେ ଗତ ୨୦୧୬ରେ ଚଢାଉ କରାଯାଇ ଗୋଦାମକୁ ସିଲ୍ କରାଯାଇଥିଲା ଏବଂ ଗୋଦାମ ମାଲିକ ସନ୍ତୋଷ ମାଝିଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ସେ ଜାମିନ୍‌ରେ ଆସି ପୁଣି ଏହି କାରବାର କରୁଥିଲେ। ଜିଏସ୍‌ଟି ଟ୍ୟାକ୍ସ ହିସାବ କରିବା ପରେ ଜବତ ଗୁଟ୍‌ଖାକୁ ନଷ୍ଟ କରାଯିବ। ପ୍ରକାଶଥାଉ କି, ମଙ୍ଗଳବାର ଟାଉନ ଥାନା ଅଞ୍ଚଳର ରାମଚଣ୍ଡୀ ସାହିର ଦୁଇଟି ଆପାର୍ଟମେଣ୍ଟରେ ଏନଫୋର୍ସମେଣ୍ଟ ଟିମ୍, ଅବକାରୀ ଓ ପୋଲିସ ଚଢାଉ କରି ପ୍ରାୟ ୧୦ କୁଇଣ୍ଟାଲ ଗୁଟ୍‌ଖା ଜବତ କରିଥିଲା।

# ୧୪ ଦଫା ଦାବି ନେଇ ତହସିଲ ଅଫିସ୍ ଆଗରେ ସିପିଆଇର ବିକ୍ଷୋଭ




ନିମାପଡ଼ା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ସିପିଆଇ କର୍ମୀମାନେ ଧାରଣା ଦେଇଛନ୍ତି।

ନିମାପଡ଼ା, ୧।୧୨(ଡି.ଏନ୍.ଏ.)

ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ନିମାପଡ଼ା ଆଞ୍ଚଳିକ କମିଟି ପକ୍ଷରୁ ଶତାଧିକ କମ୍ୟୁନିଷ୍ଟ କର୍ମୀ ଗୁରୁବାର ନିମାପଡ଼ା ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଗଣଧାରଣାରେ ବସିଥିଲେ। ୧୪ ଦଫା ଦାବି ନେଇ ପୂର୍ବାହ୍ନ ୧୧ଟାରୁ ସାଢ଼େ ଗୋଟାଏ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ହୋଇଥିଲା। ସାଥୀ ସନାତନ ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭାରେ ସିପିଆଇ ରାଜ୍ୟ କମିଟି ସଭ୍ୟ ଦେବେନ୍ଦ୍ରନାଥ ସାହୁ, କୃଷକ ସଂଘର ଜିଲା ସମ୍ପାଦକ କୃଷ୍ଣଚନ୍ଦ୍ର ରାଉତ, ସିପିଆଇର ଜିଲା ସମ୍ପାଦକ ପ୍ରଦୀପ୍ତ ମହାନ୍ତି, ସନ୍ତୋଷ ବେହେରା, ପ୍ରଫୁଲ୍ଲ ସାହୁ, ଗୋବର୍ଦ୍ଧନ ସାହୁ, ଦେବୀ ପ୍ରସାଦ ଜେନା, ଜୟକୃଷ୍ଣ ପାତ୍ର ପ୍ରମୁଖ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଚାଷୀ ଓ ଜନଜାଗରଣ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶାସନ ସମୟରେ ରାଜ୍ୟର ଚାଷୀ ଓ କୃଷକମାନେ ସବୁକ୍ଷେତ୍ରରେ ଅବହେଳିତ ବୋଲି ନେତୃବୃନ୍ଦମାନେ କହିଥିଲେ। ଏହି ଅବସରରେ ସିପିଆଇ ଆଞ୍ଚଳିକ କମିଟି ପକ୍ଷରୁ ଏକ ୧୪ ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାର ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀଙ୍କୁ ପ୍ରଦାନ କରାଯାଇଥିଲା। ରବି ଋତୁରେ ଡାଲୁଅ ଧାନଚାଷ ପାଇଁ କେନାଲ ପାଣି ଯୋଗାଇ ଦେବା, ବନ୍ୟା କ୍ଷତିଗ୍ରସ୍ତ ସମସ୍ତ ଚାଷୀଙ୍କୁ କ୍ଷତିପୂରଣ ଯୋଗାଇ ଦେବା, ଧନୁଆଁ ବନ୍ୟାର ସ୍ଥାୟୀ ପ୍ରତିକାର କରାଯିବା, ବକେୟା କୃଷିଋଣ ଛାଡ କରାଯିବା, ନିମାପଡ଼ାକୁ ସବ୍‌ଡିଭିଜନ୍ ଘୋଷଣା କରାଯିବା, ତଳଅଣ୍ଡିଆଠାରୁ ନିମାପଡ଼ା କୁଶଭଦ୍ରା ବ୍ରିଜ୍ ପର୍ଯ୍ୟନ୍ତ ୪ ଲାଇନ ରାସ୍ତା ତୁରନ୍ତ ନିର୍ମାଣ କରାଯିବା, ଅସ୍ତରଙ୍ଗ, କାକଟପୁରକୁ ମୋ ବସ୍ ସେବା ଯୋଗାଇଦେବା ଦାବିଗୁଡ଼ିକ ଅନ୍ତର୍ଭୁକ୍ତ ରହିଛି। ଯଥାଶୀଘ୍ର ଏହି ଦାବିଗୁଡ଼ିକ ପୂରଣ ଦିଗରେ ପ୍ରଶାସନ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ଆନ୍ଦୋଳନରତ ନେତୃବୃନ୍ଦ ପ୍ରଶାସନକୁ ଚେତାବନୀ ଦେଇଛନ୍ତି।

# ମାନବ ଶୃଙ୍ଖଳ, ଶୋଭାଯାତ୍ରାରେ ଏଡ୍‌ସ ସଚେତନତା

ପୁରୀ ଅଫିସ, ୧।୧୨

ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, ପୁରୀ ଜିଲା ପ୍ରଶାସନ, ଜିଲା ଏଡ୍‌ସ ପ୍ରତିରୋଧ ନିୟନ୍ତ୍ରଣ ସମିତି, ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି ଏବଂ ଜନଶିକ୍ଷଣ ସଂସ୍ଥାନର ମିଳିତ ଆନୁକୂଲ୍ୟରେ ଗୁରୁବାର ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଶରଧାବାଲିସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିରଠାରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଏଥିସହ ମାନବ ଶୃଙ୍ଖଳ ହୋଇଥିଲା। ପରେ ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ସଭାଗୃହରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ସୁଜାତା ମିଶ୍ର, ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର କୁଳପତି ତଥା ଅଧକ୍ଷା ଡ. ମାୟା ପାଢ଼ୀ, ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟର ଅଧୀକ୍ଷକ ଡ. କୌଶିକ ମିଶ୍ର ଯୋଗଦେଇଥିଲେ। ଶୃଙ୍ଖଳିତ ଯୌନ ଜୀବନ ଗ୍ରହଣ ସହ ଏଡ୍‌ସ ଭୟାବହତା ଉପରେ ସମସ୍ତେ ସତର୍କ ରହିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଡା. ଲଲାଟେନ୍ଦୁ ମିଶ୍ର, ଡା. ପ୍ରଣବ ରଞ୍ଜନ ଦାଶ, ଡା. ଲଲାଟେନ୍ଦୁ ସ୍ୱାଇଁ, ଡା. ଗିରିଜା ଶଙ୍କର ରଥ, ଡା. ନରହରି ମିଶ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ପ୍ରଶାସିକା ଇନ୍ଦ୍ରାଣୀ ସାହୁ ଏବଂ ସାମାଜିକ କର୍ମୀ ବଦ୍ରି ମିଶ୍ର ଅତିଥି ଭାବେ ଯୋଗଦେଇ ଏଡ୍‌ସ ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ କହିଥିଲେ। ଅପରାହ୍ନରେ କୁଇଜ୍ ପ୍ରତିଯୋଗିତା ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। କରୋନା ପରିଚାଳନାରେ ଉଲ୍ଲେଖନୀୟ ଅବଦାନ ପାଇଁ ଏଚ୍‌ସିଟିଏସ୍‌ର ଜିଲା ନିରୀକ୍ଷକ ଦୁଃଖିଶ୍ୟାମ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜନଶିକ୍ଷଣ ସଂସ୍ଥାନ ନିର୍ଦ୍ଦେଶକ ଜ୍ଞାନ ବିକାଶ ଗଜେନ୍ଦ୍ର ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟର ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ବାଲିପୁଟସ୍ଥିତ ଶାସ୍ତ୍ରୀ ସ୍ମୃତି ଡିଗ୍ରୀ ମହାବିଦ୍ୟାଳୟର ରେଡ୍‌କ୍ରସ ୟୁନିଟ ପକ୍ଷରୁ ଏଡସ୍ ଦିବସ ପାଳନ ଅବସରରେ ସଚେତନତା ଶୋଭାଯାତ୍ରା ଓ ସଭା ଅନୁଷ୍ଠିତ ହୋଇଥିଲା। ଏହାକୁ ଅଧକ୍ଷା ରୀତା ମହାନ୍ତି ଉଦ୍‌ଘାଟନ କରିଥିଲେ। ପବିତ୍ର ମୋହନ ଦାଶ, ପ୍ରଜ୍ଞା ପ୍ରକାଶ ପରିଡ଼ା ଓ ସୁଜାତା ସ୍ୱାଇଁ ପ୍ରମୁଖ ଏଡସ୍ ନିରାକରଣ ନେଇ ମତ ରଖିଥିଲେ। ଏ ସମ୍ବନ୍ଧୀୟ ବିତର୍କ, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଯୁବ ରେଡ୍‌କ୍ରସର କାଉନସେଲର କମଳ କୁମାର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।






ଏଚ୍‌ସିଟିଏସ୍‌ର ଜିଲା ନିରୀକ୍ଷକ ଦୁଃଖୀଶ୍ୟାମ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି। ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଓ ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ବାହାରିଥିବା ସଚେତନତା ଶୋଭାଯାତ୍ରା।

## ପାକିସ୍ତାନରେ ସର୍ବାଧିକ ହିଂସା

ସବୁଠୁ ଅଧିକ ହିଂସା ଆଶଙ୍କା ଥିବା ରାଷ୍ଟ୍ରଗୁଡ଼ିକ ମଧ୍ୟରେ ପାକିସ୍ତାନ ସର୍ବାଗ୍ରେ ରହିଛି। ପାକିସ୍ତାନରେ ତାଲିବାନୀଙ୍କ ଗଣହତ୍ୟା ବଢ଼ିବାରେ ଲାଗିଛି ବୋଲି ଏକ ସଦ୍ୟ ରିପୋର୍ଟରେ ଦର୍ଶାଯାଇଛି। ବଢ଼ୁଥିବା ମାନବାଧିକାର ଚ୍ୟାଲେଞ୍ଜ ଦେଶରେ ଅସୁରକ୍ଷା ସୃଷ୍ଟି କରିଛି। ଆର୍ଲି ୱାର୍ନିଂ ପ୍ରୋଜେକ୍ଟ ନାମକ ଗବେଷଣା ସଂସ୍ଥା ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଏଥିପାଇଁ ତେହରିକ୍-ଇ-ତାଲିବାନ୍ ପାକିସ୍ତାନକୁ ଦାୟୀ କରାଯାଇଛି।



### ସଂକ୍ଷେପରେ

## ଶୀତ ଅଧିବେଶନରେ ଆସିବ ୧୬ ବିଲ୍

**ନୂଆଦିଲ୍ଲୀ,୧।୧୨:** ଆସନ୍ତା ୭ରେ ଆରମ୍ଭ ହେବାକୁ ଥିବା ପାର୍ଲାମେଣ୍ଟର ଶୀତ ଅଧିବେଶନରେ କେନ୍ଦ୍ର ସରକାର ୧୬ଟି ନୂଆ ବିଲ୍ ଆଣିବାକୁ ପ୍ରସ୍ତୁତି ଚଳାଇଛନ୍ତି। ଲୋକ ସଭା ପକ୍ଷରୁ ଜାରି ଏକ ବୁଲେଟିନ୍ ଅନୁସାରେ ତନ୍ମଧ୍ୟରେ ନ୍ୟାଶନାଲ ଡେଣ୍ଟାଲ କମିଶନ ବିଲ୍, ନ୍ୟାଶନାଲ ନର୍ସିଂ ଆଣ୍ଡ୍ ମିଡ୍-ୱାଇଫେରି କମିଶନ ବିଲ୍, କ୍ୟାଣ୍ଟନମେଣ୍ଟ ବିଲ୍, ଏବଂ ମଲ୍ଟି-ଷ୍ଟେଟ୍ କୋ-ଅପରେଟିଭ୍ ସୋସାଇଟି ଆମେଣ୍ଡମେଣ୍ଟ ବିଲ୍,୨୦୨୨ ରହିଛି। ପାର୍ଲାମେଣ୍ଟର ପୁରୁଣା ବିଲ୍ଡିଂରେ ଏହି ଅଧିବେଶନ ଡିସେମ୍ବର ୨୯ ପର୍ଯ୍ୟନ୍ତ ଚାଲିବ।

## କ୍ଷମା ମାଗିଲେ ମଡେଲ

### ବାରାଣସୀ ସବୁଠୁ ଭୟଙ୍କର ସହର

**ୱାଶିଂଟନ୍, ୧।୧୨:** ଭାରତୀୟ-ଆମେରିକୀୟ ମଡେଲ ତଥା ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ଅପର୍ଣ୍ଣା ସିଂ ବାରାଣସୀକୁ ସବୁଠାରୁ ଭୟଙ୍କର ସହର କହି ବିବାଦୀୟ ମନ୍ତବ୍ୟ ଦେବା ପରେ ଏବେ କ୍ଷମା ମାଗିଛନ୍ତି।



ଅପର୍ଣ୍ଣା ଟିକ୍‌ଟକ୍‌ରେ ବାରଣସୀର ଏକ ଭିଡିଓ ଶେୟାର କରିବା ସହ କ୍ୟାପ୍‌ସନ୍‌ରେ ଲେଖିଥିଲେ, ସେ ବୁଲିଥିବା ସବୁଠାରୁ ଭୟଙ୍କର ସିଟି। ଉତ୍ତର ପ୍ରଦେଶର ବାରଣସୀକୁ ଭାରତର ପବିତ୍ର ସହର ବୋଲି ବିଶ୍ୱାସ ରହିଛି। ବାରାଣସୀକୁ ନେଇ ହିନ୍ଦୁଙ୍କର ବହୁ ଧର୍ମୀୟ ଭାବନା ରହିଛି। ନିକଟରେ ନଜ ବ୍ରାଣ୍ଡର ଜୁଏଲେରି ତିଆରି କରୁଥିବା ଡିଜାଇନରଙ୍କୁ ଭେଟିବା ପାଇଁ ଅପର୍ଣ୍ଣା ବାରାଣସୀ ଆସିଥିଲେ। ଗଙ୍ଗା ନଦୀରେ ଲୋକଙ୍କ ସ୍ନାନଠାରୁ ଆରମ୍ଭ କରି ସହରକୁ ସେ ଅପରିଷ୍କାର ବୋଲି ପରୋକ୍ଷଭାବେ କହିଥିଲେ। ଟିକ୍‌ଟକ୍‌ରେ ଅପର୍ଣ୍ଣାଙ୍କ ଏହି ଭିଡିଓ ଭାଇରାଲ ହେବା ପରେ ୟୁଜର୍ସ ତାଙ୍କୁ ସମାଲୋଚନା କରିଥିଲେ। ଏହାପରେ ଆଉ ଏକ ଭିଡିଓ ଜରିଆରେ ସେ କ୍ଷମାମାଗିଥିବା ଖବର ପ୍ରକାଶ ପାଇଛି। ଭାରତର ଅନେକ ସହର ବୁଲି ସେ ନିଜର ଅଭିଜ୍ଞତା ଶେୟାର କରିଥିବାବେଳେ ବାରାଣସୀ ସମ୍ପର୍କରେ ସେ ଉଦ୍ଦେଶ୍ୟମୂଳକ ଭାବେ କୌଣସି ମନ୍ତବ୍ୟ ଦେଇନାହାନ୍ତି। ଯଦି ଏହା ଲୋକଙ୍କ ମନରେ ଆଘାତ ଦେଇଛି ତା' ପାଇଁ ସେ ଦୁଃଖିତ ବୋଲ ଭିଡିଓରେ କହିଛନ୍ତି।

## ନିଶାଦ୍ରବ୍ୟ ସମ୍ପର୍କିତ ବିଜ୍ଞାପନକୁ ଅତିରଞ୍ଜିତ କରା ନ ଯାଉ: କେନ୍ଦ୍ର

**ନୂଆଦିଲ୍ଲୀ,୧।୧୨:** ଏଫ୍‌ଏମ୍ ଚ୍ୟାନେଲଗୁଡ଼ିକରେ ପ୍ରସାରିତ ମଦ, ଡ୍ରଗ୍ସ ଏବଂ ଗନ୍ କଲଚର ସମ୍ପର୍କିତ ବିଜ୍ଞାପନକୁ ଅତିରଞ୍ଜିତ ନ କରିବାକୁ ଗୁରୁବାର କେନ୍ଦ୍ରୀୟ ସୂଚନା ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ରେଡିଓ ଚ୍ୟାନେଲକୁ ନିର୍ଦ୍ଦେଶ ଦେଇଛନ୍ତି। ବିଜ୍ଞାପନ ପ୍ରସାରଣ କରିବା ପୂର୍ବରୁ ଗ୍ରାଣ୍ଟ ଅଫ୍ ପର୍ମିସନ୍ ଏଗ୍ରିମେଣ୍ଟ (ଜିଓପିଏ) ଏବଂ ମାଇଗ୍ରେଶନ୍ ଗ୍ରାଣ୍ଟ ଅଫ୍ ପରମିସନ୍ ଏଗ୍ରିମେଣ୍ଟ (ଏମ୍‌ଜିଓପିଏ)କୁ ଭଲଭାବେ ଅନୁଧ୍ୟାନ କରି ବିଜ୍ଞାପନ ପ୍ରସାରଣ କରିବା ଆବଶ୍ୟକ। କେତେକ ଏଫ୍‌ଏମ୍ ରେଡିଓ ଚ୍ୟାନେଲ ମଦ ଓ ଡ୍ରଗ୍ସ ସମ୍ପର୍କିତ ବିଜ୍ଞାପନକୁ ଅତିରଞ୍ଜିତ କଲାଭଳି ଗୀତ ବ୍ୟବହାର କରୁଥିବା ଘଟଣା ସାମ୍ନାକୁ ଆସିବା ପରେ ସରକାରଙ୍କ ପକ୍ଷରୁ ଏ ପ୍ରକାର ନିର୍ଦ୍ଦେଶ ଜାରି କରାଯାଇଛି। ଏପ୍ରକାର ବିଜ୍ଞାପନ ପ୍ରସାରଣ ଦ୍ୱାରା ଶ୍ରୋତା ପ୍ରଭାବିତ ହେବାର ଆଶଙ୍କା ରହିଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## ଯିଶୁ କହିଥିଲେ ଉଡ଼ନ୍ତା ବିମାନର ଡୋର୍ ଖୋଲିବାକୁ

**ୱାଶିଂଟନ**



୩୭,୦୦୦ ଫୁଟ୍ ଉଚ୍ଚରେ ଉଡ଼ାଣ କରୁଥିବା ଏକ ବିମାନର ଜଣେ ମହିଳା ଯାତ୍ରୀଙ୍କ କାରନାମା ଏବେ ଚର୍ଚ୍ଚାରେ। ଶନିବାର ଆମେରିକାର ହ୍ୟୁଷ୍ଟନରୁ କଲମ୍ବସ ଅଭିମୁଖେ ଯାତ୍ରା କରୁଥିବା ଏକ ବିମାନର ସାଇଡ୍ ଡୋର୍‌କୁ ୩୪ ବର୍ଷୀୟା ଏଲୋମ୍ ଅଗବେଗନିନୋଉ ଖୋଲୁଥିଲେ। ଡୋର୍‌ରେ ବାରମ୍ବାର ନିଜ ମୁଣ୍ଡ ବାଡ଼େଇ ସେ ବାହାରକୁ ଯିବା ପାଇଁ ଉଦ୍ୟମ କରିଥିଲେ। ଏଲୋମ୍‌ଙ୍କୁ ଜଣେ ଯାତ୍ରୀ ଅଟକାଇବାରୁ ସେ ତାଙ୍କୁ କାମୁଡ଼ିଦେଇଥିଲେ। ଏହାକୁ ନେଇ ଅନ୍ୟ ଯାତ୍ରୀମାନେ ଆତଙ୍କିତ ହୋଇପଡ଼ିଥିଲେ। ଫଳରେ ପାଇଲଟ୍ ବାଧହୋଇ ବିଲ୍ ଆଣ୍ଡ ହିଲାରି କ୍ଲିଣ୍ଟନ ନ୍ୟାଶନାଲ ଏୟାରପୋର୍ଟରେ ବିମାନର ଜରୁରୀ ଅବତରଣ କରାଇଥିଲେ। ଏଥିପାଇଁ ମହିଳାଙ୍କୁ ଗିରଫ କରାଯାଇଥିଲା। ଆମେରିକାର ଆର୍କାନ୍‌ସାସ୍ ଇଷ୍ଟର୍ନ ଡିଷ୍ଟ୍ରିକ୍ଟ କୋର୍ଟରେ ହାଜର ବେଳେ ଉଡ଼ନ୍ତା ବିମାନରେ ଏପରି କାହିଁକି କରୁଥିଲେ ବୋଲି ବିଚାରପତି ତାଙ୍କୁ ପ୍ରଶ୍ନ କରିଥିଲେ। ଏଲୋମ୍ କହିଥିଲେ, ବହୁ ଦିନ ଧରି ସେ ବିମାନ ଯାତ୍ରା କରି ନ ଥିଲେ। ଯିଶୁଖ୍ରୀଷ୍ଟ ତାଙ୍କୁ ଓହିଓ ଯିବାଥ ପାଇଁ କହିଥିଲେ। ଯିଶୁ ହିଁ ଯାତ୍ରା ମଝିରେ ପ୍ଲେନ୍‌ର ଡୋର୍ ଖୋଲିବାକୁ ପରାମର୍ଶ ଦେଇଥିଲେ।

## ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀଙ୍କୁ ଖବରଦାତାଙ୍କ ଅଜବ ପ୍ରଶ୍ନ

**ୱେଲିଂଟନ୍:** ଫିନ୍‌ଲାଣ୍ଡ ପ୍ରଧାନମନ୍ତ୍ରୀ ସନ୍ନା ମାରିନ (୩୭) ପ୍ରଥମ ଥର ପାଇଁ ନ୍ୟୁଜିଲାଣ୍ଡ ଗସ୍ତ କରି ପ୍ରଧାନମନ୍ତ୍ରୀ ଜେସିଣ୍ଡା ଆର୍ଡନ (୪୨)ଙ୍କୁ ଭେଟିଛନ୍ତି। ଏ ନେଇ ନ୍ୟୁଜିଲାଣ୍ଡରେ ଜେସିଣ୍ଡା ଏକ ମିଳିତ ଖବରଦାତା ସମ୍ମିଳନୀରେ ଯୋଗ ଦେଇଥିଲେ। ଜଣେ ଖବରଦାତାଙ୍କ ପ୍ରଶ୍ନକୁ ନେଇ ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ଜୋର ଧରିଛି। ଜାତୀୟ ଗଣମାଧ୍ୟମର ଜଣେ ରିପୋର୍ଟର ଜେସିଣ୍ଡାଙ୍କୁ ପ୍ରଶ୍ନ କରିଥିଲେ ଯେ, ସମବୟସ୍କା ହୋଇଥିବା ଯୋଗୁ ଆପଣମାନଙ୍କ ଭିତରେ ବହୁତଗୁଡ଼ିଏ ସାମଞ୍ଜସ୍ୟ ରହିଛି। ସେଥିଲାଗି ଆପଣ ଦୁହେଁ ଏକାଠି ହୋଇଛନ୍ତି? ଉତ୍ତରରେ ଜେସିଣ୍ଡା କହିଛନ୍ତି, ରାଜନୀତିରେ ମହିଳାଙ୍କ ତୁଳନାରେ ପୁରୁଷ ଅଧିକ ସକ୍ରିୟ। ଦୁଇଜଣ ମହିଳା କେବଳ ନିଜର ଲିଙ୍ଗଗତ କାରଣରୁ ପରସ୍ପରକୁ ସାକ୍ଷାତ କରନ୍ତି



ନାହିଁ। ଏହାପରେ ଜେସିଣ୍ଡା ଖବରଦାତାଙ୍କୁ ପ୍ରଶ୍ନ କରିଥିଲେ ଯେ, ଯେତେବେଳେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମା ଏବଂ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ଜନ୍ କିଙ୍କ ସାକ୍ଷାତ ହୋଇଥିଲା ସେତେବେଳେ କୌଣସି ବ୍ୟକ୍ତି ତାଙ୍କୁ ଏ ପ୍ରକାର ପ୍ରଶ୍ନ କରିଥିଲେ କି? କାରଣ ସେ ସମୟରେ ଦୁଇ ରାଷ୍ଟ୍ରମୁଖ୍ୟଙ୍କ ବୟସ ପାଖାପାଖି ସମାନ ଥିଲା। ନ୍ୟୁଜିଲାଣ୍ଡ ଓ ଫିନ୍‌ଲାଣ୍ଡ ମଧ୍ୟରେ ବାଣିଜ୍ୟଭିତ୍ତିକ ଦ୍ୱିପାକ୍ଷିକ

### ପାଖାପାଖି ବୟସ ହୋଇଥିବାରୁ ଭେଟୁଛନ୍ତି?

ଆଲୋଚନା ହୋଇଥିବାବେଳେ ବୈଶ୍ୱିକ ସଙ୍କଟ ଜଳବାୟୁ ପରିବର୍ତ୍ତନ ଓ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ସମ୍ପର୍କରେ ଆଲୋଚନା ହୋଇଥିବା ଜେସିଣ୍ଡା କହିଛନ୍ତି। ଏହି ଖବରଦାତା ସମ୍ମିଳନୀର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଜେସିଣ୍ଡା ୨୦୧୭ରେ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିଥିବାବେଳେ ୨୦୧୯ରେ ସନ୍ନା ମାରିନ ଫିନ୍‌ଲାଣ୍ଡ ପ୍ରଧାନମନ୍ତ୍ରୀ ନିର୍ବାଚିତ ହୋଇଥିଲେ। ବିଶ୍ୱର ପାଖାପାଖି ୧୩ ରାଷ୍ଟ୍ରରେ ମହିଳା ରାଷ୍ଟ୍ରମୁଖ୍ୟ ରହିଛନ୍ତି। ୧୯୯୭ରେ ନ୍ୟୁଜିଲାଣ୍ଡ ପ୍ରଥମ ମହିଳା ପ୍ରଧାନମନ୍ତ୍ରୀଙ୍କୁ ପାଇଥିବାବେଳେ ୨୦୦୦ରେ ଜଣେ ମହିଳା ଫିନ୍‌ଲାଣ୍ଡ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିଥିଲେ।

# ମହିଳା ଖଣ୍ଡପୀଠରେ ବୈବାହିକ ମାମଲା

**ନୂଆଦିଲ୍ଲୀ,୧।୧୨**

### ସୁପ୍ରିମକୋର୍ଟ ଇତିହାସରେ ତୃତୀୟ

୪ ବର୍ଷର ବ୍ୟବଧାନ ପରେ ସୁପ୍ରିମକୋର୍ଟ ଏକ ଖଣ୍ଡପୀଠ ଗଠନ କରିଛନ୍ତି, ଯେଉଁଠି ୨ ଜଣ ମହିଳା ବିଚାରପତି ବୈବାହିକ ବିବାଦ ଓ ଜାମିନ ପ୍ରସଙ୍ଗରେ ସ୍ଥାନାନ୍ତର ଆବେଦନର ଶୁଣାଣି କରିବେ। ୨ ମହିଳା ବିଚାରପତି ହେଲେ ଜଷ୍ଟିସ୍ ହିମା କୋହଲି ଏବଂ ଜଷ୍ଟିସ୍ ବେଲା ଏମ୍. ତ୍ରିବେଦୀ। ମହିଳା ବିଚାରପତି ଦ୍ୱୟଙ୍କ ଖଣ୍ଡପୀଠ ଗୁରୁବାର ସର୍ବୋଚ୍ଚ ଅଦାଲତଙ୍କ କୋର୍ଟ ନଂ.୧୧ରେ ଶୁଣାଣି କରିଥିଲେ। ପୂର୍ବରୁ ତାଲିକାଭୁକ୍ତ ହୋଇଥିବା ୩୨ଟି ମାମଲା ହାତକୁ ନେଇଥିଲେ। ତହିଁରୁ ବୈବାହିକ ବିବାଦ ଓ ଜାମିନ ସମ୍ପର୍କିତ ୧୦ଟି ଲେଖାଏ ଟ୍ରାନ୍ସଫର ପିଟିଶନର ଶୁଣାଣି ହୋଇଛି। ସୁପ୍ରିମକୋର୍ଟରେ ଏହା ହେଉଛି ଏହି ଧରଣର ତୃତୀୟ ଖଣ୍ଡପୀଠ। ପୂର୍ବରୁ ୨୦୧୩ରେ ଜଷ୍ଟିସ୍ ଜ୍ଞାନସୁଧା ମିଶ୍ରା ଓ ଜଷ୍ଟିସ୍ ରଞ୍ଜନା ପ୍ରକାଶ ଦେଶାଇ ଏବଂ ୨୦୧୮ରେ ଜଷ୍ଟିସ୍ ଆର୍. ଭାନୁମତି ଓ ଇନ୍ଦିରା ବାନାର୍ଜୀଙ୍କୁ ନେଇ କେବଳ ମହିଳାଙ୍କ ଖଣ୍ଡପୀଠ ଗଠିତ ହୋଇଥିଲା। ସୁପ୍ରିମକୋର୍ଟରେ ପ୍ରଥମ ୩୯ ବର୍ଷ ଧରି କୌଣସି ମହିଳା ବିଚାରପତି ନ ଥିଲେ। ୧୯୮୯ରେ ଜଷ୍ଟିସ୍ ଫାତିମା ବିବି ପ୍ରଥମ ଥର ପାଇଁ ସୁପ୍ରିମକୋର୍ଟ ବିଚାରପତି ରୂପେ ପଦୋନ୍ନତି ପାଇଥିଲେ। ସେହିପରି ଗତ ୭୨ ବର୍ଷର ଇତିହାସରେ ସର୍ବୋଚ୍ଚ ଅଦାଲତରେ ମାତ୍ର ୧୧ ମହିଳା ବିଚାରପତି ନିଯୁକ୍ତ ହୋଇଛନ୍ତି। ୧୯୫୦ରେ ସୁପ୍ରିମକୋର୍ଟ ପ୍ରତିଷ୍ଠା ହେବା ପରଠାରୁ ଅଦ୍ୟାବଧି କେବେହେଲେ ଏକକାଳୀନ ୪ରୁ ଊର୍ଦ୍ଧ୍ୱ ମହିଳା ବିଚାରପତି ରହିନାହାନ୍ତି। ବର୍ତ୍ତମାନ ଜଷ୍ଟିସ୍ କୋହଲି, ଜଷ୍ଟିସ୍ ତ୍ରିବେଦୀ ଏବଂ ଜଷ୍ଟିସ୍ ବି.ଭି. ନାଗରତ୍ନ ମହିଳା ବିଚାରପତି ଅଛନ୍ତି। ଜଷ୍ଟିସ୍ ନାଗରତ୍ନ ୨୦୨୭ରେ ଦେଶର ପ୍ରଥମ ମହିଳା ପ୍ରଧାନ ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିପାରନ୍ତି। ସୁପ୍ରିମକୋର୍ଟର ମୋଟ ବିଚାରପତିଙ୍କ ସଂଖ୍ୟା ୩୪ ରହିବା ସ୍ଥାନରେ ବର୍ତ୍ତମାନ ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କୁ ମିଶାଇ ମାତ୍ର ୨୭ ଜଣ ଅଛନ୍ତି।



ଜଷ୍ଟିସ୍ ହିମା କୋହଲି



ଜଷ୍ଟିସ୍ ବେଲା ଏମ୍. ତ୍ରିବେଦୀ

## ଜିତିବା ପର୍ଯ୍ୟନ୍ତ ନିର୍ବାଚନ ଲଢୁଥିବି

**ଗାନ୍ଧିନଗର,୧।୧୨**



ମଗନଭାଇ ସୋଲାଙ୍କି

ଗୁଜରାଟ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଭୋଟଗ୍ରହଣ ଗୁରୁବାର ଶେଷ ହୋଇଛି। ବହୁ ରାଜନୈତିକ ଦଳ ରାଜ୍ୟ ଶାସନ କ୍ଷମତା ହାତେଇବାକୁ ଆଶାବାନ୍ଧି ବସିଛନ୍ତି। ଏପରିସ୍ଥିତିରେ ଗୁଜରାଟ ସବରକନ୍ଥା ଜିଲା ହିମତନଗର ବିଧାନସଭା ଆସନରୁ ନିର୍ବାଚନ ଲଢ଼ୁଥିବା ମଗନଭାଇ ସୋଲାଙ୍କି (୫୭)ଙ୍କୁ ନେଇ ସ୍ଥାନୀୟ ଅଞ୍ଚଳରେ ଆଲୋଚନା ଜୋର୍ ଧରିଛି। ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ୁଥିବା ମଗନଭାଇ ନିଜ ୨.୫ ଫୁଟ୍‌ର ଦୀର୍ଘକାୟ ନିଶ ପାଇଁ ବେଶ୍ ଚର୍ଚ୍ଚିତ। ୨୦୧୭ରୁ ନିର୍ବାଚନ ଲଢ଼ିବା ଆରମ୍ଭ କରିଥିବା ମଗନଭାଇ କୌଣସି ଇଲେକ୍ସନ ଜିତି ନାହାନ୍ତି। ତାଙ୍କୁ ନିର୍ବାଚନ ଲଢ଼ିବା ପସନ୍ଦ ବୋଲି ସେ କୁହନ୍ତି। ଶେଷଥର ହିମତନଗର ବିଧାନସଭା ଆସନରୁ ଭାଜପା ପ୍ରାର୍ଥୀ ବିଧାୟକ ଥିବାବେଳେ ମଗନଭାଇ ଏହି ଆସନରୁ ଇଲେକ୍ସନ ଲଢୁଛନ୍ତି। ୫ରେ ହେବାକୁ ଥିବା ଗୁଜରାଟ ଦ୍ୱିତୀୟ ପର୍ଯ୍ୟାୟ ଭୋଟଗ୍ରହଣ ଅବସରରେ ହିମତନଗରରେ ମତଦାନ କରାଯିବ।

ଆର୍ମିରେ ଲ୍ୟୁଟନାଣ୍ଟ ଭାବେ କାର୍ଯ୍ୟ କରୁଥିବା ମଗନଭାଇ ୨୦୧୨ରେ ଅବସର ନେଇଥିଲେ। ପ୍ରଥମଥର ପାଇଁ ବହୁଜନ ସମାଜ ପାର୍ଟି ତରଫରୁ ସେ ୨୦୧୭ରେ ହିମତନଗର ଆସନରୁ ନିର୍ବାଚନ ଲଢ଼ିଥିଲେ। ଏହାପରେ ୨୦୧୯ ଲୋକ ସଭା ନିର୍ବାଚନରେ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ଛିଡ଼ା ହେଲେ। ନିର୍ବାଚନ ପ୍ରଚାରରେ ଗଲାବେଳେ ଲୋକେ ତାଙ୍କ ନିଶକୁ ଦେଖିବା ପାଇଁ ଗହଳି ଜମାନ୍ତି। ଛୋଟ ପିଲାଙ୍କଠୁ ଆରମ୍ଭ କରି ଯୁବପିଢ଼ି ସମସ୍ତେ ତାଙ୍କ ନିଶକୁ ଦେଖି ଆକୃଷ୍ଟ ହେଉଥିବା ମଗନଭାଇ କୁହନ୍ତି। ଦୀର୍ଘକାୟ ନିଶ ବଢ଼ାଇବାର ନୁସ୍‌କା ମଧ୍ୟ କେହି କେହି ତାଙ୍କଠାରୁ ପଚାରି ବୁଝନ୍ତି। ନିଶର ଯତ୍ନ ପାଇଁ ଚାକିରି ସମୟରେ ସରକାର ତାଙ୍କୁ ଆର୍ଥିକ ସହାୟତା ଯୋଗାଉଥିବାବେଳେ ଉଚ୍ଚାଧିକାରୀ ମଧ୍ୟ ତାଙ୍କ ନିଶକୁ ନେଇ ବହୁ ପ୍ରଶଂସା କରନ୍ତି। ଚଳିତବର୍ଷ ସେ ନିର୍ବାଚନ ଜିତିଲେ ନିଶ ରଖିବା ଲାଗି ଯୁବପିଢ଼ିଙ୍କୁ ଉତ୍ସାହିତ କରିବା ପାଇଁ ରାଜ୍ୟରେ ଆଇନ ପ୍ରଣୟନ କରିବା ଲାଗି ସରକାର ନିକଟରେ ଦାବି କରିବେ। ଅନ୍ୟପକ୍ଷେ ରିଟାଏଡ୍ ସେନା ଅଧିକାରୀଙ୍କ ଅସୁବିଧା ପୂରଣ ସମ୍ପର୍କରେ ବିଧାନସଭାରେ ଦାବି ଉପସ୍ଥାପନ କରିବା କଥା ସେ କହିଛନ୍ତି। ଯେ ପର୍ଯ୍ୟନ୍ତ ନିର୍ବାଚନ ଜିତି ନାହାନ୍ତି ସେ ପର୍ଯ୍ୟନ୍ତ ମଗନଭାଇ ନିର୍ବାଚନ ଲଢୁଥିବେ ବୋଲି କହିଛନ୍ତି। ପ୍ରଥମଥର ତାଙ୍କୁ ୧୦୦୦ ଭୋଟ ମିଳିଥିବାବେଳେ ଲୋକ ସଭା ନିର୍ବାଚନରେ ୨୫୦୦ ସମର୍ଥକ ତାଙ୍କୁ ଭୋଟ ଦେଇଥିଲେ। ଚଳିତ ନିର୍ବାଚନରେ ତାଙ୍କୁ ଆହୁରି ଅଧିକ ଭୋଟ ମିଳିବ ବୋଲି ସେ ଆଶାୟୀ। ଏହି ବିଧାନସଭା ଆସନରୁ ଭାଜପା ଦଳୀୟ ପ୍ରାର୍ଥୀ ବିରେନ୍ଦ୍ରସିନ ଜାଲା, କଂଗ୍ରେସର କମଲେଶଭାଇ ପଟେଲ ଏବଂ ଏଏପି ପକ୍ଷରୁ ନିର୍ମଳସିନ ପରମାଲ ଚଳିତବର୍ଷ ବିଧାନସଭା ନିର୍ବାଚନ ଲଢୁଛନ୍ତି।

## ଅଶ୍ଳୀଳ ଭିଡିଓ ଭାଇରାଲ ପରେ ଜଜ୍ ନିଲମ୍ବିତ

**ନୂଆଦିଲ୍ଲୀ,୧।୧୨**

### ଭିଡିଓର ବହୁଳ ପ୍ରସାର ଫଳରେ ବ୍ୟକ୍ତିଗତ ଅଧିକାର କ୍ଷୁର୍ଣ୍ଣ ହେବା ଆଶଙ୍କା: ହାଇକୋର୍ଟ

ଦିଲ୍ଲୀର ରାଉଜ ଏଭେନ୍ୟୁ ଆଡିଶନାଲ ସେସନ୍ସ ଜଜ୍‌ଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ ହେବାରେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରୁ ଏହି ଭିଡିଓକୁ ହଟାଯିବା ଲାଗି ଦିଲ୍ଲୀ ହାଇକୋର୍ଟ ଜଜ୍ ଯଶୋବନ୍ତ ବର୍ମା ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ବିଳମ୍ବିତ ରାତିରେ ବିଚାରପତି ଯଶୋବନ୍ତଙ୍କ ଜଣିକିଆ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। ଭିଡିଓର ବହୁଳ ପ୍ରସାର ଫଳରେ ଆବେଦନକାରୀଙ୍କ ବ୍ୟକ୍ତିଗତ ଅଧିକାର କ୍ଷୁର୍ଣ୍ଣ ଆଶଙ୍କା ରହିଛି। ଜଜ୍ ନିଜ ଚାମ୍ବରରେ ଜଣେ ମହିଳା ସହକର୍ମୀଙ୍କ ସହ ଆପତ୍ତିଜନକ ଅବସ୍ଥାରେ ଥିବା ଭାଇରାଲ ଭିଡିଓରେ ଦେଖିବାକୁ ମିଳିଛି। ଭିଡିଓରେ ଥିବା ମହିଳା ସାମାଜିକ ଗଣମାଧ୍ୟମରେ ଭିଡିଓର ପ୍ରସାରଣ ରୋକିବା ପାଇଁ କୋର୍ଟରେ ଆବେଦନ କରିଥିଲେ। ଜଜ୍‌ଙ୍କ କାର୍ଯ୍ୟାଳୟରେ ଲାଗିଥିବା କ୍ୟାମେରାରେ ଭିଡିଓ ଉତ୍ତୋଳନ କରାଯାଇଥିବା ଜଣାପଡ଼ିଛି। ୯ ତାରିଖରେ ସ୍ୱତନ୍ତ୍ର ଚାମ୍ବରରେ ଏ ମାମଲାର ଆସନ୍ତା ଶୁଣାଣି କରାଯିବ। ଏ ନେଇ ସ୍ୱତନ୍ତ୍ର କମିଟି ଗଠନ କରାଯାଇଥିବା ବେଳେ ମହିଳାଙ୍କ ବିରୋଧରେ ଯାଞ୍ଚ ନିର୍ଦ୍ଦେଶ ଦିଆଯାଇଛି।

# ଜି୨୦ ଅଧ୍ୟକ୍ଷତାରେ ୟୁକ୍ରେନ୍ ଯୁଦ୍ଧ ବାଧକ

**ନୂଆଦିଲ୍ଲୀ,୧।୧୨**




### ସଙ୍କେତ ଦେଲେ ମୋଦି

ଭାରତ ଗୁରୁବାର ଜି୨୦ ଅଧ୍ୟକ୍ଷତା ଆନୁଷ୍ଠାନିକ ଭାବେ ଗ୍ରହଣ କରିଛି। ୟୁକ୍ରେନ୍‌ରେ ରୁଷିଆର ଯୁଦ୍ଧ ଯୋଗୁ ସୃଷ୍ଟ ସଙ୍କଟ ଏହି ରାଷ୍ଟ୍ର ସମୂହର ଅଧ୍ୟକ୍ଷତା କ୍ଷେତ୍ରରେ ବାଧକ ସାଜିପାରେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଙ୍କେତ ଦେଇଛନ୍ତି।

ପ୍ରଧାନମନ୍ତ୍ରୀ ମୋଦି ଏକ ସମ୍ପାଦକୀୟରେ କହିଛନ୍ତି, ଯେତେବେଳେ ଦେଶଗୁଡ଼ିକ ଭୂଖଣ୍ଡ ଓ ସମ୍ବଳକୁ ନେଇ ଲଢ଼େଇ କରିଥାଆନ୍ତି, ସେତେବେଳେ ସାରା ବିଶ୍ୱ ଏକ ଭିନ୍ନ ମାନସିକତାରେ ଫସିଯାଇଥାଏ। ଏଭଳି ସମୟରେ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକୁ ଅସ୍ତ୍ର ରୂପେ ବ୍ୟବହାର କରାଯାଏ। ଏହାକୁ ଦୃଷ୍ଟିରେ ରଖି ଖାଦ୍ୟ ଯୋଗାଣ ଶୃଙ୍ଖଳକୁ ରାଜନୈତିକ ପରିଧି ମଧ୍ୟରୁ ମୁକ୍ତ କରାଯିବ। ଜି୨୦ ସହଯୋଗୀମାନଙ୍କ ସହ ପରାମର୍ଶକୁ ପ୍ରାଥମିକତା ଦିଆଯିବା ସହିତ ବଞ୍ଚିତ ବର୍ଗର ଲୋକଙ୍କ ସ୍ୱରକୁ ଶୁଣାଯିବ। ଚଳିତ ବର୍ଷର ଜି୨୦ ଅଧ୍ୟକ୍ଷତା ସମାବେଶୀ, ମହତ୍ତ୍ୱାକାଂକ୍ଷୀ ଓ ନିର୍ଣ୍ଣାୟକ ହେବ। ପ୍ରଧାନମନ୍ତ୍ରୀଙ୍କ ଏହି ମନ୍ତବ୍ୟ ନୂଆଦିଲ୍ଲୀର କୂଟନୈତିକ ସନ୍ତୁଳନକୁ ଦର୍ଶାଉଛି। ପ୍ରକାଶ ଯେ, ରୁଷିଆର ୟୁକ୍ରେନ୍ ଆକ୍ରମଣ ପରେ ଇଣ୍ଡୋନେସିଆର ବାଲିରେ ଜି୨୦ ନେତାଙ୍କ ପ୍ରଥମ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେଇ ଇଣ୍ଡୋନେସିଆ ରାଷ୍ଟ୍ରପତି ଜୋକୋ ୱିଡୋଡୋଙ୍କଠାରୁ ଜି୨୦ ଅଧ୍ୟକ୍ଷତା ଗ୍ରହଣ କରିଥିଲେ। ବିଶ୍ୱର ମୋଟ ଘରୋଇ ଉତ୍ପାଦର ୮୦%ରୁ ଊର୍ଦ୍ଧ୍ୱ ଜି୨୦ରୁ ଆସିଥାଏ। ସେହିପରି ଅନ୍ତର୍ଜାତୀୟ ବାଣିଜ୍ୟ କ୍ଷେତ୍ରରେ ଏହି ରାଷ୍ଟ୍ରଗୋଷ୍ଠୀର ୭୫ ପ୍ରତିଶତ ଅବଦାନ ରହିଛି। ବିଶ୍ୱ ଜନସଂଖ୍ୟାର ୬୦% ହେଉଛି ଜି୨୦ ରାଷ୍ଟ୍ର ସମୂହର।

## ଟିମ୍ ଇଣ୍ଡିଆକୁ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି



ଦ୍ରୌପଦୀ ମୁର୍ମୁ

'ବସୁଧୈବ କୁଟୁମ୍ବକମ୍' ବିଷୟବସ୍ତୁ ଉପରେ ଆଧାରିତ ଭାରତର ଜି୨୦ ଅଧ୍ୟକ୍ଷତା ସଫଳ ହେଉ ବୋଲି 'ଟିମ୍ ଇଣ୍ଡିଆ'କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁଭେଚ୍ଛା ଜଣାଇଛନ୍ତି। ଭାରତକୁ ଆସିବାକୁ ଥିବା ବିଦେଶୀ ଅତିଥିମାନଙ୍କୁ ରାଷ୍ଟ୍ରପତି ମୁର୍ମୁ 'ଅତିଥି ଦେବୋ ଭବ' ପରମ୍ପରା ଅନୁସାରେ ସ୍ୱାଗତ ଜଣାଇଛନ୍ତି। ଜି୨୦ର ପରବର୍ତ୍ତୀ ସମ୍ମିଳନୀ ଆସନ୍ତା ସେପ୍ଟେମ୍ବର ୯ରୁ ୧୦ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଚାଲିବ। ଏହି ଅବସରରେ ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ବ୍ରାଜିଲ, କାନାଡା, ଚାଇନା, ଫ୍ରାନ୍ସ, ଜର୍ମାନୀ, ଇଣ୍ଡୋନେସିଆ, ଇଟାଲୀ, ଜାପାନ, ଦକ୍ଷିଣ କୋରିଆ, ମେକ୍ସିକୋ, ରୁଷିଆ, ସାଉଦି ଆରବ, ଦକ୍ଷିଣ ଆଫ୍ରିକା, ତୁର୍କୀ, ବ୍ରିଟେନ, ଆମେରିକା ଏବଂ ୟୁରୋପୀୟ ସଂଘ (ଇୟୁ) ରାଷ୍ଟ୍ରମୁଖ୍ୟ/ପ୍ରତିନିଧିମାନେ ସାମିଲ ହେବେ।

## ଭାରତ ପାଇଁ ଐତିହାସିକ ମୁହୂର୍ତ୍ତ

ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ର ଗୁରୁବାର ଭାରତର ଜି -୨୦ ଅଧ୍ୟକ୍ଷତାକୁ ଏକ ଐତିହାସିକ ମୁହୂର୍ତ୍ତ ବୋଲି ଅଭିହିତ କରିଛନ୍ତି। ସେ କହିଛନ୍ତି, ଦେଶର ପ୍ରତିଷ୍ଠା ଓ ଖ୍ୟାତିକୁ ଉପଯୁକ୍ତ ଭାବେ ପ୍ରଦର୍ଶନ କରିବା ଆମ ଦାୟିତ୍ୱ। ଦେଶର ୫୬ ସ୍ଥାନରେ ଏହି ବୈଠକ ଆୟୋଜିତ ହେବ। ପ୍ରତ୍ୟେକ ରାଜ୍ୟ ସରକାର, କେନ୍ଦ୍ର ଶାସିତ ଅଞ୍ଚଳ ତଥା ନାଗରିକ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମର ଅଂଶୀଦାର ବୋଲି ଏଥିରେ ନିଶ୍ଚିତ ହେବ। ଭାରତରେ ଯେତିକି ବିବିଧତା ରହିଛି ସେତିକି ସ୍ୱତନ୍ତ୍ରତା ରହିଛି। ଦେଶର ସର୍ବୋତ୍ତମ ପରମ୍ପରା ପ୍ରତି ବିଶ୍ୱର ଦୃଷ୍ଟି ଆକର୍ଷଣ କରିବା ଆମ ଦାୟିତ୍ୱ ବୋଲି ବିଶ୍ୱବିଦ୍ୟାଳୟ କନେକ୍ଟ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେବା ଅବସରରେ ମିଶ୍ର କହିଛନ୍ତି। ମିଶ୍ର ଆହୁରି କହିଛନ୍ତି, ସର୍ବବୃହତ୍ ବହୁପକ୍ଷୀୟ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ଭାରତ ଗୌରବମୟ ସୁଯୋଗ ପାଇଛି। ବିଶ୍ୱବିଦ୍ୟାଳୟଗୁଡ଼ିକ ଛାତ୍ରୀଛାତ୍ରଙ୍କୁ ସ୍ଥାନୀୟ ଇତିହାସ ତଥା ଗୁରୁତ୍ୱପୂର୍ଣ୍ଣ ସ୍ଥାନ, କଳା ଏବଂ ଅନ୍ୟାନ୍ୟ ସାଂସ୍କୃତିକ ପରମ୍ପରା ବିଷୟରେ ତାଲିମ ଦେଇ ପାରିବେ। ଏପରି କି ବିଦ୍ୟାର୍ଥୀମାନେ ବୈଠକ ଆୟୋଜନ ତଥା ବିଦେଶୀ ପ୍ରତିନିଧିଙ୍କୁ ମାର୍ଗଦର୍ଶନ କରିବାରେ ଏକ ଅଂଶ ହୋଇପାରିବେ। ଗୁରୁତ୍ୱପୂର୍ଣ୍ଣ ଐତିହାସିକ, ଅର୍ଥନୈତିକ ଏବଂ ସାଂସ୍କୃତିକ ସ୍ଥାନ ବ୍ୟତୀତ ପ୍ରକୃତି, ପଦଯାତ୍ରା, ଗ୍ରାମ୍ୟ ପରିଦର୍ଶନ, ସାପ୍ତାହିକ ତଥା ସ୍ଥାନୀୟ ବଜାର ପରିଦର୍ଶନ ଭଳି ଗଭୀର ଅନୁଭୂତି ହୋଇପାରେ। ବିଶ୍ୱବିଦ୍ୟାଳୟଗୁଡ଼ିକ ମେଧାବୀ ପିଲାଙ୍କୁ ଚୟନ କରି ଅଧିବେଶନରେ ଯୋଗାଯୋଗ ପାଇଁ ତାଲିମ ଦେଇପାରିବେ।



ପି. କେ. ମିଶ୍ର

# ଖାରସୁଗୁଡ଼ାଠାରେ ବେଦାନ୍ତ ଆଲୁମିନିୟମ ପାର୍କ ଭିତ୍ତିପ୍ରସ୍ତର



**ଭୁବନେଶ୍ୱର,୧।୧୨**

ମେକ୍ ଇନ୍ ଓଡ଼ିଶାର ପ୍ରଥମ ଦିନର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅବସରରେ ବେଦାନ୍ତ ଲିମିଟେଡ୍‌ର ଝାରସୁଗୁଡ଼ା ୟୁନିଟ୍‌ଠାରେ 'ବେଦାନ୍ତ ଆଲୁମିନିୟମ ପାର୍କ'ର ଭିତ୍ତିପ୍ରସ୍ତର ସ୍ଥାପନ ପାଇଁ ଘୋଷଣା କରାଯାଇଛି। ବିଶେଷକରି ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୨ରେ ବେଦାନ୍ତର ଚେୟାରମ୍ୟାନ ଅନିଲ ଅଗ୍ରୱାଲଙ୍କ ଉପସ୍ଥିତିରେ ଉକ୍ତ ପାର୍କକୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥଲେ। ଏଠାରେ ବେଦାନ୍ତ ଆଲୁମିନିୟମ ଓ ଶିଳ୍ପ ଭିତ୍ତିଭୂମି ଓଡ଼ିଶା (ଇଡ୍‌କୋ) ମଧ୍ୟରେ ଏକ ମିଳିତ ଉଦ୍ୟମ କରାଯାଇଥିବା ଜଣାପଡ଼ିଛି। ଏହି ଅବସରରେ ବେଦାନ୍ତ ଆଲୁମିନିୟମର ସିଇଓ ରାହୁଲ ଶର୍ମା ଓ ଅନ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ।

ସେହିଭଳି ବେଦାନ୍ତ ଆଲୁମିନିୟମ ପାର୍କ ଏକ ବିଶ୍ୱସ୍ତରୀୟ ଔଦ୍ୟୋଗିକ ସୁବିଧା ପ୍ରଦାନ କରିବ ଯେଉଁଠାରେ କମ୍ପାନୀମାନେ ସେମାନଙ୍କ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା କରିପାରିବେ ଓ ଝାରସୁଗୁଡ଼ାର ସ୍ମେଲଟରରୁ ସେମାନଙ୍କ ଉତ୍ପାଦ ପାଇଁ ତରଳ ଆଲୁମିନିୟମ ପାଇପାରିବେ। ଝାରସୁଗୁଡ଼ାର ବେଦାନ୍ତ ଆଲୁମିନିୟମ ସ୍ମେଲଟର ହେଉଛି ବିଶ୍ୱର ସର୍ବବୃହତ୍ ସ୍ମେଲଟର ପ୍ଲାଣ୍ଟ ଯାହାର ବାର୍ଷିକ କ୍ଷମତା ୧.୭୫ ଟନ ରହିଛି। ୨୫୩ ଏକରରୁ ଅଧିକ ପରିସରରେ ବ୍ୟାପିଥିବା ଏହି ଆଲୁମିନିୟମ ପାର୍କ ଭାରତର ବୃହତମ ଧାତୁ ପାର୍କ ମଧ୍ୟରୁ ଅନ୍ୟତମ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ ନବୀନ ପଟ୍ଟନାୟକ କହିଛନ୍ତି, ଦେଶର ଏକ ପ୍ରମୁଖ ବିନିଯୋଗ ଲକ୍ଷ୍ୟସ୍ଥଳ ଭାବରେ ଓଡ଼ିଶା ଦ୍ରୁତଗତିରେ ଉଭା ହୋଇଛି। ସବୁ କ୍ଷେତ୍ରରେ ପରିବର୍ତ୍ତନ ଓ ଅନ୍ତର୍ଭୁକ୍ତ ବିକାଶ ଉପରେ ସ୍ପଷ୍ଟ ଧ୍ୟାନଦେଇ ଆମେ ଏକ ପ୍ରଗତିଶୀଳ ରାଜ୍ୟ । ଓଡ଼ିଶାରେ ଆମେ ଆପଣଙ୍କୁ ସର୍ବଦା ଉତ୍ତମ ସେବା, ସମର୍ଥନ ପ୍ରଦାନ କରିଆସୁଛୁ। ସେହିଭଳି ବେଦାନ୍ତ ଗ୍ରୁପ୍‌ର ଅଧ୍ୟକ୍ଷ ଅନିଲ ଅଗ୍ରୱାଲ କହିଛନ୍ତି ,ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଭାରତରେ ପରବର୍ତ୍ତୀ ପୁଞ୍ଜି ବିନିଯୋଗ ଲକ୍ଷ୍ୟ ପୂରଣ ହୋଇପାରିବ। ଓଡ଼ିଶାର ପ୍ରାକୃତିକ ସୁବିଧା ପାଇଁ ଏହା ଭାରତର ଆଲୁମିନିୟମ ରାଜଧାନୀ ଓ ବିଶ୍ୱରେ ଆଲୁମିନିୟମ ରାଜଧାନୀ ହେବାର ସାମର୍ଥ୍ୟ ରହିଛି। ବର୍ଷ ବର୍ଷ ଧରି ବେଦାନ୍ତ ୧ ଲକ୍ଷ କୋଟିରୁ ଅଧିକ ପୁଞ୍ଜି ବିନିଯୋଗ କରି ରାଜ୍ୟରେ ୫ ଲକ୍ଷରୁ ଅଧିକ ପ୍ରତ୍ୟକ୍ଷ ଓ ପରୋକ୍ଷ ଜୀବିକା ସୃଷ୍ଟି କରିପାରିଛି। ସେହିପରି ବେଦାନ୍ତ ଆଲୁମିନିୟମର ସିଇଓ ରାହୁଲ ଶର୍ମା କହିଛନ୍ତି, ଆମର ଆଲୁମିନିୟମ୍ ସ୍ମେଲ୍‌ଟର ନିକଟରେ ଏକ ବିଶ୍ୱସ୍ତରୀୟ ଆଲୁମିନିୟମ୍ ପାର୍କ ସୃଷ୍ଟି କରିବା ପାଇଁ ବେଦାନ୍ତ ଓ ଓଡ଼ିଶା ସରକାର ମଧ୍ୟରେ ସୃଷ୍ଟି ହୋଇଥିବା ଏହି ସହଯୋଗ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ।

# ପ୍ରଥମ ଦିନରେ ୬ଲକ୍ଷ କୋଟିର ନିବେଶ ପ୍ରସ୍ତାବ

- ୩ ଲକ୍ଷରୁ ଅଧିକ ନିଯୁକ୍ତି ସୃଷ୍ଟି ସମ୍ଭାବନା
- ଏମ୍‌ଆଇଓସି-୨୨ରେ ୭ଲକ୍ଷ କୋଟିରୁ ଅଧିକ ପୁଞ୍ଜି ଗ୍ରହଣ ରାଜିନାମା
- ମିନେରାଲ କ୍ଷେତ୍ରରେ ସର୍ବାଧିକ,ଏମ୍‌ଏସ୍‌ଏମ୍‌ଇ ବର୍ଗରେ ସର୍ବନିମ୍ନ ପାଣ୍ଠି

**ଭୁବନେଶ୍ୱର,୧।୧୨**

ଚଳିତ ବର୍ଷର ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୨ ବୁଧବାର ଠାରୁ ଆନୁଷ୍ଠାନିକ ଭାବେ ମୁଖ୍ୟମନ୍ତ୍ରୀ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏପରିକି ୨୦୨୨ ନଭେମ୍ବର ୩୦ରୁ ଡିସେମ୍ବର ୪ ପର୍ଯ୍ୟନ୍ତ ଏହି କନ୍‌କ୍ଲେଭ ଜାରି ରହିବ। ବିଶେଷକରି ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ (ଏମ୍‌ଆଇଓସି)-୨୨ର ପ୍ରଥମ ଦିନରେ ପ୍ରାୟ ୬ ଲକ୍ଷ କୋଟି ଟଙ୍କା (୫,୮୫,୭୪୨.୨୬ ଟଙ୍କା)ର ନିବେଶ ପ୍ରସ୍ତାବ ଆସିଥିବା ଜଣାପଡ଼ିଛି। ସେହିଭଳି ପ୍ରଥମ ଦିନରେ ୬୭ଟି ବାଣିଜ୍ୟିକ ସଂସ୍ଥା ସହ ବୁଝାମଣାପତ୍ର ସ୍ୱାକ୍ଷର(ଏମ୍‌ଓୟୁ) ହୋଇଥିବା ବେଳେ ୨୧ ଶିଳ୍ପସଂସ୍ଥା ଏବଂ ୪୬ ଷ୍ଟାର୍ଟଅପ୍ ୟୁନିଟ୍ ସହ ଏମ୍‌ଓୟୁ ହୋଇଛି। ଉପରୋକ୍ତ ୬୭ ସଂସ୍ଥା ଦ୍ୱାରା ୨,୪୭,୮୯୭ ଜଣଙ୍କୁ ନିଯୁକ୍ତି ମିଳିବା ସୁଯୋଗ ରହିଥିବା ଶିଳ୍ପ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଗତ ୬ ମାସ ମଧ୍ୟରେ ଦେଶ ଓ ବିଦେଶରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଆୟୋଜିତ ନିବେଶକ ସମ୍ମିଳନୀ ଓ ରୋଡ୍ ଶୋ ଜରିଆରେ ମଧ୍ୟ ୧ ଲକ୍ଷ କୋଟି (୧,୪୦, ୩୮୬.୧୯ ଟଙ୍କା)ରୁ ଅଧିକ ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆସିଥିବା ଶିଳ୍ପ ବିଭାଗ ପକ୍ଷରୁ ଉଲ୍ଲେଖ କରାଯାଇଛି। ଏହି ପରିପ୍ରେକ୍ଷୀରେ ୭୮ ଶିଳ୍ପସଂସ୍ଥା ସହ ଏମ୍‌ଓୟୁ ସ୍ୱାକ୍ଷର ହୋଇଥିବା ବେଳେ ୭୨,୮୪୯ ଜଣ ନିଯୁକ୍ତି ପାଇବେ ବୋଲି ମଧ୍ୟ ସମ୍ଭାବନା ରହିଛି। ଉଲ୍ଲେଖଯୋଗ୍ୟ, ଓଡ଼ିଶା ସରକାରଙ୍କ ମିଶନ ଏମ୍‌ଆଇଓସିର ୧ଦିନ ଶେଷ ସୁଦ୍ଧା ମୋଟ ୭,୨୬,୧୨୮.୪୫ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶର (ଏମ୍‌ଓୟୁ ସ୍ୱାକ୍ଷର) ପ୍ରସ୍ତାବ ଆସିଥିବା ବେଳେ ୩,୨୦,୭୪୧ ଜଣଙ୍କୁ ନିଯୁକ୍ତି ମିଳିବାର ମଧ୍ୟ ସୁଯୋଗ ରହିଛି। ଅପରପକ୍ଷେ ଉପରୋକ୍ତ ପୁଞ୍ଜିନିବେଶ ବିଶେଷକରି ସବୁ କ୍ଷେତ୍ରରୁ ଆସିଥିବା ବେଳେ ସର୍ବାଧିକ ୨ଲକ୍ଷ କୋଟି ଟଙ୍କାର ପାଣ୍ଠି ମିନେରାଲ ଶିଳ୍ପ ସହ ଜଡ଼ିତ ଶିଳ୍ପସଂସ୍ଥାଗୁଡ଼ିକରୁ ଆସିଛି। ପ୍ରାୟ ୧୨୦୦ କୋଟି ଟଙ୍କା ଏମ୍‌ଏସ୍‌ଏମ୍‌ଇ ବର୍ଗର ଶିଳ୍ପସଂସ୍ଥାଗୁଡ଼ିକରୁ ଆସିଛି ବୋଲି ଶିଳ୍ପ ବିଭାଗର ଶାସନ ସଚିବ ହେମନ୍ତ ଶର୍ମା ବିସ୍ତୃତ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଏମ୍‌ଆଇଓସିର ପ୍ରଥମ ଦିନରେ ମୋଟ ୧୩ଟି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏପରିକି ପ୍ରଥମ ପର୍ଯ୍ୟାୟରେ ୨ଟି ପ୍ଲାନେରି ସେସନ ହୋଇଥିବା ବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ୮ଟି ବିଜ୍‌ନେସ ଲିଡରଶିପ ଟକ୍ (ବିଏଲ୍‌ଟି) ଏବଂ ୩ଟି କଣ୍ଟ୍ରି ସେସନ (ଜାପାନ, ନରୱେ ଏବଂ ଗ୍ଲୋବାଲ) କାର୍ଯ୍ୟକ୍ରମ ରହିଥିଲା।



ଶିଳ୍ପ ସଚିବ ହେମନ୍ତ ଶର୍ମା ଓ ଅନ୍ୟମାନେ ମେକ୍-ଇନ୍-ଓଡ଼ିଶା କନ୍‌କ୍ଲେଭ୍-୨୦୨୨ର ପ୍ରଥମ ଦିନର କାର୍ଯ୍ୟକ୍ରମ ଓ ଏମ୍‌ଓୟୁ ସୂଚନା ପ୍ରଦାନ କରୁଛନ୍ତି।



ମେକ୍-ଇନ୍-ଓଡ଼ିଶା କନ୍‌କ୍ଲେଭ୍-୨୦୨୨ର ପ୍ରଥମ ଦିନରେ ବିଭିନ୍ନ କ୍ଷେତ୍ରରେ ନିବେଶ କରିବାକୁ ଆଗ୍ରହୀ ଥିବା ନିବେଶକଙ୍କ ସହ ଶିଳ୍ପ ସଚିବ ହେମନ୍ତ ଶର୍ମା।

# ଅକ୍ଷୟ ଶକ୍ତିରେ ୫୧ହଜାର କୋଟି ନିବେଶ ପ୍ରସ୍ତାବ

## ଓଡ଼ିଶା ଅକ୍ଷୟ ଶକ୍ତି ନୀତି-୨୦୨୨ ଘୋଷିତ

**ଭୁବନେଶ୍ୱର,୧।୧୨**

ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ (ଏମ୍‌ଆଇଓସି)-୨୨ର ୩ୟ ସଂସ୍କରଣର ପ୍ରଥମ ଦିନରେ ଓଡ଼ିଶା ଅକ୍ଷୟ ଶକ୍ତି ନୀତି-୨୦୨୨ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଅକ୍ଷୟ ଶକ୍ତି ସମ୍ପର୍କିତ ଏକ କର୍ମଶାଳା ମଧ୍ୟ ଏମ୍‌ଆଇଓସିର ବିଜ୍‌ନେସ୍ ଲିଡର ଅଧିବେଶନରେ ଆୟୋଜିତ ହୋଇଥିଲା। ଶିଳ୍ପ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଅକ୍ଷୟ ଶକ୍ତି ନୀତି ଘୋଷଣା କରିଛନ୍ତି। 'ସବୁଜ ଶକ୍ତି ଅଭିମୁଖେ' ଶୀର୍ଷକ ବକ୍ତୃତାମାଳାରେ ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଅକ୍ଷୟ ଶକ୍ତି ଉତ୍ପାଦନ କ୍ଷମତା ପ୍ରାୟ ୧୦ହଜାର ମେଗାୱାଟ୍ ବୃଦ୍ଧି ପାଇଁ ଉକ୍ତ ନୀତିରେ ବ୍ୟବସ୍ଥା ରହିଛି। ବିଭିନ୍ନ ଅକ୍ଷୟ ଶକ୍ତି ପ୍ରକଳ୍ପର ବିକାଶ ନିମନ୍ତେ ରାଜ୍ୟ ସରକାର ରିହାତି ବ୍ୟବସ୍ଥା ପ୍ରଚଳନ କରାଇଛନ୍ତି। ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ବିଜ୍‌ନେସ୍ ଲିଡର ଅଧିବେଶନରେ ଅକ୍ଷୟ ଶକ୍ତି ସମ୍ପର୍କରେ ବିସ୍ତୃତ ମତ ଉପସ୍ଥାପନା କରିଥିଲେ। ଏହି ଅବସରରେ ଶକ୍ତି ବିଭାଗ ପକ୍ଷରୁ ଏନ୍‌ଟିପିସି, ଏସ୍‌ଜେଭିଏନ୍‌ଏଲ୍ ଓ ଏନ୍‌ଏଲ୍‌ସି ସହ ଗ୍ରୀଡ୍‌କୋର ବୁଝାମଣା ପତ୍ର ସ୍ୱାକ୍ଷର ହୋଇଛି। ଏମଓୟୁ ଅନୁଯାୟୀ ମୋଟ ୫୧ହଜାର କୋଟି ଟଙ୍କାର ପୁଞ୍ଜିନିବେଶର ବ୍ୟବସ୍ଥା ଥିବାବେଳେ ପ୍ରାୟ ୧୨୦୦ ଲୋକଙ୍କୁ ପ୍ରତ୍ୟକ୍ଷ ଓ ୨୬୦୦ ଲୋକଙ୍କୁ ପରୋକ୍ଷ ନିଯୁକ୍ତି ସୁଯୋଗ ମିଳିବ।



ନିକୁଞ୍ଜ ଧଳ

# ଷ୍ଟାର୍ଟଅପ୍ ସମୃଦ୍ଧି ଉପରେ ରାଜ୍ୟ ସରକାରଙ୍କ ଗୁରୁତ୍ୱ



ଜଣେ ଉଦ୍ୟୋଗୀଙ୍କୁ ସମ୍ମାନିତ କରାଯାଉଛି।

**ଭୁବନେଶ୍ୱର,୧।୧୨**

ସାରା ଦେଶରେ ଓଡ଼ିଶାକୁ ପ୍ରମୁଖ ଷ୍ଟାର୍ଟଅପ୍ ହବ୍ ଭାବେ ଗଢ଼ି ତୋଳିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଅନେକ ବହୁମୁଖୀ ପଦକ୍ଷେପ ଗ୍ରହଣ କରିଛନ୍ତି। ଏପରିକି ଗତ ବର୍ଷ ଓଡ଼ିଶା ଷ୍ଟାର୍ଟଅପ୍ ର୍ୟାଙ୍କିଙ୍ଗ୍‌ରେ ଭାରତର ଶୀର୍ଷ ପ୍ରଦର୍ଶନକାରୀ ଭାବେ ମଧ୍ୟ ସ୍ୱୀକୃତି ଲାଭ କରିଛି। ବିଶେଷକରି ଗତ ୫ବର୍ଷ ମଧ୍ୟରେ ଅତ୍ୟାଧୁନିକ ଇନ୍‌କ୍ୟୁବେଟରମାନଙ୍କୁ ରାଜ୍ୟରେ ପ୍ରୋତ୍ସାହିତ କରାଯାଇଛି। ସେହିଭଳି 'ଷ୍ଟାର୍ଟଅପ୍ ଯାତ୍ରା'ପରି ବ୍ୟାପକ କାର୍ଯ୍ୟକ୍ରମ ମଧ୍ୟ ସରକାର ହାତକୁ ନେଇଛନ୍ତି ବୋଲି ଶିଳ୍ପମନ୍ତ୍ରୀ ପ୍ରତାପ କେଶରୀ ଦେବ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୨ର ପ୍ରଥମ ଦିନର ଏକ ପ୍ଲେନାରି ସେସନରେ ଯୋଗଦେଇ ମତ ପ୍ରକାଶ କରିଛନ୍ତି। ସେହିପରି ରାଜ୍ୟ ସରକାର ରାଜ୍ୟରେ ଷ୍ଟାର୍ଟଅପ୍ ପରିମଣ୍ଡଳର ଅଭିବୃଦ୍ଧି ଉପରେ ମଧ୍ୟ ଗୁରୁତ୍ୱ ଦେଉଥିବା ସମ୍ପର୍କରେ ମନ୍ତ୍ରୀ ବିସ୍ତୃତ ଆଲୋକପାତ କରିଛନ୍ତି। ରାଜ୍ୟରେ ଷ୍ଟାର୍ଟଅପ୍ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ୫ଟି ବୁଝାମଣାପତ୍ର ସମେତ ୭ଟି ଆଗ୍ରହ ପତ୍ର ମଧ୍ୟ ସ୍ୱାକ୍ଷରିତ ହୋଇଛି। ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ଦେବ ଓ ଅନ୍ୟ ଅତିଥିମାନଙ୍କ ଗହଣରେ ଷ୍ଟାର୍ଟଅପ୍‌କୁ ନେଇ ଗୋଟିଏ ଫଳାଫଳ ବିବରଣୀ ଏବଂ କଫି ଟେବୁଲ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ପରିଶେଷରେ ସଫଳତା ପାଇଥିବା ସଂସ୍ଥାଗୁଡ଼ିକୁ ଷ୍ଟାର୍ଟଅପ୍ ଯାତ୍ରା ପୁରସ୍କାର ପ୍ରଦାନ କରାଯାଇଥିଲା।

ଏହି ଉପଲକ୍ଷେ ବିଭିନ୍ନ ସଂସ୍ଥାର ମୁଖ୍ୟ କାର୍ଯ୍ୟନିର୍ବାହୀ ତଥା ପ୍ରମୁଖ ଶିଳ୍ପସଂସ୍ଥାର କାର୍ଯ୍ୟକର୍ତ୍ତାଙ୍କୁ ନେଇ ଆୟୋଜିତ 'ଷ୍ଟାର୍ଟଅପ୍ ଦୃଷ୍ଟାନ୍ତରେ ପରିବର୍ତ୍ତନ ଏବଂ ଭବିଷ୍ୟତ ମାର୍ଗ' ଶୀର୍ଷକ ବକ୍ତୃତାମାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ମନ୍ତ୍ରୀ ଦେବ ଅଂଶଗ୍ରହଣ କରିଥିଲେ। ଏମ୍‌ଏସ୍‌ଏମ୍‌ଇ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର କହିଥିଲେ, ଷ୍ଟାର୍ଟଅପ୍‌ଗୁଡ଼ିକ ଦ୍ୱାରା ନିଯୁକ୍ତି ସୁଯୋଗରେ ବ୍ୟାପକ ସମ୍ଭାବନା ରହିଛି। ସମାଜରେ ଦୈନନ୍ଦିନ ସମସ୍ୟାର ସମାଧାନ ମଧ୍ୟ ସମ୍ଭବ ହୋଇପାରୁଛି।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଅନ୍ୟ ମାନ୍ୟଗଣ୍ୟ ଅତିଥିମାନେ ଆଇପିଆର୍-୨୦୨୨କୁ ଉନ୍ମୋଚନ କରୁଛନ୍ତି।

## ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୨

# ଉନ୍ନତି ପଥରେ ଓଡ଼ିଶା

**ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍-୨୦୨୨ର ପ୍ରଥମ ଦିନର ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଦେଶର ପ୍ରମୁଖ ଶିଳ୍ପସଂସ୍ଥାର ମୁଖ୍ୟମାନେ ଉଭୟ ମେକ୍ ଇନ୍ ଓଡ଼ିଶା ଓ ଓଡ଼ିଶାରେ ଶିଳ୍ପର ବିଭିନ୍ନ ଦିଗ ଓ ଆବଶ୍ୟକତା ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଛନ୍ତି।**

### ଏଲ୍.ଏନ୍. ମିତ୍ତଲ (କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ, ଏଏମ୍‌ଏନ୍‌ଏସ୍)



ଓଡ଼ିଶାରେ ଶିଳ୍ପ ପାଇଁ ବ୍ୟାପକ ସୁଯୋଗ ରହିଛି। ସରକାର ମଧ୍ୟ ଶିଳ୍ପ ପାଇଁ ଶିଳ୍ପସଂସ୍ଥାଗୁଡ଼ିକ ବ୍ୟାପକ ସୁବିଧା ଓ ସହଯାଗ କରି ଆସୁଛନ୍ତି। ଆଗାମୀ ଦିନରେ କମ୍ପାନୀ ଓଡ଼ିଶାରେ ପୂର୍ବାପେକ୍ଷା ଅଧିକ ପୁଞ୍ଜି ନିବେଶ କରିବ ବୋଲି ଆର୍ସେଲର ମିତ୍ତଲ-ନିପ୍ପନ ଷ୍ଟିଲ୍ (ଏଏମ୍‌ଏନ୍‌ଏସ୍)ର ଅଧ୍ୟକ୍ଷ ଏଲ୍.ଏନ୍. ମିତ୍ତଲ ମତପ୍ରକାଶ କରିଛନ୍ତି। ସେହିଭଳି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାର ବିକାଶ ପୂର୍ବାପେକ୍ଷା ଅଧିକ ବୃଦ୍ଧି ହୋଇଥିବା ବେଳେ ସରକାର ମଧ୍ୟ କଳା, ସଂସ୍କୃତି ଓ ଶିଳ୍ପାୟନକୁ ଅଧିକ ବିକଶିତ କରୁଛନ୍ତି ବୋଲି ସେ କହିଛନ୍ତି।

### ଅନିଲ ଅଗ୍ରୱାଲ (ଅଧ୍ୟକ୍ଷ, ବେଦାନ୍ତ ଗ୍ରୁପ୍)



୨୦ ବର୍ଷ ତଳର ଓଡ଼ିଶା ଏବଂ ବର୍ତ୍ତମାନର ଓଡ଼ିଶା ମଧ୍ୟରେ ଅନେକ କିଛି ପରିବର୍ତ୍ତନ ଘଟିଛି। ବିଶେଷକରି ଓଡ଼ିଶା ସରକାରଙ୍କ ମନୋଭାବ ଓ ଏକ ବିକାଶଶୀଳ ରାଜ୍ୟ ଗଠନରେ ନବୀନ ପଟ୍ଟନାୟକଙ୍କର ଅନେକ ଭୂମିକା ରହିଛି। ସେହିଭଳି ବର୍ତ୍ତମାନ ଆଲୁମିନିୟମର ହବ୍ ଭାବେ ଓଡ଼ିଶା ପରିଗଣିତ ହେଉଥିବା ବେଳେ ଓଡ଼ିଶାରେ କାର୍ଯ୍ୟକ୍ଷେତ୍ର କରି ଆମେ ମଧ୍ୟ ନିଜକୁ ସୌଭାଗ୍ୟ ମନେକରୁଛୁ। ଏପରିକି ଓଡ଼ିଶା ସରକାର ଖାଲି ଶିଳ୍ପ ନୁହେଁ ସ୍ୱାସ୍ଥ୍ୟସେବା, ଶିକ୍ଷା, କଳା, ସଂସ୍କୃତି ଓ କ୍ରୀଡ଼ାରେ ମଧ୍ୟ ବେଶ୍ ଆଗକୁ ଯାଇପାରିଛି ଯାହା କେବଳ ନବୀନ ପଟ୍ଟନାୟକଙ୍କସରକାରଓସରକାରୀଅଧିକାରୀଙ୍କଯୋଗୁସମ୍ଭବହୋଇପାରିଛି।

### ସଜ୍ଜନ ଜିନ୍ଦଲ (ଏମ୍‌ଡି, ଜେଏସ୍‌ଡବ୍ଲ୍ୟୁ)



ବିଗତ କିଛି ବର୍ଷ ମଧ୍ୟରେ ଓଡିଶାର କଳା, ସଂସ୍କୃତି, କ୍ରୀଡା ଓ ଶିଳ୍ପ ଏପରିକି ଅନେକ କ୍ଷେତ୍ରରେ ପରିବର୍ତ୍ତନ ସାଙ୍ଗକୁ ବିକଶିତ ମଧ୍ୟ ହୋଇଚାଲିଛି। ଏପରିକି ରାଜ୍ୟର ବିକାଶ ପାଇଁ ସରକାର ଅହରାତ୍ର କାର୍ଯ୍ୟ କରୁଥିବା ଜଣାପଡିଛି। କାରଣ ବିଗତ ୨୦ବର୍ଷ ତଳର ଓଡିଶାର ପରିବେଶ ଓ ବ୍ୟବସ୍ଥା ଆଉ ବର୍ତ୍ତମାନର ବ୍ୟବସ୍ଥା ଓ ମାନସିକତା ମଧ୍ୟରେ ଅନେକ କିଛି ପରିବର୍ତ୍ତନ ହୋଇଛି। ଫଳରେ ରାଜ୍ୟରେ ଶିଳ୍ପ ସଂସ୍ଥାଗୁଡିକର ସଂଖ୍ୟା ବୃଦ୍ଧି ପାଉଛି, ସରକାର ମଧ୍ୟ ଭିତ୍ତିଭୂମି ଓ ପରିବହନ କ୍ଷେତ୍ର ଉପରେ ଅଧିକରୁ ଅଧିକ କାର୍ଯ୍ୟ କରିବା ଆବଶ୍ୟକ ବୋଲି ଜେଏସଡବ୍ଲୁର ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ ମତ ପ୍ରକାଶ କରିଛନ୍ତି।

### ନବୀନ ଜିନ୍ଦଲ (ଅଧ୍ୟକ୍ଷ, ଜେଏସ୍‌ପିଏଲ୍)



ଓଡିଶା ମୋର କର୍ମକ୍ଷେତ୍ର ହୋଇଥିବାରୁ ଓଡିଶାର ପ୍ରତିଟି କାର୍ଯ୍ୟକ୍ରମରେ ମୋର ସହଯୋଗ ଓ ଯୋଗଦାନ ରହିଆସିଛି। ଓଡିଶା ସରକାର ମଧ୍ୟ ଶିଳ୍ପସଂସ୍ଥାଗୁଡିକ ପାଇଁ ଅନେକ ଗୁଡିଏ କାର୍ଯ୍ୟକ୍ରମ ସାଙ୍ଗକୁ ବହୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ମଧ୍ୟ ଗ୍ରହଣ କରିଛନ୍ତି। ବିଗତ କିଛି ବର୍ଷ ମଧ୍ୟରେ ଓଡିଶାର ଭୌଗୋଳିକ ଚିତ୍ରରେ ମଧ୍ୟ ଅନେକ ପରିବର୍ତ୍ତନ ଘଟିଛି। ମନ୍ଦିରମାଳନୀ ଓଡିଶା ଆଜି ଶିଳ୍ପ ସାଙ୍ଗକୁ ଶିକ୍ଷା, କଳା, କ୍ରୀଡା ଓ ସଂସ୍କୃତିର ବିକାଶ କରିବା ସହ ଦେଶର ପ୍ରମୁଖ ଭୂମିକା ଗ୍ରହଣ କରିଛି। ସେହିପରି ଅଭିବୃଦ୍ଧି କ୍ଷେତ୍ରରେ ମଧ୍ୟ ଓଡିଶା ଦେଶର ପ୍ରମୁଖ ରାଜ୍ୟ ମଧ୍ୟରେ ଗଣିତ ହେଉଛି ବୋଲି ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ (ଜେଏସପିଏଲ)ର ଅଧ୍ୟକ୍ଷ ନବୀନ ଜିନ୍ଦଲ ମତ ପ୍ରକାଶ କରିଛନ୍ତି।

### ଟି.ଭି. ନରେନ୍ଦ୍ରନ (ଟାଟା ଷ୍ଟିଲ୍, ଏମଡି)



ମେକ୍ ଇନ୍ ଓଡ଼ିଶାର ୩ୟ ସଂସ୍କରଣରେ ଅଂଶ ଗ୍ରହଣ କରି ଆମେ ବହୁତ ଖୁସି ଅଛୁ। ରାଜ୍ୟରେ ବିକାଶ ସାଙ୍ଗକୁ ଭାଗୀଦାରି ହୋଇ କାର୍ଯ୍ୟ କରୁଛୁ। ଆଗାମୀ ଦିନରେ ମଧ୍ୟରେ ପୁଞ୍ଜି ନିବେଶ କରାଯିବ। ଶିଳ୍ପର ବିକାଶ ପାଇଁ ସରକାର ଅନେକ ଯୋଜନା ଓ ପଦକ୍ଷେପ ଗ୍ରହଣ କରିଛନ୍ତି। ଆଗାମୀ ଦିନରେ ସରକାର ଭିତ୍ତିଭୂମି ଉପରେ କାର୍ଯ୍ୟ କରିବା ସହ ପରିବହନ କ୍ଷେତ୍ରକୁ ଅଧିକ ବିସ୍ତାର କରିବାକୁ ପ୍ରୟାସ କରିବେ ବୋଲି ଟାଟା ଷ୍ଟିଲ୍‌ର ଏମ୍‌ଡି ଟି.ଭି. ନରେନ୍ଦ୍ରନ ମତପ୍ରକାଶ କରିଛନ୍ତି।

### ଶୁଭ୍ରକାନ୍ତ ପଣ୍ଡା (ସଭାପତି, ଫିକି ଇଣ୍ଡିଆ)



ମେକ୍ ଇନ୍ ଓଡ଼ିଶାର ୩ୟ ସଂସ୍କରଣର ସହଭାଗୀ ହୋଇ ଫିକି ଇଣ୍ଡିଆ ଗର୍ବ ଅନୁଭବ କରୁଛି। ଆଗାମୀ ଦିନରେ ମଧ୍ୟ ସରକାରଙ୍କ ସହ ମିଶି ଫିକି କାର୍ଯ୍ୟ କରିବ। ସେହିଭଳି ରାଜର ବିକାଶ ପାଇଁ ଫିକି ପ୍ରତିନିଧି ଓ ଫିକି ସହ ଜଡିତ ଶିଳ୍ପସଂସ୍ଥାଗୁଡିକ ମଧ୍ୟ ଆବଶ୍ୟକ ସହଯୋଗ ଓ ବିକାଶରେ ଭାଗୀଦାରି ହେବା ପାଇଁ ମଧ୍ୟ ଆଗ୍ରହୀ ଅଛନ୍ତି। ସେହିପରି ଓଡ଼ିଶାରେ ମଧ୍ୟ ମୋ ନେତୃତ୍ୱରେ ଇମ୍ପା କାର୍ଯ୍ୟ କରୁଥିବା ବେଳେ ସରକାରଙ୍କ ସହ ମିଳିତ ଭାବେ ଅନେକ କାର୍ଯ୍ୟ କରୁଥିବା ଫିକି ଇଣ୍ଡିଆ ଅଧ୍ୟକ୍ଷ ଶୁଭ୍ରକାନ୍ତ ପଣ୍ଡା ମତବ୍ୟକ୍ତ କରିଛନ୍ତି।



କାନାଡ଼ା ବିପକ୍ଷରେ ବିଜୟ ଖୁସିରେ ଉଲ୍ଲସିତ ମରକ୍କୋ ଖେଳାଳି।

# ବେଲଜିୟମ, ଜର୍ମାନୀ ବିଦା

## ରାଉଣ୍ଡ ଅଫ୍ ୧୬ରେ ମରକ୍କୋ, କ୍ରୋଏସିଆ, ସ୍ପେନ, ଜାପାନ

**ଦୋହା, ୧।୧୨**

ଗତ ସଂସ୍କରଣର ବ୍ରୋଞ୍ଜ ପଦକ ବିଜେତା ବେଲ୍‌ଜିୟମ ଚଳିତ ଫିଫା ବିଶ୍ୱକପର ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଛି। ଅଲ୍ ରାୟନ ଷ୍ଟାଡିୟମରେ ଗୁରୁବାର କ୍ରୋଏସିଆ ବିପକ୍ଷ ଗ୍ରୁପ୍ 'ଏଫ୍' ମ୍ୟାଚକୁ ଏହି ଦଳ ଗୋଲଶୂନ୍ୟ ଡ୍ର ରଖିବାରୁ ଏହି ଫଳ ପାଇଛି। ନକ୍‌ଆଉଟ ପ୍ରବେଶ ପାଇଁ ବେଲଜିୟମକୁ ଏହି ମ୍ୟାଚ ଜିତିବା ନିହାତି ଆବଶ୍ୟକ ଥିଲା। ମାତ୍ର ଗତଥରର ରନରଅପ୍ କ୍ରୋଏସିଆ ତାହା ହେବାକୁ ଦେଇନାହିଁ। ଅଲ ଥୁମାମା ଷ୍ଟାଡିୟମରେ ଅନୁଷ୍ଠିତ ଏହି ଗ୍ରୁପ୍‌ର ଅନ୍ୟ ଏକ ମ୍ୟାଚରେ ମରକ୍କୋ ୨-୧ ଗୋଲରେ କାନାଡ଼ାକୁ ପରାସ୍ତ କରିଛି। ଫଳରେ ୩ ମ୍ୟାଚରୁ ୭ ପଏଣ୍ଟ ସହିତ ଗ୍ରୁପ୍ ଟପ୍ପରଭାବେ ମରକ୍କୋ ଏବଂ ୬ ପଏଣ୍ଟ ସହ ଦ୍ୱିତୀୟ ଦଳଭାବେ କ୍ରୋଏସିଆ ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଛି। ବେଲଜିୟମ ୪ ଓ କାନାଡ଼ା କୌଣସି ପଏଣ୍ଟ ନ ପାଇ ବିଦାୟ ପଥ ଦେଖିଛି। ମରକ୍କୋ ପକ୍ଷରୁ ହାକିମ ଜିୟେଚ ୪ର୍ଥ ଓ ୟୁସେଫ ଏନ୍-ନେସ୍ୟାରି ୨୩ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ୪୦ତମ ମିନିଟରେ ନାୟେଫ ଆଗୁଏରୋ ଏକ ଆତ୍ମଘାତୀ ଗୋଲ ସ୍କୋର କରିଥିଲେ। ମରକ୍କୋ ଏହାର ପ୍ରଥମ ମ୍ୟାଚକୁ କ୍ରୋଏସିଆ ବିପକ୍ଷରେ ଗୋଲଶୂନ୍ୟ ଡ୍ର ରଖି ଅଭିଯାନ ଆରମ୍ଭ କରିଥିଲା। ଦ୍ୱିତୀୟ ମ୍ୟାଚରେ ବେଲଜିୟମକୁ ୨-୦ ଗୋଲରେ ହରାଇ ଉଲ୍ଲେଖନୀୟ ସଫଳତା ପାଇଥିବାବେଳେ ତୃତୀୟ ମ୍ୟାଚରେ କାନାଡ଼ାକୁ ମାତ୍ ଦେଇ ପରବର୍ତ୍ତୀ ପର୍ଯ୍ୟାୟରେ ପହଞ୍ଚିଛି।

୧୯୫୪ ବିଶ୍ୱକପ ପର୍ଯ୍ୟନ୍ତ ଫ୍ରାନ୍ସର ଅଂଶବିଶେଷ ଥିବା ମରକ୍କୋ ଏହାକୁ ମିଶାଇ ଦ୍ୱିତୀୟ ଥରପାଇଁ ନକ୍‌ଆଉଟରେ ପ୍ରବେଶ କରିଛି। ପୂର୍ବରୁ କେବଳ ଥରେ ଏହିଦଳ ୧୯୮୬ରେ ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଥିଲା। ୧୯୭୦, ୧୯୯୪, ୧୯୯୮ ଓ ୨୦୧୮ରେ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିଲା। ସେହିପରି ୧୯୯୦ ପର୍ଯ୍ୟନ୍ତ ୟୁଗୋସ୍ଲୋଭିଆର ଅଂଶବିଶେଷଥିବା କ୍ରୋଏସିଆ ୨୦୧୮ରେ ଅନୁଷ୍ଠିତ ଗତ ସଂସ୍କରଣରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରି ରନରଅପ୍ ହୋଇଥିଲା। ଫାଇନାଲରେ ଫ୍ରାନ୍ସଠାରୁ ହାରି ଯାଇଥିଲା। ୨୦୧୮ ବିଶ୍ୱକପରେ ବେଲଜିୟମ ତୃତୀୟ ସ୍ଥାନ ଅଧିକାର କରିଥିଲା। ଫିଫା ବିଶ୍ୱକପରେ ଏହାଥିଲା ଦଳର ସର୍ବଶ୍ରେଷ୍ଠ ପ୍ରଦର୍ଶନ। ୧୯୮୬ରେ ଦ୍ୱିତୀୟ ଶ୍ରେଷ୍ଠ ଭାବେ ଚତୁର୍ଥସ୍ଥାନରେ ରହିଥିଲା।

ଚଳିତ ଫୁଟ୍‌ବଲ ବିଶ୍ୱକପ୍‌ର ଗ୍ରୁପ୍ ଇ'ରୁ ଜାପାନ ଓ ସ୍ପେନ୍ ନକ୍ ଆଉଟ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ପ୍ରିକ୍ୱାର୍ଟରରେ ଜାପାନ ସୋମବାର କ୍ରୋଏସିଆକୁ ଭେଟିବାକୁ ଥିବା ବେଳେ ସ୍ପେନ୍ ମଙ୍ଗଳବାର ମରକ୍କୋ ସହ ମୁକାବିଲା କରିବ।

ଅଲ୍ ବାୟଟ୍ ଷ୍ଟାଡିୟମରେ ଜର୍ମାନୀ ୪-୨ ଗୋଲ୍‌ରେ କୋଷ୍ଟାରିକାକୁ ପରାସ୍ତ କରିଛି। ହେଲେ ଏହି ବିଜୟ ନକ୍ ଆଉଟ ପର୍ଯ୍ୟାୟକୁ ଉନ୍ନୀତ ହେଲା ଲାଗି ଯଥେଷ୍ଟ ହୋଇ ନ ଥିଲା। ଜର୍ମାନୀ ପ୍ରଥମାର୍ଦ୍ଧ ସୁଦ୍ଧା ୧-୦ଗୋଲରେ ଅଗ୍ରଣୀ ରହିଥିଲା। ୧୦ମ ମିନିଟ୍‌ରେ ଦଳ ତରଫରୁ ସର୍ଜ ଗ୍ନାବ୍ରାଏ ହେଡର ଜରିଆରେ ଏହି ଗୋଲ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ୫୮ତମ ମିନିଟ୍‌ରେ ୟେଲ୍‌ତସିନ ତେଜେଦାଙ୍କ ଗୋଲ ଯୋଗୁ କୋଷ୍ଟାରିକା ମ୍ୟାଚକୁ ବରାବର ସ୍ଥିତିକୁ ନେଇ ଆସିଥିଲା। ପରେ ଜୁଆନ ପାବ୍‌ଲୋ ଭର୍ଗାସ ୭୦ତମ ମିନିଟ୍‌ରେ ଗୋଲ ଦେଇ କୋଷ୍ଟାରିକାକୁ ୨-୧ରେ ଆଗୁଆ କରିଥିଲେ। ହେଲେ ଜର୍ମାନୀର କାଇ ହଭେର୍ଜ ୭୩ ଓ ୮୫ତମ ମିନିଟ୍‌ରେ ଦୁଇଟି ଗୋଲ କରି ମ୍ୟାଚକୁ ତାଙ୍କ ସପକ୍ଷକୁ ନେଇ ଆସିଥିଲେ। ନିକ୍ଲାସ ଫଲ୍‌କ୍ରଗ୍ (୮୯ତମ)ଙ୍କ ଗୋଲ୍ ଜର୍ମାନୀକୁ ୪-୨ରେ ବିଜୟୀ କରାଇଥିଲା। ଜର୍ମାନୀ-କୋଷ୍ଟାରିକା ମ୍ୟାଚ ପାଇଁ ସମସ୍ତ ମହିଳା ରେଫରିଙ୍କୁ ନିଯୁକ୍ତ କରି ଫିଫା ଐତିହାସିକ ନିଷ୍ପତ୍ତି ନେଇଥିଲା। ପ୍ରଥମଥର ପାଇଁ ଜଣେ ମହିଳା ରେଫରି ମ୍ୟାଚ ପରିଚାଳନା କରିଥିଲେ।

ଖଲିଫା ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଗ୍ରୁପ୍ ଇ'ରେ ସ୍ପେନ ବିପକ୍ଷରେ ୨-୧ଗୋଲ୍‌ରେ ବିଜୟ ହାସଲ କରି ଜାପାନ ନକ୍‌ଆଉଟକୁ ଉନ୍ନୀତ ହୋଇଛି। ଅଲ୍‌ଭାରୋ ମୋରାଟା ୧୧ତମ ମିନିଟ୍‌ରେ ଗୋଲ୍ ଦେଇ ସ୍ପେନକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟାର୍ଦ୍ଧରେ ଖେଳର ୪୮ତମ ମିନିଟ୍‌ରେ ଜାପାନର ରିତ୍‌ସୁ ଡୋଆନଙ୍କ ଗୋଲ୍ ମ୍ୟାଚକୁ ୧-୧ ଡ୍ରକୁ ନେଇ ଆସିଥିଲା। ଏହାର ୩ ମିନିଟ୍ ପରେ ଆଓ ଟାନାକାଙ୍କ ଜରିଆରେ ଆଉ ଏକ ଗୋଲ ସ୍କୋର କରି ଜାପାନ ୨-୧ରେ ବିଜୟୀ ହୋଇଥିଲା।

### ଫିଫା ବିଶ୍ୱକପ

**(ଆଜିର ମ୍ୟାଚ)**

**ଘାନା ବନାମ ଉରୁଗୁଏ**
ସ୍ଥାନ: ଅଲ ଜନୌବ ଷ୍ଟାଡିୟମ
ସମୟ: ରାତି ୮.୩୦

**ଦକ୍ଷିଣ କୋରିଆ ବନାମ ପର୍ତ୍ତୁଗାଲ**
ସ୍ଥାନ: ଏଜୁକେଶନ ସିଟି ଷ୍ଟାଡିୟମ
ସମୟ: ରାତି ୮.୩୦

**ସର୍ବିଆ ବନାମ ସୁଇଜରଲାଣ୍ଡ**
ସ୍ଥାନ: ରସ ଆବୁ ଅବୌଦ ଷ୍ଟାଡିୟମ
ସମୟ: ରାତି ୧୨.୩୦

**କାମେରୁନ୍ ବନାମ ବ୍ରାଜିଲ**
ସ୍ଥାନ: ଲୁସେଲ୍ ଷ୍ଟାଡିୟମ
ସମୟ: ରାତି ୧୨.୩୦

# ପରୀକ୍ଷାନିରୀକ୍ଷା ସଫଳ ହୋଇଛି



ବୁରୁଚାଗା

ଓ୍ୱେଲ୍ ଡନ୍ ସ୍କାଲୋନି। ପୋଲାଣ୍ଡ ବିପକ୍ଷରେ ଆର୍ଜେଣ୍ଟିନାର ବିଜୟରେ କୋଚ୍‌ଙ୍କୁ ଶ୍ରେୟ ଦେବାକୁ ପଡ଼ିବ। ଆର୍ଜେଣ୍ଟିନା ଜାତୀୟ ଦଳ ପୁଣି ପ୍ରମାଣିତ କଲା ଯେ, ଏକ ଭଲ ଦଳ ଭାବେ ସେମାନେ ବିଶ୍ୱକପ ଯୋଗ୍ୟତା ପାଇଛନ୍ତି ଏବଂ ଟୁର୍ନାମେଣ୍ଟ ଜିତିବା ପାଇଁ ସେମାନେ ଅନ୍ୟତମ ଟାଇଟଲ ଫେଭରାଇଟ। ସାଉଦି ଆରବ ନିକଟରୁ ପରାଜୟ ପରେ ପରବର୍ତ୍ତୀ ୨ ମ୍ୟାଚରେ ପରୀକ୍ଷାନିରୀକ୍ଷା ସଫଳ ହୋଇଛି। କେବଳ ସେତିକି ନୁହେଁ ଗ୍ରୁପ୍ ପର୍ଯ୍ୟାୟର ଶେଷ ମ୍ୟାଚ ଦେଖାଇଦେଲା ଯେ ଏହାର ରିଜର୍ଭ ବେଞ୍ଚ୍ ମଧ୍ୟ ବେଶ୍ ଦୃଢ଼। ପୋଲାଣ୍ଡ ବିପକ୍ଷ ମ୍ୟାଚରେ ଆର୍ଜେଣ୍ଟିନା ଆରମ୍ଭରୁ ପ୍ରାଧାନ୍ୟ ବିସ୍ତାର କରିଥିଲା। କୌଣସି ପ୍ରକାରେ ଗୋଟିଏ ପଏଣ୍ଟ ପାଇବା ପାଇଁ ପୋଲାଣ୍ଡ ଡିଫେନ୍ସିଭ ଗେମ୍ ଖେଳିଥିଲା। ଏହା ଏକ ବଡ଼ ଭୁଲ। ସ୍କାଲୋନିଙ୍କ ପରି କୋଚ୍ ଦୃଢ଼ ନିଷ୍ପତ୍ତି ନେଇଥାନ୍ତି ଏବଂ ମ୍ୟାଚ ପରେ ଦଳର ପ୍ରଦର୍ଶନ କିପରି ଉନ୍ନତ ହୋଇପାରିବ ତା' ଉପରେ ଧ୍ୟାନ ଦେଇଥାନ୍ତି।

ପ୍ରଥମାର୍ଦ୍ଧରେ ଆର୍ଜେଣ୍ଟିନା ଅନେକ ସ୍କୋରିଂ ପରିସ୍ଥିତି ସୃଷ୍ଟି କରିଥିଲା। ମାତ୍ର ସିଜେସ୍ନି ଗୋଲ ହେବାକୁ ଦେଇ ନ ଥିଲେ। ତାଙ୍କ ପ୍ରଦର୍ଶନ ଚମତ୍କାର ଥିଲା। ୩୬ତମ ମିନିଟରେ ଲିଓନେଲ ମେସିଙ୍କ ପେନାଲ୍ଟି ଶଟ୍‌କୁ ମଧ୍ୟ ସେ ରୋକି ଦେଇଥିଲେ। ମାତ୍ର ଦ୍ୱିତୀୟାର୍ଦ୍ଧରେ ଆର୍ଜେଣ୍ଟିନା ପକ୍ଷରୁ ପକାଯାଇଥିବା ଚାପକୁ ସେ ସମ୍ଭାଳିପାରି ନ ଥିଲେ ଏବଂ ଗୋଲ ବରଣ କଲେ। ଦ୍ୱିତୀୟାର୍ଦ୍ଧରେ ମ୍ୟାକ୍ ଆଲିଷ୍ଟରଙ୍କ ପ୍ରଥମ ଗୋଲ ଆର୍ଜେଣ୍ଟିନାକୁ ଆଶ୍ୱସ୍ତ କରିଥିଲା। ଜୁଲିଆନ ଆଲଭାରେଜଙ୍କ ଦ୍ୱିତୀୟ ଗୋଲ ଦଳର ବିଜୟକୁ ନିଶ୍ଚିତ କରି ଦେଇଥିଲା। ପୂରା ଗେମ୍‌ରେ ଆଧିପତ୍ୟ ବିସ୍ତାର କରି ଖେଳିଥିବା ଆର୍ଜେଣ୍ଟିନା ଅଧିକ ଗୋଲ ଦେଇ ପାରିଥାନ୍ତା, ମାତ୍ର ୨ଟି ଗୋଲ ପରେ ମେସିଙ୍କ ଦଳ ନିଜକୁ ସହଜ ମଣିଥିଲେ। ମେସି କଠିନ ପରିଶ୍ରମ କରୁଛନ୍ତି, ମାତ୍ର ନିଜର ଶ୍ରେଷ୍ଠ ପ୍ରଦର୍ଶନ ଦେଇପାରୁ ନାହାନ୍ତି।

୧୯୮୬ ବିଶ୍ୱକପ୍ କଥା ମୋର ମନେ ପଡୁଛି। ନିଜ ଅଭିଜ୍ଞତାରୁ ଏତିକି କହିପାରିବି ଯେ, ପ୍ରଥମରୁ ଶେଷ ପର୍ଯ୍ୟନ୍ତ ଆର୍ଜେଣ୍ଟିନା କେବେ ଫେଭରାଇଟ ନ ଥିଲା। ପ୍ରଥମ ଗେମ୍ ଜିତିବା ପରେ ଇଟାଲୀ ସହିତ ମ୍ୟାଚ ଡ୍ର ରଖିଥିଲୁ ଏବଂ ପରେ ବୁଲ୍‌ଗେରିଆକୁ ହରାଇ ଗ୍ରୁପ୍‌ରେ ଶୀର୍ଷସ୍ଥାନ ଅଧିକାର କରିଥିଲୁ। ଏହା ଦଳକୁ ବଡ଼ ପ୍ରେରଣା ଦେଇଥିଲା। ଫଳରେ ଚିର ପ୍ରତିଦ୍ୱନ୍ଦ୍ୱୀ ଉରୁଗୁଏକୁ ଆମେ ସହଜରେ ହରାଇ କ୍ୱାର୍ଟର ଫାଇନାଲରେ ଇଂଲଣ୍ଡକୁ ଭେଟିଥିଲୁ। ପ୍ରତ୍ୟେକ ଗେମ୍ ଏବେ ମଧ୍ୟ ମନରେ ତାଜା ରହିଛି। ୭ ଗେମ୍ ବିଶିଷ୍ଟ ଶର୍ଟ ଟୁର୍ନାମେଣ୍ଟରେ ବିଜୟ ହିଁ ଆତ୍ମବିଶ୍ୱାସ ଦେଇଥାଏ ଏବଂ ଫାଇନାଲରେ ପହଞ୍ଚାଇଥାଏ ଆଉ ଚାମ୍ପିୟନ ମଧ୍ୟ କରାଇଥାଏ। ଆର୍ଜେଣ୍ଟିନା ଏକ ଫେଭରାଇଟ ଦଳଭାବେ କାତାରରେ ପହଞ୍ଚିଥିଲା। ମାତ୍ର ପ୍ରଥମ ଗେମ୍ ହାରିବା ପରେ ମନୋବଳ ହରାଇଥିଲା। କ୍ରମେ ଖେଳାଳିମାନେ ସେଥିରୁ ଉଧୁରୁଛନ୍ତି ଏବଂ ନିଜ ନିଜର ଶ୍ରେଷ୍ଠ ପ୍ରଦର୍ଶନ ପାଖାପାଖି ପହଞ୍ଚି ଯାଇଛନ୍ତି। ଏବେ ଦଳ ଟୁର୍ନାମେଣ୍ଟ ଜିତିପାରିବ ବୋଲି ଆର୍ଜେଣ୍ଟିନା ଲୋକମାନେ ଅନୁଭବ କରୁଛନ୍ତି।

କିଛି ପରାମର୍ଶ ଦେବାକୁ ଚାହୁଁନାହିଁ। ସେମାନେ ସମସ୍ତେ ଅଭିଜ୍ଞ। ମେସିଙ୍କ ନେତୃତ୍ୱରେ ଏହା ଏକ ଶ୍ରେଷ୍ଠ ଦଳ ହୋଇଥିବାରୁ ନିଜକୁ ପ୍ରମାଣିତ କରିବା ସମୟ ଆସିଛି। ଫୁଟବଲରେ ସବୁକିଛି ସମ୍ଭବ ଥିବାରୁ ପରିସ୍ଥିତିକୁ କିପରି ମୁକାବିଲା କରାଯିବ ତା' ଉପରେ ଅନେକ କିଛି ନିର୍ଭର କରିବ। ସେମାନେ ଚାମ୍ପିୟନ ହେବାର ଦକ୍ଷତା ରଖିଛନ୍ତି।

(ଟିଭାକ୍ ସ୍ପୋର୍ଟ୍ସ)



ବେଲଜିୟମର ଆକ୍ସେଲ ୱିସେଲ ଓ କ୍ରୋଏସିଆର ଲୁକା ମୋଡ୍ରିକଙ୍କ ମଧ୍ୟରେ ବଲ୍ ପାଇଁ ସଂଘର୍ଷ।

## ଇରାନ ଦଳକୁ ଉଦ୍ଦୀପନା ବିହୀନ ସ୍ୱାଗତ

**ବାଗଦାଦ, ୧।୧୨, (ପି.ଟି.):** କାତାର ବିଶ୍ୱକପରୁ ବିଦାୟ ନେଇ ଦେଶକୁ ଫେରିଥିବା ଇରାନକୁ ମିଳିଛି ଉଦ୍ଦୀପନା ବିହୀନ ସ୍ୱାଗତ। ଆମେରିକା ନିକଟରୁ ଅନ୍ତିମ ଗ୍ରୁପ ପର୍ଯ୍ୟାୟ ମ୍ୟାଚରେ ପରାଜୟ ପରେ ବୁଧବାର ଖେଳାଳି ମାନେ ଦେଶକୁ ଫେରିଥିବା ବେଳେ ତେହେରାନ ବିମାନ ବନ୍ଦରରେ ସ୍ୱାଗତ ପାଇଁ ମାତ୍ର ଅଳ୍ପକିଛି ସମର୍ଥକ ଉପସ୍ଥିତ ଥିଲେ। ବିଶ୍ୱକପରେ ଜାତୀୟ ସଙ୍ଗୀତ ଗାନ ନ କରିବାକୁ ନେଇ ଇରାନ ଦଳ ଚର୍ଚ୍ଚାରେ ରହିଥିଲା। ଏପରିକି ଜାତୀୟ ଦଳର ପରାଜୟ ପରେ କୁର୍ଦ୍ଦିସ୍ତାନ ପ୍ରଦେଶରେ ଏହାର ଉତ୍ସବ ମନାଉଥିଲେ। ଇରାନ ଓ ଆମେରିକା ମଧ୍ୟରେ ରାଜନୈତିକ ବିବାଦ ଜାରି ରହିଥିବା ବେଳେ ଇରାନ ସରକାର ବିରୋଧୀ ମାନେ ଆତସବାଜି ପ୍ରଦର୍ଶନ ସହିତ ଜାତୀୟ ଦଳର ପରାଜୟକୁ ସେଲିବ୍ରେଟ କରିଥିଲେ। ସେହିପରି ଜାତୀୟ ସଙ୍ଗୀତ ବର୍ଜନକୁ ନେଇ ମଧ୍ୟ ଖେଳାଳିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ସମ୍ଭାବନା ରହିଛି। ଦଳ ତଥା ବ୍ୟକ୍ତିଗତ ପ୍ରଦର୍ଶନକୁ ନେଇ ଖୁସି ନଥିବା ପ୍ରକାଶ କରିଥିଲେ ଷ୍ଟ୍ରାଇକର ସର୍ଦ୍ଦାର ଅଜମୌନ୍। ଇରାନ ଦଳ ଏଥର ଗ୍ରୁପ୍ ପର୍ଯ୍ୟାୟ ଅତିକ୍ରମ କରିବାରେ ସଫଳ ହୋଇନାହିଁ।

## ପ୍ରତିବାଦ କଲା ଫ୍ରାନ୍ସ

**ଅଲ ରାୟାନ, ୧।୧୨ (ପି.ଟି.):** ଟ୍ୟୁନିସିଆ ବିପକ୍ଷ ମ୍ୟାଚରେ ପରାଜୟ ପରେ ନାକଚ ହୋଇଥିବା ଗୋଲର ପ୍ରତିବାଦ କରିଛି ଫ୍ରେଞ୍ଚ ସକର ଫେଡେରେଶନ୍। ଷ୍ଟପେଜ ଟାଇମର ଅନ୍ତିମ ମିନିଟରେ ଆଣ୍ଟୋନିଓ ଗ୍ରିଜମ୍ୟାନ ଏକ ଗୋଲ ସ୍କୋର କରିଥିଲେ। ତେବେ ଭିଡିଓ ରେଫରାଲ ପରେ ରେଫରି ଏହାକୁ ଅଫ୍‌ସାଇଡ ଘୋଷଣା କରିଥିଲେ। ଏଜୁକେଶନ୍ ସିଟି ଷ୍ଟାଡିୟମରେ ବୁଧବାର ଗ୍ରିଜମ୍ୟାନ ଗୋଲ ଦେବା ସମୟରେ ଅଫ୍‌ସାଇଡ ପୋଜିଶନରେ ଥିବା ଜଣାପଡିଥିଲା। ରେଫରି ମାଥ୍ୟୁ କଙ୍ଗର ଭିଡିଓ ଦେଖିବା ପରେ ଏହି ନିଷ୍ପତ୍ତି ନେଇଥିଲେ। ତେବେ ଫ୍ରେଞ୍ଚ ସକର ଫେଡେରେଶନ ଗୁରୁବାର ଏହା ବିରୋଧରେ ଅପିଲ୍ କରିଥିଲା। ଟ୍ୟୁନିସିଆ ଡିଫେଣ୍ଡରଙ୍କ ଦେହରେ ବଲ ବାଜିବା ବେଳେ ଏହା ଅନ୍‌ସାଇଡ ଥିଲା ବୋଲି ଅପିଲରେ ଉଲ୍ଲେଖ କରାଯାଇଛି। ୨୦୧୪ ପରେ ବିଶ୍ୱକପ୍‌ରେ ଏହା ଫ୍ରାନ୍ସର ପ୍ରଥମ ପରାଜୟ। ଅପିଲର ୨୪ ଘଣ୍ଟା ମଧ୍ୟରେ ଫିଫା ପକ୍ଷରୁ ଏହି ଅପିଲର ଉତ୍ତର ରଖାଯିବ।

## ଉପନିବେଶବାଦ ଉପରେ ଆରବ ଦୁନିଆର ବିଜୟ

**ଦୋହା, ୧।୧୨, (ପି.ଟି.):** ଡିଫେଣ୍ଡିଂ ଚାମ୍ପିୟନ୍ ଫ୍ରାନ୍ସକୁ ବୁଧବାର ଟ୍ୟୁନିସିଆ ପରାସ୍ତ କରିଥିଲା। ଟ୍ୟୁନିସିଆର ଏହି ବିଜୟକୁ ୭୫ ବର୍ଷର ଫରାସୀ ଉପନିବେଶବାଦ ଉପରେ ଆରବରାଷ୍ଟ୍ରସମୂହର ବିଜୟ ବୋଲି ଅଭିହିତ କରିଛନ୍ତି ଦୁବାଇର ଶାସକ ଶେଖ୍ ମହମ୍ମଦ ବିନ୍ ରଶିଦ୍। ବିଶ୍ୱ ମାନ୍ୟତାରେ ୩୦ ନମ୍ବର ସ୍ଥାନରେ ଥିବା ଟ୍ୟୁନିସିଆ ପାଇଁ ସମଗ୍ର ଆରବ ଦୁନିଆ ଗର୍ବିତ। ଏହା ସର୍ବଦା ବିଶ୍ୱକପରେ ଏକ ସ୍ୱତନ୍ତ୍ର ଇତିହାସରେ ସ୍ଥାନ ପାଇବ ବୋଲି ସେ ନିଜ ଟ୍ୱିଟର ଆକାଉଣ୍ଟରେ ଲେଖିଛନ୍ତି। ଆମେ ବିଶ୍ୱ ଚାମ୍ପିୟନ ଦଳକୁ ପରାସ୍ତ କରିଛେ। ତେଣୁ ପରବର୍ତ୍ତୀ ରାଉଣ୍ଡକୁ ଯାଇ ନ ପାରିଲେ ମଧ୍ୟ ଦୁଃଖିତ ହେବାର କୌଣସି କାରଣ ନାହିଁ ବୋଲି ସେ ଲେଖିଥିଲେ।

## ପଏଣ୍ଟ ଟେବୁଲ

| ଟିମ୍ | ଖେଳିଛି | ବିଜୟ | ଡ୍ର | ପରାଜୟ | ସ.ଗୋଲ | ବି.ଗୋଲ | ପଏଣ୍ଟ |
|---|---|---|---|---|---|---|---|
| **ଗ୍ରୁପ୍ 'ଏ'** | | | | | | | |
| ନେଦରଲାଣ୍ଡ୍ସ | ୩ | ୨ | ୧ | ୦ | ୫ | ୧ | ୭ |
| ସେନେଗାଲ | ୩ | ୨ | ୦ | ୧ | ୫ | ୪ | ୬ |
| ଇକ୍ୱେଡର | ୩ | ୧ | ୧ | ୧ | ୪ | ୩ | ୪ |
| କାତାର | ୩ | ୦ | ୦ | ୩ | ୧ | ୭ | ୦ |
| **ଗ୍ରୁପ୍ 'ବି'** | | | | | | | |
| ଇଂଲଣ୍ଡ | ୩ | ୨ | ୧ | ୦ | ୯ | ୨ | ୭ |
| ଆମେରିକା | ୩ | ୧ | ୨ | ୦ | ୨ | ୧ | ୫ |
| ଇରାନ | ୩ | ୧ | ୦ | ୨ | ୪ | ୭ | ୩ |
| ୱେଲ୍ସ | ୩ | ୦ | ୧ | ୨ | ୧ | ୬ | ୧ |
| **ଗ୍ରୁପ୍ 'ସି'** | | | | | | | |
| ଆର୍ଜେଣ୍ଟିନା | ୩ | ୨ | ୦ | ୧ | ୫ | ୨ | ୬ |
| ପୋଲାଣ୍ଡ | ୩ | ୧ | ୧ | ୧ | ୨ | ୨ | ୪ |
| ମେକ୍ସିକୋ | ୩ | ୧ | ୧ | ୧ | ୨ | ୩ | ୪ |
| ସାଉଦି ଆରବ | ୩ | ୧ | ୦ | ୨ | ୩ | ୫ | ୩ |
| **ଗ୍ରୁପ୍ 'ଡି'** | | | | | | | |
| ଫ୍ରାନ୍ସ | ୩ | ୨ | ୦ | ୧ | ୬ | ୩ | ୬ |
| ଅଷ୍ଟ୍ରେଲିଆ | ୩ | ୨ | ୦ | ୧ | ୩ | ୪ | ୬ |
| ଟ୍ୟୁନିସିଆ | ୩ | ୧ | ୧ | ୧ | ୧ | ୧ | ୪ |
| ଡେନମାର୍କ | ୩ | ୦ | ୧ | ୨ | ୧ | ୩ | ୧ |
| **ଗ୍ରୁପ୍ 'ଇ'** | | | | | | | |
| ଜାପାନ | ୩ | ୨ | ୦ | ୧ | ୪ | ୩ | ୬ |
| ସ୍ପେନ | ୩ | ୧ | ୧ | ୧ | ୯ | ୩ | ୪ |
| ଜର୍ମାନୀ | ୩ | ୧ | ୧ | ୧ | ୬ | ୫ | ୪ |
| କୋଷ୍ଟାରିକା | ୩ | ୧ | ୦ | ୨ | ୩ | ୧୧ | ୩ |
| **ଗ୍ରୁପ୍ 'ଏଫ'** | | | | | | | |
| ମରକ୍କୋ | ୩ | ୨ | ୧ | ୦ | ୪ | ୧ | ୭ |
| କ୍ରୋଏସିଆ | ୩ | ୧ | ୨ | ୦ | ୪ | ୧ | ୫ |
| ବେଲଜିୟମ | ୩ | ୧ | ୧ | ୧ | ୧ | ୨ | ୪ |
| କାନାଡ଼ା | ୩ | ୦ | ୦ | ୩ | ୨ | ୭ | ୦ |
| **ଗ୍ରୁପ୍ 'ଜି'** | | | | | | | |
| ବ୍ରାଜିଲ | ୨ | ୨ | ୦ | ୦ | ୩ | ୦ | ୬ |
| ସୁଇଜରଲାଣ୍ଡ | ୨ | ୧ | ୦ | ୧ | ୧ | ୧ | ୩ |
| କାମେରୁନ | ୨ | ୦ | ୧ | ୧ | ୩ | ୪ | ୧ |
| ସର୍ବିୟା | ୨ | ୦ | ୧ | ୧ | ୩ | ୫ | ୧ |
| **ଗ୍ରୁପ୍ 'ଏଚ୍'** | | | | | | | |
| ପର୍ତ୍ତୁଗାଲ | ୨ | ୨ | ୦ | ୦ | ୫ | ୨ | ୬ |
| ଘାନା | ୨ | ୧ | ୦ | ୧ | ୫ | ୫ | ୩ |
| ଦକ୍ଷିଣ କୋରିଆ | ୨ | ୦ | ୧ | ୧ | ୨ | ୩ | ୧ |
| ଉରୁଗୁଏ | ୨ | ୦ | ୧ | ୧ | ୦ | ୨ | ୧ |





କାନାଡ଼ା ବିପକ୍ଷ ମ୍ୟାଚ ଅବସରରେ ମରକ୍କୋ ପ୍ରଶଂସକ।

## ଅନ୍ୟ ଖେଳ ଖବର

### ରେଲଓ୍ୱେ, ରାଇଜିଂ ଷ୍ଟୁଡେଣ୍ଟ, ଓଡ଼ିଶା ଏଫ୍‌ସି ବିଜୟୀ

**ଭୁବନେଶ୍ୱର, ୧।୧୨ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ଓମେନ୍ସ ଲିଗ୍‌ରେ ଗୁରୁବାର ୩ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ଇଷ୍ଟକୋଷ୍ଟ ରେଲଓ୍ୱେ, ରାଇଜିଂ ଷ୍ଟୁଡେଣ୍ଟ ଓ ଓଡ଼ିଶା ଏଫ୍‌ସି ଦଳ ବିଜୟୀ ହୋଇଛି। କ୍ୟାପିଟାଲ ଗ୍ରାଉଣ୍ଡରେ ଇଷ୍ଟକୋଷ୍ଟ ରେଲଓ୍ୱେ ୩-୦ ଗୋଲରେ ସ୍ପୋର୍ଟ୍ସ ଓଡ଼ିଶାକୁ ପରାସ୍ତ କରିଛି। ସେହିପରି କଳିଙ୍ଗ ଷ୍ଟାଡିୟମରେ ରାଇଜିଂ ଷ୍ଟୁଡେଣ୍ଟ ୨-୦ ଗୋଲରେ ଓଜିପି କ୍ଲବକୁ ଏବଂ ୭ମ ବାଟାଲିୟନ ପଡ଼ିଆରେ ଓଡ଼ିଶା ଏଫ୍‌ସି ୫-୦ରେ ଓଡ଼ିଶା ପୋଲିସକୁ ପରାସ୍ତ କରିଛି। ଆସନ୍ତା ୪ ତାରିଖରେ କ୍ୟାପିଟାଲ ଗ୍ରାଉଣ୍ଡରେ ସ୍ପୋର୍ଟ୍ସ ଓଡ଼ିଶା-ରାଇଜିଂ ଷ୍ଟୁଡେଣ୍ଟ, କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶା ପୋଲିସ-ଇଷ୍ଟକୋଷ୍ଟ ରେଲଓ୍ୱେ ଏବଂ ୭ମ ବାଟାଲିୟନ ପଡ଼ିଆରେ ଓଜିପି କ୍ଲବ-ଓଡ଼ିଶା ଏଫ୍‌ସି ମ୍ୟାଚ ଅନୁଷ୍ଠିତ ହେବ।

### ସିବିଏସ୍‌ଇ ଟେନିସ ଚାମ୍ପିୟନଶିପ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୧।୧୨**
**(ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ ପଟିଆସ୍ଥିତ ଓଡିଏମ୍ ପବ୍ଲିକ ସ୍କୁଲ ପରିସରରେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍‌ଇ)ର ତ୍ରିଦିବସୀୟ ସମ୍ଭାଗୀୟ ଟେନିସ ଚାମ୍ପିୟନଶିପ୍ ଗୁରୁବାରଠାରୁ ଆରମ୍ଭ ହୋଇଛି। ୧୭ ବର୍ଷରୁ କମ୍ ଓ ୧୯ ବର୍ଷରୁ କମ୍ ଛାତ୍ରୀଛାତ୍ରମାନଙ୍କୁ ନେଇ ସିଙ୍ଗଲ୍ସ ଓ ଡବଲ୍ସ ବିଭାଗରେ ଆୟୋଜିତ ଏହି ପ୍ରତିଯୋଗିତାରେ ଓଡ଼ିଶା, ଛତିଶଗଡ଼, ପଶ୍ଚିମବଙ୍ଗ ଓ ଆସାମର ପ୍ରାୟ ୮୦ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସଦାଶିବ ସଂସ୍କୃତ ମହାବିଦ୍ୟାଳୟ, ତିରୁପତି ସଂସ୍କୃତ ବିଦ୍ୟାଳୟ ତଥା କିସ୍ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ହରେକୃଷ୍ଣ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସିବିଏସ୍‌ଇ ନିରୀକ୍ଷକ ସୌରଭ ଲାହିରି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଓଡିଏମ୍‌ର ବିତ୍ତ ଓ ପ୍ରଶାସନିକ ନିର୍ଦ୍ଦେଶିକା ଇନ୍ଦୁମତି ରାୟ, ମୁଖ୍ୟ କାର୍ଯ୍ୟନିର୍ବାହୀ ସ୍ୱୟନ୍ ସତ୍ୟେନ୍ଦୁ, ଶିକ୍ଷା ନିର୍ଦ୍ଦେଶକ ଡ. ଆର୍ତ୍ତତ୍ରାଣ ମିଶ୍ର ଓ ଶିକ୍ଷା ଉପଦେଷ୍ଟା ବ୍ରହ୍ମାନନ୍ଦ ରାଉତ ପ୍ରମୁଖ ଉପସ୍ଥିତ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।





ପୂର୍ବତନ କୁଳପତି ହରେକୃଷ୍ଣ ଶତପଥୀଙ୍କୁ ଓଡିଏମ୍ ଚେୟାରମ୍ୟାନ ସତ୍ୟବ୍ରତ ମୀନକେତନ ସମ୍ବର୍ଦ୍ଧିତ କରୁଛନ୍ତି।

**ଶେୟାର ବଜାରରେ ଉତ୍ସାହ**

**ନୂଆଦିଲ୍ଲୀ:** କ୍ରମାଗତ ୮ମ ଦିନ ଲାଗି ଷ୍ଟକ୍ ବଜାରର ଫଳାଫଳ ଭଲ ରହିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟଦିବସର ଫଳାଫଳ ନିବେଶକଙ୍କ ମନରେ ଉତ୍ସାହ ଭରି ଦେଇଛି। ଗୁରୁବାର ଷ୍ଟକ୍ ବଜାରର ଫଳାଫଳ (ଶେୟାର ମାର୍କେଟ) ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୮୫(୧୮୪.୫୪) ପଏଣ୍ଟ ବଢ଼ି ୬୩,୨୮୪ (୬୩,୨୮୪.୧୯) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୫୪ (୫୪.୧୫) ପଏଣ୍ଟ ବୃଦ୍ଧି ଘଟି ୧୮,୮୧୩ (୧୮,୮୧୨.୫୦) ଅଙ୍କରେ ବଜାର ବନ୍ଦ ହୋଇଛି।


**ଜନ୍ମଦିନର ଶୁଭେଚ୍ଛା**

ନାମ: ................................
ବୟସ:................................
ଜନ୍ମ ତାରିଖ: ..............................



ସୁଶ୍ରୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପୁଣି ବଢ଼ିପାରେ ରେପୋ ରେଟ୍

**ନୂଆଦିଲ୍ଲୀ,୧।୧୨**

ରିର୍ଜଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ନିକଟ ଅତୀତରେ ଅନେକ ଥର ରେପୋ ରେଟ୍ ବୃଦ୍ଧି କରିଛି। ଏପରିକି ଚଳିତ ମାସରେ ମଧ୍ୟ ଆର୍‌ବିଆଇ ରେପୋ ରେଟ୍ ବୃଦ୍ଧି ସମ୍ପର୍କରେ ଘୋଷଣା କରିପାରେ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି। ସେହିଭଳି ବର୍ତ୍ତମାନର ଏକ ନୂଆ ସର୍ଭେ ଅନୁଯାୟୀ ଆର୍‌ବିଆଇ ପୁଣି ଥରେ ରେପୋ ରେଟ୍‌କୁ ବଢ଼ାଇପାରେ ବୋଲି ଆକଳନ କରାଯାଉଛି। ବିଶେଷକରି ବଜାର ବିଶେଷଜ୍ଞଙ୍କ ମତରେ ଆର୍‌ବିଆଇ ରେପୋ ରେଟ୍‌ରେ ବୃଦ୍ଧି ଜାରି ରଖିପାରେ। ସେହିପରି ଅର୍ଥନୀତି ବିଶାରଦଙ୍କ ଆକଳନ ଅନୁଯାୟୀ ଆର୍‌ବିଆଇ ଡିସେମ୍ବରରେ ରେପୋ ରେଟ୍‌ରେ ୩୫ ବେସିସ୍ ପଏଣ୍ଟ ବୃଦ୍ଧି କରିପାରେ।

# ନଭେମ୍ବରରେ ୧.୪୫କୋଟିର ଜିଏସଟି ସଂଗ୍ରହ

**ଭୁବନେଶ୍ୱର,୧।୧୨**



ଦେଶର ଅର୍ଥନୀତିକୁ ସବଳ କରିବା ପାଇଁ ସରକାର ଏକକ ଟିକସ ସାମଗ୍ରୀ ଓ ସେବା ଟିକସ ବା ଜିଏସ୍‌ଟି ଲାଗୁ କରିଛନ୍ତି। ବିଶେଷକରି ଚଳିତ ବର୍ଷ ନଭେମ୍ବରରେ ଦେଶର ଜିଏସ୍‌ଟି ସଂଗ୍ରହ ୧,୪୫,୮୬୭ କୋଟି ରହିଛି। ଏପରିକି ଗତ ବର୍ଷ ସମାନ ଅବଧି ମଧ୍ୟରେ ଏହାର ପରିମାଣ ୧୧% ବୃଦ୍ଧି ଘଟିଥିବା ଜଣାପଡ଼ିଛି। ଅପରପକ୍ଷରେ ଲଗାତର ନବମ ମାସ ପାଇଁ ଜିଏସ୍‌ଟି ସଂଗ୍ରହ ୧.୪୫ଲକ୍ଷ କୋଟି ଟଙ୍କାରୁ ଅଧିକ ରହିଛି ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେହିଭଳି ନଭେମ୍ବରରେ ସଂଗ୍ରହ ମୋଟ ଜିଏସ୍‌ଟି ୧,୪୫,୮୬୭ କୋଟି ରହିଥିଲା ବେଳେ ଏଥିରେ ସିଜିଏସ୍‌ଟି ୨୫,୬୮୧ କୋଟି, ଏସ୍‌ଜିଏସ୍‌ଟି ୩୨,୬୫୧ କୋଟି, ଆଇଜିଏସ୍‌ଟି ୭୭,୧୦୩ କୋଟି ଟଙ୍କା ରହିଛି। ଏହାଛଡ଼ା କେନ୍ଦ୍ର ସରକାର ୨୦୨୨ ନଭେମ୍ବରରେ ରାଜ୍ୟ ଏବଂ କେନ୍ଦ୍ର ଶାସିତ ପ୍ରଦେଶଗୁଡ଼ିକୁ ଜିଏସ୍‌ଟି କ୍ଷତିପୂରଣ ବାବଦକୁ ୧୭,୦୦୦ କୋଟି ଟଙ୍କା ଜାରି କରିଥିଲେ। ଉଲ୍ଲେଖଯୋଗ୍ୟ, ୨୦୨୨ ଅକ୍ଟୋବରରେ ଜିଏସ୍‌ଟି ସଂଗ୍ରହର ୨ୟ ସବୁଠୁ ମାସିକ କଲେକ୍ସନ ୧.୫୨ ଲକ୍ଷ କୋଟି ଥିଲା। ଏହା ପୂର୍ବରୁ ୨୦୨୨ ଏପ୍ରିଲରେ ଜିଏସ୍‌ଟି ସଂଗ୍ରହ ୧.୫୦ ଲକ୍ଷ କୋଟି ଟଙ୍କା ଟପିଥିଲା।

# ନଭେମ୍ବରରେ ପେଟ୍ରୋଲ ଓ ଡିଜେଲ ବିକ୍ରି ବୃଦ୍ଧି

**ନୂଆଦିଲ୍ଲୀ,୧।୧୨**

ଚଳିତ ବର୍ଷ ନଭେମ୍ବରରେ ଉଭୟ ପେଟ୍ରୋଲ ଓ ଡିଜେଲର ବିକ୍ରି ପରିମାଣ ବୃଦ୍ଧି ପାଇଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀଗୁଡ଼ିକ ପକ୍ଷରୁ ଗୁରୁବାର ଜାରି କରାଯାଇଥିବା ସୂଚନା ଅନୁସାରେ ଗତ ମାସ (ଅକ୍ଟୋବର) ରେ ପେଟ୍ରୋଲ ବିକ୍ରି ୧୧.୭% ବୃଦ୍ଧି ଘଟି ୨୬.୬ ଲକ୍ଷ ଟନ୍‌ରେ ରହିଛି। ଏପରିକି ଗତ ବର୍ଷ ଏହି ସମାନ ସମୟ ମଧ୍ୟରେ ପେଟ୍ରୋଲ ବିକ୍ରି ୨୩.୮ ଲକ୍ଷ ଟନ୍ ଥିଲା। ଏହି ବିକ୍ରି କୋଭିଡ୍ ପ୍ରଭାବିତ ନଭେମ୍ବର ୨୦୨୦ ତୁଳନାରେ ୧୦.୭ ପ୍ରତିଶତ ଅଧିକ ହୋଇଥିବା ବେଳେ ମହାମାରୀ ପୂର୍ବ ଅର୍ଥାତ୍ ନଭେମ୍ବର ୨୦୧୯ ତୁଳନାରେ ୧୬.୨ ପ୍ରତିଶତ ଅଧିକ ରହିଛି। ତେବେ ମାସିକ ଆଧାରରେ ପେଟ୍ରୋଲ ବିକ୍ରି ୧.୩% ବଢ଼ିଛି। ଚଳିତ ବର୍ଷ ଅକ୍ଟୋବରରେ ଉତ୍ସବ ଋତୁ ଯୋଗୁ ଚାହିଦା ବଢ଼ିବା ବିକ୍ରି ବୃଦ୍ଧିର କାରଣ ବୋଲି କୁହାଯାଇଛି। ସେହିପରି ଦେଶରେ ସବୁଠୁ ଅଧିକ ବ୍ୟବହୃତ ଇନ୍ଧନ ଡିଜେଲ ବିକ୍ରି ମଧ୍ୟ ଗତ ମାସରେ ୨୭.୬% ବଢ଼ି ୭୩.୨ଲକ୍ଷ ଟନ ହୋଇଛି। ୨୦୨୦ ନଭେମ୍ବର ତୁଳନାରେ ଏହା ୧୭.୪% ଅଧିକ ହୋଇଥିବା ବେଳେ କୋଭିଡ୍ ପୂର୍ବ ସମୟ ନଭେମ୍ବର ୨୦୧୯ ତୁଳନାରେ ୯.୪ % ଅଧିକ ବୋଲି କୁହାଯାଇଛି। ୨୦୨୨ ସେପ୍ଟେମ୍ବରରୁ ମାସିକ ଆଧାରରେ ବିକ୍ରି ବଢ଼ିବା ଆରମ୍ଭ ହୋଇଥିଲା। ଅପରପକ୍ଷରେ ନଭେମ୍ବରରେ ବିମାନ ଇନ୍ଧନ (ଏଟିଏଫ୍) ଚାହିଦା ୨୧.୫% ବୃଦ୍ଧି ହୋଇ ୫୭୨,୨୦୦ ଟନ୍‌ରେ ପହଞ୍ଚିଛି।


ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀର ସମସ୍ତ ପାଠିକା, ପାଠକ, ଏଜେଣ୍ଟ, ସାମ୍ବାଦିକ, କର୍ମଚାରୀଙ୍କ ସହ ଆଠମଲ୍ଲିକ ବିଧାନସଭାର ସମସ୍ତ ଭାଜପା କର୍ମୀମାନଙ୍କୁ ଶୁଭେଚ୍ଛା। ଭଗବାନ ସମସ୍ତଙ୍କୁ ଭଲରେ ରଖିଥାଆନ୍ତୁ।



**ଅରବିନ୍ଦ ସାହୁ**
ଠାକୁରଗଡ଼ ମଣ୍ଡଳ ଭାଜପା ପ୍ରଭାରୀ
ବଇଣ୍ଡା, ଆଠମଲ୍ଲିକ

ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀର ସମସ୍ତ ପାଠିକା, ପାଠକ, ଏଜେଣ୍ଟ, ସାମ୍ବାଦିକ, କର୍ମଚାରୀଙ୍କ ସହ ଆଠମଲ୍ଲିକ ବିଧାନସଭାର ସମସ୍ତ ଭାଜପା କର୍ମୀମାନଙ୍କୁ ଶୁଭେଚ୍ଛା। ଭଗବାନ ସମସ୍ତଙ୍କୁ ଭଲରେ ରଖିଥାଆନ୍ତୁ।



**ଅଜିତ କୁମାର ପଟ୍ଟନାୟକ**
ଭାଜପା ନେତା, ବଇଣ୍ଡା
ଅନୁଗୋଳ

ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀର ସମସ୍ତ କର୍ମଚାରୀ, ଏଜେଣ୍ଟ, ସାମ୍ବାଦିକ, ପାଠକ, ପାଠିକାଙ୍କ ସହ କିଶୋରନଗର ତହସିଲର ସମସ୍ତ ରାଜସ୍ୱ କର୍ମଚାରୀଙ୍କୁ ଶୁଭେଚ୍ଛା।



**ଆନନ୍ଦ ଚନ୍ଦ୍ର ସାହୁ**
ବଇଣ୍ଡା ରାଜସ୍ୱ ନିରୀକ୍ଷକ,
କିଶୋରନଗର, ଅନୁଗୋଳ

ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀର ସମସ୍ତ କର୍ମଚାରୀ, ଏଜେଣ୍ଟ, ସାମ୍ବାଦିକ, ପାଠକ, ପାଠିକାଙ୍କ ସହ ଆଠମଲ୍ଲିକ ଉପଖଣ୍ଡର ସମସ୍ତ ଆଇନଜୀବୀଙ୍କୁ ଶୁଭେଚ୍ଛା ଜଣାଉଛି।



**ଉଗ୍ରେସେନ ସେଠୀ**
ଆଇନଜୀବୀ, ବଇଣ୍ଡା ଛକ,
ଅନୁଗୋଳ

ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀର ସମସ୍ତ କର୍ମଚାରୀ, ଏଜେଣ୍ଟ, ସାମ୍ବାଦିକ, ପାଠିକା, ପାଠକଙ୍କ ସହ ନୁନୁକାପଶି ପଞ୍ଚାୟତର ସମସ୍ତ ଗୁରୁଜନ, ଛୋଟବଡ଼ ଭାଇ ଓ ଭଉଣୀମାନଙ୍କୁ ଶୁଭେଚ୍ଛା ଜଣାଉଛି।



**ଦୀପ୍ତିମୟୀ ସାହୁ**
ସରପଞ୍ଚ, ନୁନୁକାପଶି,
କିଶୋରନଗର

ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀର ସମସ୍ତ କର୍ମଚାରୀ, ଏଜେଣ୍ଟ, ସାମ୍ବାଦିକ, ପାଠିକା, ପାଠକଙ୍କୁ ଶୁଭେଚ୍ଛା।



**ଅଧ୍ୟକ୍ଷ, ଅଧ୍ୟାପିକା, ଅଧ୍ୟାପକଗଣ**
ବଇଣ୍ଡା ଜନତା ମହାବିଦ୍ୟାଳୟ, ଅନୁଗୋଳ

CLASSIFIED DISPLAY
MORE SPACE • SAME PRICE
ALL EDITION - B/W (Everyday)
0674-2580385

**LOAN**
ବିଜୟ ଫାଇନାନ୍ସ ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ଯୋଗାଇ ଦେଉଛି। ବ୍ୟବସାୟ, ପର୍ସନାଲ, କୃଷି, ଶିକ୍ଷା, କୁକୁଡ଼ା ପାଳନ, ଗାଈ ପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ।
M:8895873378
:7656825209


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଡିଜେଲ ଉପରୁ ୱିଣ୍ଡଫଲ୍ ଟ୍ୟାକ୍ସ ହ୍ରାସ

## କମିଲା ଜେଟ୍ ଫୁଏଲ ମୂଲ୍ୟ

**ନୂଆଦିଲ୍ଲୀ ,୧।୧୨**

ଅନ୍ତଃରାଷ୍ଟ୍ରୀୟ ବଜାରରେ କ୍ରୁଡ୍ ଅଏଲର ମୂଲ୍ୟ କ୍ରମାଗତ ଭାବେ ହ୍ରାସ ପାଉଛି। ଫଳରେ କେନ୍ଦ୍ର ସରକାର ମଧ୍ୟ ଅଶୋଧିତ ତୈଳ ଉପରେ ଲାଗୁ ହେଉଥିବା ୱିଣ୍ଡଫଲ ଟ୍ୟାକ୍ସ ହ୍ରାସ କରିଛନ୍ତି। ଏହା ସହ ଡିଜେଲ ରପ୍ତାନି ଉପରେ ଲାଗୁଥିବା ୱିଣ୍ଡଫଲ ଟ୍ୟାକ୍ସ ମଧ୍ୟ ସରକାର କମ୍ କରିଦେଇଛନ୍ତି। ତେବେ ଏହାର ପ୍ରଭାବ ସାଧାରଣ ଲୋକଙ୍କ ଉପରେ ପଡ଼ିବ ନାହିଁ। ତେବେ ରପ୍ତାନିରୁ ଆୟ କରୁଥିବା ତେଲ କମ୍ପାନୀଗୁଡ଼ିକ ଉକ୍ତ ନିଷ୍ପତ୍ତିରେ ପ୍ରଭାବିତ ହେବେ ବୋଲି ଜଣାପଡ଼ିଛି। ଏପରିକି ଅଶୋଧିତ ତୈଳ ଉପରେ ଲାଗୁଥିବା ୱିଣ୍ଡଫଲ ଟ୍ୟାକ୍ସକୁ ସରକାର ହ୍ରାସକରି ପ୍ରତି ଟନ ପିଛା ୪,୯୦୦ ଟଙ୍କା କରି ଦେଇଛନ୍ତି। ଅପରପକ୍ଷରେ ଡିଜେଲ ରପ୍ତାନି ଉପରେ ଲାଗୁ ଟ୍ୟାକ୍ସକୁ ମଧ୍ୟ ସରକାର ହ୍ରାସକରି ୮ଟଙ୍କାରେ ରଖିଛନ୍ତି। ଉଲ୍ଲେଖଯୋଗ୍ୟ, ରପ୍ତାନି ଜରିଆରେ ଲାଭ ହାସଲ କରୁଥିବା କମ୍ପାନୀଗୁଡ଼ିକ ଉପରେ ଏହି ଟ୍ୟାକ୍ସ ଲାଗୁ ହୋଇଥାଏ। ଜୁଲାଇ ୧ରେ ପ୍ରଥମ ଥର ପାଇଁ ଭାରତରେ ୱିଣ୍ଡଫଲ ଟ୍ୟାକ୍ସ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା। ଅପରପକ୍ଷରେ ଆଭିଏଶନ ଟର୍ବାଇନ ଫୁଏଲ ମୂଲ୍ୟରେ ମଧ୍ୟ ସରକାର ୨.୩% ହ୍ରାସ କରିଛନ୍ତି। ଫଳରେ ନୂଆଦିଲ୍ଲୀରେ ଏହାର ମୂଲ୍ୟ ପ୍ରତି କିଲୋଲିଟର ପିଛା ୨,୭୭୫ ଟଙ୍କା ହ୍ରାସ ହୋଇ ୧,୧୭,୫୮୭.୬୪ ଟଙ୍କାରେ ରହିଛି।

# ଖୁଚୁରା ଡିଜିଟାଲ ମୁଦ୍ରାର ଶୁଭାରମ୍ଭ

**ନୂଆଦିଲ୍ଲୀ,୧।୧୨**

ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ)ର ପାଇଲଟ ପ୍ରକଳ୍ପ 'ରିଟେଲ ଡିଜିଟାଲ ମୁଦ୍ରା'ର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଯାଇଛି। ଏପରିକି ଚଳିତ ବର୍ଷ ଡିସେମ୍ବର ୧ରୁ ଦେଶର ପ୍ରମୁଖ ସହର ଯଥା ଭୁବନେଶ୍ୱର, ନୂଆଦିଲ୍ଲୀ, ମୁମ୍ବାଇ ଏବଂ ବେଙ୍ଗାଲୁରୁ ଭଳି ସହରରେ ଉକ୍ତ ମୁଦ୍ରାର ଶୁଭାରମ୍ଭ କରାଯାଇଛି। ଡିଜିଟାଲ ମୁଦ୍ରାର ନେଣଦେଣ ଗ୍ରାହକଙ୍କଠୁ ଗ୍ରାହକ ଏବଂ ଗ୍ରାହକଙ୍କଠୁ ବ୍ୟବସାୟୀ ମଧ୍ୟରେ କରାଯାଇପାରିବ। ଭାରତୀୟ ଅର୍ଥନୀତିକୁ ଡିଜିଟାଲ୍ ଭାବେ ବିକଶିତ କରିବା ଦିଗରେ ରିଜର୍ଭ ବ୍ୟାଙ୍କର ଏହି ପଦକ୍ଷେପକୁ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। ଏହି ପାଇଲଟ୍ ପ୍ରୋଜେକ୍ଟରେ ସାମିଲହେବା ପାଇଁ ୮ ବ୍ୟାଙ୍କକୁ ପ୍ରାଥମିକ ପର୍ଯ୍ୟାୟରେ ଚିହ୍ନଟ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ସମଗ୍ର ଦେଶର ୪ସହରରେ ୮ ବ୍ୟାଙ୍କ ଉକ୍ତ ସେବା ଯୋଗାଇବ। ଉଲ୍ଲେଖଯୋଗ୍ୟ, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆଇସିଆଇସିଆଇ ବ୍ୟାଙ୍କ, ୟସ୍ ବ୍ୟାଙ୍କ ଏବଂ ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଜରିଆରେ ଡିଜିଟାଲ ମୁଦ୍ରାର ନେଣଦେଣ କରାଯାଇପାରିବ। ଏହା ପରେ ବ୍ୟାଙ୍କ ଅଫ୍ ବରୋଦା, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଏବଂ କୋଟାକ ମହିନ୍ଦ୍ରା ବ୍ୟାଙ୍କକୁ ଉକ୍ତ ପାଇଲଟ୍ ପ୍ରୋଜେକ୍ଟରେ ସାମିଲ କରାଯିବ।


# Classified Everyday

**0674-2580101, 2549949**



**REAL ESTATE**

**SALE**

BDA approved Duplex project at Retang Medical, Station near CV Raman University, Tamando, Bhubaneswar @ 44,00,000/-, 7008459987. D-74153

**ଭୁବନେଶ୍ୱର ରବି ଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରି ହେବ - 9827119799.** D-2132

**NH side plot (gharabari, boundarywall). Nakhara to Niali road Cuttack. 8249851363.** D-74603

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9439660381. D-74157

ଭୁବନେଶ୍ୱର-ପୁରୀ NHରେ ଥିବା ସାଇ ଲାଇଫ୍ ଷ୍ଟାଇଲ୍ ପାଖରେ **4BHKର Duplex** ଏବଂ ଘରବାରି ପାଚେରି ଥାଇ ସ୍ଥିତିବାନ ପ୍ଲଟ୍ **sqft.କୁ 1600-Rs.** ରେ ବିକ୍ରି କରାଯାଉଛି। **Contact: 9439539146, 9777777525.** D-2075

ଜଟଣୀ NISER Institute ସାମ୍ନାରେ 1 K.M. ଦୂରତାରେ yellowzone ଏବଂ ଘରବାଡ଼ି 30ft road ଥାଇ ସ୍ଥିତିବାନ୍ ପ୍ଲଟ୍ କିଣି immediate ଘର କରନ୍ତୁ। sqft.-750/-. 9938066403, 9438315973. D-74158

ବରମୁଣ୍ଡାରୁ ୧୪କି.ମି. ଭିତରେ sqft.-130/-, 450/- 950/-, ପ୍ଲଟ୍ ଦିଆଯାଉଛି। 9938016295. D-74159

4BHK Duplex near Nandankanan Square. Land-1300 Construction-1800, Price-85 Lakh. 8984071303. D-2112

Gharabari, Yellowzone, Electric, Boundary, Ready to Construction Plot At Pahala 200mtr. from NH16, Bhingarpur, Atala, Balianta, Panchabati, DPS Adhalia, BDA Approved 3BHK Duplex at Patia-Raghunathpur, BMC approved 3BHK duplex at Pahala-9337086655, 9438419823. D-73358

ଘରବାରୀ ପାଚେରି ରୋଡ୍, ଇଲେକ୍ଟ୍ରିସିଟି ଥାଇ ନଖରା **East College mainroad 200mtr.** ଦୂରତାରେ **SC/ General** ପ୍ଲଟ୍ **gated society** ଥାଇ ବିକ୍ରିହେବ। **8093419724, 9776602067.** D-74127



**Relax, Refresh your body, Mind at Saikrupa Spa with best therapies. 8984068077.** D-2048

Newly open Spa positively health benefit with expert. Contact: 7749976301. D-73899

"Only body massage & Steam-Bath. Contact at Trupti SPA-9861550765". D-2139

Newly open full body massage ladies and gents. 8327740003, 8093860513. D-74605

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74604

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

By virtue of affidavit I, Saroj Kumar Senapati, At- Lekhanapada, Naindipur, Patkura, Kendrapada states my name has been wrongly mention as Saroja instead of Saroj in my Passport and HSC Certificate. Saroj Kumar Senapati and Saroja Kumar Senapati is one and same person. D-2137

ଧରିତ୍ରୀ
DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପେଁଠ କରନ୍ତୁ।
BHIM UPI
ଦେୟ ପେଁଠ ହେଲାପରେ ରସିଦ୍‌ର **Screenshot**କୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଗଙ୍ଗାଧର ରାଉତ**
ଧ୍ୱଂସର, ବାଙ୍କୀ
ଆବିର୍ଭାବ: ୨୬।୦୧।୧୯୫୧
ତିରୋଧାନ: ୧୨।୧୨।୨୦୨୧
ଆଜି ତୁମର ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି କାମନା କରିବା ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ:** ହତଭାଗ୍ୟ ପୁତ୍ର: ଦେବେଶ ରାଉତ, ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ।
ଧ-୨୧୧୭

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**କନକ ପ୍ରଭା ନନ୍ଦ**
ଆବିର୍ଭାବ: ୨୮।୧୦।୧୯୪୫
ତିରୋଧାନ: ୨୨।୧୧।୨୦୨୨
ଆପଣଙ୍କର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ପରୋପକାର, ସଚ୍ଚୋଟତା, ନୀତି, ଆଦର୍ଶଗୁଣଗୁଡ଼ିକ ସ୍ମରଣୀୟ ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଅଛୁ।
**ଶୋକସନ୍ତପ୍ତ:** ଝିଅ: ତିତିଲି, ବୁଇନା, ମାନା, ଜ୍ୱାଇଁ: ଅରୁ, ନିରୋଜ, ପାପୁନି, ନାତି/ନାତୁଣୀ: ଗୁଡ୍ଡୁ, ଅମ୍ଳାନ, ଅତୁଲ, ସିପୁନ, ସିପୁ, ପୁପୁ, ପରିବାରବର୍ଗ, ଆତ୍ମୀୟସ୍ୱଜନ, ବନ୍ଧୁବାନ୍ଧବ
ଧ-୨୧୩୬

**ଏକାଦଶାହରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଗୌର ଚନ୍ଦ୍ର ପରିଡ଼ା**
ଖୁଣ୍ଟୁଣୀ, କଟକ
ଆବିର୍ଭାବ: ୨୦।୦୭।୧୯୪୬
ତିରୋଧାନ: ୨୨।୧୧।୨୦୨୨
ଆପଣ ଆମକୁ ଶୋକସାଗରରେ ଭସାଇ ଦେଇ ସବୁଦିନ ପାଇଁ ଚାଲିଗଲେ ଆର ପାରିକୁ। ସ୍ୱର୍ଗରେ ଥାଇ ଆମ୍ଭମାନଙ୍କୁ ଆଶୀର୍ବାଦ ପ୍ରଦାନ କରନ୍ତୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ କାଳିଆ ସାଆନ୍ତଙ୍କ ପାଖେ ପ୍ରାର୍ଥନା।
**ଆପଣଙ୍କର ଶୋକସନ୍ତପ୍ତ:** ଧର୍ମପତ୍ନୀ: ପ୍ରମିଳା, ପୁଅ: ଗଗନ, ବୋହୂ: ଗୀତି, ନାତି: ଅଭିଷେକ, ନାତୁଣୀ: ଆଂଶିକ, ଝିଅ: ଜିନ, ବିନି, ପୁତୁରା: କୁନିଆ, ଟୁନିଆ, ଟୁଟୁଆ, ରବିନ୍, ମୁନା, ସିନ୍ତୁ, ବର୍ଣ୍ଣି, ଖୁସି, ବବଲୀ, ରୂପାଲୀ, ମିତାଲୀ, ଶୋଭନ ଓ ବନ୍ଧୁ ଏବଂ ପରିଡ଼ା ପରିବାରବର୍ଗ।
ଧ-୨୧୪୨

**ଷଷ୍ଠ ଶ୍ରାଦ୍ଧବାର୍ଷିକୀ**



**ଭୋଳାନାଥ ସାହୁ**
ଚିନ୍ତାମଣିଶ୍ୱର , ଭୁବନେଶ୍ୱର
ଆବିର୍ଭାବ-୦୭।୦୮।୧୯୪୧
ତିରୋଧାନ- ୦୭।୧୨।୨୦୧୬
ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଆଉ ଆଶୀର୍ବାଦ ଆମ୍ଭମାନଙ୍କର ପ୍ରେରଣାର ଉତ୍ସ ହୋଇ ରହିଥାଉ। ଆପଣଙ୍କ ଅନୁପସ୍ଥିତି ଆମ୍ଭେମାନେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଅଛୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:::ଶୋକସନ୍ତପ୍ତ:::-
ସ୍ତ୍ରୀ, ପୁଅ, ଝିଅ, ବୋହୂ, ନାତି, ନାତୁଣୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୨୧୪୧

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା କ୍ଷୀରପ୍ରିୟା ପ୍ରଧାନ**
ତିରୋଧାନ : ୨୨.୧୧.୨୦୨୨
(ମାର୍ଗଶୀର ମାସ, କୃଷ୍ଣପକ୍ଷ ଚତୁର୍ଦ୍ଦଶୀ)
ଝାରପଡ଼ା, ଭୁବନେଶ୍ୱର
ଆଜିର ଏହି ପବିତ୍ର ତିଥିରେ ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
-: ଶୋକସନ୍ତପ୍ତ :-
ପୁତ୍ର-ରଘୁନାଥ ପ୍ରଧାନ, ଜଗନ୍ନାଥ ପ୍ରଧାନ, ବିଶ୍ୱନାଥ ପ୍ରଧାନ ଓ ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ
ଧ-୭୩୩୫୯

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଶିବ ପ୍ରସାଦ ନନ୍ଦ**
ଗ୍ରାମ: ଦେପୁର ଶାସନ (ଢେଙ୍କାନାଳ)
ଆବିର୍ଭାବ: ୧୩।୦୫।୧୯୫୧
ତିରୋଧାନ: ୧୩।୧୨।୨୦୨୧
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୭୧୫୫୦

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅର୍ଚ୍ଚନା



@ ମୁନି



@ ନୀଳମାଧବ



@ ପ୍ରଦେଶ



@ ପ୍ରିୟଙ୍କା

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



କୋଣାର୍କ ଉତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।



ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବରେ ଶିଳ୍ପୀମାନେ ତିଆରି କରିଥିବା କଳାକୃତି।

# କୋଣାର୍କ, ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ ଉଦ୍‌ଘାଟିତ

- ଓଡ଼ିଶୀ, ରାମଲୀଳା ଦର୍ଶକଙ୍କୁ ବାନ୍ଧି ରଖିଲା
- ପର୍ଯ୍ୟଟନ ଓ ସଂସ୍କୃତିକୁ ନେଇ ବାଲୁକା କଳା

କୋଣାର୍କ,୧।୧୨(ଡି.ଏନ୍.ଏ.)

ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କୋଣାର୍କର ସୂର୍ଯ୍ୟମନ୍ଦିର ପାଦଦେଶରେ କୋଣାର୍କ ଉତ୍ସବ ଓ ଚନ୍ଦ୍ରଭାଗାଠାରେ ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବ ଆରମ୍ଭ ହୋଇଛି। ପ୍ରତିବର୍ଷ ୧ରୁ ୫ ଡିସେମ୍ବର ମଧ୍ୟରେ ଆୟୋଜିତ ହେଉଥିବା କୋଣାର୍କ ଉତ୍ସବର ୩୩ତମ ସଂସ୍କରଣକୁ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ଉଦ୍‌ଘାଟନ କରିଥିଲେ। ରାଜ୍ୟ ପର୍ଯ୍ୟଟନ ବିଭାଗ, ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଏହି ଉତ୍ସବ ଆୟୋଜିତ ହୋଇଛି। ଅତିଥି ଭାବେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ମନ୍ତ୍ରୀ ତୁଷାରକାନ୍ତି ବେହେରା, ଏମ୍‌ପି ରାଜଶ୍ରୀ ମଲ୍ଲିକ, ପର୍ଯ୍ୟଟନ ବିଭାଗ ପ୍ରମୁଖ ଶାସନ ସଚିବ ସୁରେନ୍ଦ୍ର କୁମାର, ପର୍ଯ୍ୟଟନ ଉନ୍ନୟନ ନିଗମ ଅଧ୍ୟକ୍ଷ ଲେନିନ ମହାନ୍ତି, ଜିଲାପାଳ ସମର୍ଥ ବର୍ମା ଓ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ ପ୍ରମୁଖ ଯୋଗଦେଇଥିଲେ। ଆଲୋକମାଳାରେ ସଜ୍ଜିତ କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚରେ ପ୍ରଥମ ସନ୍ଧ୍ୟାରେ ଶାସ୍ତ୍ରୀୟ ଓଡ଼ିଶୀ ଓ କଥକ ନୃତ୍ୟର ମନଛୁଆଁ ପରିବେଷଣକୁ ଦର୍ଶକ ବେଶ୍ ଉପଭୋଗ କରିଥିଲା। ପ୍ରଥମ ପ୍ରସ୍ତୁତିରେ ମାଲେସିଆ ସୂତ୍ର ଫାଉଣ୍ଡେଶନର ଶିଳ୍ପୀଗଣ ଓଡ଼ିଶୀ ନୃତ୍ୟରେ ପରଷି ଦେଇଥିଲେ 'ଜୟ ରାମ'। ଏହାପରେ ରାମାୟଣର କଥାବସ୍ତୁକୁ ନେଇ 'ଶ୍ରୀରାମ ଧ୍ୟାନ' ରାମଲୀଳା ଆଧାରିତ ସ୍ଥାୟୀ ନୃତ୍ୟ ପାଟବ ସହ 'ସୀତା ସ୍ୱୟମ୍ବର'ର ସୁନ୍ଦର ଅବତାରଣା କରିଥିଲେ ଶିଳ୍ପୀଗଣ। ଶିଳ୍ପୀଙ୍କ ସୁନ୍ଦର ଓଡ଼ିଶୀ ନୃତ୍ୟ ସହ ରାମଲୀଳା ଦର୍ଶକଙ୍କୁ ଢେର୍ ସମୟ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା।



ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବକୁ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ତୁଷାରକାନ୍ତି ବେହେରା ଓ ଅନ୍ୟ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ଦ୍ୱିତୀୟ ପର୍ଯ୍ୟାୟରେ ବିଶିଷ୍ଟ କଥକ ଗୁରୁ ରାଜେନ୍ଦ୍ର ଗଙ୍ଗାନି ଓ ସାଥି ଶାସ୍ତ୍ରୀୟ ଭିତ୍ତିରେ 'ଛନ୍ଦ-ଲୟ-ଗତି' ସରଞ୍ଜନାକୁ ପରଷି ଦେଇଥିଲେ। ଗୁରୁ କୁନ୍ଦନଲାଲ ଗଙ୍ଗାନି ଫାଉଣ୍ଡେଶନ ନୂଆଦିଲ୍ଲୀର ଶିଳ୍ପୀମାନେ ନିଖୁଣ ଭାବରେ କଥକ ନୃତ୍ୟକୁ ଭେଟି ଦେଇଥିଲେ। ଡ. ମୃତ୍ୟୁଞ୍ଜୟ ରଥ ଓ ଡ. ନାଜିଆ ଆଲାମ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ ଓ ଡ. ସଙ୍ଗୀତା ଗୋସାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଅପରପକ୍ଷେ ଚନ୍ଦ୍ରଭାଗା ବେଳାଭୂମିରେ ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ-୨୦୨୨ ମଧ୍ୟ ଆରମ୍ଭ ହୋଇଛି। ଏହି ଉତ୍ସବକୁ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଏବଂ ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ବାଲୁକା ଉତ୍ସବର ମୁଖ୍ୟ ପଦ୍ମଶ୍ରୀ ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ସାମିଲ ଥିଲେ। ଉତ୍ସବରେ ଏହି ୫ଦିନ ବେଳାଭୂମିରେ ପ୍ରଖ୍ୟାତ ବାଲୁକା କଳାକାରଙ୍କ ମଧ୍ୟରେ ଅନନ୍ୟ ସୃଷ୍ଟିର ବାଲୁକା କଳା ନିର୍ମାଣ ପାଇଁ ପ୍ରତିଯୋଗିତା ହୋଇଥିଲା। ଚଳିତବର୍ଷ ୧୦୩ ବାଲୁକା ଶିଳ୍ପୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରେ ଓଡ଼ିଶା ସମେତ ୧୦ଟି ରାଜ୍ୟ ଯଥା ମହାରାଷ୍ଟ୍ର, ଗୁଜରାଟ, ପଶ୍ଚିମବଙ୍ଗ, ବିହାର, ଆନ୍ଧ୍ରପ୍ରଦେଶ, ଝାଡ଼ଖଣ୍ଡ, ଆସାମ, ତେଲଙ୍ଗାନା, ତାମିଲନାଡୁ ଏବଂ ସ୍ପେନ, ସିଙ୍ଗାପୁର, ରୁଷିଆ, କାନାଡ଼ା ଏବଂ ଜାପାନରୁ ପାଞ୍ଚଜଣ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଦିବସରେ ବାଲୁକା ଶିଳ୍ପୀମାନେ ପର୍ଯ୍ୟଟନ ଓ ସଂସ୍କୃତିଭିତ୍ତିକ ବିଷୟବସ୍ତୁ ଉପରେ ଆକର୍ଷଣୀୟ ବାଲୁକା କଳା ତିଆରି କରିଥିଲେ। ସେହିଭଳି ହେଲିପ୍ୟାଡରେ ମିନାବଜାର ହୋଇଥିବାବେଳେ ଦର୍ଶକଙ୍କ ଭିଡ଼ ଜମିଥିଲା। ଅନ୍ୟପଟେ ଚନ୍ଦ୍ରଭାଗା ଓ ମେଳାପଡ଼ିଆ ରାସ୍ତା ଅନ୍ଧାର ଥିବାରୁ ପର୍ଯ୍ୟଟକ ଓ ସ୍ଥାନୀୟ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏପରିକି ବ୍ୟବସାୟ ପାଇଁ ଆସିଥିବା କେତେଜଣ ଦୋକାନୀ ମଧ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ।

# ୧୧ରୁ 'ଟୁର୍-ଡି-କଳିଙ୍ଗ' ସାଇକେଲ ରାଲି

## ୧୩ ଦିନରେ ୧୦ ଜିଲା ଭ୍ରମଣ

ଭୁବନେଶ୍ୱର,୧।୧୨(ବ୍ୟୁରୋ): ଆସନ୍ତା ୧୧ ତାରିଖରୁ 'ଟୁର୍-ଡି-କଳିଙ୍ଗ' ସାଇକେଲ ରାଲି ରାଜଧାନୀ ଭୁବନେଶ୍ୱରରୁ ଆରମ୍ଭ ହେବ। ଏହି ଅଭିଯାନ ୧୩ ଦିନରେ ୧୦ଟି ଜିଲାକୁ ଭ୍ରମଣ କରିବ। ସାଇକେଲ ଆରୋହୀମାନେ ଭୁବନେଶ୍ୱରରୁ କୋରାପୁଟ ଅଭିମୁଖେ ଯାତ୍ରା କରି ପୁନର୍ବାର ଭୁବନେଶ୍ୱରକୁ ଫେରିବେ। ଏହି ୧୩୦୦ କିମିର ଯାତ୍ରା ସମୟରେ ବିଭିନ୍ନ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ଏବଂ ଗ୍ରାମରେ ପ୍ରଦୂଷଣ, ଗ୍ଲୋବାଲ ୱାର୍ମିଂ ଏବଂ ଡ୍ରଗ୍ ଅପବ୍ୟବହାର ଭଳି ବୃହତ୍ ପ୍ରସଙ୍ଗ ଉପରେ ସମ୍ବେଦନଶୀଳ ହେବା ପାଇଁ ଜନସାଧାରଣଙ୍କୁ ଜାଗ୍ରତ କରିବା ସହ ସଚେତନତା ଆଦି କାର୍ଯ୍ୟକ୍ରମର ଆୟୋଜନ କରାଯିବ। କ୍ରୀଡ଼ା ଏବଂ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତୀ ବେହେରା କଳିଙ୍ଗ ଷ୍ଟାଡିୟମଠାରେ ଏହି ରାଲିକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ପ୍ରଥମ ଦିନରେ ସାଇକେଲ ଆରୋହୀମାନେ କୋଣାର୍କ, ପିପିଲି ଓ ରଘୁରାଜପୁର ଦେଇ ପୁରୀ ଯାତ୍ରା କରିବେ। ସୂଚନାଯୋଗ୍ୟ, ରୁଟ୍‌ସ ଅଫ୍ ଓଡ଼ିଶା ଫାଉଣ୍ଡେଶନ ୨୦୧୫ରୁ ଏହି ସାଇକେଲ ରାଲି ଆୟୋଜନ କରିଆସୁଛି। ଏଥିରେ ଭାରତର ବିଭିନ୍ନ ପ୍ରାନ୍ତରୁ ସାଇକେଲ ଚାଳକ ଅଂଶଗ୍ରହଣ କରିଥାନ୍ତି। ଚଳିତବର୍ଷ ଫାଉଣ୍ଡେଶନ ତା'ର ଚତୁର୍ଥ ସଂସ୍କରଣ ସାଇକେଲ ରାଲି କରିବ। ଏଥର ମଧ୍ୟ ବିଭିନ୍ନ ରାଜ୍ୟରୁ ସାଇକେଲ ଆରୋହୀମାନେ ଅଂଶଗ୍ରହଣ କରିବେ। ନିକଟରେ 'ଟୁର୍-ଡି-କଳିଙ୍ଗ' ରାଲିର ବୁକ୍‌ଲେଟ୍‌କୁ ଫାଉଣ୍ଡେଶନ ଅଧ୍ୟକ୍ଷ ସୁଧୀର ଦାଶଙ୍କ ଉପସ୍ଥିତିରେ ମନ୍ତ୍ରୀ ତୁଷାରକାନ୍ତି ବେହେରା ଉନ୍ମୋଚନ କରିଥିଲେ।




ବିଶ୍ୱ ଏଡ୍ସ ଦିବସରେ ଗୁରୁବାର ଏସ୍‌ସିବି ମେଡିକାଲ କଲେଜ ଡାକ୍ତରୀ ଛାତ୍ରୀଛାତ୍ରଙ୍କ ସଚେତନତା ଶୋଭାଯାତ୍ରା।



**ODISHA HYDRO POWER CORPORATION LTD.**
OHPC
(A Gold Rated State PSU)
O/o. Sr. GENERAL MANAGER, RENGALI HYDRO ELECTRIC PROJECT
P.O.: RENGALI DAM SITE, PIN- 759105, DIST.- ANGUL (ODISHA)
TEL.: 06760-277214, email: sgmel500@gmail.com
No.: RHEP/C&P/PUR-III-61/8362 Date: 30.11.2022

**NOTICE INVITING TENDER No. RHEP- 68/2022-23**

No. CAD-3941: Sealed tenders are invited in two part i.e. (i) Techno Commercial Bid and (ii) Price Bid in separate sealed envelopes from reputed firm/agency/man power supply service provider.

| Sl. No. | Description of services | Cost of Tender Paper (Non-refundable) in Rs. | Estimated Amount/EMD in shape of DD only (Refundable) in Rs. | Period of availability of tender at OHPC website | Last date & Time of receipt of Tender | Date & Time of Opening of Techno Commercial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | HOUSE KEEPING & CATERING OF ERECTOR'S HOSTEL OF RHEP, RENGALI | Rs.7080/- (Inclusive of GST @ 18%) | Rs.11,78,950/- and in lieu of EMD, Bid Security declaration form to be submitted | From Dtd. 02.12.2022 to Dtd. 15.12.2022 (upto 03.30 P.M.) | Upto 04.00 P.M. Dt. 15.12.2022 | At 04.45 P.M. Dt. 15.12.2022 |

For details and further correspondence/corrigendum, please visit our website **www.ohpcltd.com**.
OIPR-04022/11/0097/2223 Sd./- C & P Head, RHEP, Rengali

**OFFICE OF THE SUPERINTENDING ENGINEER DHENKANAL (R&B) DIVISION, DHENKANAL**
No. B-907 Email: eedklpwd@gmail.com

**INVITATION FOR BIDS THROUGH e-Procurement**
Bid Identification No. DKL-1 Tender Call Notice No. 23 of 2022-23

**Invitation for Bids**

| | | |
|---|---|---|
| 1. | The Superintending Engineer, Dhenkanal (R&B) Division, Dhenkanal on behalf of Governor of Odisha, invites percentage rate bids in Single Cover System in ONLINE MODE only, for Construction of Building Work & Electrical Work as detailed below. | |
| 2. | Nature of Work | : Building Work (1 No.) & Electrical Work (1 No.) |
| 3. | No. of Work | : 02 Nos. |
| 4. | Bid Cost | : Rs.6,000/- (each) |
| 5. | Class of Contractor | : C & B Class, MV/HT |
| 6. | Availability of Bid Documents in the website | : From 10.00 A.M. of 03.12.2022 to 5.00 P.M. of 17.12.2022 |
| 7. | Date of Opening of Bid | : Dt.19.12.2022 at 11.00 A.M. |
| 8. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website only. | |

Sd./- Superintending Engineer
Dhenkanal (R&B) Division, Dhenkanal
OIPR-34016/11/0017/2223

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
**OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR**
No. CAD-3961
Tender Call Notice No. BBSR/ELECT/E-4370/22-23/2492 Dated: 29.11.2022

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

Name of the Work : Providing LED Street lighting in the road and lawn inside newly constructed buildings of EMC Park, Infocity-II, Janla, Khordha.

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect.), IDCO, IDCO Tower, Janpath, Bhubaneswar | Bid Id No. BBSR/ ELECT/e-12/22-23 | 08.12.2022 at 17.00 Hrs. | 16.12.2022 at 12.00 hrs. |

Further details can be seen from the e-Procurement Portal: **www.tendersorissa.gov.in.** Corrigendum or addendum if any will not be published in Newspapers and can be seen in e-Procurement portal as well as in IDCO website.
OIPR-14003/11/0212/2223 Sd./- Divisional Head (Elect.), IDCO, Bhubaneswar


## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ, ଜନତା ମଇଦାନ, ପୂର୍ବାହ୍ନ ୧୦ଟା।
- ବିସ୍ଥାପନ ବିରୋଧୀ ଜନ ଆନ୍ଦୋଳନ ମଞ୍ଚ ପକ୍ଷରୁ ରାଲି, ମାଷ୍ଟର କ୍ୟାଣ୍ଟିନ୍‌ରୁ ଲୋହିଆ ଏକାଡେମୀ, ପୂର୍ବାହ୍ନ ୧୦ଟା।
- ସ୍ୱତନ୍ତ୍ର ହସ୍ତତନ୍ତ୍ର ମେଳା, ଏକାମ୍ର ହାଟ, ପୂର୍ବାହ୍ନ ୧୧ଟା।
- ନୂଆଖାଇ ଭେଟ୍‌ଘାଟ୍-୨୦୨୨, ଗାନ୍ଧୀ ମେମୋରିଆଲ ପାର୍କ, ଅପରାହ୍ନ ୫ଟା।
- ଲୋୟଲା ସ୍କୁଲ ପକ୍ଷରୁ ଜୁନିୟର ପ୍ୟାରେଣ୍ଟ୍‌ସ ମିଟ୍-୨୦୨୨, ସ୍କୁଲ ପରିସର, ଅପରାହ୍ନ ୫ଟା।
- ପ୍ରଜ୍ଞାନ ମିଶନ ପକ୍ଷରୁ ପରମହଂସ ବରିହରାନନ୍ଦଜୀ ମହାରାଜଙ୍କ ପୁଣ୍ୟତିଥି ପାଳନ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ବ୍ରହ୍ମାକୁମାରୀ ଓମ୍ ନିବାସ ପକ୍ଷରୁ 'ଦିବ୍ୟ ମହାକୁମ୍ଭ' ମେଳାର ୬ଷ୍ଠ ଦିବସରେ କଳା ଓ ସଂସ୍କୃତି ସମ୍ମିଳନୀ, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ସନ୍ଧ୍ୟା ୬ଟା।
- କୋଣାର୍କ ମହୋତ୍ସବ, ମୁକ୍ତାକାଶ ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା।

କଟକ

- ଅଭିରାମ ସାରସ୍ୱତ ପରିଷଦ ପକ୍ଷରୁ ଜାତୀୟ ଆଲୋଚନାଚକ୍ର, ପରିଷଦ ପରିସର, ନୂଆବଜାର, ସକାଳ ୯ଟା ୩୦।

# ଜଗବନ୍ଧୁଙ୍କ ଜାମିନ ଖାରଜ, ହୋଟେଲ ମାଲିକଙ୍କୁ ଜେରା

## ବେଆଇନ ଅର୍ଥ କାରବାର ମାମଲା

### ଉପର କୋର୍ଟର ଦ୍ୱାରସ୍ଥ ହେଲେ ଅର୍ଚ୍ଚନା

ଭୁବନେଶ୍ୱର,୧।୧୨(ବ୍ୟୁରୋ)

ବହୁଚର୍ଚ୍ଚିତ ବ୍ଲାକ୍‌ମେଲର ଅର୍ଚ୍ଚନା ନାଗଙ୍କ ବେଆଇନ ଆର୍ଥିକ କାରବାରର ଚେର କେଉଁଆଡେ ଲମ୍ବିଛି ତାହାର ଖୋଳତାଡ କରିବା ସହ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏକାଧିକ ଲୋକଙ୍କୁ ଜେରା କରି ତଥ୍ୟ ହାସଲ କରୁଛି। ଏହା ଭିତରେ ଫିଲ୍ମ ପ୍ରଯୋଜକ ଅକ୍ଷୟ ପରିଜାଙ୍କୁ ବ୍ଲାକ୍‌ମେଲିଂ କରି ୩ କୋଟି ମାଗିବା ମାମଲାରେ ଅର୍ଚ୍ଚନାଙ୍କ ଜାମିନ ଆବେଦନକୁ ଭୁବନେଶ୍ୱର ଜେଏମ୍‌ଏଫ୍‌ସି-୩ ବୁଧବାର ଖାରଜ କରିଦେଇଥିଲେ। ତେବେ ଗୁରୁବାର ଅର୍ଚ୍ଚନାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କ ଜାମିନ ଆବେଦନକୁ ମଧ୍ୟ ଭୁବନେଶ୍ୱର ଏଡିଜେ-୨ ଖାରଜ କରିଦେଇଛନ୍ତି। ଅନ୍ୟପକ୍ଷରେ ତଳକୋର୍ଟରେ ଜାମିନ ଖାରଜ ହେବା ପରେ ଅର୍ଚ୍ଚନା ଉପର କୋର୍ଟ ତଥା ଭୁବନେଶ୍ୱର ଜିଲା ଓ ଦୌରାଜଜ୍‌ଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପରବର୍ତ୍ତୀ ସମୟରେ କୋର୍ଟ ଏହା ଉପରେ ଶୁଣାଣି କରି ରାୟ ପ୍ରକାଶ କରିବେ। ଏପଟେ ନୟାପଲ୍ଲୀସ୍ଥିତ ଇଡି କାର୍ଯ୍ୟାଳୟରେ ହୋଟେଲ ବ୍ୟବସାୟୀ ଶିବ ପ୍ରସାଦ ଦାସଙ୍କୁ ଗୁରୁବାର ଜେରା କରାଯାଇଥିଲା। ପୂର୍ବାହ୍ନ ପ୍ରାୟ ୧୦ଟାରେ ଶିବ ତାଙ୍କ ଓକିଲଙ୍କ ସହ ହାଜର ହୋଇଥିଲେ। ଅର୍ଚ୍ଚନାଙ୍କ ସହ ଟଙ୍କା କାରବାର ନେଇ ଇଡି ଅଧିକାରୀମାନେ ତାଙ୍କୁ ପଚରାଉଚରା କରିଥିଲେ। ତାଙ୍କ ହୋଟେଲକୁ ଅର୍ଚ୍ଚନା ଓ ତାଙ୍କ ହନିଟ୍ରାପ୍‌ରେ ମୋହରା ସାଜିଥିବା ଶ୍ରଦ୍ଧାଞ୍ଜଳି ବେହେରା ଏକାଧିକ ଥର ଯାଇଥିଲେ। ଏପରି କି ହନିଟ୍ରାପ ମାମଲାରେ ବିଭିନ୍ନ ଲୋକଙ୍କ ସହ ଅର୍ଚ୍ଚନା ଉକ୍ତ ହୋଟେଲରେ ଡିଲ୍ କରୁଥିଲେ ବୋଲି କୁହାଯାଉଛି। ତେବେ ହୋଟେଲ ମାଲିକ ଶିବ ପ୍ରସାଦଙ୍କ ସହ ଅର୍ଚ୍ଚନାଙ୍କ ଆର୍ଥିକ କାରବାର ହନିଟ୍ରାପ ମାମଲା ସମ୍ପର୍କିତ କି ନୁହେଁ ସେନେଇ ଇଡି ଟିମ୍ ଶିବ ପ୍ରସାଦଙ୍କଠାରୁ ତଥ୍ୟ ହାସଲ ପାଇଁ ଚେଷ୍ଟା କରିଥିଲେ। ସେହିପରି ଆଉକିଛି ଦିଗକୁ ନେଇ ମଧ୍ୟ ତାଙ୍କୁ ପଚରାଉଚରା କରାଯାଇଥିବା ସୂଚନା ମିଳିଛି। ହୋଟେଲକୁ ଅର୍ଚ୍ଚନା ଓ ଶ୍ରଦ୍ଧାଞ୍ଜଳି କେତେଥର ଯାଇଛନ୍ତି, ତାଙ୍କ ସହ କେଉଁ ବଡ଼ବଡ଼ିଆମାନେ ଯାଉଥିଲେ, ଟଙ୍କା କାରବାର ହେଉଥିବା ବେଳେ କିଛି ପ୍ରମାଣ ଅଛି କି ଏଭଳି ଦିଗକୁ ନେଇ ଶିବସୁନ୍ଦରଙ୍କଠାରୁ ଇଡି କିଛି ନୂଆ ତଥ୍ୟ ହାସଲ କରିଥିବା ଅନୁମାନ କରାଯାଉଛି। ଉଲ୍ଲେଖଯୋଗ୍ୟ, ୩୦ ତାରିଖ ବୁଧବାର ଅର୍ଚ୍ଚନା କୋର୍ଟରେ ହାଜର ସମୟରେ ତାଙ୍କୁ ରିମାଣ୍ଡରେ ଆଣିବାକୁ ଇଡି ଯୋଜନା କରିଥିଲା। ହେଲେ ସୁରକ୍ଷା ଦୃଷ୍ଟିରୁ ସେ କୋର୍ଟରେ ହାଜର ହୋଇପାରି ନ ଥିଲେ। ଆଗାମୀ ଦିନରେ ଅର୍ଚ୍ଚନାଙ୍କୁ ରିମାଣ୍ଡରେ ନେବା ପାଇଁ ଆବେଦନ କରିବ ବୋଲି ସୂଚନା ମିଳିଛି।


GOVERNMENT OF ODISHA
**HEALTH & FAMILY WELFARE DEPARTMENT**
MAKE IN ODISHA CONCLAVE'22
No.: PT3-HFW-MEII-MISC-0006-2017-27483
Dated: 30.11.2022

**Notice for Issue of Request for Proposal and the Draft Concession Agreement ("Bid Documents") for Developing Hospitals in Public Private Partnership (PPP) Mode**

No. E-685: With an objective of Healthcare for All, Health & Family Welfare Department, Government of Odisha **("Authority")** has launched its flagship project Affordable Healthcare Project for Development of Secondary Care at 25 locations across the State in PPP Mode. Under the Phase I of the Affordable Healthcare Project, Authority invites participation from interested organisations **("Bidders")** to develop hospitals in following four (4) locations on design, build, finance, operate and transfer (DBFOT) basis **("Project")**. These projects shall receive Viability Gap funding support from both Centre (under the Sub-Scheme-II of Revived VGF guideline of Government of India) and State.

| | Project | Location | District | Bed Capacity |
|---|---|---|---|---|
| **Project Phase I:** | Project A | Angul | Angul | 200 |
| | Project B | Barbil | Keonjhar | 200 |
| | Project C | Jharsuguda | Jharsuguda | 100 |
| | Project D | Bhadrak | Bhadrak | 100 |

**Role of Private Partner(s)** : Design, finance and build the hospital and operate and manage all clinical, non-clinical and administrative operations of the hospitals developed under the Project for a concession period of 32 years (subject to the terms and conditions of the bid documents)

**Authority's Contribution** :
- Provision of unencumbered land
- Viability Gap Fund support for construction and 1st five years of operation.
- Hospitals shall also be empaneled with the Biju Swasthya Kalayan Yojana

**Draft Bid Documents** : Draft bid documents available, free of cost on the following URL: **https://health.odisha.gov.in/odisha-affordable-health-care-project/tenders-advertisement ("Website)**.

**Tentative Timelines** Commencement of the Project Registration: 03.12.2022 Pre-Bid Meeting - 17.01.2023 (Time: 15.00 hrs. IST) Venue to be updated in website
Bid Due Date: 28.02.2023, 16.00 hrs. IST

**For further information please contact:**
Dr. Jasmine Patnaik
Joint Secretary
Health and Family Welfare Department
Lokaseva Bhawan, Bhubaneswar - 751007
Email: **hfw.meiisection@gmail.com**

with a copy to:
Ms. Susmita Sahoo, Project Leader
International Finance Corporation, The World Bank Group
Email: **ssahoo3@ifc.org**

**DISCLAIMER:** The authority reserves the right to modify, cancel, suspend or terminate any aspect of its proposal to undertake the development of any or all of the hospitals in the Project or any part thereof, for any reason and without giving prior notice.
**OIPR-10001/11/0074/2223**

# ମୋବାଇଲ ଟାୱାରରେ ଚଢ଼ି ଯୁବକଙ୍କ ଉନ୍ମତ୍ତକାଣ୍ଡ

## ଉଦ୍ଧାରକାରୀ ଦଳ ନାକେଦମ୍

**ଯୋଡ଼ା,୧।୧୨(ଡି.ଏନ.ଏ.)** କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା ୧୦ ନଂ. ୱାର୍ଡ ପଶ୍ଚିମଯୋଡ଼ାରେ ଥିବା ଏକ ବିଏସ୍ଏନ୍ଏଲ୍ ଟାୱାରରେ ଚଢ଼ି ଜଣେ ଯୁବକ ଉନ୍ମତ୍ତକାଣ୍ଡ ଘଟାଇଛନ୍ତି। ଯୁବକଙ୍କୁ ଟାୱାରରୁ ଓହ୍ଲାଇବା ପାଇଁ ପୋଲିସ, ଦମକଳ ବାହିନୀ ଓ ଟାଟା କମ୍ପାନୀ ସୁରକ୍ଷା କର୍ମୀଙ୍କୁ ନାକେଦମ ହେବାକୁ ପଡ଼ିଛି। ଏହି ଘଟଣାଟି ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

ବୁଧବାର ରାତିରେ ସ୍ଥାନୀୟ ଅଞ୍ଚଳର ରାଜୁ ମୁଣ୍ଡା ନାମକ ଯୁବକଙ୍କୁ ସ୍ଥାନୀୟ ଲୋକେ ବିଏସ୍ଏନ୍ଏଲ୍ ମୋବାଇଲ ଟାୱାର ଉପରେ ଦେଖିଥିଲେ। ପୋଲିସକୁ ଖବର ଦେବା ପରେ ଅଗ୍ନିଶମ କର୍ମଚାରୀ ଓ



ଯୁବକ ଚଢ଼ିଥିବା ଟାୱାର।

ପୋଲିସ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ମାତ୍ର କେହି ପାଖକୁ ଆସିଲେ ଯୁବକ ଆତ୍ମହତ୍ୟାର ଧମକ ଦେଉଥିବାରୁ ଉଦ୍ଧାରକାରୀ ଦଳ ଅଡୁଆରେ ପଡ଼ିଛନ୍ତି। ଅନ୍ୟପକ୍ଷେ ଟାୱାର ଉପରକୁ ଚଢ଼ିଥିବା ଉଦ୍ଧାରକାରୀ ଦଳଙ୍କ କହିବାନୁଯାୟୀ ସମ୍ପୃକ୍ତ ଯୁବକଙ୍କ ହାତରେ ଏକ ମାରଣାସ୍ତ୍ର ଥିବାରୁ ତାଙ୍କୁ ଉଦ୍ଧାର କରିବା କଷ୍ଟକର ହୋଇପଡ଼ିଛି। ତଥାପି ଅନ୍ୟ ଉପାୟ ଦ୍ୱାରା ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା ଜାରି ରହିଛି। ଗୁରୁବାର ସନ୍ଧ୍ୟା ପର୍ଯ୍ୟନ୍ତ ଟାୱାର ତଳେ ପୋଲିସ, ଦମକଳ ବାହିନୀ, ସୁରକ୍ଷା କର୍ମୀ ଓ ଜନସାଧାରଣ ଉଦ୍ଧାର କାର୍ଯ୍ୟରେ ଲାଗିଥିବା ବେଳେ ରାଜୁ ତଳକୁ ଓହ୍ଲାଇ ନ ଥିଲେ। କେଉଁ କାରଣରୁ ଟାୱାର ଉପରେ ଚଢ଼ିଛନ୍ତି ଜଣାପଡ଼ିନାହିଁ।

# ବିବାହ ବେଦିରେ ଚୁମ୍ବନ ଦେଲେ ବର

**ଲକ୍ଷ୍ନୌ,୧।୧୨:** ନିଜ ଭାବି ସ୍ତ୍ରୀଙ୍କୁ ଚୁମ୍ବନ ଦେଲେ ଅଡୁଆରେ ଫସିବେ ବୋଲି କେହି ମନେକରି ନ ଥିବେ। ତେବେ ଉତ୍ତରପ୍ରଦେଶର ସମ୍ଭଲ ଜିଲା ବରେଲିରେ ଏଭଳି ଘଟଣା ଦେଖିବାକୁ ମିଳିଛି। ବାହା ହେବା ପାଇଁ ଯାଇଥିବା ବର ଷ୍ଟେଜ୍ ଉପରେ କନିଆଙ୍କୁ ଚୁମ୍ବନ ଦେଇ ହଟହଟା ହୋଇଛନ୍ତି। ତାଙ୍କର ଏଭଳି ଆଚରଣ ଦେଖି କନିଆ ବିବାହ ମଣ୍ଡପ ଛାଡ଼ି ଚାଲିଯାଇଥିଲେ। କେବଳ ଏତିକି ନୁହେଁ, ସେ କନିଆ ଥାନାର ଦ୍ୱାରସ୍ଥ ମଧ୍ୟ ହୋଇଥିଲେ। ସମ୍ପୃକ୍ତ ଯୁବକଙ୍କ ସହ ବିବାହ କରିବାକୁ ଚାହୁଁ ନ ଥିବା ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ୩୦୦ ଲୋକଙ୍କ ସାମ୍ନାରେ ନିଜକୁ ନିୟନ୍ତ୍ରଣରେ ରଖିପାରୁ ନ ଥିବା ବ୍ୟକ୍ତିଙ୍କ ସହ ସେ ଜୀବନ ବିତାଇପାରିବେ ନାହିଁ ବୋଲି ପ୍ରତିକ୍ରିୟା ଦେଇଛନ୍ତି। ଗତ ୨୮ ତାରିଖରେ ଏହି



ବାହାଘର ଅନୁଷ୍ଠିତ ହୋଇଥିଲା। ପରସ୍ପରକୁ ମାଳ ପିନ୍ଧାଇବା ପରେ ବର କନିଆଙ୍କୁ ଚୁମ୍ବନ ଦେଇଥିଲେ, ଏତିକି କଥାରେ ସେ ରାଗିଯାଇ ମଣ୍ଡପ ଛାଡ଼ି ପଳାଇଥିଲେ। ପରେ ସମାଧାନ ପାଇଁ

## ଅଧାରୁ ପଳାଇଲେ କନିଆ, ଥାନାରେ ମାମଲା

ଦୁଇ ପରିବାର ବାହଜୋଇ ଥାନାରେ ପହଞ୍ଚିଥିଲେ। ଥାନାରେ ବର କହିଥିଲେ, ବିବାହ ବେଦିରେ ଚୁମ୍ବନ ଦେଲେ ତାଙ୍କୁ ୧୫୦୦ ଟଙ୍କା ମିଳିବ ବୋଲି କନିଆ ପ୍ରତିଶ୍ରୁତି ଦେଇଥିଲେ। ବର ବିଫଳ ହେଲେ ଓଲଟା ସେ କନିଆଙ୍କୁ ୩୦୦୦ ଟଙ୍କା ଦେବେ। କନିଆ କିନ୍ତୁ ଏ କଥାକୁ ଖଣ୍ଡନ କରିଛନ୍ତି। ଥାନାରେ ସମ୍ପାଦିତ ଏକ ଚୁକ୍ତିନାମା ଅନୁସାରେ ଉଭୟେ ବିବାହ ପୂର୍ବରୁ ଅଲଗା ହୋଇଯାଇଛନ୍ତି। ତେବେ ସେମାନଙ୍କ ବିବାହ ପଞ୍ଜୀକରଣକୁ ସହଜରେ ରଦ୍ଦ କରିବା ପାଇଁ କୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିବ।

# ସଂଖ୍ୟାଲଘୁଙ୍କ ପାଖରେ ପହଞ୍ଚୁନି ସରକାରୀ ସୁବିଧା

## ଜାତୀୟ ଆୟୋଗ ସଦସ୍ୟାଙ୍କ ଉଦ୍‌ବେଗ

**ଭୁବନେଶ୍ୱର, ୧।୧୨(ବ୍ୟୁରୋ)** ଓଡ଼ିଶାରେ ସଂଖ୍ୟାଲଘୁଙ୍କୁ ସରକାରୀ ସୁବିଧା ସୁଯୋଗ ମିଳୁନି। ସଂଖ୍ୟାଲଘୁଙ୍କ ପାଇଁ କେନ୍ଦ୍ର ଏବଂ ରାଜ୍ୟ ସରକାର ଯେଉଁସବୁ ଯୋଜନା ଏବଂ କାର୍ଯ୍ୟକ୍ରମ କରୁଛନ୍ତି ସଚେତନତା ଅଭାବରୁ ତାହା ସେମାନଙ୍କ ନିକଟରେ ପହଞ୍ଚିପାରୁନି। ଏପରିକି କେନ୍ଦ୍ରୀୟ ପାଣ୍ଠି ମଧ୍ୟ ଫେରିଯାଉଛି। ୩ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ଜାତୀୟ ସଂଖ୍ୟାଲଘୁ ଆୟୋଗର ସଦସ୍ୟା ସୟେଦ୍ ସେହଯାଦୀ ଏହା ଜାଣି ଉଦବେଗ ପ୍ରକାଶ କରିଛନ୍ତି। ରାଜ୍ୟ ଅତିଥି ଭବନରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଓଡ଼ିଶାରେ ରାଜ୍ୟ ସଂଖ୍ୟାଲଘୁ ଆୟୋଗ ନାହିଁ। ୱାକଫ ବୋର୍ଡ ଅଧ୍ୟକ୍ଷ ଏବଂ ସଦସ୍ୟ ମଧ୍ୟ ନାହାନ୍ତି। ରାଜ୍ୟ ହଜ୍ କମିଟିରେ ୨୦୧୮ ପରେ କୌଣସି ନିଯୁକ୍ତି ହୋଇନାହିଁ। ଓଡ଼ିଶାରେ କେବଳ ଗୋଟିଏ ଉର୍ଦ୍ଦୁ ଶିକ୍ଷକ ତାଲିମ କେନ୍ଦ୍ର ରହିଛି। ମଦ୍ରାସାଗୁଡ଼ିକରେ ୧୮ ହଜାର ପିଲା ପଢୁଥିବାବେଳେ ୧୦୭୬ ଶିକ୍ଷକ ଅଛନ୍ତି। ତେଣୁ ଆଉ ୨ରୁ ୩ଟି ଉର୍ଦ୍ଦୁ ଶିକ୍ଷକ ତାଲିମ କେନ୍ଦ୍ରର ଆବଶ୍ୟକତା ରହିଛି। ସେହିପରି ସଂଖ୍ୟାଲଘୁଙ୍କ ପାଇଁ ଏକ ସ୍ୱତନ୍ତ୍ର ବିଭାଗ ଜରୁରୀ। ରାଜ୍ୟରେ ୯,୧୧,୬୭୦ ମୁସଲମାନ୍, ୧୧,୬୧,୭୦୮ ଖ୍ରୀଷ୍ଟିୟାନ ୨୧,୯୮୧ ଶିଖ୍, ୧୩୦୦୦ ବୁଦ୍ଧିଷ୍ଟ, ୯୦୦୦ ଜୈନ ସମ୍ପ୍ରଦାୟର ଲୋକ ରହିଛନ୍ତି। ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଜନ ବିକାଶ କାର୍ଯ୍ୟକ୍ରମ (ପିଏମଜେବିକେ) ଅଧୀନରେ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିଛି। ତେବେ ରାଜ୍ୟ କିମ୍ବା ଜିଲାସ୍ତରରେ ଫିଟିନ୍ ପଏଣ୍ଟ ପ୍ରୋଗ୍ରାମ କମିଟି ନ ଥିବାରୁ ପାଣ୍ଠି ବିନିଯୋଗ ହୋଇପାରୁନି। କେନ୍ଦ୍ରରୁ ଆସୁଥିବା ପାଣ୍ଠି ଫେରିଯାଉଛି। ସଂଖ୍ୟାଲଘୁଙ୍କୁ ମିଳୁଥିବା ସୁବିଧା ସମ୍ପର୍କରେ ଚର୍ଚ୍ଚା କରାଯାଇପାରୁନି। ସଚେତନତା ଅଭାବରୁ ସଂଖ୍ୟାଲଘୁ ସମ୍ପ୍ରଦାୟ ଲୋକେ ଏ ବିଷୟରେ ଜାଣିପାରୁନାହାନ୍ତି। ସଂଖ୍ୟାଲଘୁ ଅର୍ଥ ନିଗମ ମଧ୍ୟ କାର୍ଯ୍ୟକ୍ଷମ ହେଉନି। ସ୍ୱତନ୍ତ୍ର ସଂଖ୍ୟାଲଘୁ ବିଭାଗ ନ ଥିବାରୁ କେହି ଏଥିପ୍ରତି ଆଗ୍ରହ ପ୍ରକାଶ କରୁନଥିବା ଜଣାପଡୁଛି। ଏହା ଉପରେ ଦୃଷ୍ଟି ଦେବାକୁ ସେ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି।



ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଅବସରରେ ଚିତ୍ରକୋଣ୍ଡା ବ୍ଲକ୍‌ର ସମସ୍ତ ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି । ମାନବ ସେବା ହିଁ ମାଧବ ସେବା – ଚିତ୍ରକୋଣ୍ଡାର ଉପାନ୍ତ, ଦୁର୍ଗମ ତଥା ସ୍ୱାଭିମାନ ଅଞ୍ଚଳବାସୀଙ୍କ ବିକାଶ ହେଉ ଏହା ହିଁ ମୋର କାମନା ।
ରାଜେଶ୍ୱରୀ ଖିଲ (ରିଙ୍କି)
ଚିତ୍ରକୋଣ୍ଡା ବ୍ଲକ୍ ଅଧ୍ୟକ୍ଷା


ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଅବସରରେ ପୋରେବର୍ତ୍ତନ ଅନୁଷ୍ଠାନ, ଚିତ୍ରକୋଣ୍ଡା ବ୍ଲକ୍ ତଥା ସ୍ୱାଭିମାନ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।
ସନ୍ତୋଷ କୁମାର ଶୁକ୍ଳା
ସମ୍ପାଦକ, ପୋରେବର୍ତ୍ତନ ଅନୁଷ୍ଠାନ, ଚିତ୍ରକୋଣ୍ଡା-ମାଲକାନଗିରି


ଧରିତ୍ରୀର ୪୯ତମ ଜନ୍ମବାର୍ଷିକୀ ଅବସରରେ ବାଲେଶ୍ୱର ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ । ଜଳେଶ୍ୱରବାସୀଙ୍କ ଉତ୍ତରୋତ୍ତର ଉନ୍ନତି ସହ ସୁଖ ସମୃଦ୍ଧି କାମନା କରୁଛି ।
ଅନୁସୂୟା ପ୍ରଧାନ
ଉପାଧ୍ୟକ୍ଷା, ବାଲେଶ୍ୱର ଜିଲ୍ଲା ପରିଷଦ, ଜଳେଶ୍ୱର, ବାଲେଶ୍ୱର


ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା ସହ ଆଗାମୀ ଦିନରେ ସାଧାରଣ ଜନତାଙ୍କ ସମେତ ସ୍ଥାନୀୟ ସମସ୍ୟାକୁ ଗୁରୁତ୍ୱ ଦେଲେ ଉଭୟ ପାଠକ ଏବଂ ସହରବାସୀ ଉପକୃତ ହୋଇପାରିବେ ବୋଲି ଆଶା ଓ ବିଶ୍ୱାସ ରହିଛି।

ସଞ୍ଜୟ ଲାଠ
ଏଆଇପିଡିଏର ସାଧାରଣ ସମ୍ପାଦକ


ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଅବସରରେ ଚିତ୍ରକୋଣ୍ଡା ବ୍ଲକ୍ ତଥା ସ୍ୱାଭିମାନ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା। ପ୍ରଗତି ପଥେ ବିକାଶ ଅଭିମୁଖେ ସ୍ୱାଭିମାନ ଅଞ୍ଚଳ ।
ଲକ୍ଷ୍ମୀନାରାୟଣ ମୁଦୁଲି (ବଣ୍ଟି)
ପୋଲିସ ଅଧିକାରୀ, ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ

ଧରିତ୍ରୀର ୪୯ତମ ଜନ୍ମବାର୍ଷିକୀ ଅବସରରେ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ, ଶିକ୍ଷାକର୍ମଚାରୀ ଓ ପରିବେଶ ସୁରକ୍ଷାକାରୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ । ସମସ୍ତେ ସୁଖ, ଶାନ୍ତି ଓ ନୀରୋଗରେ ରହନ୍ତୁ ଏହା ମୋର ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

ଡ. ଅଜିତ୍ ମହାନ୍ତି
ଓଷ୍ଟା ସମ୍ପାଦକ, ଜଳେଶ୍ୱର ଶାଖା ତଥା ପ୍ରତିଷ୍ଠାତା ଦିଗମ୍ବରୀ ଦେବୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ, ଜଳେଶ୍ୱର, ବାଲେଶ୍ୱର

ଅଭିନନ୍ଦନ
ଆନନ୍ଦ ନର୍ସିଂହୋମ୍
(ରେ.ନଂ.:ଡିଏମ୍ଇଟି ୩୭୭/୨୦୦୪)
ଗଡ଼ଅଣ୍ଡିଆ, ନିମାପଡ଼ା
ମୋ-୭୫୦୪୬୦୮୦୦୬,୯୪୩୮୩୨୦୪୫୮
ଏଠାରେ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡଧାରୀମାନଙ୍କ ପାଇଁ ମାଗଣାରେ ଅପରେସନ ଓ ଚିକିତ୍ସା ସୁବିଧା ଉପଲବ୍ଧ । ଏଠାରେ ଅଲ୍‌ଟ୍ରାସାଉଣ୍ଡ କରାଯାଏ ।
ବିରଞ୍ଚି ନାରାୟଣ କୁଣ୍ଡୁ
ପ୍ରୋପ୍ରାଇଟର


ଧରିତ୍ରୀର ୪୯ତମ ଜନ୍ମବାର୍ଷିକୀ ଅବସରରେ ଓଡ଼ିଶାବାସୀ ତଥା ଜଳେଶ୍ୱର ନିର୍ବାଚନ ମଣ୍ଡଳୀସ୍ତରୀୟ ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ । ସମସ୍ତଙ୍କର ଉତ୍ତରୋତ୍ତର ଉନ୍ନତି କାମନା ସହିତ ସୁଖ, ଦୁଃଖରେ ଭାଗୀଦାରି ହେବାକୁ ପ୍ରୟାସ ଜାରି ରଖିବି ।
ସୁଦର୍ଶନ ଦାସ
ସ୍ତମ୍ଭକାର, ସମାଜସେବୀ ତଥା କଂଗ୍ରେସ ରାଜ୍ୟ ପ୍ରବକ୍ତା, ରାଜଘାଟ, ବାଲେଶ୍ୱର

ଅଭିନନ୍ଦନ
ପୁରୀ ଜିଲ୍ଲାର ନିମାପଡ଼ାସ୍ଥିତ ଝାମ୍ପୁଲାକୁଦ ଠାରେ ଅଛି ଏକ ଆଦର୍ଶ ଘରୋଇ ହୋମିଓପାଥିକ ଚିକିତ୍ସାଳୟ । ଏଠାରେ ମୁଖ୍ୟତଃ ପକ୍ଷାଘାତ, ରିମାଟିଜମ, ଗାଉଟ, ଫାଇଲେରିଆ ଭଳି ବହୁ ବଡ଼ ବଡ଼ ରୋଗର ସଫଳ ଚିକିତ୍ସା କରାଯାଏ ।

ରାଜ୍ୟପାଳ ପୁରସ୍କାରପ୍ରାପ୍ତ ବିଶିଷ୍ଟ ହୋମିଓପାଥିକ ପାରାଲିସିସ୍ ଚିକିତ୍ସକ
ଶ୍ରୀଯୁକ୍ତ ନେତ୍ରାନନ୍ଦ ଭୋଇ
(ରାଜ୍ୟ ଘରୋଇ ହୋମିଓପାଥିକ୍ ଚିକିତ୍ସକ ସଂଘ ସଭାପତି)
ଝାମ୍ପୁଲାକୁଦ, ନିମାପଡ଼ା, ପୁରୀ


ଧରିତ୍ରୀର ୪୯ତମ ଜନ୍ମବାର୍ଷିକୀ ଅବସରରେ ଜଳେଶ୍ୱର ନିର୍ବାଚନ ମଣ୍ଡଳୀସ୍ତରୀୟ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ । ଉପାନ୍ତ ଜଳେଶ୍ୱରବାସୀଙ୍କ ନ୍ୟାଯ୍ୟ ଦାବି ଓ ଅଧିକାରକୁ ଅକ୍ଷୁଣ୍ଣ ରଖିବା ପାଇଁ ସଦାସର୍ବଦା ଉତ୍ସର୍ଗୀକୃତ ସେବା ଯୋଗାଇବାକୁ ପ୍ରୟାସ ଜାରି ରଖିବି ।
ପ୍ରବୀର ପ୍ରଧାନ
ପୂର୍ବତନ ନଗରପାଳ, ସମାଜସେବୀ ତଥା ଭାଜପା ନେତା, ଜଳେଶ୍ୱର, ବାଲେଶ୍ୱର

ଅଭିନନ୍ଦନ
ସତ୍ୟ ଓ ନିଷ୍ଠାର ସହ ସାଧାରଣ ମଣିଷର ସ୍ୱର ହେଉ ଧରିତ୍ରୀ, ମହାପ୍ରଭୁଙ୍କ ମହାଆଶିଷ ଲାଭ ହେଉ । ୪୯ତମ ସ୍ୱନକ୍ଷତ୍ର ଦିବସରେ ସପ୍ରେମ ଶୁଭେଚ୍ଛା । ରାଜ୍ୟର ସମସ୍ତ ପାଠକ ଓ ଧରିତ୍ରୀର ସମସ୍ତ ପରିବାରବର୍ଗଙ୍କୁ ଶୁଭ ଅଭିନନ୍ଦନ ।

ମାନସ ରଞ୍ଜନ ସ୍ୱାଇଁ
ଅଧ୍ୟାପକ, ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ


ଧରିତ୍ରୀର ୪୯ତମ ଜନ୍ମବାର୍ଷିକୀ ଅବସରରେ ଜଳେଶ୍ୱର ବ୍ଲକ୍‌ର ୩୫ଟି ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ । ସମସ୍ତେ ସୁଖ, ଶାନ୍ତିରେ ରହନ୍ତୁ ଏହା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ମୋର ପ୍ରାର୍ଥନା ।
ମାନସ ଜେନା
ଚେୟାରମ୍ୟାନ, ଜଳେଶ୍ୱର ପଞ୍ଚାୟତ ସମିତି, ଜଳେଶ୍ୱର, ବାଲେଶ୍ୱର


ଶୁଭକାମନା
ଧରିତ୍ରୀର ପ୍ରତିଷ୍ଠା ଦିବସରେ କୋରାପୁଟ ଲୋକସଭା ନିର୍ବାଚନମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।
ଆସନ୍ତୁ, ବିକାଶର ସ୍ରୋତରେ ସାମିଲ ହୋଇ କୋରାପୁଟ ଲୋକସଭା ନିର୍ବାଚନମଣ୍ଡଳୀକୁ ୧ ନଂ. ନିର୍ବାଚନ ମଣ୍ଡଳୀଭାବେ ଗଢ଼ି ତୋଳିବା ।

ସପ୍ତଗିରି ଉଲ୍ଲାକା
କୋରାପୁଟ ଲୋକସଭା ସାଂସଦ

ଅଭିନନ୍ଦନ
ଏକ ଦୁର୍ନୀତିମୁକ୍ତ ସ୍ୱାଭିମାନ ନିମାପଡ଼ା ଗଠନ ଓ ନିମାପଡ଼ା ନିର୍ବାଚନମଣ୍ଡଳୀର ସାମଗ୍ରିକ ବିକାଶ ଆମର ମୂଳମନ୍ତ୍ର ।
ଆସନ୍ତୁ, ଆମେ ସମସ୍ତେ ମିଳିମିଶି ବିକାଶର ସ୍ରୋତରେ ସାମିଲ ହେବା, ନିମାପଡ଼ାକୁ ଆଗେଇନେବା ।
ନିମାପଡ଼ାକୁ ରାଜ୍ୟରେ ଏକ ଅଗ୍ରଣୀ ନିର୍ବାଚନ ମଣ୍ଡଳୀରେ ପରିଣତ କରିବା ।

ଶ୍ରୀମତୀ ଜ୍ୟୋସ୍ନାରାଣୀ ତ୍ରିପାଠୀ
ରାଜ୍ୟ ସଭାନେତ୍ରୀ,ରାଜ୍ୟ ଗଣପରିଷଦ, ଓଡ଼ିଶା

ଧରିତ୍ରୀର ୪୯ତମ ଜନ୍ମବାର୍ଷିକୀ ଅବସରରେ ଜଳେଶ୍ୱର ନିର୍ବାଚନ ମଣ୍ଡଳୀସ୍ତରୀୟ ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ଜଳେଶ୍ୱର, ବସ୍ତା ଓ ବାଲିଆପାଳ ବ୍ଲକ୍‌ର ଅଗଣିତ ଜନସାଧାରଣଙ୍କୁ ସୁଖ, ସମୃଦ୍ଧିରେ ଭରପୂର କରି ରଖନ୍ତୁ ଏହା ମୋର ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

ଦିବ୍ୟକାମ ମହାନ୍ତି
ଭାଜପା ଯୁବ ନେତା, ଜଳେଶ୍ୱର ନିର୍ବାଚନମଣ୍ଡଳୀ ବାଲିଆପାଳ, ଜଳେଶ୍ୱର

# ଇଂଲଣ୍ଡର ବିଶ୍ୱ ରେକର୍ଡ

**ରାୱଲପିଣ୍ଡି (ପାକିସ୍ତାନ), ୧।୧୨(ଏପି)**

ପାକିସ୍ତାନ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟ ମ୍ୟାଚରେ ଭୂତାଣୁ ପ୍ରଭାବିତ ଇଂଲଣ୍ଡ ଆକ୍ରମଣାତ୍ମକ କ୍ରିକେଟ ଖେଳିଛି। ୪ଜଣ ବ୍ୟାଟ୍ସମ୍ୟାନଙ୍କ ଶତକ ସହାୟତାରେ ଦଳ ୫୦୬/୪ ସ୍କୋର କରି ଏକ ବିଶ୍ୱ ରେକର୍ଡ କରିଛି। ଜ୍ୟାକ୍ କ୍ରଲି ୧୨୨ ରନ କରିଥିବା ବେଳେ ବେନ୍ ଡକେଟ୍ ୧୦୭ ରନ କରିଛନ୍ତି। ଉଭୟେ ପ୍ରଥମ ଉଇକେଟ ପାର୍ଟନରଶିପ୍‌ରେ ଦ୍ରୁତ ୨୩୩ ରନ ସଂଗ୍ରହ କରିଛନ୍ତି। ଅନ୍ତିମ ସେସନରେ ଓଲି ପୋପ୍ ଓ ହ୍ୟାରି ବ୍ରୁକ୍ ସେମାନଙ୍କର ଶତକ ହାସଲ କରିଥିଲେ। ଦୁହେଁ ପାକିସ୍ତାନର ଅନଭିଜ୍ଞ ବୋଲିଂ ଆକ୍ରମଣକୁ ବେଖାତିର କରି ରନ ସଂଗ୍ରହ କରିଥିଲେ। ବ୍ୟାଡ୍ ଲାଇଟ ଯୋଗୁ ଗୁରୁବାର କେବଳ ୭୫ ଓଭର ଖେଳ ସମ୍ଭବ ହୋଇଥିଲା। ଇଂଲଣ୍ଡ ବ୍ୟାଟରମାନେ ୭୩ ଚୌକା ଓ ୩ ଛକା ଲଗାଇଥିଲେ।



ଦ୍ୱିଶତକୀୟ ଭାଗୀଦାରି ଅବସରରେ ଜ୍ୟାକ କ୍ରଲି ଓ ବେନ୍ ଡକେଟ।

କୌଣସି ଟେଷ୍ଟ ମ୍ୟାଚର ପ୍ରଥମ ଦିବସରେ ୫୦୬/୪ ସ୍କୋର ହେଉଛି ସର୍ବାଧିକ। ପୂର୍ବରୁ ୧୯୧୦ରେ ସିଡ୍‌ନୀଠାରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୪୯୪/୬ ସ୍କୋର କରି ଅଷ୍ଟ୍ରେଲିଆ ଏହି ରେକର୍ଡର ଅଧିକାରୀ ଥିଲା। ଇଂଲଣ୍ଡ ଆହୁରି ମଧ୍ୟ ଦ୍ରୁତ ୫୦୦ରନ ସ୍କୋର କରିବାରେ ଦ୍ରୁତତମ ଦଳ। ଫାଇନାଲ ସେସନରେ ପଦାର୍ପଣକାରୀ ଖେଳାଳି ସାଉଦ୍ ଶକିଲଙ୍କ ବୋଲିଂରେ ବ୍ରୁକ୍ ଗୋଟିଏ ଓଭରରେ ୬ ଚୌକା ଲଗାଇଥିଲେ। ସେ ୧୦୧ରନ କରି ଅପରାଜିତ ରହିଥିଲେ। ଭାଇରସ ସଂକ୍ରମଣରୁ ବେନ୍ ଷ୍ଟୋକ୍ସ ସୁସ୍ଥ ହୋଇ ନ ଥିବାରୁ ପୋପ୍ ଉଇକେଟକିପିଂ ଦାୟିତ୍ୱ ତୁଲାଇବେ। ଠିକଣା ସମୟରେ ଭୂତାଣୁରୁ ଆରୋଗ୍ୟ ଲାଭ କରିଥିବା ଅଧିନାୟକ ବେନ୍ ଷ୍ଟୋକ୍ସ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ସେ ୧୫ ବଲ୍‌ରୁ ୩୪ ରନ କରି ଅପରାଜିତ ରହିଛନ୍ତି। ପାକିସ୍ତାନର ପ୍ରମୁଖ ବୋଲର ଶାହିନ ଆଫ୍ରିଦୀଙ୍କ ଅନୁପସ୍ଥିତିରେ ୩ ପଦାର୍ପଣକାରୀ ବୋଲର ହାରିସ୍ ରାଫ୍ ଓ ମହମ୍ମଦ ଅଲ (ଫାଷ୍ଟ ବୋଲର) ଏବଂ ଲେଗ୍ ସ୍ପିନର ମହମ୍ମଦ ଜାହିଦ ପ୍ରଭାବହୀନ ସାବ୍ୟସ୍ତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ କେହି ପିଣ୍ଡି କ୍ରିକେଟ ଷ୍ଟାଡିୟମର ଘାସଶୂନ୍ୟ ପିଚ୍‌ରୁ କୌଣସି ଫାଇଦା ଉଠାଇ ପାରି ନ ଥିଲେ।

**ସଂକ୍ଷିପ୍ତ ସ୍କୋର**

**ଇଂଲଣ୍ଡ ପ୍ରଥମ ଇନିଂସ:** ୫୦୬/୪ (ଜ୍ୟାକ୍ କ୍ରଲି-୧୨୨, ଓଲି ପୋପ୍-୧୦୮, ବେନ୍ ଡକେଟ-୧୦୭, ହ୍ୟାରି ବ୍ରୁକ୍ -୧୦୧*; ଜାହିଦ ମେହେମୁଦ୍-୨/୧୬୦)।

# ଲାବୁସେନ, ସ୍ମିଥ୍‌ଙ୍କ ଦ୍ୱିଶତକ

**ପର୍ଥ, ୧।୧୨ (ଏପି)**

ମାର୍ନସ ଲାବୁସେନ ଓ ଷ୍ଟିଭ୍ ସ୍ମିଥ୍‌ଙ୍କ ଦ୍ୱିଶତକ ଯୋଗୁ ଏଠାରେ ଚାଲିଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ଅଷ୍ଟ୍ରେଲିଆ ୪ ଉଇକେଟ ବିନିମୟରେ ୫୯୮ ରନ କରି ଏହାର ପ୍ରଥମ ଇନିଂସ ଘୋଷଣା କରିଛି। ପର୍ଥ ଷ୍ଟାଡିୟମରେ ଖେଳାଯାଉଥିବା ଏହି ମ୍ୟାଚରେ ୱେଷ୍ଟଇଣ୍ଡିଜ ଷ୍ଟମ୍ପ ଅପସାରଣ ବେଳକୁ ବିନା କୌଣସି ଉଇକେଟରେ ୭୪ ରନ କରିଥିଲା। ଲାବୁସେନ୍ ୨୦୪ ରନ କରିଥିଲେ। ଏହା ହେଉଛି ତାଙ୍କର ଦ୍ୱିତୀୟ ଦ୍ୱିଶତକ। ମଧ୍ୟାହ୍ନ ଭୋଜନ ପୂର୍ବରୁ ଅନ୍ତିମ ବଲ୍‌ରେ ସେ ଆଉଟ ହୋଇଥିଲେ। ସ୍ମିଥ୍ ୨୦୦ ରନ କରି ଅପରାଜିତ ରହିଥିଲେ। ଅଷ୍ଟ୍ରେଲିଆ ଏହାର ପ୍ରଥମ ଇନିଂସ ଘୋଷଣା କରିବା ବେଳକୁ ଟ୍ରାଭିସ୍ ହେଡ୍ ୯୯ରନ କରି ଅପରାଜିତ ରହିଥିଲେ। ଭ୍ରମଣକାରୀ ଦଳର ସବୁଠାରୁ ସଫଳ ବୋଲର ଅଫ୍ ସ୍ପିନର କ୍ରେଗ୍ ବ୍ରାଥ୍‌ୱେଟ୍ ୬୫ ରନ ବିନିମୟରେ ୨ ଉଇକେଟ ଅକ୍ତିଆର କରିଥିଲେ। ୱେଷ୍ଟଇଣ୍ଡିଜ ଓପନର ବ୍ରାଥ୍‌ୱେଟ୍ ୧୮ ଏବଂ ଟାଗେନାରିନ୍ ଚନ୍ଦରପଲ ୪୭ ରନ କରି ଅପରାଜିତ ରହିଛନ୍ତି। ଉଭୟେ ସଫଳତାର ସହ ୨୫ ଓଭର ଖେଳିଛନ୍ତି। ଏହି ମ୍ୟାଚରେ ଡନ୍ ବ୍ରାଡ୍‌ମ୍ୟାନ (୮୦ତମ ଟେଷ୍ଟରେ ୨୯ ଟେଷ୍ଟ ଶତକ)ଙ୍କ ରେକର୍ଡ ସମକକ୍ଷ ହୋଇଛନ୍ତି ସ୍ମିଥ୍। ଅଷ୍ଟ୍ରେଲିଆ କ୍ରିକେଟରେ ସବୁଠାରୁ ଅଧିକ ଟେଷ୍ଟ ଶତକ ହାସଲ କରିଛନ୍ତି ରିକି ପଣ୍ଟିଂ(୪୧)। ତାଙ୍କ ପଛକୁ ପଛ ଯଥାକ୍ରମେ ରହିଛନ୍ତି ଷ୍ଟିଭ ୱ (୩୨) ଓ ମାଥ୍ୟୁ ହେଡେନ (୩୦)।



ଷ୍ଟିଭ୍ ସ୍ମିଥ

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୫୯୮/୪ (ଲାବୁସେନ୍-୨୦୪, ସ୍ମିଥ୍-୨୦୦, ଟ୍ରାଭିସ୍ ହେଡ୍-୯୯; ବ୍ରାଥ୍‌ୱେଟ୍-୨/୬୫, କରଇଲ ମେୟର୍ସ-୧/୩୯)। ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ: ୭୪/୦ (ଟାଗେନାରିନ୍ ଚନ୍ଦରପଲ-୪୭*, କ୍ରେଗ୍ ବ୍ରାଥ୍‌ୱେଟ୍-୧୮*)।

## ନାମ ପଞ୍ଜୀକୃତ କଲେ ୯୯୧ ଖେଳାଳି

**ନୂଆଦିଲ୍ଲୀ, ୧।୧୨ (ପି.ଟି.):** ଡିସେମ୍ବର ୨୩ରେ କୋଚିଠାରେ ହେବାକୁଥିବା ଆଇପିଏଲ୍ ୨୦୨୩ ନିଲାମୀ ପାଇଁ ୯୯୧ କ୍ରିକେଟର ସେମାନଙ୍କ ନାମ ପଞ୍ଜୀକୃତ କରିଛନ୍ତି। ତନ୍ମଧ୍ୟରେ ୭୧୪ ଭାରତୀୟ ରହିଛନ୍ତି। ୧୪ ବାହାର ଦେଶଗୁଡ଼ିକ ମଧ୍ୟରୁ ଅଷ୍ଟ୍ରେଲିଆର ସର୍ବାଧିକ ୫୭, ଏହାପଛକୁ ଦକ୍ଷିଣ ଆଫ୍ରିକାର ୫୨ଜଣ ଖେଳାଳି ନିଲାମରେ ଅବତୀର୍ଣ୍ଣ ହେବେ। ଅନ୍ୟ ଦେଶଗୁଡ଼ିକ ହେଲେ ୱେଷ୍ଟଇଣ୍ଡିଜ (୩୩), ନ୍ୟୁଜିଲାଣ୍ଡ (୨୭), ଶ୍ରୀଲଙ୍କା (୨୩), ଆଫଗାନିସ୍ତାନ (୧୪), ଆୟର୍ଲାଣ୍ଡ (୮), ନେଦରଲାଣ୍ଡ୍ସ (୭), ବାଂଲାଦେଶ (୬), ଜିମ୍ବାୱେ (୬), ନାମ୍ବିଆ (୫) ଓ ସ୍କଟଲାଣ୍ଡ (୨)। ପ୍ରତ୍ୟେକ ଫ୍ରାଞ୍ଚାଇଜ୍ ସେମାନଙ୍କ ଦଳରେ ସର୍ବାଧିକ ୨୫ ଜଣ ଖେଳାଳି ନେଇ ପାରିବେ। ନିଲାମରେ କ୍ରୟ ପାଇଁ ଉପଲବ୍ଧ ହେବେ ୮୭ ଖେଳାଳି (ତନ୍ମଧ୍ୟରେ ସର୍ବାଧିକ ୩୦ବିଦେଶୀ ଖେଳାଳି ହୋଇପାରନ୍ତି) ବୋଲି ବିସିସିଆଇ ସମ୍ପାଦକ ଜୟ ଶାହା ପ୍ରକାଶ କରିଛନ୍ତି।

# ଜୟନ୍ତୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଗୁରୁବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନପରେ ଜୟନ୍ତୀ ବେହେରାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି।

**ଭୁବନେଶ୍ୱର, ୧।୧୨ (କ୍ରୀଡ଼ା ପ୍ରତିନିଧି)**

ପର୍ତ୍ତୁଗାଲରେ ଅନୁଷ୍ଠିତ ଆଇଡବ୍ଲ୍ୟୁଏଏସ୍ (ଇଣ୍ଟରନ୍ୟାଶନାଲ ହୁଇଲଚେୟାର ଆଣ୍ଡ ଆମ୍ପ୍ୟୁଟି ସ୍ପୋର୍ଟ୍ସ) ୱାର୍ଲ୍ଡ ଗେମ୍ସରେ ୨ ସ୍ୱର୍ଣ୍ଣ ଓ ୧ ରୌପ୍ୟ ପଦକ ହାସଲ କରିଥିବା ଓଡ଼ିଶାର ଜୟନ୍ତୀ ବେହେରାଙ୍କୁ ଗୁରୁବାର ଭୁବନେଶ୍ୱରରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଜୟନ୍ତୀ ୨୦୦ମି ଓ ୪୦୦ ମିଟରରେ ସ୍ୱର୍ଣ୍ଣ ଏବଂ ୧୦୦ ମିଟରରେ ରୌପ୍ୟ ପଦକ ହାସଲ କରିଥିଲେ। ବିମାନବନ୍ଦରରେ ରାଜ୍ୟ କ୍ରୀଡ଼ା ବିଭାଗ ଓ ପାରା ସ୍ପୋର୍ଟ୍ସ ସଂଘର କର୍ମକର୍ତ୍ତା ମିଳିତ ଭାବରେ ଜୟନ୍ତୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେଠାରେ ପାରା ଅଥଲେଟିକ୍ ଓଡ଼ିଶା ଅଧ୍ୟକ୍ଷ ପାରାଲିମ୍ପିଆନ ମାର୍କଣ୍ଡ ରେଡ୍ଡୀ, କୋଚ୍ ବିଷ୍ଣୁ ପ୍ରସାଦ ମିଶ୍ର, ଗୁରୁକୂଳ ଆଶ୍ରମର ଛାତ୍ରୀଛାତ୍ର ଓ କ୍ରୀଡ଼ାପ୍ରେମୀମାନେ ଉପସ୍ଥିତ ଥିଲେ।

## ସର୍ବଭାରତୀୟ ଭଲିବଲ

**ପୁରୁଣା ଭୁବନେଶ୍ୱର, ୧।୧୨ (ଡି.ଏନ୍.ଏ.):** ଲିଙ୍ଗରାଜ ସ୍ପୋର୍ଟିଂ ଆସୋସିଏଶନ ପକ୍ଷରୁ ଦୁଇଦିନିଆ ସର୍ବଭାରତୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଆୟୋଜିତ ହେବ। ଆସନ୍ତା ୩ରେ ସୁନ୍ଦରପଦା ଫୁଟ୍‌ବଲ ପଡ଼ିଆରେ ଟୁର୍ନାମେଣ୍ଟ ଆରମ୍ଭ ହେବ ବୋଲି ଆୟୋଜକ ସଂଘ ସଭାପତି ବାବୁ ସିଂ ସୂଚନା ଦେଇଛନ୍ତି। ଓଡ଼ିଶା, ଗୁଜରାଟ, ଛତିଶଗଡ଼ ପୋଲିସ, ଆନ୍ଧ୍ରପ୍ରଦେଶ ସମେତ ୬ଟି ଦଳ ଏଥିରେ ଅଂଶଗ୍ରହଣ କରିବେ। ଚାମ୍ପିୟନ ଦଳକୁ ୧୫ ହଜାର ଓ ରନର୍ସଅପ୍‌କୁ ୧୦ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯିବ। ସଂଗ୍ରାମ ଭବନ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକ ସଂଘ ସମ୍ପାଦକ ରଜତ ତ୍ରିପାଠୀ, ସଞ୍ଜୟ ଦାସ, ସୁକାନ୍ତ ମିଶ୍ର, ଉଦିତ ମିଶ୍ର ଓ ଶିବପ୍ରସାଦ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ସର୍ବଭାରତୀୟ କରାଟେରେ ଓଡ଼ିଶା ଦଳ ଭାଗନେବ

**ଭୁବନେଶ୍ୱର, ୧।୧୨ (କ୍ରୀଡ଼ା ପ୍ରତିନିଧି)**

ଦିଲ୍ଲୀଠାରେ ଶୁକ୍ରବାରଠାରୁ ସର୍ବଭାରତୀୟ ଜୋନାଲ ଓ ସବ୍‌ଜୁନିୟର ଜାତୀୟ କରାଟେ ପ୍ରତିଯୋଗିତା ଆରମ୍ଭ ହେବ। ଏଥିରେ ଭାଗ ନେବାପାଇଁ ଓଡ଼ିଶା ଦଳ ଗୁରୁବାର ଦିଲ୍ଲୀ ଯାତ୍ରା କରିଛି। ବିଶ୍ୱ କରାଟେ ସଂଘ ଓ ଏସୀୟ କରାଟେ ସଂଘ ସହ ଅନୁବନ୍ଧିତ କରାଟେ ଇଣ୍ଡିଆ ଅର୍ଗାନାଇଜେସନ (କିଓ) ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରୁ ବିଭିନ୍ନ ଅନ୍ତର୍ଜାତୀୟ ପ୍ରତିଯୋଗିତା ନିମନ୍ତେ ପ୍ରତିଯୋଗୀ ମନୋନୀତ କରାଯିବ। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ପଦକ ବିଜେତା କରାଟେକା ଭାଗ ନେଉଛନ୍ତି। ଏହି ଦଳ ସହ ରାଜୀବ କୁମାର ସିଂ, ଦୀପକ କୁମାର ସାମନ୍ତରା, ମହେଶ ବରାଳ, ଗୋପାଳ ଦାସ, ରାଜେନ୍ଦ୍ର କେଶରୀ ସାମଲ ଓ ଟିମ ମ୍ୟାନେଜର ଭାବେ ଡ. ଅଭିଷେକ ପୁହିର ଦିଲ୍ଲୀ ଯାତ୍ରା କରିଛନ୍ତି। ଓଡ଼ିଶା ରାଜ୍ୟ କରାଟେ ସଂଘ ସମ୍ପାଦକ ଗୌରି ମହାନ୍ତି , ସଭାପତି ହରିପ୍ରସାଦ ପଟ୍ଟନାୟକ ଓ ଅନ୍ୟ କର୍ମକର୍ତ୍ତା ଓଡ଼ିଶା କରାଟେ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।



ସର୍ବଭାରତୀୟ କରାଟେରେ ଅଂଶଗ୍ରହଣ ପାଇଁ ମନୋନୀତ ଓଡ଼ିଶା ଦଳ କର୍ମକର୍ତ୍ତାଙ୍କ ଗହଣରେ।


SAI International

SAI INTERNATIONAL SCHOOL | SAI International Residential School

breaking records in Odisha year on year

NEET - State Toppers

AIR 39 PRIYA SOMADUTTA NAYAK STATE RANK #1 2022
AIR 75 NEKTA N S S MISHRA STATE RANK #1 2021
AIR 100 GEETI GAYATREE PANDA STATE RANK #2 2021
AIR 124 SOORAJ NANDA STATE RANK #3 2021

JEE (Advanced) - State Toppers

AIR 51 SAYANTAN DHAR STATE RANK #1 2019
AIR 73 SIBASISH ROUT STATE RANK #1 2020
AIR 115 GOUTAM DAS STATE RANK #1 2021
AIR 226 SAATWIK PATNAIK STATE RANK HOLDER 2022

REGISTRATIONS OPEN

SAI ENTRANCE TEST (SET) FOR CLASS VI TO IX & XI ON 28TH & 29TH JANUARY, 2023

SAI INTERNATIONAL SCHOOL - SIS

| CBSE XII Board 2022 Results | | Above 75% | First Class |
|---|---|---|---|
| 96.5% students scored above 75% | Science | 97.6% | 100% |
| | Commerce | 93.9% | 100% |
| | Humanities | 98.0% | 100% |

SAI INTERNATIONAL RESIDENTIAL SCHOOL - SIRS

| CBSE XII Board 2022 Results | | Above 75% | First Class |
|---|---|---|---|
| 98.6% students scored above 75% | Science | 100% | 100% |
| | Commerce | 97.4% | 100% |
| | Humanities | 100% | 100% |

NEET QUALIFIERS 20 STUDENTS | JEE ADVANCE QUALIFIERS 14 STUDENTS | JEE MAINS QUALIFIERS 36 STUDENTS | KVPY 2022 QUALIFIERS 13 STUDENTS | NTSE QUALIFIERS 20 STUDENTS | GLOBAL AMBASSADORS 17 STUDENTS

1 INDIA SCHOOL RANKINGS 2022-23 AWARDS

Ranked #1 School in India
by EducationWorld India School Rankings 2022-23
3rd time in a row

Call: 0674-7100200 / 93383 36699 | www.saiinternational.edu.in, www.sirs.edu.in



କଠିନ ସମସ୍ୟା ପାଇଁ ଭରସାଯୋଗ୍ୟ ଟନିକ୍

ସଚ୍ଚୀ ସହେଲୀ® ଆୟୁର୍ବେଦିକ ଟନିକ୍




ମୋର ନାମ ପ୍ରିୟମ୍ବଦା ଶର୍ମା, ଜିଲ୍ଲା ମେରଠ, ଉତ୍ତରପ୍ରଦେଶର ବାସିନ୍ଦା । ମୁଁ ସିଲେଇ ସେଣ୍ଟର ଚଳାଏ । ସାରାଦିନର କାମ କାରଣରୁ ମୁଁ ସବୁବେଳେ କ୍ଳାନ୍ତ ରହୁଥିଲି । ଘରର ଦୈନନ୍ଦିନ କାମ ବି କରିପାରୁ ନ ଥିଲି । ଦିନକୁ ଦିନ ମୋର ସମସ୍ୟା ବଢ଼ିଚାଲିଥିଲା । ଦିନେ ମୁଁ 'ସଚ୍ଚୀ ସହେଲୀ' ଆୟୁର୍ବେଦିକ ଟନିକ୍ ଓ ଟାବ୍‌ଲେଟ୍ସ ବିଷୟରେ ଜାଣିବାକୁ ପାଇଲି । ମାତ୍ର ଅଳ୍ପକିଛି ଦିନ 'ସଚ୍ଚୀ ସହେଲୀ' ନିୟମିତ ସେବନ କରିବା ଦ୍ୱାରା ଆଜି ମୋତେ ଆଉ କ୍ଳାନ୍ତି ଅନୁଭୂତ ହେଉନାହିଁ । ଏବଂ ଆଜି ମୁଁ ସମ୍ପୂର୍ଣ୍ଣ ରୂପେ ସୁସ୍ଥ ଅଛି । 'ସଚ୍ଚୀ ସହେଲୀ' ଆୟୁର୍ବେଦିକ ଟନିକ୍ ପ୍ରକୃତରେ ଆମର ସଚ୍ଚୀ ସହେଲୀ ଅଟେ ।

ମୋର ନାମ ମୋନିକା ତଂବର, ବୟସ 22 ବର୍ଷ, ମଧ୍ୟପ୍ରଦେଶର ବାସିନ୍ଦା । ବିଗତ ଅନେକ ସମୟ ଧରି ମୁଁ କ୍ଳାନ୍ତି, ଅଣ୍ଟା ଯନ୍ତ୍ରଣା, କଠିନ ବ୍ୟଥା ଭଳି ସମସ୍ୟା କାରଣରୁ ବହୁତ ଚିନ୍ତିତ ରହୁଥିଲି । ଚିଡ଼ିଚିଡ଼ାପଣ ମଧ୍ୟ ବହୁତ ବଢ଼ିଯାଇଥିଲା । 67 ଆୟୁର୍ବେଦିକ ଜଡ଼ିବୁଟିରେ ପ୍ରସ୍ତୁତ 'ସଚ୍ଚୀ ସହେଲୀ' ଆୟୁର୍ବେଦିକ ଟନିକ୍‌ର ନିୟମିତ ସେବନ ଦ୍ୱାରା ମୋତେ ଶରୀରର ଅନେକ ସମସ୍ୟା ଯେପରିକି କ୍ଳାନ୍ତି, ଅଣ୍ଟା ଯନ୍ତ୍ରଣା, କଠିନ ବ୍ୟଥା ଏବଂ ଚିଡ଼ିଚିଡ଼ାପଣକୁ ଦୂର କରିବାରେ ବହୁତ ଲାଭ ମିଳିଲା । ଆଜି ମୁଁ ସମ୍ପୂର୍ଣ୍ଣ ସୁସ୍ଥ ଅଟେ । ଆପଣ ମଧ୍ୟ 'ସଚ୍ଚୀ ସହେଲୀ' ଟନିକ୍ ବ୍ୟବହାର କରନ୍ତୁ ଓ ନିଜେ ପାର୍ଥକ୍ୟ ଦେଖନ୍ତୁ ।

ମୋର ନାମ ମେହରାଜ ବାନୋ, 30 ବର୍ଷ, ଜିଲ୍ଲା ଗୁନା (ମଧ୍ୟପ୍ରଦେଶ)ର ବାସିନ୍ଦା । ଗୃହିଣୀ ହେବା କାରଣରୁ ଘରର ସବୁ କାମର ଦାୟିତ୍ୱ ମୋ ଉପରେ । ଏହି କାରଣରୁ ମୁଁ କ୍ଳାନ୍ତି, ଦୁର୍ବଳତା, ରକ୍ତହୀନତା, ମୁଣ୍ଡବୁଲା ଭଳି ସମସ୍ୟାରେ ବ୍ୟଥିତ ଥିଲି । ଦିନେ ମୁଁ ଖବରକାଗଜରେ 'ସଚ୍ଚୀ ସହେଲୀ'ର ବିଜ୍ଞାପନ ଦେଖିଲି । ମାତ୍ର 5 ମାସ ଦୈନିକ ପ୍ରୟୋଗ ଦ୍ୱାରା ମୋ ଶରୀରର ସବୁ ସମସ୍ୟା, ଯେପରିକି କ୍ଳାନ୍ତି, ଅଣ୍ଟା ଯନ୍ତ୍ରଣା, ମୁଣ୍ଡବୁଲା ଆଦି ସମସ୍ୟାରୁ ଅନେକ ମାତ୍ରାରେ ଆରାମ ମିଳିଲା । ଆଜି ମୁଁ ସମ୍ପୂର୍ଣ୍ଣ ରୂପେ ସୁସ୍ଥ ଅଟେ । 'ସଚ୍ଚୀ ସହେଲୀ' ବାସ୍ତବରେ ଅତ୍ୟନ୍ତ ଲାଭଦାୟକ ଅଟେ ।

ମୁଁ ରୁକ୍‌ସାନା, ବୟସ 24 ବର୍ଷ, ଜିଲ୍ଲା- ହାପୁର (ୟୁ.ପି.)ର ବାସିନ୍ଦା । ମୁଁ କଠିନ ବ୍ୟଥା, ଅନିୟମିତତା, ରକ୍ତହୀନତା, କ୍ଳାନ୍ତି ଭଳି ସମସ୍ୟା କାରଣରୁ ବହୁତ ଚିନ୍ତିତ ରହୁଥିଲି, ଯେଉଁ କାରଣରୁ ମୁଁ ଦୁର୍ବଳତା ଅନୁଭବ କରୁଥିଲି। 'ସଚ୍ଚୀ ସହେଲୀ' ଆୟୁର୍ବେଦିକ ଟନିକ୍ ଓ ଟାବ୍‌ଲେଟ୍ସରେ ଦିଆଯାଇଥିବା ନିର୍ଦ୍ଦେଶ ଅନୁସାରେ ନିୟମିତ ବ୍ୟବହାର ଦ୍ୱାରା ମୋତେ ସବୁ ଶାରୀରିକ ସମସ୍ୟା, ଯେପରିକି କଠିନ ବ୍ୟଥା, ଅନିୟମିତତା, ରକ୍ତହୀନତା ଆଦିରୁ ବହୁମାତ୍ରାରେ ଉପଶମ ମିଳିଛି । 67 ଜଡ଼ି-ବୁଟିରେ ତିଆରି ଆୟୁର୍ବେଦିକ 'ସଚ୍ଚୀ ସହେଲୀ' ଆପଣ ମଧ୍ୟ ବ୍ୟବହାର କରନ୍ତୁ ଏବଂ ଏହା ଉପରେ ଭରସା କରନ୍ତୁ ।

24x7 Helpline : 77106 44444 | ଆପଣଙ୍କ ନିକଟତମ ମେଡିକାଲ ଷ୍ଟୋର୍‌ରୁ କିଣନ୍ତୁ


4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ